ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୧/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 11/2026 Page 16 ₹ 7.00
୫୨ଶ ଭାଗ ୧୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 136 ମୂଲ୍ୟ₹୭/-




# ୩୧୮ ସ୍ଥାନରେ 'ଅଟଳ ବସ୍‌ଷ୍ଟାଣ୍ଡ'

## ୩,୪୦୦କୋଟି ଟଙ୍କା ଖର୍ଚ୍ଚ ହେବ

**ରାଜ୍ୟ ସରକାର ଶୁକ୍ରବାର କ୍ୟାବିନେଟ୍ ବୈଠକରେ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ସମେତ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶାର ୩୧୮ ସ୍ଥାନରେ ଆଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ୫ ବର୍ଷ ଲାଗି ୩,୪୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଓଡ଼ିଶାର ଅଧିକାଂଶ ବସ୍‌ଷ୍ଟାଣ୍ଡର ପରିସ୍ଥିତି ଦୀର୍ଘ ଅବହେଳା ଯୋଗୁ ଦୟନୀୟ ହୋଇପଡ଼ିଛି। ବର୍ତ୍ତମାନ କଟକର ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବ ୨୦୨୪ ଫେବୃଆରୀରେ ଏକ ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ କହିଥିଲେ ଯେ, ଜାତୀୟ ସ୍ତରର ନେତାଙ୍କୁ ସମ୍ମାନ ଜଣାଇବା ନିଶ୍ଚିତ ଭାବେ ଗ୍ରହଣୀୟ। କିନ୍ତୁ ଓଡ଼ିଶାରେ ବସ୍‌ଷ୍ଟାଣ୍ଡ ନାମକରଣ ସେହି ଅଞ୍ଚଳର ଜନନାୟକ ବା ବିଶିଷ୍ଟ ବ୍ୟକ୍ତିଙ୍କ ନାମ ଅନୁଯାୟୀ ହେବା ଉଚିତ। ଏବେ ଅନେକ ଲୋକ ସମାନ ଯୁକ୍ତି ବାଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଖ୍ୟାତିସମ୍ପନ୍ନ ଲୋକଙ୍କ ନାଁରେ ବସ୍‌ଷ୍ଟାଣ୍ଡଗୁଡ଼ିକର ନାମକରଣ କରାଗଲେ ତାହା ରାଜ୍ୟ ସରକାରଙ୍କ ଓଡ଼ିଆ ଅସ୍ମିତା ଅଭିଯାନକୁ ବଳ ଦେବ ବୋଲି କହୁଛନ୍ତି।**

### ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

- ୬ ଜିଲାରେ ଜଳସେଚନ ଲାଗି ଖର୍ଚ୍ଚ ହେବ ୮୨୦ କୋଟି
- ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତିକୁ ଅନୁମୋଦନ
- ବାସୁଦେବପୁରରେ ବିଦ୍ୟୁତ୍ ଭିତ୍ତିଭୂମି ଲାଗି ଖର୍ଚ୍ଚ ହେବ ୧୬୪୭କୋଟି
- ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନ

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

ରାଜ୍ୟର ୩୧୮ ବସ୍‌ଷ୍ଟାଣ୍ଡକୁ 'ଅଟଳ ବସ୍‌ଷ୍ଟାଣ୍ଡ'ରେ ପରିଣତ କରାଯିବ। ଏହାଦ୍ୱାରା ସମନ୍ୱିତ ସାର୍ବଜନୀନ ସେବା ଲୋକଙ୍କୁ ମିଳିପାରିବ। ଏହି ଲକ୍ଷ୍ୟ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନାକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ପୂର୍ବାହ୍ନ ସାଢ଼େ ୧୧ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ସରକାରଙ୍କ ପକ୍ଷରୁ ୨୦୩୧-୩୨ ବର୍ଷ ପର୍ଯ୍ୟନ୍ତ ୩ ହଜାର ୪୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ।

ଗର୍ଗ କହିଛନ୍ତି, ରାଜ୍ୟବ୍ୟାପୀ ଜିଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନସ୍ଥଳ ଏବଂ ଓଡ଼ିଶାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର ସଂସ୍ଥାସ୍ତରରେ ଅଟଳ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ; ଯାହା ଏକ ରଣନୈତିକ ଏବଂ ପରିବର୍ତ୍ତନକାରୀ ପ୍ରୟାସର ପ୍ରତିନିଧି କରିବ। ପରିବେଶଗତ ସ୍ଥିରତା ସହିତ ରାଜ୍ୟ ସାରା ସାମାଜିକ ଏକତା ବୃଦ୍ଧି, ଆର୍ଥିକ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ଭଳି ବିଭିନ୍ନ ଲାଭ ପ୍ରଦାନ ପାଇଁ ଅତ୍ୟନ୍ତ ସହାୟକ ହେବ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ରାଜ୍ୟର ସମସ୍ତ ସାର୍ବଜନୀନ ବସ୍‌ଷ୍ଟାଣ୍ଡକୁ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନାର ପରିଚାଳନାର ଏକ ଛାୟା ତଳେ ଏକୀକୃତ କରିବା। ଯେଉଁଥିରେ ପୂର୍ବ ଯୋଜନା ଏବଂ ରାଜ୍ୟର ସହରାଞ୍ଚଳ ପୌର ସଂସ୍ଥା ଅଧୀନରେ ଥିବା ସମସ୍ତ ବସ୍‌ଷ୍ଟାଣ୍ଡ ଅନ୍ତର୍ଭୁକ୍ତ କରିବ; ଯଦ୍ୱାରା ରାଜ୍ୟ ସାରା ବିକାଶ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଏବଂ ପରିଚାଳନାରେ ସମାନତା ସୁନିଶ୍ଚିତ ହୋଇପାରିବ।

ମୁଖ୍ୟଶାସନ ସଚିବ କହିଛନ୍ତି, ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା ଅଧୀନରେ ବସ୍‌ଷ୍ଟାଣ୍ଡଗୁଡ଼ିକୁ କ', ଖ' ଏବଂ ଗ' ଶ୍ରେଣୀ ବ୍ୟବସ୍ଥାରେ ବର୍ଗୀକୃତ କରାଯିବ। ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ବସ୍ ପରିବହନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଅଧିକାରୀ ଅଭାବ**



ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲର ବୋମାମାଡ଼ ଭୟରେ ନିଜ ଭିଟାମାଟି ଛାଡ଼ି ପଳାଇ ଆସିଥିବା ବିସ୍ଥାପିତ ପରିବାରମାନେ ବିରୁଟ୍‌ଠାରେ ସେମାନଙ୍କ ଅସ୍ଥାୟୀ ତମ୍ବୁ ନିକଟରେ ଦାନ ଦିଆଯାଉଥିବା ଖାଦ୍ୟ ପାଇଁ ହାତ ବଢ଼ାଉଛନ୍ତି।

# ସକାରାତ୍ମକ ଆଲୋଚନା ପାଇଁ ଆମେରିକା ପ୍ରସ୍ତୁତ

### ଇରାନ୍ ଆମ ସହ ଖେଳିବାକୁ ଉଦ୍ୟମ କଲେ କଥା ଶୁଣିବୁ ନାହିଁ: ଜେଡି ଭାନ୍ସ

ୱାଶିଂଟନ୍/ଇସ୍‌ଲାମାବାଦ,୧୦।୪

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବାର ୪୨ ଦିନ ପରେ ଆମେରିକା ଓ ଇରାନ୍ ମଧ୍ୟରେ ଇସ୍‌ଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱର ନଜର ରହିଛି। ଆମେରିକା-ଇରାନ୍ ପ୍ରସ୍ତାବିତ ଆଲୋଚନା ପାଇଁ ଇସ୍‌ଲାମାବାଦରେ ୨



ଜେଡି ଭାନ୍ସ

ଦିନିଆ ସରକାରୀ ଛୁଟି ଘୋଷଣା କରାଯାଇଛି। ଆମେରିକୀୟ ଓ ଇରାନୀୟ ପ୍ରତିନିଧି ଦଳର ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ ଓ ସେନା ଛାଉଣୀ ଭିତରେ ରାଜଧାନୀର ରାଜରାସ୍ତା ଖାଲି ହୋଇଯାଇଛି। ୨ ସପ୍ତାହ ପାଇଁ ବୁଧବାର ସହମତି ପ୍ରକାଶ ପାଇଥିବା ଅସ୍ତ୍ରବିରତିରେ ଲେବାନନ୍‌କୁ ସାମିଲ କରାଯାଇ ନ ଥିବା ଦର୍ଶାଇ ଇସ୍ରାଏଲ୍ କେନ୍ଦ୍ରୀୟ ବିରୁଟ୍ ସମେତ ବିଭିନ୍ନ ଅଞ୍ଚଳରେ ଆକ୍ରମଣ ☞ପୃଷ୍ଠା-୪

# ବନ୍ୟଜନ୍ତୁ ଏବଂ ପ୍ରାଣୀଚିକିତ୍ସା ବିଜ୍ଞାନ ପାଇଁ ଅନନ୍ତ ଅମ୍ବାନୀଙ୍କ ବନ୍‌ତାରା ଦ୍ୱାରା ପ୍ରଥମ ଗ୍ଲୋବାଲ ୟୁନିଭର୍ସିଟିର ଶୁଭାରମ୍ଭ

**ଏକ ଆଧୁନିକ ଯୁଗର ଗୁରୁକୁଳ ଏବଂ ଉଦ୍ଦେଶ୍ୟଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବରେ ପରିକଳ୍ପିତ ଏହି ବିଶ୍ୱବିଦ୍ୟାଳୟ ଭାରତକୁ ବନ୍ୟଜନ୍ତୁ ଏବଂ ପ୍ରାଣୀଚିକିତ୍ସା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ରଖୁଛି ।**





**ଜାମନଗର (ଗୁଜରାଟ), ଭାରତ:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ଲୋବାଲ ବନ୍ୟଜନ୍ତୁ ସଂରକ୍ଷଣ ସଂଗଠନ ବନ୍‌ତାରା ଦ୍ୱାରା ଜାମନଗର ଗୁଜରାଟଠାରେ ବନ୍‌ତାରା ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ବନ୍ୟଜନ୍ତୁ ସଂରକ୍ଷଣ ଏବଂ ପ୍ରାଣୀଚିକିତ୍ସା ବିଜ୍ଞାନ ପାଇଁ ସମର୍ପିତ ଏହା ବିଶ୍ୱର ପ୍ରଥମ ସମନ୍ୱିତ ବୈଶ୍ୱିକ ବିଶ୍ୱବିଦ୍ୟାଳୟ ଅଟେ ।

ବନ୍‌ତାରା ବିଶ୍ୱବିଦ୍ୟାଳୟର ମୂଳଦୁଆ ପ୍ରାଣୀ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟଜନ୍ତୁ ସଂରକ୍ଷଣର ଭବିଷ୍ୟତ ଉପରେ ଆଧାରିତ । ଏହି ଅନୁଷ୍ଠାନ ପ୍ରାଣୀଚିକିତ୍ସା ଔଷଧ, ସଂରକ୍ଷଣ ଏବଂ ବନ୍ୟଜନ୍ତୁ ଯତ୍ନରେ ଭବିଷ୍ୟତର ନେତୃତ୍ୱ ବିକଶିତ କରିବାର ଲକ୍ଷ୍ୟ ରଖିଛି । ଏହାର ପାଠ୍ୟକ୍ରମ ଭାରତର ପ୍ରାଚୀନ ଜ୍ଞାନର ପରମ୍ପରାକୁ ବ୍ୟବହାର କରି ଶିକ୍ଷାର ଏକ ଉଦ୍ଦେଶ୍ୟଭିତ୍ତିକ ଏବଂ ଭବିଷ୍ୟତ ଅଭିମୁଖୀ ମଡେଲ ସୃଷ୍ଟି କରିବ ।

ଅନନ୍ତ ଅମ୍ବାନୀଙ୍କ ମତରେ, ''ଜୀବଙ୍କୁ ଅନୁକମ୍ପା, ଜ୍ଞାନ ଓ ଦକ୍ଷତା ସହିତ ସେବା କରିବା ପାଇଁ ଆମେ କେମିତି ଜନମାନସକୁ ପ୍ରସ୍ତୁତ କରିବୁ ତାହା ଉପରେ ସଂରକ୍ଷଣର ଭବିଷ୍ୟତ ନିର୍ଭରଶୀଳ ହେବ। ବନ୍‌ତାରା ବିଶ୍ୱବିଦ୍ୟାଳୟର ଦର୍ଶନ ଏକ ଅତି ବ୍ୟକ୍ତିଗତ ଅଭିଜ୍ଞତା ଦ୍ୱାରା ଅନୁପ୍ରାଣିତ ହୋଇଥିଲା ଯେବେ ମୁଁ ପ୍ରାଣୀମାନଙ୍କୁ ଦୁର୍ଦ୍ଦଶାରେ ପୀଡ଼ିତ ହେଉଥିବାର ଦେଖିଥିଲି ଓ ସେମାନଙ୍କ ପାଇଁ ଉନ୍ନତ ମାନର ଯତ୍ନର ଆବଶ୍ୟକତାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲି । ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ମୂଲ୍ୟବୋଧ ଏବଂ ''ଆନ ନୋ ଭଦ୍ରାଃ କ୍ରତଭୋ ଜନ୍ତୁ ବିଶ୍ୱତଃ'ର ଭାବନା ଦ୍ୱାରା ପ୍ରେରିତ, ଯାହାର ଅର୍ଥ ହେଉଛି ମହତ୍ ଚିନ୍ତାଧାରାକୁ ଆମ ପାଖକୁ ପ୍ରତ୍ୟେକ ଦିଗରୁ ଆସିବାକୁ ଦିଆଯିବା ଉଚିତ । ସେହି କ୍ରମରେ ଏହି ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ ହୋଇଥିବା ଏକ ନୂଆ ପିଢ଼ି ସୃଷ୍ଟି କରିବାକୁ ଚାହୁଁଛି ।''

ଉକ୍ତ ମୂଲ୍ୟବୋଧକୁ ପ୍ରତିଫଳିତ କରୁଥିବା ଏକ ସମାରୋହରେ, ପ୍ରତିଷ୍ଠା ସ୍ଥଳର ଡିଜାଇନରେ ଦୁଇଟି ବିଜୋଲିଆ ବାଲୁକା ପଥରକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଉକ୍ତ ପଥରଗୁଡ଼ିକ ପୁରାତନ ବିନ୍ଧ୍ୟ ସଂରଚନାରୁ ଅଣାଯାଇଛି ଯାହା ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଭୌଗୋଳିକ ସଂରଚନା ସହିତ ଜଡ଼ିତ ବୋଲି ବିଶ୍ୱାସ କରାଯାଏ । ଏହି ପଥରଗୁଡ଼ିକ ଚିରନ୍ତନ ଭାରତୀୟ ଜ୍ଞାନ ଓ ଶିକ୍ଷା ପରମ୍ପରାର ପ୍ରତୀକ ।

ହିନ୍ଦୁ ପରମ୍ପରା ଅନୁଯାୟୀ ସଞ୍ଚାଳିତ ପ୍ରତିଷ୍ଠା ସମାରୋହରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ ଜନସାଧାରଣଙ୍କ ପ୍ରତିନିଧିମାନେ ଏକାଠି ହୋଇଥିଲେ, ଯେଉଁମାନଙ୍କ ମଧ୍ୟରେ ଅନନ୍ତ ଅମ୍ବାନୀଙ୍କ ଶିକ୍ଷକ ଓ ଉପଦେଷ୍ଟାମାନେ ଅନ୍ତର୍ଭୁକ୍ତ ଥିଲେ । ମୂଳଦୁଆ ସ୍ଥାପନର ଏକ ପ୍ରତୀକାତ୍ମକ କାର୍ଯ୍ୟ ଭାବେ ମାଟି, ଜଳ ଓ ପଥରର ଆନୁଷ୍ଠାନିକ ସ୍ଥାପନ ଏହି ସମାରୋହର ଏକ ମୁଖ୍ୟ ଆକର୍ଷଣ ଥିଲା । ଉକ୍ତ ଉପାଦାନଗୁଡ଼ିକୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଓ କେନ୍ଦ୍ରୀୟ ଭାରତର ତୃଣଭୂମି, ଜଙ୍ଗଲ, ଆର୍ଦ୍ରଭୂମି, ଶୁଷ୍କ ପାରିସ୍ଥିତିକ ତନ୍ତ୍ର ଓ ହିମାଳୟ ତଥା ଅନ୍ୟାନ୍ୟ ସୁଉଚ୍ଚ ବସତି ଭଳି ସାରା ଭାରତର ଜୈବବିବିଧତାରେ ସମୃଦ୍ଧ ସ୍ଥାନଗୁଡ଼ିକରୁ ସଂଗ୍ରହ କରାଯାଇଛି, ଯାହା ଭାରତର ଜୈବ ପରିବେଶର ସମୃଦ୍ଧତା ଏବଂ ରାଷ୍ଟ୍ରର ପ୍ରାକୃତିକ ଐତିହ୍ୟରୁ ବିଶ୍ୱବିଦ୍ୟାଳୟର ମୂଳଦୁଆ ସ୍ଥାପନ କରିବାର ଲକ୍ଷ୍ୟକୁ ପ୍ରତିଫଳିତ କରିଥାଏ ।

ବନ୍‌ତାରା ବିଶ୍ୱବିଦ୍ୟାଳୟ ଏକ ଏକକ ଶୈକ୍ଷଣିକ ତନ୍ତ୍ର ମଧ୍ୟରେ ବିବିଧ ଅଧ୍ୟୟନ ବିଭାଗକୁ ଏକତ୍ରିତ କରିବ, ଯାହା ବାସ୍ତବ ଦୁନିଆରେ ସଂରକ୍ଷଣ ଅଭ୍ୟାସ ଉପରେ ଆଧାରିତ ହେବ । ବନ୍‌ତାରାର ପ୍ରତ୍ୟକ୍ଷ ବିଶେଷଜ୍ଞତା ମାଧ୍ୟମରେ ବିଶ୍ୱବିଦ୍ୟାଳୟ କ୍ଷେତ୍ରୀୟ ଜ୍ଞାନକୁ ଶିକ୍ଷାଗତ କାର୍ଯ୍ୟକ୍ରମ, ବୃତ୍ତିଗତ ପ୍ରଶିକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରାସଙ୍ଗିକ ଢାଞ୍ଚାରେ ରୂପାନ୍ତରିତ କରିବ । କରୁଣା, ବିଜ୍ଞାନ ଏବଂ ସଂରକ୍ଷଣକୁ ଏକାଠି କରି ଏହା ବୃତ୍ତିଧାରୀମାନଙ୍କୁ ବନ୍ୟଜନ୍ତୁ ଏବଂ ପାରିସ୍ଥିତିକୀ ତନ୍ତ୍ରର ବିବର୍ତ୍ତନଶୀଳ ଆହ୍ୱାନକୁ ମୁକାବିଲା କରିବାରେ ସକ୍ଷମ କରିବ।

ବିଶ୍ୱବିଦ୍ୟାଳୟ ବିଭିନ୍ନ ଅଧ୍ୟୟନ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ଫେଲୋଶିପ୍ ଏବଂ ବିଶେଷଜ୍ଞ କାର୍ଯ୍ୟକ୍ରମ ଯୋଗାଇବ । ଏଗୁଡ଼ିକ ମଧ୍ୟରେ ବନ୍ୟଜନ୍ତୁ ଔଷଧ ଏବଂ ଅସ୍ତ୍ରୋପଚାର, ପୋଷଣ, ଆଚରଣ ବିଜ୍ଞାନ, ଜେନେଟିକ୍ସ, ମହାମାରୀ ବିଜ୍ଞାନ, ଏକ ସ୍ୱାସ୍ଥ୍ୟ, ସଂରକ୍ଷଣ ନୀତି ଏବଂ ପ୍ରାକୃତିକ ପ୍ରାଣୀ ଯତ୍ନ ପରିବେଶ ଡିଜାଇନ ଅନ୍ତର୍ଭୁକ୍ତ । ବନ୍‌ତାରାର ପରିଚାଳନାଗତ କ୍ଷମତା ସହିତ ସଂଯୁକ୍ତ ସ୍ୱତନ୍ତ୍ର ମହାବିଦ୍ୟାଳୟଗୁଡ଼ିକରେ ସଙ୍ଗଠିତ ବିଶ୍ୱବିଦ୍ୟାଳୟ ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଅବହେଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ସହାୟତା ମଧ୍ୟ ଯୋଗାଇବ ।

ବନ୍‌ତାରା ବିଶ୍ୱବିଦ୍ୟାଳୟ ଉନ୍ନତ ଶିକ୍ଷାଗତ ଏବଂ କ୍ଲିନିକାଲ ଭିତ୍ତିଭୂମି, ଅନ୍ତର୍ଜାତୀୟ ସହବନ୍ଧନ ଏବଂ ଆବାସିକ କ୍ୟାମ୍ପସ୍ ଦ୍ୱାରା ସମର୍ଥିତ ହେବ । ଏହା ପ୍ରାଣୀ କଲ୍ୟାଣ ଏବଂ ଉନ୍ନତ ସଂରକ୍ଷଣ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟାଭିମୁଖୀ ଗବେଷଣା ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିବ । ଶିକ୍ଷାଗତ ମଡେଲରେ ମୂଳ ସ୍ଥାନରେ ଏବଂ ମୂଳ ସ୍ଥାନ ବାହାରେ ସଂରକ୍ଷଣ, ପ୍ରାକୃତିକ ବସତିକୁ ବୈଜ୍ଞାନିକ ଯତ୍ନ ସହ ସଂଯୁକ୍ତ କରିବା ଏବଂ ଦୀର୍ଘମିଆଦୀ ବନ୍ୟଜନ୍ତୁ କଲ୍ୟାଣ ଏବଂ ପ୍ରବନ୍ଧନ ସାମିଲ ରହିବ ।

ସଂରକ୍ଷଣର ଭବିଷ୍ୟତ ଶ୍ରେଣୀଗୃହ, ପରୀକ୍ଷାଗାର ଏବଂ ମାନବ ବିବେକ ତଥା ଜଙ୍ଗଲରେ ଗଠିତ ହେବ ଏହି କଥାକୁ ସ୍ୱୀକୃତି ଦେଇ ବିଶ୍ୱବିଦ୍ୟାଳୟ ବନ୍ୟଜନ୍ତୁ ପ୍ରାଣୀଚିକିତ୍ସା ବିଜ୍ଞାନ ତଥା ସଂରକ୍ଷଣ ଶିକ୍ଷାକୁ ଆଗେଇ ନେବାର ଲକ୍ଷ୍ୟ ରଖିଛି । ଏହା ବନ୍ୟଜନ୍ତୁଙ୍କ ସ୍ୱାସ୍ଥ୍ୟ, ପ୍ରାଣୀ ଯତ୍ନ ପରିବେଶ ଡିଜାଇନ୍ ଓ ସଂରକ୍ଷଣ କ୍ଷେତ୍ରରେ ଜ୍ଞାନର ବିକାଶ ସହିତ ସମାନ ସମୟରେ ଶିକ୍ଷା, ଗବେଷଣା ଏବଂ ନବପ୍ରବର୍ତ୍ତନର ଏକ ଦୀର୍ଘମିଆଦୀ ପ୍ଲାଟ୍‌ଫର୍ମ ଭାବେ ମଧ୍ୟ କାର୍ଯ୍ୟ କରିବ ।



ଏହି ପ୍ରତିଷ୍ଠା ସମାରୋହ କରୁଣାମୟ ସଂରକ୍ଷଣ ଶିକ୍ଷାକୁ ଆଗେଇ ନେବାର ରାଷ୍ଟ୍ରବ୍ୟାପୀ ପ୍ରୟାସର ଶୁଭାରମ୍ଭକୁ ପ୍ରତିଫଳିତ କରିଥିଲା । ଏଥିରେ 'ବନ୍‌ତାରା ୟୁନିଭର୍ସିଟି ଫାଉଣ୍ଡିଂ ଫେଲୋଜ୍' ଏବଂ 'ଏଭ୍ରି ଲାଇଫ୍ ମ୍ୟାଟର୍ସ' ଛାତ୍ରବୃତ୍ତିର ଘୋଷଣା କରାଯିବା ସହ ପ୍ରଗତି ସହିତ ସୁରକ୍ଷା ପାଇଁ ମଧ୍ୟ ଜ୍ଞାନକୁ ଉପଯୋଗ କରିବା ଲାଗି ଆହ୍ୱାନ କରାଯାଇଥିଲା।

ଏହାର ଘୋଷିତ ଲକ୍ଷ୍ୟରେ, ବନ୍‌ତାରା ବିଶ୍ୱବିଦ୍ୟାଳୟ ନିଜକୁ ଏକ ଶିକ୍ଷାଗତ ମଞ୍ଚରୁ କିଛି ଅଧିକ ଭାବେ ପ୍ରତିଷ୍ଠିତ କରିଛି । ଏହା ପ୍ରତିଫଳିତ କରିଛି ଯେ, ବନ୍ୟଜୀବନ କେବଳ ବିସ୍ମିତ ପ୍ରଶଂସା ନୁହେଁ ବରଂ ଜ୍ଞାନ, ପ୍ରଣାଳୀ ଏବଂ ପ୍ରଶିକ୍ଷିତ ଲୋକବଳ ମଧ୍ୟ ଆବଶ୍ୟକ କରିଥାଏ।

**ବନ୍‌ତାରା ସମ୍ପର୍କରେ**

ବନ୍‌ତାରା ଜାମନଗର, ଗୁଜରାଟ, ଭାରତର ଏକ ଅଗ୍ରଣୀ ବନ୍ୟଜନ୍ତୁ ଉଦ୍ଧାର, ଥଇଥାନ, ସ୍ୱାସ୍ଥ୍ୟଯତ୍ନ ଏବଂ ସଂରକ୍ଷଣ ପଦକ୍ଷେପ ଅଟେ । ଉନ୍ନତ ପ୍ରାଣୀଚିକିତ୍ସା ଔଷଧ, କଲ୍ୟାଣ ଆଧାରିତ ଯତ୍ନ, ପ୍ରାୟୋଗିକ ବିଜ୍ଞାନ ଏବଂ ସଂରକ୍ଷଣ ଯୋଜନାକୁ ଏକତ୍ରିତ କରି ବନ୍‌ତାରା ବିଭିନ୍ନ ପ୍ରଜାତିର ପ୍ରାଣୀମାନଙ୍କୁ ବିଶେଷଜ୍ଞ ଚିକିତ୍ସା, ପୁନରୁଦ୍ଧାର ଏବଂ ଦୀର୍ଘକାଳୀନ ସହାୟତା ଯୋଗାଇଥାଏ । ସଂରକ୍ଷଣ ପ୍ରଜନନ, ପ୍ରଜାତି ପୁନରୁଦ୍ଧାର ଏବଂ ଭବିଷ୍ୟତର ପୁନଃ ବନ୍ୟକରଣ ପଥରେ ନିଜର ବର୍ଦ୍ଧିତ ଭୂମିକା ସହିତ ବନ୍‌ତାରା ବନ୍ୟଜନ୍ତୁ ସ୍ୱାସ୍ଥ୍ୟଯତ୍ନ, ସଂରକ୍ଷଣ ବିଜ୍ଞାନ ଏବଂ ପ୍ରଜାତି ପୁନରୁଦ୍ଧାର କ୍ଷେତ୍ରରେ ଏକ ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବେ ଉଭା ହୋଇଛି।



ଇସ୍ରାଏଲୀ ସେନାର ଆକ୍ରମଣରେ ଆହତ ଜଣେ ମହିଳା ଲେବାନନ୍‌ର ଟାୟାର ସହରରେ ଶୁକ୍ରବାର ନିଜ ଭଉଣୀଙ୍କ ମୃତଦେହକୁ ଧରି କାନ୍ଦୁଛନ୍ତି। (ଫଟୋ: ଗାର୍ଡିଆନ୍)

# ଆଇଏସ୍‌ଆଇ ସମର୍ଥିତ ଗୁପ୍ତଚରଗିରି ମଡ୍ୟୁଲ୍‌ର ପର୍ଦ୍ଦାଫାଶ: ୧୧ ଗିରଫ

ନୂଆଦିଲ୍ଲୀ,୧୦।୪ (ପି.ଟି.)

ପାକିସ୍ତାନ ସହ ପ୍ରତ୍ୟକ୍ଷଭାବେ ଜଡ଼ିତ ଥିବା ଏକ ଗୁପ୍ତଚରଗିରି ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ସୀମା ଆରପଟେ ଥିବା ନିୟନ୍ତ୍ରକମାନେ କିପରି ଉତ୍ତର ଭାରତର ରଣନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଲାଗିଥିବା ଗୁପ୍ତ ସୌରଶକ୍ତିଚାଳିତ ସିସିଟିଭି କ୍ୟାମେରା ଜରିଆରେ ଭାରତୀୟ ସୈନ୍ୟଙ୍କ ସବୁ ସମୟର ଗତିବିଧି ଉପରେ ଦୂରରୁ ନଜର ରଖୁଥିଲେ, ତାହା ଜଣାପଡ଼ିଥିବା ଶୁକ୍ରବାର ଜଣେ ଅଧିକାରୀ କହିଛନ୍ତି। ଏହି ସର୍ଭିଲାନ୍ସ ନେଟ୍‌ୱର୍କ ପଞ୍ଜାବର କପୁରଥାଲା, ଜଲନ୍ଧର, ପଠାନକୋଟ୍, ପଟିଆଲା ଓ ମୋଗା, ହରିୟାଣାର ଅମ୍ବାଲା, ଜମ୍ମୁ-କଶ୍ମୀରର କଠୁଆ ଏବଂ ରାଜସ୍ଥାନର ବିକାନେର ଓ ଅଲୱରକୁ ବ୍ୟାପିଥିଲା। ଅନ୍ତର୍ଜାତୀୟ ନିୟନ୍ତ୍ରଣରେଖା ନିକଟବର୍ତ୍ତୀ ଉକ୍ତ ସ୍ଥାନଗୁଡ଼ିକରେ ସେନା କ୍ୟାଣ୍ଟନମେଣ୍ଟ ଥିବାରୁ ବଡ଼ ଧରଣର ସୈନ୍ୟ ପ୍ରେରଣ ଓ ଲଜିଷ୍ଟିକ୍ କରିଡର ଭାବେ ଏହା ଗୁରୁତ୍ୱପୂର୍ଣ୍ଣ। ଯବାନମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜାଣିଶୁଣି କ୍ୟାଣ୍ଟନମେଣ୍ଟ, ସେନା ଯାତାୟାତ କରୁଥିବା ରାଜପଥ ଏବଂ ସୀମା ସହ ଜଡ଼ିତ ଭିତ୍ତିଭୂମିଠାରେ କ୍ୟାମେରା ଲଗାଯାଇଥିବା ପୋଲିସ କହିଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ମିଳିତ ଅଭିଯାନ ବେଳେ ଉକ୍ତ ଗୁପ୍ତଚରଗିରି ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରିବା ସହ ୧୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଗୁପ୍ତଚରଗିରି ସହ ଅସ୍ତ୍ର ଚୋରାଚାଲାଣ ଏବଂ ଅନୁସନ୍ଧାନମୂଳକ କାର୍ଯ୍ୟରେ ସମ୍ପୃକ୍ତ। ଆମେରିକା ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ନିର୍ଦ୍ଦେଶରେ ଉକ୍ତ ନେଟ୍‌ୱର୍କ ଚାଲିଥିଲା ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଅପରେଟିଭ୍‌ମାନଙ୍କୁ ସର୍ଭିଲାନ୍ସ ଉପକରଣ ଖଞ୍ଜିବା ସହ ସମ୍ବେଦନଶୀଳ ଦୃଶ୍ୟ ପ୍ରେରଣ କରିବା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା।

# ମହିଳାଙ୍କୁ ମାସିକ ୩ ହଜାର, ୬ ମାସରେ ୟୁସିସି

## ପଶ୍ଚିମବଙ୍ଗ ପାଇଁ ଭାଜପାର ନିର୍ବାଚନୀ ଇସ୍ତାହାର

ନୂଆଦିଲ୍ଲୀ,୧୦।୪



ଅମିତ୍ ଶାହା

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଭାଜପାର ନିର୍ବାଚନ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ୩,୦୦୦ ଟଙ୍କା ଆସିବ ଏବଂ ପୋଲିସ ସମେତ ସମସ୍ତ ସରକାରୀ ନିଯୁକ୍ତିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ ହେବ। ଭାଜପା ସରକାର ଗଢ଼ିବାର ୬ ମାସ ମଧ୍ୟରେ ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଅନୁପ୍ରବେଶ ବିରୋଧରେ ଭାଜପା ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବା ସହ ସୀମା ସୁରକ୍ଷାକୁ ସୁଦୃଢ଼ କରିବ। ଭାଜପା ଶାସନରେ ଆଇନ ଶୃଙ୍ଖଳାକୁ ପ୍ରାଥମିକତା ଦିଆଯିବ ବୋଲି ଶାହା କହିଛନ୍ତି। ଭାଜପା କ୍ଷମତାକୁ ଆସିବାର ୪୫ ଦିନ ମଧ୍ୟରେ ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ଲାଗୁ କରାଯିବ। ଶାହା କହିଛନ୍ତି, ଟିଏମ୍‌ସିର ୧୫ ବର୍ଷର ଶାସନ ରାଜ୍ୟକୁ କ୍ଷତି ପହଞ୍ଚାଇଛି। ମିଛ ପ୍ରତିଶ୍ରୁତି ଦେଇ ଦଳ ୨୦୧୬ରେ ଦ୍ୱିତୀୟ ଥର ବିଜୟୀ ହୋଇଥିବାବେଳେ ୨୦୨୧ରେ ଅନୁପ୍ରବେଶକାରୀଙ୍କ ସହ ସଲାସୁତୁରା କରି କ୍ଷମତା ବଜାୟ ରଖିଥିଲା।

# ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଲେ ନୀତୀଶ

ନୂଆଦିଲ୍ଲୀ,୧୦।୪ (ପି.ଟି.)



ନୀତୀଶ କୁମାର

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ବିହାରରେ ତାଙ୍କ ୨ ଦଶନ୍ଧିର ଶାସନର ଅନ୍ତ ଘଟିବା ସହ ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ପଥ ପରିଷ୍କାର ହୋଇଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ସି. ପି. ରାଧାକ୍ରିଷ୍ଣନ୍ ତାଙ୍କ ଚାମ୍ବରରେ ସଂକ୍ଷିପ୍ତ ଶପଥଗ୍ରହଣ ଉତ୍ସବରେ ନୀତୀଶଙ୍କୁ ଶପଥପାଠ କରାଇଥିଲେ। ଏଥିସହିତ ସେ ନୀତୀଶଙ୍କୁ ଉଚ୍ଚ ସଦନ ତଥା ପାର୍ଲାମେଣ୍ଟ ଆଗମନକୁ ସ୍ୱାଗତ କରିଥିଲେ। ନୀତୀଶ ହିନ୍ଦୀରେ ଶପଥ ନେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ, କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଉପସ୍ଥିତ ଥିଲେ। ନୀତୀଶ ଖୁବ୍‌ଶୀଘ୍ର ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଥିବାବେଳେ ଆସନ୍ତା ୧୪ରେ ଏନ୍‌ଡିଏ ନୂଆ ମୁଖ୍ୟମନ୍ତ୍ରୀ ନିର୍ବାଚନ କରିପାରେ ବୋଲି କୁହାଯାଉଛି।

## ଇସ୍ରାଏଲ୍-ଲେବାନନ୍ ଆଲୋଚନା ଆସନ୍ତା ସପ୍ତାହରେ

ତେଲ୍ ଆଭିଭ୍,୧୦।୪

ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ମୃତ୍ୟୁସଂଖ୍ୟା ୩୦୦ ଟପିଥିବାବେଳେ ଆସନ୍ତା ସପ୍ତାହରେ ୱାଶିଂଟନ୍‌ରେ ଦୁଇଦେଶ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହେବ। ଟ୍ରମ୍ପ ଗୁରୁବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି। ନେତାନ୍ୟାହୁ ମଧ୍ୟ ଲେବାନନ୍‌ର ଅନୁରୋଧ ରକ୍ଷାକରି ଆଲୋଚନା ଲାଗି ରାଜି ହୋଇଛନ୍ତି। ହେଜ୍‌ବୋଲ୍ଲାକୁ ନିରସ୍ତ୍ର କରିବା ଉପରେ ଲେବାନନ୍ ସହ ଆଲୋଚନା ପାଇଁ ନେତାନ୍ୟାହୁ ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ଶୁକ୍ରବାର ଇସ୍ରାଏଲୀ ସେନା ଲେବାନନ୍‌ରେ ଆକ୍ରମଣ ଜାରି ରଖିଛି।

## ନୂଆ ଟିବି ଟିକା ସୁରକ୍ଷିତ

ନୂଆଦିଲ୍ଲୀ,୧୦।୪ (ପି.ଟି.)

ଟ୍ୟୁବରକୁଲୋସିସ୍ (ଟିବି)ର ୨ଟି ନୂଆ ଟିକା ଭାରତରେ ବୟସ୍କ ଏବଂ ପିଲାମାନଙ୍କଠାରେ ବ୍ୟବହାର ପାଇଁ ସୁରକ୍ଷିତ ହୋଇପାରେ କିନ୍ତୁ ସବୁପ୍ରକାର ବ୍ୟାକ୍ଟେରିଆ ସଂକ୍ରମିତ ରୋଗ ବିରୋଧରେ ସୁରକ୍ଷା ଦେଇ ନ ପାରେ ବୋଲି ତୃତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳରୁ ଜଣାପଡ଼ିଛି। ଦି ବ୍ରିଟିଶ ମେଡିକାଲ ଜର୍ନାଲରେ ଉକ୍ତ ଫଳାଫଳ ପ୍ରକାଶ ପାଇଛି। ଫେଜ୍-୩ ଏକ ନିୟନ୍ତ୍ରିତ କ୍ଲିନିକାଲ ପରୀକ୍ଷା ଯାହା ଚୂଡ଼ାନ୍ତ ପର୍ଯ୍ୟାୟ ଅଧ୍ୟୟନ। ଉକ୍ତ ପରୀକ୍ଷାରେ ଟିକାର ସୁରକ୍ଷା ଓ ଦକ୍ଷତା ଆକଳନ ପାଇଁ ବର୍ତ୍ତମାନର ପଦ୍ଧତି ଓ ନୂଆ ଚିକିତ୍ସା ମଧ୍ୟରେ ତୁଳନା କରାଯାଇଥିଲା। ଦିଲ୍ଲୀର ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ର ଗବେଷକଙ୍କ ସମେତ ଅନ୍ୟମାନେ ୨ ନୂଆ ଟିକା ଭିପିଏମ୍୧୦୦୨ ଏବଂ ଇମ୍ୟୁଭାକ୍‌ର ସୁରକ୍ଷା ଓ କ୍ଷମତା ପରୀକ୍ଷା କରିଥିଲେ।

## 'ମହଙ୍ଗା ଭତ୍ତାରେ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ମଧ୍ୟରେ ପକ୍ଷପାତ କରାଯାଇପାରିବ ନାହିଁ'

ନୂଆଦିଲ୍ଲୀ,୧୦।୪ (ପି.ଟି.)

ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିର ମୁକାବିଲା ପାଇଁ ସରକାର ମହଙ୍ଗା ଭତ୍ତା ବଢ଼ାଇବା ବେଳେ କାର୍ଯ୍ୟରତ କର୍ମଚାରୀ ଏବଂ ପେନ୍‌ସନଭୋଗୀଙ୍କ ମଧ୍ୟରେ ପକ୍ଷପାତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଜଷ୍ଟିସ୍ ମନୋଜ ମିଶ୍ର ଏବଂ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠ କେରଳ ସରକାର ଏବଂ କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଆବେଦନକୁ ଖାରଜ କରିଦେଇ କହିଛନ୍ତି, ଦରଦାମ୍ ବୃଦ୍ଧି ଉଭୟ କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମାନ ଭାବେ ପ୍ରଭାବିତ କରୁଛି। ସମାନତା ଏକ ଗତିଶୀଳ ଧାରଣା, ଯାହାକୁ ପାରମ୍ପରିକ ତଥା ସିଦ୍ଧାନ୍ତବାଦୀ ସୀମା ମଧ୍ୟରେ ଆବଦ୍ଧ କରି ରଖାଯାଇପାରିବ ନାହିଁ ବୋଲି ବିଚାରପତି ଜଷ୍ଟିସ୍ ମିଶ୍ର କହିଛନ୍ତି।

# ଶାନ୍ତି ବୋର୍ଡ ପାଇଁ ପାଣ୍ଠି ନାହିଁ

## ଇରାନ୍ ଯୁଦ୍ଧ ପରେ ଟ୍ରମ୍ପଙ୍କ ଗାଜା ଯୋଜନା ଅନିଶ୍ଚିତ

ଜେରୁଜେଲମ୍ /କାଏରୋ, ୧୦।୪ (ରଏଟର୍ସ)




ଫେବୃଆରୀ ୧୯ରେ ୱାଶିଂଟନ୍ ଡିସିସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପିସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଗାଜା ଶାନ୍ତି ବୋର୍ଡରେ ସାମିଲ ଦେଶଗୁଡ଼ିକର ନେତୃବୃନ୍ଦ।

ଇରାନ୍ ଯୁଦ୍ଧ ପୂର୍ବରୁ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଗାଜାରେ ଅନେକ ବିଲିୟନ୍ ଡଲାର ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍'କୁ ପ୍ରସ୍ତାବ ମୁତାବକ ଅର୍ଥ ଦେଇନାହାନ୍ତି। ଫଳରେ ତାଙ୍କ ଗାଜା ଯୋଜନାକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

ରଏଟର୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗାଜା ପୁନଃ ନିର୍ମାଣ ଯୋଜନା ପାଇଁ ସହଯୋଗୀ ଦେଶଗୁଡ଼ିକ ୧୭ ବିଲିୟନ୍ ଡଲାର ଚାନ୍ଦା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଥିରୁ ଅତ୍ୟନ୍ତ ନଗଣ୍ୟ ପରିମାଣର ଅର୍ଥ ପଇଠ କରିଥିବା ଜଣାପଡ଼ିଛି। ଏହି କାରଣରୁ ଟ୍ରମ୍ପଙ୍କୁ ଉକ୍ତ ଯୋଜନାକୁ ସ୍ଥଗିତ ରଖିବାକୁ ପଡ଼ିଛି। ଫଳସ୍ୱରୂପ ପାଲେଷ୍ଟିନୀୟଙ୍କ ଏନ୍‌କ୍ଲେଭ୍ ସ୍ୱପ୍ନ ଏକପ୍ରକାର ଧୂଳିସାତ୍ ହୋଇଯାଇଛି।

ଆମେରିକା-ଇସ୍ରାଏଲ୍ ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ କରି ମଧ୍ୟପ୍ରାଚ୍ୟକୁ ଯୁଦ୍ଧ ମୁହଁକୁ ଠେଲି ଦେଇଥିଲେ। ଏହାର ୧୦ ଦିନ ପୂର୍ବରୁ ଟ୍ରମ୍ପ ୱାଶିଂଟନ୍‌ରେ ଏକ ସମ୍ମିଳନୀ କରିଥିଲେ। ଉପସାଗରୀୟ ଆରବ ରାଷ୍ଟ୍ରଗୁଡ଼ିକ ଗାଜା ପୁନର୍ନିର୍ମାଣ ଓ ଶାସନ ପାଇଁ ଅନେକ ବିଲିୟନ୍ ଡଲାର ଦାନ କରିବାକୁ ଆଗ୍ରହ ଦେଖାଇଥିଲେ। ଇସ୍ରାଏଲ୍ ଆକ୍ରମଣରେ ଛିନ୍ନଛତ୍ର ହୋଇଯାଇଥିବା ଗାଜା ଶାସକ ହମାସ୍‌ର ନିରସ୍ତ୍ରୀକରଣ ଏବଂ ଉପକୂଳ ଅଞ୍ଚଳରେ ଏନ୍‌କ୍ଲେଭ୍ ନିର୍ମାଣ ଉକ୍ତ ଅର୍ଥରେ କରାଯିବାକୁ ଯୋଜନା ରହିଥିଲା। ଏପରିକି ହମାସ୍ ନିୟନ୍ତ୍ରଣରୁ ଗାଜାକୁ ମୁକ୍ତ କରିବା ଲାଗି ପାଲେଷ୍ଟିନୀୟ ଟେକ୍ନୋକ୍ରାଟ୍ସଙ୍କୁ ନେଇ ନ୍ୟାଶନାଲ କମିଟି ଫର୍ ଦି ଆଡ୍‌ମିନିଷ୍ଟ୍ରେଶନ୍ ଅଫ୍ ଗାଜା (ଏନ୍‌ସିଏଜି) ଗଠନ ଦିଗରେ ମଧ୍ୟ ଏହି ପାଣ୍ଠିରୁ ପଥ ପରିଷ୍କାର ହେବ ବୋଲି ମନେକରାଯାଉଥିଲା।

ସୂତ୍ରରୁ ଜଣାପଡ଼ିଛି ଯେ, ଅର୍ଥ ପ୍ରଦାନ ପାଇଁ ପୂର୍ବରୁ ରାଜି ହୋଇଥିବା ୧୦ ଦେଶ ମଧ୍ୟରୁ କେବଳ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ), ମରକ୍କୋ ଓ ଆମେରିକା ନିଜେ କିଛି କିଛି ପାଣ୍ଠି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧ ବିଲିୟନ୍ ଡଲାର ମଧ୍ୟ ଯୋଗାଡ଼ ହୋଇପାରି ନାହିଁ। ଇରାନ୍ ଯୁଦ୍ଧ ଯୋଗୁ ଦେଶଗୁଡ଼ିକ ପ୍ରଭାବିତ ହୋଇଥିବାରୁ ଏପରି ସ୍ଥିତି ଉପୁଜିଥିବା ସୂତ୍ରରୁ ଜଣାପଡ଼ିଛି।

# ତାଲିକାରୁ କଟିଲେ ୬ କୋଟି ଭୋଟର

## ୧୨ ରାଜ୍ୟରେ ଏସ୍‌ଆଇଆର୍

ନୂଆଦିଲ୍ଲୀ,୧୦।୪(ପି.ଟି.)

୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଶୁକ୍ରବାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପୂର୍ଣ୍ଣ ହୋଇଛି। ଏହି ରାଜ୍ୟଗୁଡ଼ିକର ଭୋଟର ତାଲିକାରୁ ୬.୦୮ କୋଟି ମତଦାତା ବାଦ୍ ପଡ଼ିଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ, ରାଜସ୍ଥାନ, ଛତିଶଗଡ଼, କେରଳମ୍, ପଣ୍ଡିଚେରୀ, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଗୋଆର ଚୂଡ଼ାନ୍ତ ଭୋଟର ତାଲିକାରୁ ଏହି ବିଷୟ ସ୍ପଷ୍ଟ ହୋଇଛି। ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏସ୍‌ଆଇଆର୍ ପରେ ୬.୦୮ କୋଟି ମତଦାତାଙ୍କୁ ବାଦ୍ ଦେବା ପରେ ବର୍ତ୍ତମାନ ମୋଟ ଭୋଟର ସଂଖ୍ୟା ୪୪.୯୨ କୋଟି ରହିଛି।

## ଶୀର୍ଷ କମାଣ୍ଡରଙ୍କ ସମେତ ୪୨ ମାଓବାଦୀଙ୍କ ଆତ୍ମସମର୍ପଣ

ହାଇଦ୍ରାବାଦ,୧୦।୪

ତେଲଙ୍ଗାନାରେ ଶୀର୍ଷ କମାଣ୍ଡର ସୋଦି କେଶଲୁଙ୍କ ସମେତ ୪୨ ମାଓବାଦୀ ବିପୁଳ ଅସିତ ଅସ୍ତ୍ରଶସ୍ତ୍ର ସହ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ପିପୁଲ୍ସ ଲିବରେଶନ ଗରିଲା ଆର୍ମି ବାଟାଲିଅନ୍ ନଂ.୧ର ଶେଷ କମାଣ୍ଡର ଥିଲେ କେଶଲୁ। ତାଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୋଲିସ ପୂର୍ବରୁ ଘୋଷଣା କରିଥିଲା।

# ତାଇୱାନ୍ ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଜିନ୍‌ପିଙ୍ଗ୍

ବେଜିଂ,୧୦।୪ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାସରେ ଚାଇନା ଗସ୍ତ କରିବାକୁ ଥିବାବେଳେ ଏହା ପୂର୍ବରୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ବେଜିଂରେ ତାଇୱାନ୍ ବିରୋଧୀ ଦଳ ନେତ୍ରୀ ଚେଙ୍ଗ୍ ଲି-ୟୁନ୍‌ଙ୍କୁ ଭେଟିଛନ୍ତି। ଶାନ୍ତି ଉଭୟ ପକ୍ଷ ଲୋକଙ୍କ ସାଧାରଣ ଇଚ୍ଛା ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ତାଇୱାନ୍‌କୁ ଚାଇନାର ମୁଖ୍ୟ ଭୂଖଣ୍ଡ ସହ ସାମିଲ କରାଇବା ପାଇଁ ବେଜିଂ ସାମରିକ ଏବଂ କୂଟନୈତିକ ଚାପ ବଢ଼ାଇ ଚାଲିଥିବାବେଳେ ଗୋଟିଏ ଦଶନ୍ଧି ମଧ୍ୟରେ ବେଜିଂ ଗସ୍ତ କରିବାରେ ଚେଙ୍ଗ୍ ପ୍ରଥମ କ୍ୟୋମିଣ୍ଟାଙ୍ଗ୍ ଅଧ୍ୟକ୍ଷ। ତାଇୱାନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିବାବେଳ ଏହାକୁ ମୁଖ୍ୟ ଭୂଖଣ୍ଡରେ ଯୋଡ଼ିବା ପାଇଁ ପ୍ରତିଜ୍ଞାବଦ୍ଧ ରହିଛି।

ଚେଙ୍ଗ୍‌ଙ୍କୁ ଭେଟିବା ପରେ ଜିନ୍‌ପିଙ୍ଗ କହିଛନ୍ତି, ଉଭୟ ପକ୍ଷର ଜନସାଧାରଣ ଚାଇନାର ଏବଂ ଆମେ ଶାନ୍ତି, ବିକାଶ, ଯୋଗାଯୋଗ ଓ ସହଯୋଗ ଚାହୁଁ, ଏହା ସାଧାରଣ ଇଚ୍ଛା। ତାଇୱାନ୍ ଷ୍ଟ୍ରେଟ୍‌ର ସମସ୍ତ ଅଧିକ ନିକଟତର ହେବା ସହ ଏକାଠି ହେବା ନେଇ ସେ ନିଶ୍ଚିତ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ତାଇୱାନ୍‌କୁ ମୁଖ୍ୟ ଭୂଖଣ୍ଡରେ ମିଶାଇବା ପାଇଁ ଚାଇନା ନେତା ଉଦ୍ୟମ ଚଳାଇଥିବାବେଳେ ଚେଙ୍ଗ୍‌ଙ୍କ ସହ ତାଙ୍କ ବୈଠକ ଉପରେ ସାରା ବିଶ୍ୱ ନଜର ରଖିଛି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା

ଭୋପାଳ,୧୦।୪



ଦେବକୃଷ୍ଣ ପୁରୋହିତ



ପ୍ରିୟଙ୍କା ପୁରୋହିତ



କମଳେଶ ପୁରୋହିତ

ରୋମାଞ୍ଚକର କ୍ରାଇମ୍ ଥ୍ରିଲର ଭଳି ଲାଗୁଥିବା ଏକ ସତ୍ୟ ଘଟଣା ମଧ୍ୟପ୍ରଦେଶର ଧର୍ ଅଞ୍ଚଳରେ ସାମନାକୁ ଆସିଛି, ଯାହା ପଛରେ ପ୍ରତାରଣା, ଅପମାନ ଓ ସୁଚିନ୍ତିତ ଷଡ଼ଯନ୍ତ୍ର ରହିଛି। ପରକୀୟା ପ୍ରୀତିରୁ ସ୍ତ୍ରୀ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିଲେ। ଗତ ୭ ତାରିଖ ରାତିରେ ଦେବକୃଷ୍ଣ ପୁରୋହିତ ନାମକ ୨୮ ବର୍ଷୀୟ ମସଲା ବ୍ୟବସାୟୀଙ୍କୁ ତାଙ୍କ ଘରେ ହତ୍ୟା କରାଯାଇଥିଲା। ଅଜଣା ଡକାୟତ ଘରେ ପଶି ୩.୫ ଲକ୍ଷ ଟଙ୍କା ଗହଣା ଲୁଟିନେବା ସହ ବାଧାଦେବାରୁ ଦେବକୃଷ୍ଣଙ୍କୁ ହତ୍ୟା କରିଥିବା ସ୍ତ୍ରୀ ପ୍ରିୟଙ୍କା ପୋଲିସକୁ କହିଥିଲେ।

ଦେବକୃଷ୍ଣ କଳା ହୋଇଥିବାରୁ ତାଙ୍କ ଉପଯୁକ୍ତ ନୁହନ୍ତି ବୋଲି ପ୍ରିୟଙ୍କା ଅନେକ ସମୟରେ କହୁଥିବା ଭଉଣୀ ଜ୍ୟୋତି ପୋଲିସକୁ କହିଥିଲା। ତଦନ୍ତରୁ ଜଣାପଡ଼ିଥିଲା, ପ୍ରିୟଙ୍କାଙ୍କର କମଳେଶ ପୁରୋହିତଙ୍କ ସହ ପ୍ରେମ ସମ୍ପର୍କ ରହିଛି। ଦେବକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଉଭୟ ଯୋଜନା ପ୍ରସ୍ତୁତ କରି ହିଟ୍‌ମ୍ୟାନ୍ ସୁରେନ୍ଦ୍ର ଭଟ୍ଟିଙ୍କୁ ନିୟୋଜିତ କରିଥିଲେ। ଯୋଜନା ଅନୁଯାୟୀ ସୁରେନ୍ଦ୍ର ଘରେ ପଶି ଦେବକୃଷ୍ଣଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରିଥିଲେ। ଏହାକୁ ଡକାୟତି ରୂପ ଦେବାକୁ ଘରେ ଭଙ୍ଗାରୁଜା କରିଥିଲେ। ବୟାନରେ ତାଳମେଳ ନ ରହିବା ଓ ପୋଲିସ ବାରମ୍ବାର ଜେରା କରିବାରୁ ପ୍ରିୟଙ୍କା ଅପରାଧ ସ୍ୱୀକାର କରିଛନ୍ତି।

# ସାନ୍ୟା-ରଷଭ ବ୍ରେକ୍‌ଅପ୍



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଏବେ ନିଜର ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ନିକଟରେ ସାନ୍ୟା ନିଜର ପ୍ରେମିକ ତଥା ଲୋକପ୍ରିୟ ସିତାର ବାଦକ ରଷଭ ଶର୍ମାଙ୍କଠାରୁ ଅଲଗା ହୋଇଛନ୍ତି। ଅର୍ଥାତ୍ ଏ ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି। ରିପୋର୍ଟ ଅନୁଯାୟୀ, ସାନ୍ୟା ଏବଂ ରଷଭ କିଛି ବର୍ଷ ପରସ୍ପରକୁ ଡେଟ୍ କରିବା ପରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟେ ସୋସିଆଲ ମିଡିଆରେ ପରସ୍ପରକୁ ଅନ୍‌ଫଲୋ କରିଦେଇଛନ୍ତି। କାରଣ ଏବେ ରଷଭ ଅନ୍ୟ ଜଣକ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ତେବେ ଦୁହିଁଙ୍କ ବ୍ରେକ୍‌ଅପ୍ ନେଇ ସାନ୍ୟା କିମ୍ବା ରଷଭଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ପ୍ରକାଶ୍ୟରେ କିଛି କୁହାଯାଇନାହିଁ।

ସାନ୍ୟା ଏବଂ ରଷଭ ୨୦୨୫ରେ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିଲେ। ସେମାନେ କେବେ ବି ନିଜ ସମ୍ପର୍କକୁ ସର୍ବସାଧାରଣରେ ସ୍ୱୀକାର କରି ନ ଥିଲେ ମଧ୍ୟ ସେମାନଙ୍କର ଏହି ଗୁପ୍ତ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ହଠାତ୍ ସେମାନଙ୍କର ବ୍ରେକ୍‌ଅପ୍ ଖବର ପ୍ରଶଂସକଙ୍କୁ ଚକିତ କରିଛି। ତେବେ ଅଭିନୟ ଜୀବନ ଦେଖିଲେ ସାନ୍ୟା ନିଜର ଆଗାମୀ ପ୍ରୋଜେକ୍ଟ ପାଇଁ ମଧ୍ୟ ବ୍ୟସ୍ତ ଅଛନ୍ତି। ତାହା ହେଲା 'ସୁନ୍ଦର ପୁନମ୍'। ଏହା ଏକ ରୋମାଣ୍ଟିକ୍-ଥ୍ରୀଲର ଫିଲ୍ମ, ଯେଉଁଥିରେ ସେ ଆଦିତ୍ୟ ରାୱଲାଙ୍କ ସହ ନଜର ଆସିବେ। ସେହିଭଳି ସିନେମା 'ଟୋଷ୍ଟର'ରେ ସେ ରାଜକୁମାର ରାଓଙ୍କ ସହ ଅଭିନୟ କରିଛନ୍ତି, ଯାହା ଏଇମାସ ୧୫ରେ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବ।



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଥିବା ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ଅଞ୍ଚଳବାସୀ ଶୁକ୍ରବାର ପାଦଦେଶରେ ଜଗି ରହିଛନ୍ତି।

# ମାଗୁଛନ୍ତି ପଟ୍ଟା

**ରାୟଗଡ଼ା/କଲ୍ୟାଣସିଂହପୁର,୧୦।୪**
**(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ବକ୍ସାଇଟ ଖଣିକୁ ବେଦାନ୍ତ ପକ୍ଷରୁ ଗତ ମଙ୍ଗଳବାର ରାସ୍ତା ନିର୍ମାଣ ଉଦ୍ୟମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟର ପ୍ରାରମ୍ଭିକ ସ୍ତରରେ ବିପୁଳ ପୋଲିସ ଓ ପ୍ରଶାସନକୁ ନିୟୋଜିତ କରାଯାଇଥିଲା। ହେଲେ ସ୍ଥାନୀୟ ଗ୍ରାମବାସୀ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀ ପୋଲିସକୁ ଅମାନ୍ୟ କରୁଥିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଭାବିତ ଅଞ୍ଚଳକୁ ଜିଲାପାଳ ଯାଇଥିବା ସରକାରୀ ଭାବେ କୁହାଗଲା। କିନ୍ତୁ ଦେଖିଲା ବେଳକୁ ଗ୍ରାମକୁ ଯାଇ ସରକାରୀ କର୍ମଚାରୀ ସ୍ଥାନୀୟ ଲୋକଙ୍କଠାରୁ ଜମିପଟ୍ଟା ମାଗିଥିଲେ।

ପୋଲିସର କହିବା ଅନୁଯାୟୀ, କଣ୍ଟାମାଳ ଗାଁର ସୁବାସ ସିଂ ମାଝିଙ୍କ ନାଁରେ କୁଆଡ଼େ ୱାରେଣ୍ଟ ରହିଥିଲା। ତେଣୁ ପୋଲିସ ତାଙ୍କୁ ଗିରଫ କରିବାକୁ ଯାଇଥିଲା। ଅପରପକ୍ଷେ କଣ୍ଟାମାଳ ଗ୍ରାମବାସୀଙ୍କ କହିବା ଅନୁଯାୟୀ ପୋଲିସ ରାତିଅଧିଆ ଗାଁ ଲୋକଙ୍କୁ ଡରାଇବା ପାଇଁ ଆସିଥିଲା। ପୋଲିସ ଗାଁ ଲୋକଙ୍କ ଘରଗୁଡ଼ିକର କବାଟକୁ ଜୋର୍‌ରେ ବାଡ଼େଇଥିଲା। ଲୋକେ କବାଟ ଖୋଲିବା ପରେ ପୋଲିସ ସେମାନଙ୍କୁ ଧମକଚମକ ଦେବା ସହିତ ମାଡ଼ ମାରିଥିଲା। ତେଣୁ ଲୋକେ ଆତ୍ମରକ୍ଷା କରିବାକୁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କ ଉପରେ ଟିୟର (ଲୁହବୁହା) ଗ୍ୟାସ୍ ଛାଡ଼ିଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ଲୋକେ ଆହତ ହୋଇଥିଲେ ହେଁ ଗିରଫ ଭୟରେ ମେଡିକାଲ ଯାଇ ନ ପାରି ଘରେ ଚିକିତ୍ସିତ ହେଉଥିବା କଣ୍ଟାମାଳ ଗ୍ରାମବାସୀ କହିଛନ୍ତି।

ବେଦାନ୍ତ କମ୍ପାନୀ ଓ ପ୍ରଶାସନ ସିଜିମାଳି ଖଣିକୁ ରାସ୍ତା କରିବା ପାଇଁ ପଦକ୍ଷେପ ନେଉଥିବାରୁ ଲୋକେ ଭିଟାମାଟି ହରାଇବା ଭୟରେ ଏହାକୁ ବିରୋଧ ଆରମ୍ଭ କରିଥିଲେ। ତେବେ ଏପ୍ରିଲ ୩ ତାରିଖରୁ ଉପଜିଲାପାଳ ଉକ୍ତ ଅଞ୍ଚଳରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଲାଗୁ କରିଥିଲେ। ରାୟଗଡ଼ା ଜିଲାପାଳ ମଧ୍ୟ ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିବାକୁ ଯାଇଥିଲେ। ☞ପୃଷ୍ଠା-୧୪

# ବିଦା ପୂର୍ବରୁ ଯଶୱନ୍ତ ବର୍ମାଙ୍କ ଇସ୍ତଫା

**ଦିଲ୍ଲୀର ସରକାରୀ ବାସଭବନରେ ଅଗ୍ନିକାଣ୍ଡ ପରେ ବିପୁଳ ପରିମାଣର ଅଧାପୋଡ଼ା ଟଙ୍କା ମିଳିବା ଯୋଗୁ ବିବାଦୀୟ ହୋଇଥିବା ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଏପ୍ରିଲ ୯ରେ ଇସ୍ତଫାପତ୍ର ଦେଇଥିଲେ, ଯାହାକି ଗୃହୀତ ହୋଇଛି। ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ନେଇ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ସେ ଇସ୍ତଫା ଦେବା ଦ୍ୱାରା ଯାଞ୍ଚ ପ୍ରକ୍ରିୟାରେ ବିରତି ଆସିଛି। ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆସିଥିଲେ ଲୋକ ସଭାର ଅତିକମ୍‌ରେ ୧୦୦ ଜଣ ଓ ରାଜ୍ୟ ସଭାର ୫୦ ଜଣ ସଦସ୍ୟଙ୍କ ସ୍ୱାକ୍ଷର ସମ୍ବଳିତପତ୍ର ବାଚସ୍ପତିଙ୍କୁ ଦିଆଯାଇଥାଆନ୍ତା। ଇତିହାସ ଦେଖିଲେ ଅତୀତରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ରାମସ୍ୱାମୀ ଓ କଲିକତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସୌମିତ୍ର ସେନ୍‌ଙ୍କ ବିରୋଧରେ ମୋସନ ଆସିଥିଲେ ମଧ୍ୟ ସେମାନଙ୍କୁ ପୂର୍ଣ୍ଣ ଭାବେ ଅପସାରିତ କରାଯାଇ ନ ଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଜଷ୍ଟିସ୍ ବର୍ମା ଇସ୍ତାଫା ଦେଇଥିବାରୁ ମାମଲା ସ୍ୱତଃ ବନ୍ଦ ହୋଇଯିବା ନ୍ୟାୟିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।**



ଜଷ୍ଟିସ୍ ଯଶୱନ୍ତ ବର୍ମା

**ନୂଆଦିଲ୍ଲୀ,୧୦।୪ (ପି.ଟି.)**

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରୁ ଗତବର୍ଷ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ପରେ ସେ ବିବାଦ ଘେରକୁ ଆସିଥିଲେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଗଠିତ କମିଟି ଏହାର ତଦନ୍ତ ଚଳାଇଥିଲେ। ବିଚାରପତିଙ୍କୁ ବହିଷ୍କାର କରିବା ପାଇଁ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଚାଲିଥିବାବେଳେ ସେ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜଷ୍ଟିସ୍ ବର୍ମା ଇସ୍ତଫାପତ୍ର ପଠାଇଥିବାରୁ ତାଙ୍କ ବିରୋଧରେ ଚାଲିଥିବା ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଅକାମୀ ହୋଇଯାଇଛି।

ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ଗତବର୍ଷ ମାର୍ଚ୍ଚ ୧୪ ତାରିଖ ରାତି ୧୧ଟା ୩୫ରେ ତାଙ୍କ ଲୁଟ୍ୟେନ୍ ବାସଭବନ ପରିସରରେ ନିଆଁ ଲାଗିଯାଇଥିଲା ଓ ବିପୁଳ ପରିମାଣରେ ପୋଡ଼ାଟଙ୍କା ବିଡ଼ା ମିଳିଥିଲା। ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀମାନେ ଏହା ଦେଖିବା ପରେ ଖବର ପ୍ରଘଟ ହୋଇଥିଲା। ୫୭ ବର୍ଷୀୟ ବିଚାରପତି ରାଷ୍ଟ୍ରପତିଙ୍କୁ ଲେଖିଥିବା ପତ୍ରରେ ଅତ୍ୟନ୍ତ ଦୁଃଖର ସହ ଇସ୍ତଫା ଦେଉଥିବା କହିଛନ୍ତି। ଉକ୍ତ ପଦବୀରେ କାର୍ଯ୍ୟ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା ବୋଲି ଜଷ୍ଟିସ୍ ବର୍ମା କହିଛନ୍ତି।

ମହାଭିଯୋଗ ପ୍ରସ୍ତାବ ପୂର୍ବରୁ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବରିଷ୍ଠ ଆଇନଜୀବୀ ବି.ଭି. ଆଚାର୍ଯ୍ୟଙ୍କୁ ନେଇ ଗଠିତ ୩ ଜଣିଆ ତଦନ୍ତ କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ତଦନ୍ତ କରିଥିଲା। ମାର୍ଚ୍ଚ ୨୨ରେ ସୁପ୍ରିମକୋର୍ଟ ଇନ୍‌ହାଉସ୍ ତଦନ୍ତ ରିପୋର୍ଟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ମାମଲା ଏକାଧିକ ମୋଡ଼ ନେଇଥିଲା। ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନା ବର୍ମାଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ସେ ତାହାକୁ ଗ୍ରହଣ କରି ନ ଥିଲେ। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ପ୍ରକ୍ରିୟା ଚଳାଇବାକୁ ଜଷ୍ଟିସ୍ ଖାନ୍ନା ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିଲେ। ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଲ୍ଲାହାବାଦ ☞ପୃଷ୍ଠା-୧୪

# ଚଣ୍ଡିଖୋଲରେ ଆଇଏସ୍‌ପିଆର୍‌ଏଲ୍ ପ୍ରକଳ୍ପ ତ୍ୱରାନ୍ୱିତ

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଶିଳ୍ପ ସଂଘ**

**ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)**

ଚଣ୍ଡିଖୋଲରେ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭସ୍ ଲିମିଟେଡ୍ (ଆଇଏସ୍‌ପିଆର୍‌ଏଲ୍) ପ୍ରକଳ୍ପର ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି। ଏହାସହ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାର ପଥ ପ୍ରଶସ୍ତ ହୋଇଛି। ଏନେଇ ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ - ସିଆଇଆଇ, ଫିକ୍କି, ଆସୋଚାମ୍ ଏବଂ ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ମୋହନ ଚରଣ ମାଝୀ

ସୂଚନା ଥାଉକି, ପ୍ରାୟ ୧ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୫ ଏପ୍ରିଲ ୮ରେ ଆଇଏସ୍‌ପିଆର୍‌ଏଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଚଣ୍ଡିଖୋଲ ☞ପୃଷ୍ଠା-୧୪




# ୧ ଡଲାର=୯୨.୮୩ ଟଙ୍କା

**୩୨ ପଇସା ଦୁର୍ବଳ ହେଲା ଭାରତୀୟ ମୁଦ୍ରା**

**ମୁମ୍ବାଇ,୧୦।୪(ପି.ଟି.)**

ଭୂରାଜନୈତିକ ଉତ୍ତେଜନା ବିଶେଷକରି ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁ ଶୁକ୍ରବାର ଭାରତୀୟ ମୁଦ୍ରା ୩୨ ପଇସା ଦୁର୍ବଳ ହୋଇଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୨.୮୩ ଟଙ୍କାକୁ ଖସିଛି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭୂରାଜନୈତିକ ଅସ୍ଥିରତା ଲାଗି ରହିଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓଭରନାଇଟ୍ ପୋଜିଶନ୍‌କୁ ୧୦୦ ନିୟୁତ ଡଲାରରେ ସୀମିତ ରଖିବା ପାଇଁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବା ପରେ ଟଙ୍କା ଅଧିକ ଅସ୍ଥିର ହୋଇପଡ଼ିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଶୁକ୍ରବାର ଟଙ୍କା ୯୨.୫୮ରେ ଖୋଲିଥିଲା। ପରେ ଏହା ୯୨.୪୧କୁ ଯାଇ କାରବାର ଶେଷରେ ୯୨.୮୩ରେ ସ୍ଥିର ରହିଥିଲା।

# ବଳାତ୍କାରୀଙ୍କୁ ଫାଶୀ ଦଣ୍ଡାଦେଶ

**୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା**

**ଅନୁଗୋଳ,୧୦।୪(ଜ୍ୟୋତିରଞ୍ଜନ ସାହୁ)**

ମୋବାଇଲ ଦେଖାଇବାକୁ କହି ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ଘର ଭିତରକୁ ଡାକିନେଇ ବଳାତ୍କାର ସହ ହତ୍ୟା କରିଥିବା ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ବାବୁଲା ଜେନା (୪୧)ଙ୍କୁ ହୋଇଛି ଫାଶୀ ଦଣ୍ଡାଦେଶ। ୨୦୨୫ ମାର୍ଚ୍ଚ ୧୩ରେ ଉକ୍ତ ଥାନା ଅଞ୍ଚଳରେ ଘଟିଥିବା ଏହି ☞ପୃଷ୍ଠା-୧୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଛେନାପୋଡ଼ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ରାମ ମନ୍ଦିର ଛକରୁ ଲୋୟର ପିଏମ୍‌ଜି, ସମୟ: ସକାଳ ୬ଟା।
- ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ, ଐତିହ୍ୟ କଳା ବିଭାଗ ପକ୍ଷରୁ 'ଐତିହ୍ୟ ଦର୍ଶନ' କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ମାଉସୀମା' ଛକ, ସମୟ: ସକାଳ ୭ଟା ୩୦।
- ଓଡ଼ିଆ ପକ୍ଷ ପାଳନର ୧୧ତମ ଦିବସରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ଅମୃତ ପିଢ଼ି ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଜୁଏଲେରି ଶୋ-୨୦୨୬ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ହୋଟେଲ କ୍ରିଷ୍ଟାଲ କ୍ରାଉନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଜାଦ ହିନ୍ଦ ବାହିନୀ ପକ୍ଷରୁ 'ସାମ୍ପ୍ରତିକ ଅବସ୍ଥା ଓ ସମାଜବାଦୀ ବ୍ୟବସ୍ଥାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଫରୱାର୍ଡ ରାଜ୍ୟ କାର୍ଯ୍ୟାଳୟ, ନେତାଜୀ ଭବନ, ଭିଆର୍-୫୦, ୟୁନିଟ-୬,ସମୟ: ପୂର୍ବାହ୍ନ ୧୧ଟା।
- ଶିଳାଶ୍ରୀ ପତ୍ରିକାର ଊନବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୩ଟା ୩୦।
- ବନଫୁଲ ବିଷୁବ ମିଳନ ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପଲଇଜ୍ ୟୁନିୟନ ଓଡ଼ିଶା ପକ୍ଷରୁ ୧୫ତମ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ସମୟ: ଅପରାହ୍ନ ୫ଟା।
- ଆର୍‌ଏସ୍‌ଏସ୍ ଶହୀଦ ନଗର ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡୁଆଳି ମନ୍ଦିର ସମ୍ମୁଖ, ବିଏମ୍‌ସି ପାର୍କ, ଶହୀଦ ନଗର, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'କୁମ୍ଭକର୍ଣ୍ଣ ବଧ ଓ ମୋହାନସ୍ତ୍ର ପ୍ରୟୋଗ', ସ୍ଥାନ: ରାମଲୀଳା ପଡ଼ିଆ ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖ, ବେଣୁପୁର, ସମୟ: ରାତି ୧୧ଟା।
- ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ମହିରାବଣ ବଧ ଓ ରାବଣ ବଧ'
- ସ୍ଥାନ: ବଇତୁଆ ଗ୍ରାମ ଗାନ୍ଧୀ ଛକସ୍ଥିତ ରାଧା ଗୋବିନ୍ଦ ମନ୍ଦିର ପରିସର, ସମୟ: ରାତି ୧୧ଟା।

## କଟକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ର ଓ ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ସ୍ୱରାଜ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବାଡି ସିଏମ୍ ଟ୍ରଫି ୨.୦ ମ୍ୟାଚ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: କବାଡି କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରର ଉଦ୍‌ଘାଟନ, ସ୍ଥାନ: ପ୍ରଥମ ମହଲା, କଟକ ନେତାଜୀ ବସ୍ ଟର୍ମିନାଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ସାଧକ ଅଭୟ ସାମନ୍ତରାୟଙ୍କ ସ୍ମୃତିସଭା, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଶ୍ରୀଶିରିଡ଼ି ସାଇବାବାଙ୍କ ୧୯ତମ ବାର୍ଷିକ ଉତ୍ସବ ଏବଂ ସାଇବାବା ମୋହସବମ କଳସ ଶୋଭାଯାତ୍ରା, ସ୍ଥାନ: ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସକାଳ ୭ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ସମୟ: ସକାଳ ୮ଟା।
- ଶ୍ରୀମହାବୀରଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଇଲ କିଶନ ନଗର (ସାହେବ ନୂଆଗାଁ), ସମୟ: ପୂର୍ବାହ୍ନ ୧୦ଟା।
- ଦଣ୍ଡ ମେଳଣ ମହୋତ୍ସବ, ସ୍ଥାନ:ମା'କାଳିକା ଠାକୁରାଣୀଙ୍କ ପୀଠସ୍ଥଳୀ, ଠଣାପଲ୍ଲୀ, ସମୟ: ରାତି ୮ଟା।

## ବାଲେଶ୍ୱର

- ଯୁବ ଲେଖକ ଓ କବି ସମ୍ମିଳନୀ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ବସନ୍ତ ଉତ୍ସବ ରୌପ୍ୟଜୟନ୍ତୀ ସମାରୋହ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ଦନ୍ତୁରୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବଡ଼ପୋଖରୀ ସ୍କୁଲ ପଡ଼ିଆ, ଔପଦା, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ,ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଅମୃତ ପିଢ଼ି ସାରସ୍ୱତ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଓଡ଼ିଆ ନବ ବର୍ଷ ଓ ବିଷୁବ ସଂକ୍ରାନ୍ତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବୋଦାପଲସା ହାଇସ୍କୁଲର ଶତବାର୍ଷିକ ସମାରୋହ, ସ୍ଥାନ: ସଦର ବ୍ଲକ୍ ବୋଦାପଲସା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ରୌପ୍ୟ ଜୟନ୍ତୀ, ସରକାରୀ ଇଞ୍ଜିନିୟରିଂ କଲେଜ, ସ୍ଥାନ: କଲେଜ ପରିସର, କେନ୍ଦୁଝର, ସମୟ: ଅପରାହ୍ନ ୩ ଟା।
- ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଗସ୍ତ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର, ସ୍ଥାନ: ଏମ୍‌ପିସି ସ୍ୱୟଂଶାସିତ କଲେଜ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳାର କାର୍ନିଭାଲ ଯାତ୍ରା, ସ୍ଥାନ:ମା' ଅମ୍ବିକା ମନ୍ଦିର, ବାରିପଦା,ସମୟ: ଅପରାହ୍ନ ୪ଟା।
- ଖଇରୀ ମହୋତ୍ସବ,ସ୍ଥାନ: ମାହାର୍ଦ୍ଧାପଲସା ମିନି ଷ୍ଟାଡିୟମ, ଯଶୀପୁର, ସମୟ: ଅପରାହ୍ନ ୫ଟା।
- ମା' ବୁଢ଼ୀ ଠାକୁରାଣୀଙ୍କ ଗାଁ ପରିକ୍ରମା, ସ୍ଥାନ: ଚିତ୍ରଡ଼ା, ହଳଦୀପାଳ, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଉତ୍ସବ,ସ୍ଥାନ:ଛଉ ପଡ଼ିଆ ବାରିପଦା, ସମୟ: ରାତି ୮ଟା।

## ବ୍ରହ୍ମପୁର

- ରାମକୃଷ୍ଣ ଶାରଦା ସେବା ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ରାମକୃଷ୍ଣ ଆଶ୍ରମ, ଆମ୍ବପୁଆ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସନସାଇନ ଲେଡିଜ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶୁଭମ ସେଲିବ୍ରେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ କୃଷକ ଭାରତ ସଭାର ପ୍ରତିଷ୍ଠା ଦିବସ, ସ୍ଥାନ: ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୫ ଟା।

## ଗଞ୍ଜାମ

- ବଟାନି ବିଭାଗର ଆଲୋଚନାଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ସାହିତ୍ୟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଆସିକା, ସମୟ: ଅପରାହ୍ନ ୪ ଟା ୩୦।

## ଢେଙ୍କାନାଳ

- ଜଣାଅଜଣା ପ୍ରତିଯୋଗିତା ଓ ମ୍ୟାଜିକ ସୋ', ସ୍ଥାନ: ପୁସ୍ତକ ମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଧୂଳି ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ ସାହି, ସମୟ: ଅପରାହ୍ନ ୪ଟା।
- ବିଭିନ୍ନ ସୁଆଙ୍ଗରେ ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ ସାହି, ସମୟ: ରାତି ୧୧ଟା।
- ପ୍ରସିଦ୍ଧ କାଙ୍ଗୁଲା ଦକ୍ଷିଣକାଳୀ ଦଣ୍ଡ ନୃତ୍ୟ, ସ୍ଥାନ: ଅନୁଗୋଳ କାଙ୍ଗୁଲା, ସମୟ: ରାତି ୧୧ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରକ୍ତଦାନ ଶିବିର, ସ୍ଥାନ : ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ : ସକାଳ ୯ଟା।
- ନନ କ୍ୟାଡର ପବ୍ଲିକ ପ୍ରସ୍ୟୁକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା।
- ବ୍ୟାସନଗର କଲେଜ ସଂସ୍କୃତ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ଖଣ୍ଡପଡ଼ା ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଛେନାପୋଡ ଦିବସ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ହିନ୍ଦୁ ଏକତା ବାହିନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ତୃପ୍ତି ଲଜ୍, ନବରଙ୍ଗପୁର, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗାଙ୍ଗେଶ୍ୱରୀ ଡିଗ୍ରୀ କଲେଜ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗଙ୍ଗାଧର ମେହେର କଲେଜ ଛକ, ସମୟ: ସକାଳ ୭ଟା ୩୦।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି କବାଡି ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ଆୟୋଜନରେ ଅମୃତ ସାରସ୍ୱତ ସମାରୋହ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀହନୁମାନ ମନ୍ଦିର କମିଟି ପକ୍ଷରୁ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂଜାର୍ଚ୍ଚନା, ସ୍ଥାନ: କଚେରୀ ଛକ ନିକଟସ୍ଥ ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପତ୍ରାପାଲି,ଲୋଇସିଂହା, ସମୟ: ସକାଳ ୯ଟା।

## ରାଉରକେଲା

- ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୭ଟା।
- ବରପୁତ୍ର ଦିବସ ପାଳନ, ସ୍ଥାନ: ରାଉରକେଲା ସ୍ୱୟଂଶାସିତ ସରକାରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗଣେଷ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ସକାଳ ୮ଟା ।
- ଆଦର୍ଶ ଗଣ ବିବାହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା ।

## କଳାହାଣ୍ଡି

- ଅମୃତ ପିଢ଼ି ସାରସ୍ୱତ ସମାରୋହ, ସ୍ଥାନ: ଭବାନୀପାଟଣା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ, କଣ୍ଟାମାଳ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଉର୍ଲେ ରାମଲୀଳା ଉତ୍ସବ ସୀତା ଠାବ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ: ସମୟ ସନ୍ଧ୍ୟା ୭ ଟା।

## ନୂଆପଡ଼ା

- ଋଷିପୀଠ ଯୋଗୀମଠ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଡିଆଳ ବ୍ଲକ ତୁକଲା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଝାରସୁଗୁଡ଼ା ଓଏସ୍‌ଏପି ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଭାବସ୍ଥ ଚନ୍ଦ୍ର ଏକାଧାରରେ ପାରିବାରିକ ଜୀବନ ଏବଂ କର୍ମକ୍ଷେତ୍ର ସକାଶେ ଶୁଭଫଳ ପ୍ରଦାନ କରିବେ। କିନ୍ତୁ ଶନିକ୍ଷେତ୍ରସ୍ଥ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ।

**ବୃଷ** ବୁଧ ସହ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ବୈଷୟିକ ଅଭିବୃଦ୍ଧି ସହ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅଟକି ରହିଥିବା ସରକାରୀ କାମରେ ସଫଳତା ପାଇବେ। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବାର ସୂଚନା ରହିଛି।

**ମିଥୁନ** ଦଶମ ଭାବସ୍ଥ ଚତୁଃଗ୍ରହ ସମନ୍ୱିତ ରାଜଯୋଗ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରାଇପାରନ୍ତି। ବୃହସ୍ପତି କ୍ଷେତ୍ର ପ୍ରଭାବରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ନିଜ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ନିକଟରେ ଅଟକି ରହିଥିବା ବକେୟା ଅର୍ଥ ଆଜି ପାଇବେ। ରବିଙ୍କ ସଂଯୋଗରୁ ନୀଚାରୋହୀ ଶନିଙ୍କ ବଳବୃଦ୍ଧି କର୍ମକ୍ଷେତ୍ରକୁ ସରସ ସୁନ୍ଦର କରାଇବ। ତଥାପି ନିଜ ଲୋକଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପତି ସପ୍ତମଭାବସ୍ଥ ହେତୁ ଆରୋଗ୍ୟଲାଭ ଓ ବାଣିଜ୍ୟିକ କାରବାରରେ ସମସ୍ୟାମୁକ୍ତ ରହିବେ। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇଲେ ମଧ୍ୟ ରାଜନୀତିରେ ବିବାଦୀୟ ସ୍ଥିତି ଦେଖାଦେଇପାରେ। ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିନେବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** ଦ୍ୱାଦଶଭାବସ୍ଥ କେତୁ ଗ୍ରହ କଠିନଶ୍ରମ ଓ ବିଶେଷ ଭ୍ରମଣ କରାଇ ଶାନ୍ତିରେ ଶୁଆଇ ଦେଇ ନ ପାରେ। ପରିବାରର ଲୋକଙ୍କ ଅସହଯୋଗରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାର କଷ୍ଟକର ହେବ। ତଥାପି ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ସପ୍ତମକେନ୍ଦ୍ରରୁ ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ କର୍ମାଧିପତି ଯୋଗୁ କର୍ମକ୍ଷେତ୍ରରେ ଟେନ୍‌ସନ ପିଛା ଛାଡିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ସାହିତ୍ୟ, ରାଜନୀତି, ସାମ୍ବାଦିକତାରୁ ଶୁଭଫଳ ପାଇବେ।

**ବିଛା** କୋଣଭାବସ୍ଥ ରାଶ୍ୟାଧିପତି ରାଜଯୋଗ ମଧ୍ୟରେ ଆର୍ଥିକ ଉନ୍ନତି ସାଙ୍ଗକୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସୁସମ୍ପର୍କରେ ଭଟ୍ଟା ପଡ଼ିପାରେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ସଙ୍ଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ** ରାଶିକୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ଯୋଗୁ ଆଜିର ଜୀବନଯାତ୍ରା ସନ୍ତୋଷଜନକ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ଏହି କାରଣରୁ ଅନ୍ୟମାନଙ୍କର ଭଲ ଧାରଣା କ୍ରମଶଃ ବଦଳି ଯାଇପାରେ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କୁ ସହଯୋଗ କରିପାରନ୍ତି।

**ମକର** ଚନ୍ଦ୍ରଙ୍କ ପ୍ରଭାବରେ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବା ସହ ପାରିବାରିକ କ୍ଷେତ୍ର ଶାନ୍ତି ପ୍ରଦାୟକ ହେବ। କିନ୍ତୁ କେତେକ କ୍ଷେତ୍ରରେ ମନ ଚାହୁଁଥିବା ପ୍ରକାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇପାରେ। ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆନୁଷ୍ଠାନିକ କାମ, ସଭାସମିତି ଏବଂ ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** କର୍ମାଧିପତିଙ୍କ ଶୁଭ ପ୍ରଭାବରୁ କୌଣସି କାମ ଅଟକିବ ନାହିଁ। ଧନିଷ୍ଠା ନକ୍ଷତ୍ର ସକାଶେ ସମସ୍ତ ସୁବିଧା ଥାଇ ମଧ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିବ। ଯାହାକୁ ଅତି ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବିଶେଷ ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ** ଧନାଧିପତିଙ୍କ ସ୍ଥିତିଜନିତ ଗୁଡ଼ାଏ ଟଙ୍କା ଖର୍ଚ୍ଚ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ ଜଟିଳ ହେବ। ଅବଶ୍ୟ ପଶ୍ଚାନ୍ତର ସଫଳତା ହାସଲ କରିବେ। ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାରେ ସମର୍ଥ ହୋଇପାରନ୍ତି ।

ଆଜି ଏପ୍ରିଲ ୧୧ ତାରିଖ, ବୈଶାଖ କୃଷ୍ଣ ନବମୀ, ଶନିବାର। ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦିବା ଘ. ୦୧/୩୮ ମି. ପରେ ଶ୍ରବଣାନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୪୧ ଗତେ ଘ.୧୦।୧୪ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଇଁ ଝଟକିଲା ବିଜୁଳି ମାରିଲା
ଦାଣ୍ଡ ଧୂଳି ନେଲା ଉଡ଼ାଇ,
ଏହି ବାଟେ ଗଲା କଥା ନ କହିଲା
ସଙ୍ଗେ ସଙ୍ଗେ ଗଲି ଗୋଡ଼ାଇ।**

ଯେଉଁଠି ସ୍ନେହ ଆଦର ତଥା ଭଲପାଇବା ରହିଥାଏ ସେଠି ରାଗରୁଷା, ମାନ ଅଭିମାନ ମଧ୍ୟ ରହିଥାଏ। କୌଣସି କଥାକୁ ନେଇ ଅଭିମାନରେ ମୁହଁ ବୁଲାଇ ଚାଲିଯାଉଥିବା ପ୍ରେମୀକୁ ମନେଇବା ନେଇ ପଛେ ପଛେ ଧାଇଁଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଟିକି ଦେଲି ମାଟି,
ଓରା ଲାଗି ଘର ପଥର ଖୁଣ୍ଟି
ବସିଛି ଗୁଣ୍ଡୁଣୀ ହାତୀ।**

ପରିବାରର ଗୁରୁଦାୟିତ୍ୱ ଗୃହିଣୀଙ୍କ ଉପରେ ନ୍ୟସ୍ତ ଥାଏ। ଯେଉଁ ଗୃହିଣୀ ଏଭଳି ଦାୟିତ୍ୱ ମୁଣ୍ଡାଇବାରେ ଅସମର୍ଥ ବା ହେଳା କରନ୍ତି, ସେମାନେ କେବେ ଆଦରଣୀୟା ହୋଇପାରି ନ ଥାନ୍ତି। କୋଠାଘରେ ରହୁଥିବା ଘରଣୀ ଖାଇପିଇ ବେଶ୍ ଆରାମରେ ବସି ଦିନ କାଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉଠାଯାଇଥିବା ପାଣିପାଗ ଚିତ୍ର।

# ମା', ଝିଅଙ୍କୁ ଦଳିଦେଲା ହାତୀ: ବର୍ତ୍ତିଗଲେ ବାପା

## ଦଣ୍ଡନାଚ ଦେଖି ରାତିରେ ଫେରୁଥିଲେ

ବନ୍ତଳା,୧୦।୪(ସୁଶିତ ସାହୁ)

ହାତୀ ଆତଯାତ ଅଞ୍ଚଳ ହୋଇଥିବାରୁ ସ୍ତ୍ରୀ ଓ ଝିଅଙ୍କୁ ଧରି ବିଳମ୍ବିତ ରାତିରେ ଘରକୁ ନ ଫେରିବାକୁ ଲୋକେ ପରାମର୍ଶ ଦେଇଥିଲେ। ହେଲେ ତାହାକୁ ଅଣଦେଖା କରି ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଘଟଣାସ୍ଥଳରେ ମା' ଓ ଝିଅଙ୍କୁ ହାତୀ ଦଳିଦେଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ ବାପା। ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ଅନ୍ତର୍ଗତ ମଧୁପୁର ଗାଁମୁଣ୍ଡ ନଳମାଳ ଆମ୍ବତୋଟାରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ମୃତକ ହେଲେ ପଙ୍କଜିନୀ ପଧାନ (୩୬), ପୁଷ୍ପା ପଧାନ (୮)। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଠାକୁରଗଡ଼ ଥାନା କନ୍ତପଡ଼ା ଗାଁର କାଶିଆ ଦେହୁରୀ ପ୍ରାୟ ୨ ବର୍ଷ ହେଲା ସ୍ତ୍ରୀ ପଙ୍କଜିନୀ ଓ ଝିଅ ପୁଷ୍ପାଙ୍କୁ ନେଇ ବନ୍ତଳା ବନାଞ୍ଚଳ ଅନ୍ତର୍ଗତ ପୋକତୁଙ୍ଗା ଗାଁର ଜଣେ ବ୍ୟକ୍ତିଙ୍କ ବଗିଚାରେ ରହୁଥିଲେ। କାଶିଆ ଓ ପଙ୍କଜିନୀ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ରାତିରେ ପାଖ ଗାଁ ମଧୁପୁରରେ ଦଣ୍ଡନାଚ ହେଉଥିବାରୁ କାଶିଆ ସ୍ତ୍ରୀ ଓ ଝିଅଙ୍କୁ ନେଇ ସେଠାକୁ ନାଚ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୨ଟା ବେଳେ କାଶିଆ ପରିବାର ସହ ପୋକତୁଙ୍ଗାସ୍ଥିତ ବଗିଚାକୁ ଫେରିବାକୁ ବାହାରିବାବେଳେ ଲୋକେ ବାରଣ କରିଥିଲେ। ହାତୀ ଭୟ ଥିବାରୁ ସକାଳ ଯାଏ ଅପେକ୍ଷା କରିବାକୁ କହିଥିଲେ। ହେଲେ କାହା କଥା ନ ମାନି କାଶିଆ ପରିବାର ସହ ଫେରୁଥିବାବେଳେ ଗାଁ ମୁଣ୍ଡ ଆମ୍ବତୋଟାଠାରେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ସେଠାରେ ପଙ୍କଜିନୀ ଓ ପୁଷ୍ପାଙ୍କୁ ହାତୀ ଦଳି ଦେଇଥିବାବେଳେ କାଶିଆ ଅଳ୍ପକେ ବର୍ତ୍ତିଯାଇଥିଲେ। କାଶିଆ ଦୌଡ଼ିଯାଇ ନାଚସ୍ଥଳରୁ ଗାଁ ଲୋକଙ୍କୁ ଡାକିବାସହ ବନବିଭାଗକୁ ଖବର ଦେଇଥିଲେ। ରେଞ୍ଜର ପ୍ରସନ୍ନ କୁମାର ସାହୁ, ଫରେଷ୍ଟର ଶ୍ରୀନିବାସ ସାହୁ ଏବଂ ୱାଚର୍, ଗଜସାଥୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ୍ତଳା ପୋଲିସ ମୃତଦେହ ଜବତ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ମଧୁପୁର ଗାଁର ମଙ୍ଗୁଲୁ ପ୍ରଧାନ, ମିନକେତନ ସେଠୀ କହିଛନ୍ତି, ବନ ବିଭାଗ କର୍ମଚାରୀଙ୍କ ଅବହେଳା ପାଇଁ ଏପରି ଘଟଣା ଘଟିଲା। ହାତୀ ଉପସ୍ଥିତି ନେଇ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉ ନାହିଁ। ରେଞ୍ଜର ପ୍ରସନ୍ନ କୁମାର କହିଛନ୍ତି, ବିଭାଗ ପକ୍ଷରୁ ସବୁବେଳେ ଲୋକଙ୍କୁ ସଚେତନ କରାଯିବା ସହ ସୂଚନା ପ୍ରଦାନ କରାଯାଉଛି। ତେବେ କ୍ଷତିଗ୍ରସ୍ତ ପରିବାରକୁ ଅଗ୍ରିମ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି।

## ଅବଶିଷ୍ଟାଂଶ

### ସକାରାତ୍ମକ ଆଲୋଚନା ...

ଜାରି ରଖିଛି। ଏହି ସିରିଜ୍ ଏୟାର ଷ୍ଟ୍ରାଇକ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧,୦୦୦ରୁ ଅଧିକ ଆହତ ହେଲେଣି। ଇରାନ୍ ଏହାକୁ ବିରୋଧ କରୁଥିବାରୁ ଇସ୍‌ଲାମାବାଦରେ ଆଲୋଚନା ସଫଳ ହେବ କି ନାହିଁ ସେନେଇ ଅନେକେ ସନ୍ଦେହ ବ୍ୟକ୍ତ କଲେଣି। ଅନ୍ୟପକ୍ଷେ ବୈଠକକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେଣୁ ମଧ୍ୟପ୍ରାଚ୍ୟର ଅନେକ ନିୟୁତ ଲୋକ ଏବଂ ବିଶ୍ୱ ଅର୍ଥନୀତିର ଭାଗ୍ୟ ଏକପ୍ରକାର ଝୁଲନ୍ତା ଅବସ୍ଥାରେ ରହିଛି।

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସ୍‌ଲାମାବାଦ ଗସ୍ତରେ ବାହାରିସାରିଛନ୍ତି। ମେରିଲାଣ୍ଡସ୍ଥିତ ଜଏଣ୍ଟ ଏୟାରବେସ୍ ଆଣ୍ଡ୍ରୁଜ୍ ଛାଡ଼ିବା ପୂର୍ବରୁ ଏୟାରଫୋର୍ସ ଟୁ'ରେ ଭାନ୍ସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆଲୋଚନା ସକାରାତ୍ମକ ହେବା ନେଇ ସେ ଆଶାବାଦୀ। ଇରାନୀୟ ପ୍ରତିନିଧି ଦଳ ସହ କ'ଣ ସବୁ ଆଲୋଚନା କରାଯିବ ସେନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତେହରାନ୍ ଆମେରିକା ସହ ଯେପରି ଖେଳିବାକୁ ଉଦ୍ୟମ ନ କରେ ସେଥିପ୍ରତି ସତର୍କ ହେବାକୁ ମଧ୍ୟ ଟ୍ରମ୍ପ ସତର୍କ କରାଇଛନ୍ତି। ଭାନ୍ସ ଆହୁରି କହିଛନ୍ତି, ଇରାନୀୟମାନେ ଉତ୍ତମ ବିଶ୍ୱାସ ନେଇ ଆଲୋଚନା କଲେ ଭଲ କଥା। ଆମେ ମଧ୍ୟ ଖୋଲାମନରେ ଆଲୋଚନା ଆଗକୁ ବଢ଼ାଇବାକୁ ପ୍ରସ୍ତୁତ। କିନ୍ତୁ ଇରାନୀୟ ଟିମ୍ ଯଦି ଆମ ସହ ଖେଳିବାକୁ ଉଦ୍ୟମ କରନ୍ତି ତେବେ ସେମାନଙ୍କ କଥା ଶୁଣାଯିବ ନାହିଁ ବୋଲି ଭାନ୍ସ ସ୍ପଷ୍ଟ କରିଛନ୍ତି। ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ଭାନ୍ସ ନେଉଥିବାବେଳେ ତାଙ୍କ ସହ ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର (ଟ୍ରମ୍ପଙ୍କ ଜ୍ୱାଇଁ) ମଧ୍ୟ ଇସ୍‌ଲାମାବାଦ ଗସ୍ତ କରୁଛନ୍ତି। ଟିମ୍ ଇରାନ୍‌ର ନେତୃତ୍ୱ ନେଉଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି। ଇରାନ୍‌ର ଶୀର୍ଷ କୂଟନୀତିଜ୍ଞ ଆରାଘଚିଙ୍କ ସହ ଉକ୍ତ ପ୍ରତିନିଧି ଦଳରେ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ ଯୋଗଦେଉଛନ୍ତି। ଆମେରିକୀୟ ଟିମ୍ ଇସ୍‌ଲାମାବାଦରେ ପହଞ୍ଚିବା ପୂର୍ବରୁ ପାକିସ୍ତାନର ନୁର୍ ଖାନ୍ ଏୟାରବେସ୍‌ରେ ଆମେରିକା ବାୟୁସେନାର ଏକ ପରିବହନ ଏୟାରକ୍ରାଫ୍ଟ 'ଚାର୍ଲେଷ୍ଟୋନ୍' ପହଞ୍ଚିଛି। ଉଭୟ ପକ୍ଷ ଶୁକ୍ରବାର ରାତି କିମ୍ବା ଶନିବାର ଭୋର ସମୟରେ ଇସ୍‌ଲାମାବାଦରେ ପହଞ୍ଚିପାରନ୍ତି ବୋଲି କୁହାଯାଉଛି। ଦୁଇ ଦେଶର ପ୍ରତିନିଧି ଶନିବାର ସକାଳେ ପ୍ରଥମ ପର୍ଯ୍ୟାୟ ଆଲୋଚନା କରିପାରନ୍ତି। ଆବଶ୍ୟକ ହେଲେ ରବିବାର ପୁଣି ଆଲୋଚନା ହୋଇପାରେ। ଇସ୍‌ଲାମାବାଦର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା ହେବ ତାହା ପାକିସ୍ତାନ ସରକାର ସ୍ପଷ୍ଟ କରିନାହାନ୍ତି। ତେବେ ରାଜଧାନୀର ହାଇ ସିକ୍ୟୁରିଟି ରେଡ୍ ଜୋନ୍‌ସ୍ଥିତ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଂଲଗ୍ନ ସେରେନା ହୋଟେଲ ଏହାର ଅତିଥିମାନଙ୍କୁ ବୁଧବାର ବାହାରିଯିବାକୁ ପରାମର୍ଶ ଦେଇଥିଲା। ତେଣୁ ସେରେନା ହୋଟେଲରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ସେପଟେ ଟ୍ରମ୍ପ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ୧୪ ଦିନିଆ ଅସ୍ତ୍ରବିରତି ଡିଲ୍ ଅନୁସାରେ ତେହରାନ୍ ତତ୍କାଳ ହର୍ମୁଜ୍ ପ୍ରଣାଳୀକୁ ଖୋଲିଦେବା କଥା, ଯାହାକି ଏଯାଏ କରିନାହିଁ। ଏହା ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି।

### ୩୧୮ ସ୍ଥାନରେ ...

ଏବଂ ଯୋଗାଯୋଗ ସୁବିଧା ଉପଲବ୍ଧ ହେବ। ସମସ୍ତ ବସ୍‌ଷ୍ଟାଣ୍ଡକୁ ସାର୍ବଜନୀନ ପରିବହନ ଭିତ୍ତିଭୂମି ଭାବରେ ନାମିତ ଏବଂ ସୂଚିତ କରାଯିବ । ସମନ୍ୱିତ ସାର୍ବଜନୀନ ସେବା ଏବଂ ସୁବିଧା ପାଇଁ ସରକାରୀ ଏବଂ ବେସରକାରୀ ବସ୍ ଅପରେଟରମାନଙ୍କ ଦ୍ୱାରା ବ୍ୟବହାର କରାଯିବ। 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ବାଣିଜ୍ୟ ଏବଂ ପରିବହନ ବିଭାଗ ଅଧୀନରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯିବ। ରାଜ୍ୟବ୍ୟାପୀ ବସ୍ ଷ୍ଟାଣ୍ଡଗୁଡ଼ିକର ନିର୍ମାଣ, ଉନ୍ନୟନ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଆସନ୍ତା ୨୦୩୧-୩୨ ବର୍ଷ ପର୍ଯ୍ୟନ୍ତ ୩,୪୦୦ କୋଟି ଟଙ୍କାର ବଜେଟକୁ ଅନୁମୋଦନ ଦିଆଯାଇଛି ବୋଲି ମୁଖ୍ୟ ସଚିବ ଗର୍ଗ କହିଛନ୍ତି।




# ‘ଅନେକ ପ୍ରକଳ୍ପ ଲାଭ ପାଇଁ କରାଯାଇ ନ ଥାଏ’

## ମେଟ୍ରୋ ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

## ମେଟ୍ରୋ ପ୍ରକଳ୍ପ ବନ୍ଦ ହୋଇନି, ସ୍ଥଗିତ ଅଛି: ମନ୍ତ୍ରୀ

ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)

ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ହେବ ନାହିଁ ବୋଲି ଗତ ଶନିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏକ ପ୍ରକାର ନିଷ୍ପତ୍ତି ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ହେଲେ ୨ ହଜାର କୋଟି ଟଙ୍କା ସରକାର କ୍ଷତି ସହିବେ ବୋଲି ଜଣେ ବରିଷ୍ଠ ମନ୍ତ୍ରୀ ପ୍ରତିକ୍ରିୟା ଦେବାପରେ ବିରୋଧୀ ଏହି ବିଷୟକୁ ନେଇ ଅଧିକ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ମେଟ୍ରୋ ପ୍ରକଳ୍ପ ବନ୍ଦ ହେବାକୁ ନେଇ ଆନ୍ଦୋଳନ ଓ ପ୍ରତିବାଦ କରାଯାଇଛି। ସବୁଆଡୁ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହି ବିଷୟକୁ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ବିଷୟରେ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସବୁ ପ୍ରକଳ୍ପ ଲାଭ ଦେଖି କରାଯାଏ ନାହିଁ। ଅପରାଜିତାଙ୍କ ଏଭଳି ମନ୍ତବ୍ୟ ମେଟ୍ରୋ ପ୍ରକଳ୍ପ ହେଲେ ରାଜ୍ୟର ୨ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ଯାହା କହିଥିଲେ ତାଙ୍କୁ ସିଧାସଳଖ ଚ୍ୟାଲେଞ୍ଜ ହୋଇଛି। ଅନ୍ୟପଟେ ରାଜସ୍ଥାନର ଜୟପୁରର ମେଟ୍ରୋ ଫେଜ୍-୨କୁ ଅନୁମୋଦନ ମିଳିବା ପରେ ଏହି କଥାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି।

ଏ ବିଷୟରେ ଅପରାଜିତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବହୁ କଥା ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ ଦେଇ କରାଯାଇଥାଏ, ଲାଭ ପାଇଁ କରାଯାଏ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି, ମେଟ୍ରୋ ରେଳ ପ୍ରକଳ୍ପ ଭୁବନେଶ୍ୱର ଏବଂ ଏହାର ପାଖାପାଖି ଅଞ୍ଚଳରେ କରାଯାଉ। ଏଥିରୁ ସମସ୍ତଙ୍କୁ ବହୁ ସୁବିଧା ମିଳିବ ବୋଲି ଜାଣି ସେ ଚିଠି ଲେଖିଥିବା କଥା ଅପରାଜିତା କହିଛନ୍ତି।

ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ସରକାରରେ ଜଣେ ମନ୍ତ୍ରୀ କହୁଛନ୍ତି ଏହି ପ୍ରକଳ୍ପ ହେଲେ ୨ ହଜାର କୋଟି ଟଙ୍କା କ୍ଷତି ହେବ, ଆଉ ଜଣେ କହୁଛନ୍ତି ହଜାରେ କୋଟି କ୍ଷତି ହେବ। ଅନେକ ପ୍ରକଳ୍ପ ଲାଭ କିମ୍ବା କ୍ଷତିକୁ ଦେଖି କରାଯାଏ ନାହିଁ। ଅନେକ ପ୍ରକଳ୍ପ ରହିଛି ଯାହା ଲୋକଙ୍କ କାମରେ ଆସିବା ଲାଗି କରାଯାଇଥାଏ। ଡବଲ ଇଞ୍ଜିନ ସରକାର ଆସି ଯଦି କିଛି ଭଲ କାମ ନ କରି ପ୍ରକଳ୍ପ ବନ୍ଦ କରିବ ତେବେ ଏଥିରେ ଓଡ଼ିଆ ଅସ୍ମିତା କେମିତି ରକ୍ଷା ହେବ। ୨୦୩୬ର ସ୍ୱପ୍ନ ଯେଉଁ ସରକାର ଦେଖୁଛନ୍ତି ସେମାନେ ଯଦି ମେଟ୍ରୋ ପ୍ରକଳ୍ପ ବନ୍ଦ କରୁଛନ୍ତି ତା’ହେଲେ ସେମାନଙ୍କ ଲକ୍ଷ୍ୟ କିପରି ଅଛି ତାହା ବୁଝିହେଉଛି ବୋଲି ସେ କହିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ମେଟ୍ରୋ ପ୍ରକଳ୍ପ ବନ୍ଦ ହୋଇନାହିଁ ବରଂ ସାମୟିକ ଭାବେ ସ୍ଥଗିତ ଅଛି। ଭୁବନେଶ୍ୱରରେ ମେଟ୍ରୋ କର୍ପୋରେଶନ ଅଫିସ୍ ମଧ୍ୟ ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ କେଉଁଠି ମଧ୍ୟ ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା କଥା କହିନାହାନ୍ତି। ପ୍ରକଳ୍ପ କିପରି ହେବ ତାକୁ ନେଇ ଚିନ୍ତା କରାଯାଉଛି। ଗତ ସରକାର ଗ୍ରାଉଣ୍ଡ ସ୍ଥିତି ନ ପରଖି ପ୍ରକଳ୍ପ ଘୋଷଣା କରିଦେଇଥିଲା। ଏମିତିକି କେନ୍ଦ୍ର ସରକାରଙ୍କ ସହାୟତା ନିଆଯାଇ ନ ଥିଲା। ଏବେ ଯାହା ହେବ କେନ୍ଦ୍ରର ସହାୟତା ଏବଂ ସହଯୋଗରେ ହେବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

# ବଢ଼ିଲା ତାତି, ଆଜିଠୁ ୬ ଦିନ ଅସହ୍ୟ ସ୍ଥିତି

ଭୁବନେଶ୍ୱର,୧୦।୪(ବନ୍ଦନା ସେଠୀ)

ରାଜ୍ୟରେ ପୁଣି ପାରଦ ଉପରମୁହାଁ ହୋଇଛି। ଝଡ଼ବର୍ଷା କମିଯିବା ପରେ ଗରମ ଓ ଗୁଳୁଗୁଳି ଆରମ୍ଭ ହୋଇଛି। ଗୁରୁବାର ରାଜ୍ୟର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୩୮.୯ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୩୯ ଡିଗ୍ରୀ ଛୁଇଁଛି। ସେହିଭଳି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି। ତେବେ ଶନିବାରଠାରୁ ୬ ଦିନ ଅର୍ଥାତ୍ ୧୬ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରେ ସିଝିବ ଓଡ଼ିଶା। ଏହି ସମୟ ଭିତରେ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଶନିବାରଠାରୁ ଗୁରୁବାର ପର୍ଯ୍ୟନ୍ତ ୧୧ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଖରା ସହିତ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୧୩ ଓ ୧୪ ତାରିଖରେ ବରଗଡ଼, ସମ୍ବଲପୁର ଏବଂ ବଲାଙ୍ଗୀର ଜିଲାକୁ ପ୍ରବଳରୁ ଅତି ପ୍ରବଳ ଖରା ହେବା ସହିତ ଗରମ ଗୁଳୁଗୁଳି ପାଇଁ ସତର୍କ କରାଯାଇଛି। ରାଜ୍ୟରେ ଏବେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହିତ ଗ୍ରୀଷ୍ମ ଲହରୀ ଜାରି ରହିବ। ତେଣୁ ଏହି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ନ ଥିଲେ ଘରେ ରହିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନେବା ଜରୁରୀ ବୋଲି କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ ଘଣ୍ଟାରେ ୧୩ଟି ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରେକର୍ଡ ହୋଇଛି। ୩୯ ଡିଗ୍ରୀ ତାପମାତ୍ରା ସହିତ ବୌଦ୍ଧ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ନୂଆପଡ଼ା ଏବଂ ହୀରାକୁଦରେ ୩୮ ଡିଗ୍ରୀ, ସମ୍ବଲପୁର ୩୭.୮, ପାରଳାଖେମୁଣ୍ଡି ୩୭.୬, ଭବାନୀପାଟଣା ୩୭.୫, ଝାରସୁଗୁଡା ୩୭.୪, ତାଳଚେର ୩୬.୫, ବଲାଙ୍ଗୀର ୩୬.୪, ସୋନପୁର ୩୬.୩, ମାଲକାନଗିରି ଓ ବରଗଡ଼ରେ ୩୬.୨ ଡିଗ୍ରୀ ଏବଂ ନବରଙ୍ଗପୁରରେ ତାପମାତ୍ରା ୩୬ ଡିଗ୍ରୀ ଛୁଇଁଥିଲା।

# ସିଜିମାଳି: ସମସ୍ତେ ନୀରବ

ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ସିଜିମାଳି ବକ୍ସାଇଟ୍ ଖଣିକୁ ୨୦୨୩ ଫେବୃଆରୀ ୨୧ରେ ବେଦାନ୍ତ ଲିଜ୍ ନେଇଥିଲା। ସେବେଠାରୁ ଏହାକୁ ସ୍ଥାନୀୟ ଆଦିବାସୀ ଲୋକମାନେ ବିରୋଧ କରିଆସୁଛନ୍ତି। ମାତ୍ର ଏହି ବିରୋଧକୁ ବେଦାନ୍ତ କମ୍ପାନୀ ଖାତିର ନ କରି ଜିଲା ପ୍ରଶାସନ ଏବଂ ପୋଲିସ ସହାୟତାରେ ସେଠାରେ ଜୋର୍ ଜବରଦସ୍ତ ରାସ୍ତା ନିର୍ମାଣ କରିବା ପାଇଁ ଚେଷ୍ଟା ଚଳାଇଛି। ଏହି ଘଟଣାକୁ ନେଇ ଗତ ମଙ୍ଗଳବାର ସେଠାରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଏହି ବିଷୟରେ ଯେଭଳି ଢଙ୍ଗରେ ବିରୋଧ କରାଯିବା କଥା ତାହା କରାଯାଉନାହିଁ। ସମସ୍ତେ ଏହି ଘଟଣାରେ ମୁହଁରେ ତୁଣ୍ଡି ବାନ୍ଧି ଦେଇଥିବା ଭଳି ଲକ୍ଷ୍ୟ କରାଯାଉଛି।

ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ପକ୍ଷରୁ ଏହି କଥାକୁ ନେଇ ରାଜ୍ୟସ୍ତରର କୌଣସି ନେତା ମୁହଁ ଖୋଲୁନାହାନ୍ତି। ବିଭିନ୍ନ ପ୍ରସଙ୍ଗରେ ଏକାଧିକ ଥର ଖବରଦାତା ସମ୍ମିଳନୀ କରୁଥିବା ବିଜେଡି ନେତାମାନେ ସିଜିମାଳିରେ ଆଦିବାସୀଙ୍କ ଉପରେ ଆକ୍ରମଣ ବିଷୟରେ ଯେମିତି କିଛି ଜାଣିନାହାନ୍ତି ସେମିତି ଅଛନ୍ତି। ମିଳିଥିବା ଖବର ଅନୁଯାୟୀ, ବିଜେଡିର କେତେଜଣ ଆଗଧାଡ଼ିର ନେତା ସିଜିମାଳି ଗସ୍ତକରି ଆଦିବାସୀମାନଙ୍କ ଉପରେ କରାଯାଉଥିବା ଆକ୍ରମଣ ଘଟଣାକୁ ବିରୋଧ କରିବା ଲାଗି ଦଳର ସଭାପତିଙ୍କଠାରୁ ଅନୁମତି ଲୋଡ଼ିଥିଲେ। ମାତ୍ର ଦଳ ପକ୍ଷରୁ କୌଣସି ପ୍ରକାର ଅନୁମତି ନ ମିଳିବା ପରେ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକାକୀ ସିଜିମାଳି ଗସ୍ତକରି ଆଦିବାସୀମାନଙ୍କ ମେଳିରେ ସାମିଲ ହୋଇଥିଲେ। ଏଥିଯୋଗୁ ନବୀନ ନିବାସରେ ଚିନ୍ତା ଘାରିଲା। ଜିଲାସ୍ତରକୁ ନିର୍ଦ୍ଦେଶ ଦିଆଗଲା ସ୍ଥାନୀୟ କେତେଜଣ ନେତା ପ୍ରଭାବିତ ଅଞ୍ଚଳ ଗସ୍ତ କରନ୍ତୁ। ସେମାନଙ୍କୁ କୁହାଗଲା, ସାଧାରଣରେ ବାର୍ତ୍ତା ଦେବାକୁ ଯେ ବିଜେଡି କୌଣସି ଭାବେ ବେଦାନ୍ତକୁ ସମର୍ଥନ କରୁନାହିଁ। ବିଜେଡି ସଭାପତି ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ଅନେକ କଥାରେ ସକ୍ରିୟ ଥିଲେ ସୁଦ୍ଧା ଏହି ଘଟଣାକୁ ନେଇ କିଛି ଲେଖିବାକୁ ଇଚ୍ଛା କରିନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସିଜିମାଳି ବକ୍ସାଇଟ୍ ଖଣିକୁ ୨୦୨୩ ଫେବୃଆରୀ ୨୧ରେ ବେଦାନ୍ତ ଲିଜ୍ ନେବା ସମୟରେ ବିଜେଡି ରାଜ୍ୟରେ ସରକାରରେ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା କମ୍ପାନୀର ଉତ୍କଳ ଆଲୁମିନା ଏହି ଅଞ୍ଚଳରେ ବକ୍ସାଇଟ୍ ଖନନ କରୁଛି। ସେହି କମ୍ପାନୀ ମଧ୍ୟ ଜନବିରୋଧୀ କାର୍ଯ୍ୟ କରୁଥିବା ହେତୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନେକ ବିରୋଧର ସମ୍ମୁଖୀନ ହୋଇଆସିଛି।

କୋରାପୁଟ ଏବଂ ରାୟଗଡ଼ା ଜିଲାରେ ସବୁବେଳେ କଂଗ୍ରେସ ପ୍ରତି ଜନସମର୍ଥନ ଭଲ ରହିଆସିଛି। ଲଗାତର ୨୦୧୯ରୁ କୋରାପୁଟ ଲୋକ ସଭା ଆସନ କଂଗ୍ରେସ ଦଖଲରେ ରହିଛି। ଅର୍ଥାତ୍ ଓଡ଼ିଶାର ୨୧ ଲୋକ ସଭା ଆସନରୁ କଂଗ୍ରେସ ଏହି ଜିଲାରୁ ଏକମାତ୍ର ଏମ୍‌ପି ପାଇପାରିଛି। ରାୟଗଡ଼ାରେ ମଧ୍ୟ କଂଗ୍ରେସର ସ୍ଥିତି ଅନ୍ୟ ଜିଲାଗୁଡ଼ିକ ତୁଳନାରେ ଭଲ। ହେଲେ ସେଠାକାର ଏତେବଡ଼ ଏକ ଘଟଣାରେ କଂଗ୍ରେସ ରାଜ୍ୟସ୍ତରରେ କିଛି ପାଟି ଖୋଲୁନାହିଁ। କେବଳ ଏକ ଟିମ୍ ଗଠନ କରିଦେଇ ଦଳ ସେଠାର ରିପୋର୍ଟ ଦେବାକୁ କହିଛି। ମାତ୍ର ଯେଉଁ କମିଟି ଗଠନ ସମ୍ପର୍କିତ ବିଜ୍ଞପ୍ତି କଂଗ୍ରେସ ଜାରି କରିଛି ସେଥିରେ କୌଣସି ସ୍ଥାନରେ ବେଦାନ୍ତ ପକ୍ଷରୁ ଖଣି ଲିଜ୍ ପାଇଁ ଏମିତି ଘଟୁଛି ତା’ର ରିପୋର୍ଟ ଦିଅ ବୋଲି କୁହାଯାଇନାହିଁ। କେବଳ ଧର୍ମକୁ ଆଖିଠାର ଭଳି ଏକ ଚିଠି କଂଗ୍ରେସ କରି କେତେଜଣ ନେତାଙ୍କୁ ପଠାଇଦେଇଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ୨ ବିରୋଧୀ ଦଳର ନୀରବତା ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

# ଯମୁନାରେ ବୋଟ୍ ଓଲଟି ୧୦ ମୃତ, ବହୁ ନିଖୋଜ

ମଥୁରା,୧୦।୪ (ପି.ଟି.)

ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ଏକ ବୋଟ୍ ଶୁକ୍ରବାର ଅପରାହ୍ଣରେ ବୃନ୍ଦାବନର ଯମୁନା ନଦୀରେ ଓଲଟିପଡ଼ିବାରୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ଅଛନ୍ତି। ପଞ୍ଜାବର ୨୫ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ନେଇ ବୋଟ୍‌ଟି ଯାଉଥିବାବେଳେ କେସି ଘାଟ ନିକଟରେ ଏକ ଭାସମାନ ପୋଲକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ୧୬/୧୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ନିଖୋଜମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶାସନ ବଳ (ଏସ୍‌ଡିଆର୍‌ଏଫ୍) କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଜଣ ସ୍ଥାନୀୟ ବୁଡ଼ାଳି ସାମିଲ ହୋଇଛନ୍ତି।

କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଜଳସ୍ତର ବଢ଼ିବାରୁ ନିକଟରେ ଉକ୍ତ ଅଞ୍ଚଳରେ ଭସା ପୋଲକୁ ଭାଙ୍ଗିଦିଆଯାଇଥିଲା। ପୋଲର କେତେକ ଡ୍ରମ୍ ପାଣିରେ ଭାସୁଥିଲା। ଜୋର୍‌ରେ ପବନ ବହିବାରୁ ନଦୀ ମଝିରେ ବୋଟ୍‌ଟି ଦୋହଲିବା ସହ ଅଧିକ ବେଗରେ ଗତିକରି ଗୋଟିଏ ଡ୍ରମ୍ ସହ ଧକ୍କା ଖାଇଥିବା ବିଶ୍ୱାସ କରାଯାଉଛି। ମୃତକଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୪ ମହିଳା ଥିବା ବୃନ୍ଦାବନ ଯୁଗ୍ମ ହସ୍ପିଟାଲର ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ପଞ୍ଜାବର ଲୁଧିଆନା ଏବଂ ମୁକ୍ତସରରୁ ପ୍ରାୟ ୧୫୦ ଜଣ ପର୍ଯ୍ୟଟକ ବୃନ୍ଦାବନ ଭ୍ରମଣରେ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଉକ୍ତ ବୋଟ୍‌ରେ ଯାତ୍ରା କରୁଥିଲେ ବୋଲି ଜଣାପଡ଼ିଛି।

# ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ବ୍ୟବସ୍ଥା ୩୦ ସୁଦ୍ଧା ସରିବ

ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)

- ଖୁବ୍‌ଶୀଘ୍ର ଏସ୍‌ଆଇଆର୍, ୨୦୨୬ ଭୋଟର ତାଲିକା ଆଧାରରେ ନିର୍ବାଚନ
- ସବୁ ଜିଲାପାଳଙ୍କୁ ସଂରକ୍ଷଣ ନେଇ ପଞ୍ଚାୟତିରାଜ ବିଭାଗର ଚିଠି
- ୨୦୨୭ରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା

ରାଜ୍ୟରେ ଯଥା ସମୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇପାରେ। ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଶୁକ୍ରବାର ଦେଇଥିବା ମନ୍ତବ୍ୟ ଏବଂ ଗତ ୬ ତାରିଖରେ ସବୁ ଜିଲାପାଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ଯାଇଥିବା ଚିଠିରୁ ଏହା ଜଣାପଡ଼ିଛି। ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି, ୨୦୨୬ ଭୋଟର ତାଲିକା ଆଧାରରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। କିଛିଦିନ ମଧ୍ୟରେ ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ ହେବ। ଏହା ଶେଷ ହେବା ପରେ ନୂଆ ଭୋଟର ଲିଷ୍ଟ ପ୍ରକାଶ ପାଇବ। ଆସନ ସଂରକ୍ଷଣ ଏବଂ ସୀମା ପୁନଃ ନିର୍ଦ୍ଧାରଣ ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି। ସଂରକ୍ଷଣ ପ୍ରକ୍ରିୟା ରାଜ୍ୟରେ ଆରମ୍ଭ ହୋଇଗଲାଣି। ତେଣୁ ଆଉ ସୀମା ନିର୍ଦ୍ଧାରଣ ହେବନାହିଁ। ସଂରକ୍ଷଣ ଦାୟିତ୍ୱ ସରିବା ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ବୋଲି ସେ କହିଛନ୍ତି।

ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ସଂରକ୍ଷଣ ନେଇ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ପଞ୍ଚାୟତ ନିର୍ବାଚନ ରାଜ୍ୟରେ ୨୦୨୭ରେ ହେବାର ସମ୍ଭାବନା ରହିଛି। ସେହି କ୍ରମରେ ବିଭିନ୍ନ ପଞ୍ଚାୟତିରାଜ ପୋଷ୍ଟ ଯେପରିକି ୱାର୍ଡମେମ୍ବର, ସରପଞ୍ଚ ଏବଂ ସମିତି ସଭ୍ୟ ପଦ ଲାଗି ସଂରକ୍ଷଣ କାର୍ଯ୍ୟ ବ୍ୟବସ୍ଥା ଭିତରେ ଶେଷ କରିବା ଦରକାର। ଚଳିତ ମାସ ୩୦ ସୁଦ୍ଧା ସଂରକ୍ଷଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ପରିଷଦଗୁଡ଼ିକର ଆସନ ସଂରକ୍ଷଣ ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ଶେଷ କରିବାକୁ ମଧ୍ୟ କୁହାଯାଇଛି।

ୱାର୍ଡମେମ୍ବର, ସରପଞ୍ଚ ଏବଂ ସମିତି ସଭ୍ୟମାନଙ୍କ ଆସନ ସଂରକ୍ଷଣ ନେଇ ଗତ ୭ ତାରିଖରେ ଡ୍ରାଫ୍ଟ ପବ୍ଲିକେଶନ ପ୍ରକାଶ ପାଇଛି। ଆସନ୍ତା ୧୭ରେ ବିଭିନ୍ନ ଅଭିଯୋଗ ଗ୍ରହଣ ସହ ୨୪ ତାରିଖ ସୁଦ୍ଧା ତାହାର ସମାଧାନ କରାଯିବ। ଆସନ୍ତା ୨୯ରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଚୂଡ଼ାନ୍ତ ରିପୋର୍ଟ ପହଞ୍ଚିବ। ସମାନଭାବେ ଜିଲା ପରିଷଦ ସଦସ୍ୟଙ୍କ ଚୂଡ଼ାନ୍ତ ତାଲିକା ଆସନ୍ତା ୩୦ ସୁଦ୍ଧା ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ ପଦ ଲାଗି ହେବାକୁ ଥିବା ସଂରକ୍ଷଣର ମାର୍ଗଦର୍ଶିକା ମଧ୍ୟ ଜିଲାପାଳମାନଙ୍କୁ ପଠାଯାଇଛି। ରାଜ୍ୟର ଏସ୍‌ସି, ଏସ୍‌ଟି ଏବଂ ପଛୁଆ ବର୍ଗଙ୍କ ଲାଗି ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ପଛୁଆ ବର୍ଗଙ୍କ ଲାଗି ସବୁ ଆସନର ୨୭ ପ୍ରତିଶତ ସଂରକ୍ଷଣ ରହିବ। ଏହି କ୍ରମରେ ସଂରକ୍ଷଣ ବ୍ୟବସ୍ଥାକୁ ତୁରନ୍ତ ଶେଷ କରିବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି।












# ଛାତରୁ ଖସି ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର,୧୦।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଟାଉନ ଥାନା ଅଧୀନ ସହଦେବଖୁଣ୍ଟା ଗୋଷାଳପଦା ଅଞ୍ଚଳର ଦେବାଶିଷ ଜେନା (୩୨) ଶୁକ୍ରବାର ଛାତରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ସେ ନିଜ ଘର ଛାତ ସଫା କରୁଥିଲା ବେଳେ ହଠାତ୍ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା।

"ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ଅଧିକାରୀ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଧ୍ୟପ୍ରଦେଶରେ ଅନୁମୋଦିତ ସଂଖ୍ୟା ତୁଳନାରେ ୧୫୦ରୁ ଅଧିକ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଏହା ଏକ ସାମାନ୍ୟ ବ୍ୟବଧାନ ନୁହେଁ ବରଂ ଏକ ବ୍ୟବସ୍ଥାଗତ ଅଭାବକୁ ଇଙ୍ଗିତ କରୁଛି। ଫଳସ୍ୱରୂପ ଜଣେ ବାବୁ ଅନେକ ଦାୟିତ୍ୱରେ କାର୍ଯ୍ୟ କରୁଛନ୍ତି, ଫାଇଲଗୁଡ଼ିକ ଗଦା ହୋଇ ରହୁଛି ଏବଂ ନିଷ୍ପତ୍ତି ନେବାରେ ମନ୍ଥରତା ପ୍ରକାଶ ପାଉଛି। କେବଳ ମଧ୍ୟପ୍ରଦେଶରେ ନୁହେଁ, ଉତ୍ତରପ୍ରଦେଶରେ ମଧ୍ୟ ଆଇଏଏସ୍ ଅଧିକାରୀଙ୍କ ଅଧିକ ଅଭାବ ରହିଛି। ଯେତେବେଳେ ଅଧିକାରୀଙ୍କ ସଂଖ୍ୟା ସୀମିତ ରହେ ସେଠାରେ ଖାଲି ରହୁଥିବା ପ୍ରତ୍ୟେକ ପଦବୀର ନକାରାତ୍ମକ ପ୍ରଭାବ ରହିଥାଏ। କେବଳ ରାଜ୍ୟ ନୁହେଁ, କେନ୍ଦ୍ରରେ ପ୍ରାୟ ୧,୩୦୦ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଏହି ଅଭାବ ଅନୁମୋଦିତ ସଂଖ୍ୟାର ୨୦%। ଏହା ଏକ ଛୋଟ ସମସ୍ୟା ନୁହେଁ, କାରଣ ଏବେ ବି କଲ୍ୟାଣକାରୀ ଯୋଜନାଠାରୁ ଆରମ୍ଭକରି ସଙ୍କଟ ପରିଚାଳନା ପର୍ଯ୍ୟନ୍ତ ସବୁକିଛି ସାଧାରଣ ପ୍ରଶାସନିକ ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳ। ଚିନ୍ତାର ବିଷୟ ହେଉଛି, ଏହି ଅଭାବ ସ୍ୱାଭାବିକ ହୋଇଯାଇଛି। ଅଧିକାରୀଙ୍କ ସଂଖ୍ୟା କମ୍ କରି, ତଦନ୍ତକୁ ଦୁର୍ବଳ କରି ଏବଂ ପଦକ୍ଷେପର ସୀମାକୁ ହ୍ରାସ କରି ବ୍ୟବସ୍ଥା ସବୁଠାରୁ ଖରାପ ଉପାୟରେ ଚାଲିଛି। ଯେତେବେଳେ ଜଣେ ବାବୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ରହୁନାହିଁ । ସମଗ୍ର ସଂସ୍କାର, ଡିଜିଟାଇଜେଶନ, ଡ୍ୟାସ୍‌ବୋର୍ଡ ଏବଂ 'ଶାସନର ସହଜତା' ବିଷୟରେ ଆଲୋଚନା କରୁଥିଲେ ମଧ୍ୟ ତାହାସବୁ ମାନବ କ୍ଷମତାର ମୌଳିକ ଅଭାବ ପୂରଣ କରିପାରିବ ନାହିଁ। ବର୍ତ୍ତମାନ ଭାରତର ପ୍ରଶାସନିକ ପ୍ରକ୍ରିୟାର କମ୍ କ୍ଷମତା ସହ ଅଧିକ କାର୍ଯ୍ୟଭାର ରହିଛି। କ୍ୟାଡର ଶକ୍ତି, ନିଯୁକ୍ତି ଓ ନିୟୋଜନକୁ ନୀତିଗତ ସମସ୍ୟା ଭାବରେ ବିଚାର କରା ନ ଗଲେ ଏହି ବ୍ୟବଧାନ ରହିବ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକ କେବଳ ଶାସନ ବଞ୍ଚାଇବା ଲାଗି କାର୍ଯ୍ୟ କରିବା ଜାରି ରଖିବେ।

### ଏମ୍ଇଏର ବାଧା

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଭାରତୀୟ ସୂଚନା ସେବା (ଆଇଆଇଏସ୍) ଅଧିକାରୀଙ୍କୁ ବିଦେଶରେ ନିଯୁକ୍ତ କରାଯିବା ପ୍ରୟାସ ଭୁଲ୍ ନୁହେଁ। ବାସ୍ତବରେ ଏହା ବହୁ ବିଳମ୍ବରେ ହୋଇଛି। ଆଧୁନିକ କୂଟନୀତି କେବଳ ରୁଦ୍ଧଦ୍ୱାର ଆଲୋଚନା ବିଷୟରେ ନୁହେଁ ବରଂ ବ୍ୟାଖ୍ୟାନ, ନୀତି ପରିଚାଳନା ଏବଂ ଗଣମାଧ୍ୟମ ଯୋଗଦାନ ବିଷୟର ଗୁରୁତ୍ୱ ବହନ କରେ। ୪୦ଟି ଦୂତାବାସରେ ଆଇଆଇଏସ୍ ଅଧିକାରୀଙ୍କୁ ନିୟୋଜିତ କରିବାର ମୂଳ ଯୋଜନା ବାଧାର ସମ୍ମୁଖୀନ ହେଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ) ବ୍ୟବସ୍ଥାଗତ ତ୍ରୁଟି, ଭାଷା ବିଶେଷଜ୍ଞତାର ଅଭାବ ଭଳି ସମସ୍ୟାକୁ ଦର୍ଶାଇ ପଛଘୁଞ୍ଚା ଦେଲା। ପରିଣାମ ସ୍ୱରୂପ ପ୍ରସ୍ତାବିତ ନିଯୁକ୍ତି ହ୍ରାସ କରାଯାଇ ଏବେ କେବଳ ୧୦ ଜଣ ଅଧିକାରୀ ବିଦେଶରେ କେତୋଟି ପ୍ରମୁଖ ରାଜଧାନୀରେ ସଞ୍ଚାଳକ ଭାବରେ ଅବସ୍ଥାପିତ ହୋଇଛନ୍ତି। ପ୍ରକୃତ ସମସ୍ୟା ସଂଖ୍ୟା ନୁହେଁ ବରଂ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ରହିଛି। ବିଦେଶରେ ଭାରତ ପାଇଁ କିଏ କହୁଛି ? ରାଷ୍ଟ୍ରନୀତିରେ ତାଲିମପ୍ରାପ୍ତ କୂଟନୀତିଜ୍ଞ ନା ବାର୍ତ୍ତା ବିତରଣରେ ତାଲିମପ୍ରାପ୍ତ ସଞ୍ଚାର ଅଧିକାରୀ। ଏମ୍ଇଏର ବାଧା ଅମୂଳକ ନୁହେଁ। ବିଦେଶର ଦୂତାବାସଗୁଡ଼ିକ ପିଆର୍ ଆଉଟପୋଷ୍ଟ ନୁହେଁ, ସେସବୁ ହେଉଛି ସାର୍ବଭୌମ ନୀତି ବିସ୍ତାରର କେନ୍ଦ୍ର। ଏହି ପ୍ରଭେଦ ଅସ୍ପଷ୍ଟ ରହୁଥିବାରୁ ଦେଶ ଏବଂ ବିଦେଶରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଆଇଆଇଏସ୍ ଅଧିକାରୀଙ୍କର ଯୋଗାଯୋଗ କ୍ଷେତ୍ରରେ ବିଶେଷ ଜ୍ଞାନ ରହିଛି, ହେଲେ କୂଟନୀତିରେ ଦକ୍ଷ ନୁହନ୍ତି। କୂଟନୀତିଜ୍ଞଙ୍କଠାରୁ ଗଣମାଧ୍ୟମ ରଣନୀତିଜ୍ଞ ଭାବରେ ଅଧିକ ଆଶା କରାଯାଉଥିବାରୁ ବିଶ୍ୱ ସ୍ତରରେ ଭାରତର ବାର୍ତ୍ତା ଠିକ୍ ଭାବେ ପହଞ୍ଚାଯାଇ ପାରୁନାହିଁ। ପ୍ରକୃତରେ ଏକ ଆବଶ୍ୟକ ସଂସ୍କାର ଏବଂ ଏକ ଅମଲାତାନ୍ତ୍ରିକ ଅଚଳାବସ୍ଥା ମଧ୍ୟରେ ଆମେ ଅଟକି ଯାଇଛୁ।

### ବଦଳିରେ ଆଗୁଆ

ହରିୟାଣାର ବଦଳିରେ ଭଲ ରେକର୍ଡ ଅଛି। ପ୍ରଦୀପ କାସନିଙ୍କ କଥା ଦେଖାଯାଉ। ଏହି ବାବୁ ଜଣକ ତିନି ଦଶନ୍ଧି ଧରି ତାଙ୍କ କ୍ୟାରିୟରରେ ୭୦ରୁ ଅଧିକ ଥର ସ୍ଥାନାନ୍ତର ହୋଇଥିଲେ। ଗୋଟିଏ ସମୟରେ ତାଙ୍କୁ ଏପରି ଏକ ବିଭାଗକୁ ପଠାଯାଇଥିଲା, ଯାହାର କୌଣସି ଅସ୍ତିତ୍ୱ ନ ଥିଲା, କର୍ମଚାରୀ ନ ଥିଲେ, ଫାଇଲ ପଡ଼ିରହୁଥିଲା ଏପରିକି ମାସ ମାସ ଧରି ଦରମା ମିଳୁ ନ ଥିଲା। କେବଳ କାସନିଙ୍କ ମାମଲା ନୁହେଁ ଅଶୋକ ଖେମ୍‌କାଙ୍କୁ ମଧ୍ୟ ୬୦ରୁ ଅଧିକ ଥର ବଦଳି କରାଯାଇଛି। ତା'ପରେ ଅଛନ୍ତି ସଞ୍ଜୀବ ଚତୁର୍ବେଦୀ, ଯିଏ ହରିୟାଣାରେ କାର୍ଯ୍ୟ କରି ଦୁର୍ନୀତି ସାମ୍ନାକୁ ଆଣିଥିଲେ ଏବଂ ତାଙ୍କୁ ବହୁବାର ବଦଳି କରାଯାଇଥିଲା। ଏହା କେବଳ ବ୍ୟକ୍ତିଗତ ଭାବେ ଅଧିକାରୀଙ୍କ ପାଇଁ କଠିନ ସ୍ଥିତି କିମ୍ବା ଦୁର୍ଭାଗ୍ୟର ବିଷୟ ନୁହେଁ। ଏହା ସବୁ ସରକାରରେ ପୁନରାବୃତ୍ତି ହୋଇ ପଦ୍ଧତିଗତ ହୋଇଯାଇଛି। ରାଜନୈତିକ କ୍ଷେତ୍ରରେ ବାରମ୍ବାର ବଦଳି ଯୋଗୁ ଶାସନକୁ କ୍ଷତି ସହିବାକୁ ପଡୁଛି। ସଂସ୍ଥାଗତ ବିଶ୍ୱାସ ତୁଟିଯାଉଛି। ନ୍ୟାୟଗତ ଭାବେ କେତେକ ସମୟରେ ବଦଳି ଦରକାର। ହେଲେ ପ୍ରତ୍ୟେକ ପଦକ୍ଷେପ ଦଣ୍ଡମୂଳକ ହେବା ଉଚିତ ନୁହେଁ। କିନ୍ତୁ ଯେତେବେଳେ ବ୍ୟତିକ୍ରମ ହେଉଛି ସେତେବେଳେ ବିଶ୍ୱସନୀୟତା ପ୍ରଭାବିତ ହେବା ସ୍ୱାଭାବିକ। ସ୍ୱଳ୍ପକାଳ ନିଯୁକ୍ତିରେ ଦୀର୍ଘକାଳୀନ ନୀତିଗତ ନିଷ୍ପତ୍ତି ନିଆଯାଇପାରିବ ନାହିଁ। କାସନିଙ୍କ ରେକର୍ଡ ଏକ ସତର୍କତାମୂଳକ କାହାଣୀ। ଯେଉଁ ବ୍ୟବସ୍ଥା ଏହାର ଅଧିକାରୀଙ୍କୁ ଅଯୋଗ୍ୟ ଭାବି ବ୍ୟବହାର କରେ, ସେତେବେଳେ ଏହା ଏକ ଅସହଜ ସମ୍ଭାବନା ସୃଷ୍ଟି କରେ। ସମସ୍ୟା ଅଧିକାରୀଙ୍କର ନୁହେଁ, ହୁଏତ ଏହା ସେହି ବ୍ୟବସ୍ଥା କିମ୍ବା ପରିବେଶର, ଯେଉଁଥିରେ ସେମାନେ ବଞ୍ଚିବାକୁ ସଂଗ୍ରାମ କରୁଛନ୍ତି।

Email: dilipcherian@gmail.com

# ମହାତ୍ମା ଜ୍ୟୋତିରାଓ ଫୁଲେ: ଭାରତର ମାର୍ଗଦର୍ଶନ କରୁଥିବା ଏକ ଆଲୋକବର୍ତ୍ତିକା

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ୧୧ ଏପ୍ରିଲ। ଆମ ସମସ୍ତଙ୍କ ପାଇଁ ଅତି ସ୍ୱତନ୍ତ୍ର ଦିନ। ଆଜି ହେଉଛି ଭାରତର ମହାନ୍ ସମାଜ ସଂସ୍କାରକ ତଥା ଅନେକ ପିଢ଼ି ପାଇଁ ମାର୍ଗଦର୍ଶକ ପାଲଟିଥିବା ପ୍ରେରଣା ପୁରୁଷ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜନ୍ମବାର୍ଷିକୀ। ଚଳିତ ବର୍ଷ ଏହି ଅବସର ଆହୁରି ଅଧିକ ଗୁରୁତ୍ୱ ବହନ କରେ, କାରଣ ଏଥର ତାଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନର ଶୁଭାରମ୍ଭ ହେଉଛି।

ମହାତ୍ମା ଫୁଲେ ଜଣେ ମହାନ୍ ସଂସ୍କାରକ ଥିଲେ। ଏହା ସହିତ ତାଙ୍କର ଜୀବନ ନୈତିକ ସାହସ, ନିରନ୍ତର ଅନୁସନ୍ଧାନ ଏବଂ ସାମାଜିକ ମଙ୍ଗଳ ପାଇଁ ସମର୍ପିତ ଥିଲା। ମହାତ୍ମା ଫୁଲେ ଅନେକ ଅନୁଷ୍ଠାନ ଗଢ଼ି ଏବଂ ଏକାଧିକ ଆନ୍ଦୋଳନର ନେତୃତ୍ୱ ନେଇ ଚିରସ୍ମରଣୀୟ। ସେହିପରି ଆମ ସଭ୍ୟତାଗତ ଯାତ୍ରାରେ ସେ ବହୁମୂଲ୍ୟ ଯୋଗଦାନ ଦେଇଯାଇଛନ୍ତି। ସେ ଅନେକଙ୍କ ଜୀବନରେ ଅସୁମାରି ଆଶା ଜାଗ୍ରତ କରିଛନ୍ତି, ଅନେକଙ୍କୁ ଆତ୍ମବିଶ୍ୱାସ ଦେଇଛନ୍ତି ଏବଂ ତାଙ୍କର ବିଚାର ଦେଶବ୍ୟାପୀ କୋଟି କୋଟି ଲୋକଙ୍କୁ ସାମର୍ଥ୍ୟ ଓ ପ୍ରେରଣା ଦେଇଚାଲିଛି।

୧୮୨୭ ମସିହାରେ ମହାନ୍ ରାଜ୍ୟ ମହାରାଷ୍ଟ୍ରରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜୀବନ ଅତି ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ ହୋଇଥିଲା। କିନ୍ତୁ ଜୀବନର ପ୍ରାରମ୍ଭିକ ଅବସ୍ଥାରେ ସେ ସାମ୍ନା କରିଥିବା କଷ୍ଟ କେବେ ବି ତାଙ୍କର ଶିକ୍ଷା, ସାହସ କିମ୍ବା ସମାଜ ପ୍ରତି ତାଙ୍କର ସମର୍ପଣରେ ବାଧା ସୃଷ୍ଟି କରି ନ ଥିଲା। ଏହି ଗୋଟିଏ ବିଶେଷତ୍ୱ ସବୁବେଳେ ତାଙ୍କ ପାଖରେ ରହିଥିଲା। ଯେକୌଣସି ଆହ୍ୱାନ ସତ୍ତ୍ୱେ ଜଣେ ବ୍ୟକ୍ତି କଠିନ ପରିଶ୍ରମ କରିବା ଆବଶ୍ୟକ, ଜ୍ଞାନ ଆହରଣ କରିବା ଆବଶ୍ୟକ ଏବଂ ହାତ ବାନ୍ଧି ବସିରହିବା ପରିବର୍ତ୍ତେ ଆହ୍ୱାନର ମୁକାବିଲା ଲାଗି ଆଗେଇ ଆସିବା ଆବଶ୍ୟକ ବୋଲି ସେ ବିଶ୍ୱାସ କରୁଥିଲେ। ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ବାଳୁତ ଜ୍ୟୋତିରାଓ ଗଭୀର ଜିଜ୍ଞାସୁ ଥିଲେ। ପୁସ୍ତକ ପଠନ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ତାଙ୍କ ବୟସର ପିଲାଠାରୁ ଯେତିକି ଆଶା କରାଯାଉଥିଲା ତା'ଠାରୁ ଢେର ଅଧିକ ପୁସ୍ତକ ସେ ପଢ଼ିଥିଲେ। ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସେ କହିଥିଲେ, ''ଆମେ ଯେତେ ପ୍ରଶ୍ନ ପଚାରିବା, ସେତେ ଜ୍ଞାନ ଆହରଣ କରିପାରିବା''। ପିଲାଦିନର ଏହି ଜିଜ୍ଞାସୁ ମନୋଭାବ ତାଙ୍କର ପରବର୍ତ୍ତୀ ଜୀବନ ଯାତ୍ରାରେ ମଧ୍ୟ ସ୍ପଷ୍ଟ ରୂପେ ଜାରି ରହିଥିଲା।

ଶିକ୍ଷା ଓ ଅଧ୍ୟୟନ ଆଜୀବନ ମହାତ୍ମା ଫୁଲେଙ୍କ ଲକ୍ଷ୍ୟର କେନ୍ଦ୍ରରେ ରହିଥିଲା। ଜ୍ଞାନ ଆହରଣ କେବଳ କୌଣସି ଗୋଟିଏ ବର୍ଗର ସମ୍ପତ୍ତି ନୁହେଁ, ବରଂ ଏହା ଏପରି ଏକ ଶକ୍ତି ଯାହାକୁ ସବୁ ବର୍ଗର ଲୋକଙ୍କ ମଧ୍ୟରେ ବାଣ୍ଟିବା ଉଚିତ ବୋଲି ସେ ବିଚାର କରୁଥିଲେ। ତତ୍କାଳୀନ ସମାଜରେ ଅନେକ ଲୋକଙ୍କୁ ଶିକ୍ଷାରୁ ବଞ୍ଚିତ ରଖାଯାଉଥିଲା। ସେଭଳି ଏକ ସମୟରେ ମହାତ୍ମା ଫୁଲେ ଝିଅ ଓ ବଞ୍ଚିତ ବର୍ଗର ଲୋକଙ୍କ ପାଇଁ ବିଦ୍ୟାଳୟ ଖୋଲିଥିଲେ। ସେ କହୁଥିଲେ, ''ମା' ମାନଙ୍କ ମାଧ୍ୟମରେ ପିଲାଙ୍କଠାରେ ଆସୁଥିବା ଯେକୌଣସି ସୁଧାର



ଅତ୍ୟନ୍ତ ମୂଲ୍ୟବାନ୍। ସେଥିପାଇଁ ଯଦି ବିଦ୍ୟାଳୟ ଖୋଲାଯିବ ତା'ହେଲେ ସର୍ବପ୍ରଥମେ ଝିଅମାନଙ୍କ ପାଇଁ ଖୋଲାଯିବା ଆବଶ୍ୟକ।'' ସେ ଶିକ୍ଷାକୁ ନ୍ୟାୟ ଓ ସମାନତାର ମାଧ୍ୟମରେ ପରିଣତ କରିଥିଲେ।

ଶିକ୍ଷା ପ୍ରତି ତାଙ୍କର ଦୃଷ୍ଟିକୋଣ ଆଜି ମଧ୍ୟ ଆମମାନଙ୍କୁ ଅନୁପ୍ରାଣିତ କରିଥାଏ। ବିଗତ ଏକ ଦଶନ୍ଧି ମଧ୍ୟରେ ଆମେ ଭାରତର ଯୁବପିଢ଼ି ପାଇଁ ଗବେଷଣା ଓ ଉଦ୍ଭାବନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛୁ। ଏପରି ଏକ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି, ଯେଉଁଠାରେ ଯୁବ ମସ୍ତିଷ୍କକୁ ପ୍ରଶ୍ନ ପଚାରିବା, ଅନୁସନ୍ଧାନ କରିବା ଏବଂ ନୂତନ ଉଦ୍ଭାବନ କରିବା ପାଇଁ ଅନୁପ୍ରାଣିତ କରାଯାଇପାରିବ। ଜ୍ଞାନ, ଦକ୍ଷତା ଏବଂ ସୁଯୋଗ କ୍ଷେତ୍ରରେ ନିବେଶ ସହିତ ଭାରତ ନିଜର ଯୁବପିଢ଼ିଙ୍କୁ ସମସ୍ୟା ସମାଧାନକାରୀ ଏବଂ ଜାତୀୟ ପ୍ରଗତିର ଆଧାର ସ୍ତମ୍ଭରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛି।

ନିଜର ଶୈକ୍ଷିକ ଜ୍ଞାନ ଏବଂ ବୌଦ୍ଧିକତା ବଳରେ ମହାତ୍ମା ଫୁଲେ କୃଷି, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରରେ ଗଭୀର ଜ୍ଞାନ ଆହରଣ କରିଥିଲେ। ସେ ପ୍ରାୟତଃ କହୁଥିଲେ, ଚାଷୀ ଓ ଶ୍ରମିକଙ୍କ ସହିତ ଅନ୍ୟାୟ ସମାଜକୁ ଦୁର୍ବଳ କରିଥାଏ। ସାମାଜିକ ଅସମାନତା କୃଷି କ୍ଷେତ୍ରରେ ଏବଂ ଗ୍ରାମାଞ୍ଚଳରେ କିଭଳି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି ତାହା ସେ ଦେଖିଥିଲେ। ସେଥିପାଇଁ ସେ ଗରିବ, ବଞ୍ଚିତ ଏବଂ ଦୁର୍ବଳ ବର୍ଗର ଲୋକଙ୍କୁ ସମ୍ମାନ ଦେବା ଲାଗି ନିଜ ଜୀବନକୁ ସମର୍ପି ଦେଇଥିଲେ। ଏଥିସହିତ ସେ ସାମାଜିକ ସଦ୍ଭାବ ବଜାୟ ରଖିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରିଥିଲେ।

ମହାତ୍ମା ଫୁଲେ କହିଥିଲେ, ''ସମାଜର ସବୁ ଲୋକଙ୍କୁ ସମାନ ଅଧିକାର ନ ମିଳିବା ପର୍ଯ୍ୟନ୍ତ ପ୍ରକୃତ ସ୍ୱାଧୀନତା ମିଳିପାରିବ ନାହିଁ।'' ଏହି ବିଚାରକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଲାଗି ସେ ଅନେକ ଅନୁଷ୍ଠାନ ଗଢ଼ିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟଶୋଧକ ସମାଜ ଆଧୁନିକ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମାଜ ସଂସ୍କାର ଆନ୍ଦୋଳନ ମଧ୍ୟରୁ ଅନ୍ୟତମ ଥିଲା। ଏହି ଆନ୍ଦୋଳନ ସାମାଜିକ ସଂସ୍କାର, ସମାଜ ସେବା ଏବଂ ମାନବୀୟ ଗରିମାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଅଗ୍ରଣୀ ରହିଥିଲା। ଏହା ମହିଳା, ଯୁବବର୍ଗ ଏବଂ ଗାଁରେ ରହୁଥିବା ଲୋକଙ୍କ ପାଇଁ ଦୃଢ଼ ସ୍ୱର ପାଲଟିଥିଲା। ନ୍ୟାୟ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଏବଂ ସାମୂହିକ ପ୍ରଗତି ବଳରେ ସମାଜରେ ଦୃଢ଼ତା ଆସିପାରିବ ବୋଲି ସେ ବିଶ୍ୱାସ କରୁଥିଲେ, ଯାହା ତାଙ୍କର ଏହି ଆନ୍ଦୋଳନରେ ପ୍ରତିଫଳିତ ହୋଇଥିଲା।

ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ସାହସର ଶିକ୍ଷା ଦେଇଥାଏ। ଲୋକଙ୍କ ସହ ରହି ଲଗାତର କାମ କରିବା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିଲା। କିନ୍ତୁ ଗୁରୁତର ବ୍ୟାଧି ମଧ୍ୟ ତାଙ୍କର ସଂକଳ୍ପକୁ ଦୁର୍ବଳ କରିପାରିନଥିଲା। ଗମ୍ଭୀର ମସ୍ତିଷ୍କାଘାତ ପରେ ମଧ୍ୟ ସେ କାମ କରିବା ଛାଡ଼ି ନଥିଲେ ଏବଂ ନିଜର ସଂକଳ୍ପକୁ ସାକାର କରିବା ଦିଗରେ ଚେଷ୍ଟା ଜାରି ରଖିଥିଲେ। ତାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା, କିନ୍ତୁ ସମାଜ ପାଇଁ ତାଙ୍କର ଅତୁଟ ସମର୍ପଣ ବଜାୟ ରହିଥିଲା। ଆଜି ମଧ୍ୟ କୋଟି କୋଟି ଲୋକ ତାଙ୍କ ଜୀବନର ଏହି ଦିଗରୁ ପ୍ରେରଣା ଲାଭ କରିଥାନ୍ତି।

ସାବିତ୍ରୀବାଇ ଫୁଲେଙ୍କ ବିଷୟରେ ସସମ୍ମାନେ ଉଲ୍ଲେଖ କରିବା ବିନା ମହାତ୍ମା ଫୁଲେଙ୍କ ସ୍ମୃତିଚାରଣ ଅଧୁରା ରହିଯିବ। ସେ ମଧ୍ୟ ଭାରତର ମହାନ୍ ସମାଜ ସଂସ୍କାରକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅନ୍ୟତମ ସାବିତ୍ରୀବାଇ ଝିଅମାନଙ୍କ ଶିକ୍ଷାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମହାତ୍ମା ଫୁଲେଙ୍କ ଦେହାନ୍ତ ପରେ ମଧ୍ୟ ସେ ଏହି କାମ ଜାରି ରଖିଥିଲେ। ୧୮୯୭ ମସିହାରେ ପ୍ଲେଗ ମହାମାରୀ ସମୟରେ ସେ ରୋଗୀମାନଙ୍କର ଏତେ ନିଷ୍ଠାର ସହିତ ସେବା କରିଥିଲେ ଯେ, ନିଜେ ସେହି ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ତାଙ୍କର ପରଲୋକ ହୋଇଥିଲା।

ଭାରତ ବାରମ୍ବାର ଏପରି ମହାପୁରୁଷଙ୍କ ଆଶୀର୍ବାଦ ପାଇଛି, ଯେଉଁମାନେ ନିଜ ବିଚାର, ତ୍ୟାଗ ଏବଂ କାର୍ଯ୍ୟ ମାଧ୍ୟମରେ ସମାଜକୁ ସୁଦୃଢ଼ କରିଯାଇଛନ୍ତି। ସେମାନେ ପରିବର୍ତ୍ତନ ପାଇଁ ଅପେକ୍ଷା କରି ନ ଥିଲେ, ବରଂ ନିଜେ ପରିବର୍ତ୍ତନର ବାହକ ସାଜିଥିଲେ। ଶହ ଶହ ବର୍ଷ ଧରି ଆମ ଦେଶରେ ସେହି ମହାପୁରୁଷମାନେ ହିଁ ସମାଜ ସଂସ୍କାରର ସ୍ୱର ଉଠାଇଛନ୍ତି, ଯେଉଁମାନେ ଦୁଃଖକୁ ସାମ୍ନା କରିଛନ୍ତି, କିନ୍ତୁ ଏହାକୁ କପାଳ ଲିଖନ ବୋଲି ସହଜରେ ସ୍ୱୀକାର କରିନାହାନ୍ତି। ମହାତ୍ମା ଜ୍ୟୋତିରାଓ ଫୁଲେ ସେଭଳି ଜଣେ ବ୍ୟକ୍ତିତ୍ୱ ଥିଲେ।

୨୦୨୨ରେ ମୁଁ ପୁଣେ ଗସ୍ତ କରିଥିଲି। ସେହି ସମୟରେ ମୁଁ ସହରରେ ଥିବା ମହାତ୍ମା ଫୁଲେଙ୍କ ଭବ୍ୟ ପ୍ରତିମୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲି। ଆମେ ମହାତ୍ମା ଫୁଲେଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ କରିବାକୁ ଯାଉଥିବା ବେଳେ ସାମାଜିକ ନବଜାଗରଣ ନିମନ୍ତେ ତାଙ୍କ ଆଦର୍ଶକୁ ଗ୍ରହଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କ ହୃଦୟର ନିକଟତର ଥିବା ବିଷୟ ଯଥା ଶିକ୍ଷା କ୍ଷେତ୍ରରେ ନବଜାଗରଣ ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାକୁ ହେବ। ଅନ୍ୟାୟ ପ୍ରତି ସମ୍ବେଦନଶୀଳ ହେବାକୁ ପଡ଼ିବ ଏବଂ ବିଶ୍ୱାସ କରିବାକୁ ପଡ଼ିବ ଯେ ସମାଜ ନିଜ ପ୍ରୟାସ ଦ୍ୱାରା ନିଜକୁ ଉନ୍ନତ କରିପାରିବ। ସମାଜର ଶକ୍ତିକୁ ଜନହିତ ଏବଂ ନୈତିକ ମୂଲ୍ୟବୋଧ ସହ ମିଶାଇ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିହେବ ବୋଲି ତାଙ୍କର ଜୀବନ ଆମକୁ ଶିକ୍ଷା ଦିଏ। ଏହି କାରଣରୁ ଆଜି ମଧ୍ୟ ତାଙ୍କ ବିଚାର ଲକ୍ଷ ଲକ୍ଷ ଲୋକଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା ଜାଗ୍ରତ କରିଥାଏ। ୨୦୦ ବର୍ଷ ପରେ ମଧ୍ୟ ମହାତ୍ମା ଜ୍ୟୋତିରାଓ ଫୁଲେ କେବଳ ଜଣେ ଐତିହାସିକ ବ୍ୟକ୍ତିତ୍ୱ ନୁହନ୍ତି, ବରଂ ଭାରତର ଭବିଷ୍ୟତ ପାଇଁ ଏକ ଆଲୋକବର୍ତ୍ତିକା ହୋଇ ରହିଛନ୍ତି।

# ମୃତ୍ୟୁର ମିତ୍ର ଓ ଶାନ୍ତିର ସନ୍ମାର୍ଗ



ଉପେନ୍ଦ୍ର ବିଶ୍ୱାଳ

ଆଧୁନିକ ଆମେରିକାର ଜନକ ବୋଲି କୁହାଯାଉଥିବା ବିଶିଷ୍ଟ ଲେଖକ, ଦାର୍ଶନିକ, ବୈଜ୍ଞାନିକ ତଥା ରାଷ୍ଟ୍ରନୀତିଜ୍ଞ ବେଞ୍ଜାମିନ ଫ୍ରାଙ୍କ୍ଲିନ କହୁଥିଲେ– ''ଦୁନିଆରେ କିଏ କେଉଁଠି କେବେ ଗୋଟେ ଭଲ ଯୁଦ୍ଧ ଅବା ମନ୍ଦଭରା ଶାନ୍ତି ଦେଖିଛ, ମୋତେ ଟିକେ କହିଲ ?'' ମାତ୍ର ବିଡ଼ମ୍ବନାର ବିଷୟ , ସେହି ଆମେରିକା ଆଜି ସାଜିଛି ବିଶ୍ୱ ପାଇଁ ବ୍ୟଥା ଓ ବେଦନାର କାରଣ। ଆମେରିକାର ୩୬ତମ ରାଷ୍ଟ୍ରପତି ଲିଣ୍ଡନ ବେନ୍ସ ଜନ୍‌ସନଙ୍କ ଭାଷାରେ– ''ଶାନ୍ତି ହେଉଛି ହଜାରେ ମାଇଲର ଯାତ୍ରାଟିଏ। ମାତ୍ର ଗୋଟିଏ ପାହୁଣ୍ଡରେ ବି ତାହା ହଜି ଯାଇଥାଏ।'' ଯୁଦ୍ଧର ଜ୍ୱାଳାରେ କେବଳ ସମ୍ପୃକ୍ତ ଭୂଖଣ୍ଡ ନୁହେଁ, ସାରା ଜଗତ ହୁଏ ଯନ୍ତ୍ରଣା ଜର୍ଜରିତ, ଯାହାକି ସମଗ୍ର ବିଶ୍ୱ ଏବେ ଉପଲବ୍ଧି କରୁଛି । ଯୁଦ୍ଧର ଆରମ୍ଭ ହୁଏ କିଛି ନେତୃବୃନ୍ଦଙ୍କ ଜିଦିଖୋର ମନୋଭାବରୁ ଏବଂ ଶେଷ ହୁଏ ଅବସାଦ ଓ ଅନୁଶୋଚନାରେ, ଅନୁତାପ ଓ ପଶ୍ଚାତ୍ତାପରେ। ସେଦିନ ଯୁଦ୍ଧର ଭୟଙ୍କର ପରିଣତିକୁ ସ୍ୱଚକ୍ଷୁରେ ଅବଲୋକନ କରି ନିଜକୁ ଧିକ୍କାର କରିଥିଲେ ସମ୍ରାଟ ଅଶୋକ। ପ୍ରାୟଶ୍ଚିତ୍ତ ସ୍ୱରୂପ ସପରିବାର ତମାମ ଜୀବନ ଲାଗିପଡ଼ିଲେ ଶାନ୍ତିର ପ୍ରଚାର ଓ ପ୍ରସାର ପାଇଁ। ଶାନ୍ତିପାଇଁ ସଫଳ ପ୍ରୟାସ ଯୋଗୁ ଯୁଦ୍ଧ ପୂର୍ବର ସେହି ଚଣ୍ଡାଶୋକ ପରବର୍ତ୍ତୀ ସମୟରେ ପରିଚିତ ହେଲେ ଜଣେ ଧର୍ମଦୂତ ଭାବେ। ମହାଭାରତର ଦୁଷ୍ଟମତି ଦୁର୍ଯ୍ୟୋଧନଙ୍କଠାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପର୍ଯ୍ୟନ୍ତ, ଅହଂକାରୀ ଶାସକମାନେ କେମିତି ବା ହୃଦ୍‌ବୋଧ କରନ୍ତେ ଯୁଦ୍ଧର ଭୟାନକ ପରିଣତି ସମ୍ବନ୍ଧେ! ଯୁଦ୍ଧ ଏଡ଼ାଇ, ଶାନ୍ତିପାଇଁ ଶ୍ରୀକୃଷ୍ଣଙ୍କ ବାରମ୍ବାର ସାଧୁ ଉଦ୍ୟମକୁ ବେଖାତିର କରିଥିବା ଦୁର୍ଯ୍ୟୋଧନଙ୍କ ଶେଷ ପରିଣତି କ'ଣ ଥିଲା ? ରକ୍ତନଦୀ ସନ୍ତରଣ ପରି ଦୟନୀୟ ଦୃଶ୍ୟ ମାନବଜାତି ପାଇଁ କ'ଣ ମହାସନ୍ଦେଶ ନୁହେଁ କି? ତଥାପି ହେଜୁନାହିଁ ଭ୍ରଷ୍ଟ ମଣିଷ ଆଜି।

ଯୁଦ୍ଧ ଓ ହିଂସାର ଭୟାବହତାକୁ ବିଚାରକରି ଯୁଦ୍ଧ ବିରୋଧରେ ଯୁଦ୍ଧ କରିବାକୁ ଯାଇ ଅସି ତ୍ୟାଗ କରି ମସୀ ଧରିବାକୁ ଉଚିତ ମଣିଥିଲେ ଟଲ୍‌ଷ୍ଟୟ ସେଦିନ। ସେନା ଚାକିରିରୁ ଅବ୍ୟାହତି ନେଇ ସମାଜ ସୁଧାରରେ ଲାଗିପଡ଼ିଲେ ସାହିତ୍ୟକୁ ସାଥୀ କରି। ବିଶ୍ୱପ୍ରସିଦ୍ଧ



ରୁଷୀୟ ଲେଖକ ଆଜି ଯଦି ଥାଆନ୍ତେ, ତେବେ ବିଶ୍ୱର ହିଂସ୍ର, ଯୁଦ୍ଧଖୋର ରକ୍ତପିପାସୁ ଶାସକଙ୍କୁ କୁହନ୍ତେ, ''ମଣିଷ ଜୀବନ ଅତ୍ୟନ୍ତ ମୂଲ୍ୟବାନ୍। ଏଣୁ ଜୀବନରେ ମାନବିକତାକୁ ସମ୍ମାନ ଦିଅ। ଅନ୍ୟକୁ ଆଘାତ ବା ଆକ୍ରମଣରେ ନ ଥାଏ ଆନନ୍ଦବୋଧ ଅବା ଗୌରବବୋଧ। ଶାନ୍ତି ହେଉ ସଭିଙ୍କ ଜୀବନର ଅମୃତ ଆକାଂକ୍ଷା। କାରଣ, ଶାନ୍ତି ବିନା ସଭ୍ୟତାର ବା କିବା ମୂଲ୍ୟ ?'' କ୍ରୂରତା ଦ୍ୱାରା ନୁହେଁ, ସଦିଚ୍ଛା ଦ୍ୱାରା ହିଁ ବିଶ୍ୱଶକ୍ତିର ସାମର୍ଥ୍ୟ ବୁଝାପଡ଼େ। ମନେରଖିବାକୁ ହେବ ଯେ, ଗୋଟିଏ ପଟେ ଯୁଦ୍ଧର ବିଜୟ ଉତ୍ସବ ଅର୍ଥ ଅନ୍ୟପଟରେ ଶ୍ମଶାନର ନୀରବତା, ଶୋକାର୍ତ୍ତ ପରିବେଶ। ଯୁଦ୍ଧ ତ ଘୋଷଣା କରିବା ସହଜ, କିନ୍ତୁ ଶାନ୍ତି ବା ସନ୍ଧିସ୍ଥାପନ ନିମନ୍ତେ ଫଳପ୍ରଦ ଉଦ୍ୟମ ପାଇଁ ଲୋଡ଼ା ଧୈର୍ଯ୍ୟ ଓ ସାହସ।

ଯୁଦ୍ଧବିଜୟ ଘୃଣା ସୃଷ୍ଟି କରିଥାଏ, କାରଣ ପରାଜିତମାନେ ସେଥିଯୋଗୁ ଯନ୍ତ୍ରଣାରେ ଜୀବନ ଅତିବାହିତ କରିଥା'ନ୍ତି। ଯୁଦ୍ଧ ବା ଧ୍ୱଂସାତ୍ମକ କ୍ରିୟାରେ ଖର୍ଚ୍ଚ କରାଯାଉଥିବା ଅର୍ବୁଦ ଅର୍ବୁଦ ଅର୍ଥକୁ ଆଦର୍ଶ ଭୂଖଣ୍ଡ ଇଥିଓପିଆ ଭଳିଆ ବ୍ୟାଧି, ବିପ୍ଲବ, ଦାରିଦ୍ର୍ୟ ଓ ଦୁର୍ଦ୍ଦିନରୁ ମୁକ୍ତି ପାଇଁ ବିନିଯୋଗ କରିବା ନାହିଁ କାହିଁକି? ସୋମାଲିଆ ପରି ଇଥିଓପିଆ ବି ଦିନେ ଥିଲା କଙ୍କାଳମୟ ମଣିଷଙ୍କ ଭାଗ୍ୟହୀନ ଭୂମି। କିନ୍ତୁ ଇଗଲ ପରି ଇତିହାସ ରଚିଲା ଇଥିଓପିଆ। ଯେହେତୁ ତାହାର ଏକମାତ୍ର ସ୍ୱପ୍ନ– 'ଶାନ୍ତି ଓ ସମୃଦ୍ଧି' ; ଏଣୁ ପଡ଼ୋଶୀଙ୍କୁ ଶିଖାଇଲା ଶାନ୍ତି ଓ ସୁଖଦ ସହାବସ୍ଥାନର ମନ୍ତ୍ର– ''ଚାଲ! ଶାନ୍ତିରେ ରହିବା, ସମୃଦ୍ଧି କରିବା''। ଫଳତଃ ପଡ଼ୋଶୀ ସୋମାଲିଆ, କେନିଆ, ସୁଦାନ, ଏରିଟ୍ରିଆ ଆଦି ଦେଶ ସହିତ ବୈରୀଭାବ ହଟି, ବଢ଼ିଲା ବନ୍ଧୁତ୍ୱର ଭାବ ; ଯେଉଁଥିପାଇଁ କି ଆଫ୍ରିକାର ୨ୟ ବୃହତ୍ତମ ଜନସଂଖ୍ୟା (ସାଢ଼େ ୧୦ କୋଟିରୁ ଅଧିକ) ଓ ଘନ ଜନସଂଖ୍ୟାର ଏହି ଦେଶଟିର ବାର୍ଷିକ ଅଭିବୃଦ୍ଧିହାର ଏକଦା ଭାରତଠାରୁ ବି ଅଧିକ ରହିଥିଲା, ଯାହାକି ବିଶ୍ୱବ୍ୟାଙ୍କର ୨୦୧୭ ମସିହା ରିପୋର୍ଟ କୁହେ। ଏହିପ୍ରକାର ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆଗକୁ ବଢ଼ୁଥିବା ଇଥିଓପିଆକୁ 'ଦୃଷ୍ଟାନ୍ତର ଦେଶ' ଭାବେ ଜାତିସଂଘର ପରିବେଶ ମନ୍ତ୍ରଣାଳୟ ମଧ୍ୟ ଘୋଷଣା କରିସାରିଛି। ଏତାଦୃଶ ଉତ୍କୃଷ୍ଟ ବିଚାରବୋଧ ଯୋଗୁ ଫ୍ରାନ୍ସ ଓ ସୁଇଜରଲାଣ୍ଡ ମଧ୍ୟ ଏକ ଏକ ସମୃଦ୍ଧ ଭୂଖଣ୍ଡ। ଉଭୟ ଦେଶଙ୍କ ମଧ୍ୟରେ ନାହିଁ କୌଣସି ବିଭେଦର ପ୍ରାଚୀର। ହେ ବିଶ୍ୱ ସମୁଦାୟ! ଘୃଣା, ବିଦ୍ୱେଷ ବା ବୈରୀଭାବଠାରୁ ଦୂରେଇ ରହି ଆପଣାଇନିଅ ଶାନ୍ତିର ସନ୍ମାର୍ଗ। ଯେମିତିକି ଆଗାମୀ କାଲିର ଦୁନିଆ ଦେଖିବ ସୁଖ–ଶାନ୍ତିଭରା ଏକ ନୂତନ ସୂର୍ଯ୍ୟୋଦୟ।

ମୋ: ୯୪୩୭୪ ୩୬୦୭୩

### ଏଇ ଭାରତରେ

ନଦୀ ପ୍ରଦୂଷଣ ଚିନ୍ତାର ବିଷୟ ହୋଇଗଲାଣି। ପ୍ରଦୂଷିତ ନଦୀଜଳ ଉଭୟ ସ୍ଥଳ ଓ ଜଳଚର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଭଳି ସମସ୍ୟାକୁ ଭଲ ଭାବେ ହୃଦୟଙ୍ଗମ କରି ମଧ୍ୟପ୍ରଦେଶର ବିଟ୍ଟୁ ତବାହି ଏକାକୀ ପ୍ରଦୂଷିତ ଅଜ୍‌ନାର ନଦୀକୁ ସଫା କରିବାରେ ଲାଗିଗଲେ। ବିଟ୍ଟୁଙ୍କ ବୟସ ୧୯। ସେ ପ୍ରତିଦିନ ଗାର୍ବେଜ ବ୍ୟାଗ ଧରି ଅଜ୍‌ନାର ନଦୀ ସଫା କରିବାକୁ ବାହାରି ଯାଆନ୍ତି। ନଦୀକୂଳରେ ଗଦା ହୋଇଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟ ସଫା କରନ୍ତି। ପ୍ରତିଦିନ ସେ ୧୦ କେ.ଜି. ବର୍ଜ୍ୟ ସଂଗ୍ରହ କରିଥାନ୍ତି। ଏହିଭଳି ଭାବେ ସେ ମାସେ ଦୁଇମାସ ମଧ୍ୟରେ ଦୁଇ ଟ୍ରକ ବର୍ଜ୍ୟ ନଦୀରୁ ସଫା କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମେ ଏହି କାର୍ଯ୍ୟ ସେ ଏକାକୀ କରୁଥିଲେ। ସାପ ଓ ସଂକ୍ରମଣ ଭୟ ରହିଥିଲେ ମଧ୍ୟ ସେ ତାଙ୍କ କାର୍ଯ୍ୟ ଜାରି ରଖିଥିଲେ। ପରେ ତାଙ୍କ ସହ ଅନ୍ୟମାନେ ଯୋଗଦେଇ ସଫେଇ ଚାଲୁ ରଖିଛନ୍ତି। ନଦୀକୂଳ ସଫା ହେବାରୁ ପିଲାମାନେ ଖେଳିବା ଆରମ୍ଭ କରିଦେଇଛନ୍ତି।

### ୫୦ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୭୭

- ସମ୍ବାଦପତ୍ରଗୁଡ଼ିକର ସ୍ୱାଧୀନତା ରକ୍ଷା ସଂକ୍ରାନ୍ତ ଦୁଇଟି ବିଲ୍ ପାର୍ଲାମେଣ୍ଟରେ ଗୃହୀତ।
- ଭାରତ ଓ ଇଟାଲି ମଧ୍ୟରେ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ଚୁକ୍ତି ସ୍ୱାକ୍ଷରିତ।

### ଚିରନ୍ତନୀ

ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku
Puzzles by Srikant Ghosh

### ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | |
| | | | | | | 4 | 7 | |
| 7 | | | | 8 | | | 2 | |
| | | | | | 2 | | 5 | |
| | 3 | | | | | 1 | | 9 |
| | | 1 | | 5 | | 2 | | |
| | 4 | 9 | 8 | | 3 | | | |
| 5 | 1 | | 7 | | | | | |
| | | 3 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 9 | 5 | 3 | 4 | 1 |
| 3 | 9 | 1 | 4 | 7 | 6 | 8 | 5 | 2 |
| 5 | 4 | 8 | 1 | 2 | 3 | 6 | 9 | 7 |
| 7 | 2 | 9 | 3 | 4 | 8 | 5 | 1 | 6 |
| 1 | 3 | 6 | 2 | 5 | 9 | 7 | 8 | 4 |
| 4 | 8 | 5 | 7 | 6 | 1 | 2 | 3 | 9 |
| 8 | 1 | 4 | 6 | 3 | 2 | 9 | 7 | 5 |
| 9 | 7 | 2 | 5 | 8 | 4 | 1 | 6 | 3 |
| 6 | 5 | 3 | 9 | 1 | 7 | 4 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବେଳ ହୁଁ ସାବଧାନ

ମହାଶୟ,

ଭାରତ ଭଳି ଅର୍ଥନୈତିକ ସୁଦୃଢ଼ ରହିଥିବା ପ୍ରାୟ ୧୪ଟି ଦେଶରେ ତାପମାତ୍ରା ବୃଦ୍ଧିର ପ୍ରଭାବରେ ଖାଦ୍ୟ ସଙ୍କଟ ବଢ଼ିବା ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ଡେଭଲପମେଣ୍ଟର ଏକ ସଦ୍ୟ ସର୍ବେକ୍ଷଣ ଅନୁଯାୟୀ, ତାପମାତ୍ରା ବୃଦ୍ଧି କାରଣରୁ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାରେ ହ୍ରାସ ଘଟିବା ଆଶଙ୍କା ରହିଛି। ତାପମାତ୍ରା ବୃଦ୍ଧିର ପ୍ରଭାବ ବିଶ୍ୱର ସବୁ ଦେଶକୁ ପ୍ରଭାବିତ କରିବ। ଖାଦ୍ୟ ଯୋଗାଣ ବ୍ୟବସ୍ଥାର ସ୍ଥାୟିତ୍ୱ କିମ୍ବା ସହନଶୀଳତାରେ ଭାରସାମ୍ୟ ନ ରହି ବିଶ୍ୱବ୍ୟାପୀ ଅସମାନତା ବଢ଼ିବା ଆଶଙ୍କା ଉପୁଜିପାରେ। ଏପରି କି ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଭୋକିଲା ସମସ୍ୟା ଦେଖାଦେଇପାରେ। ଆମେରିକା, ବ୍ରିଟେନ ଏବଂ ଚାଇନା ଭଳି ଦେଶରେ ଅର୍ଥନୀତିରେ ମଧ୍ୟ ଖାଦ୍ୟ ସୁରକ୍ଷା ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି ଖାଦ୍ୟ କ୍ରୟ କ୍ଷମତା ବଢ଼ାଇପାରେ, କିନ୍ତୁ ଏହା ଜଳବାୟୁ ପରିବର୍ତ୍ତନ ଜନିତ ଆକସ୍ମିକ ସଙ୍କଟକୁ ସମ୍ପୂର୍ଣ୍ଣ ରୋକିପାରିବ ନାହିଁ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଏଣୁ ବେଳ ହୁଁ ସାବଧାନ ରହିବା ଉଚିତ।

–ରାଜାରାମ ଷଡ଼ଙ୍ଗୀ, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଘାଟିତ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ। ଏଥିରେ ପାଣି କିମ୍ବା ଡଙ୍ଗା ବ୍ୟବହାର ହେଉନାହିଁ। ମେଶିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଅଗ୍ନିକାଣ୍ଡରେ ଜଳିଗଲେ ପକ୍ଷାଘାତ ପୀଡ଼ିତା ବୃଦ୍ଧା

**ବାଉଁଶୁଣୀ,୧୦।୪(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମପଞ୍ଚାୟତର ଟିକିରାପଡା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଜଣେ ପକ୍ଷାଘାତ ପୀଡ଼ିତା ବୃଦ୍ଧା ସମ୍ପୂର୍ଣ୍ଣ ଜଳିଯାଇଛନ୍ତି। ମୃତା ବୃଦ୍ଧା ହେଲେ ସୂର୍ଯ୍ୟକାନ୍ତୀ ସାହୁ(୬୦)। ଖବର ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଟିକିରାପଡା ଗ୍ରାମରେ ସୂର୍ଯ୍ୟକାନ୍ତୀ ନିଜ ପୁଅ ସହ ରହୁଥିଲେ। ଶୁକ୍ରବାର ସାଢେ ୧୧ଟାରେ ତାଙ୍କ ପୁଅ କୌଣସି କାମରେ ବାଉଁଶୁଣୀ ବଜାରକୁ ଯାଇଥିବା ସମୟରେ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଘରର ସମସ୍ତ ସାମଗ୍ରୀ ଜଳିଯାଇଥିଲା। ସୂର୍ଯ୍ୟକାନ୍ତୀ ପକ୍ଷାଘାତ ପୀଡ଼ିତା ହୋଇଥିବା ଯୋଗୁ ଘରୁ ବାହାରି ନ ପାରି ଜଳିଯାଇଥିଲେ। ବାଉଁଶୁଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇଥିଲେ ଏବଂ ପୋଡ଼ି ଯାଇଥିବା ବୃଦ୍ଧାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନୂଆଦିଲ୍ଲୀ ଗସ୍ତରେ ନବୀନ, ପାଖରେ ବସିଲେ ପୀତାମ୍ବର

**ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ତାଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କର ୨ ଦିନ ତଳେ ଏକ ଗୁରୁତର ହାର୍ଟ ସର୍ଜରି ହୋଇସାରିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ସେ ନୂଆଦିଲ୍ଲୀ ଯାଇଛନ୍ତି। ଏନେଇ ନବୀନ ତାଙ୍କ ଦଳୀୟ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ସୂଚନା ଦେଇଥିଲେ। ସେ ନିର୍ଦ୍ଦିଷ୍ଟ ଭାବେ କେବେ ଓଡ଼ିଶା ଫେରିବେ ସେନେଇ କିଛି ସୂଚନା ଦିଆଯାଇ ନାହିଁ। ଅନ୍ୟପଟେ ନବୀନ ଯେଉଁ ବିମାନରେ ନୂଆଦିଲ୍ଲୀ ଗସ୍ତ କରୁଥିଲେ ତାଙ୍କ ପାଖରେ ଭାଜପା ବରିଷ୍ଠ ନେତା ତଥା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବସି ଯାଇଛନ୍ତି। ପୀତାମ୍ବର ତାଙ୍କ କାମରେ ଯାଉଥିବା ବେଳେ ନବୀନଙ୍କ ସହ ଦେଖା ହେଲେ ବୋଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହାସହ ନବୀନଙ୍କ ସହିତ ଏକ ଫଟୋ ଉଠାଇ ତାହା ମଧ୍ୟ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ପୀତାମ୍ବର ହିଞ୍ଜିଳି ବିଧାନସଭା ଆସନରୁ ନବୀନଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେହି ନିର୍ବାଚନରେ ପୀତାମ୍ବର ପରାଜିତ ହୋଇଥିଲେ। ପୀତାମ୍ବର ନବୀନଙ୍କ ସହ ଫଟୋ ଉଠାଇ ପୋଷ୍ଟକରିବା ପରେ ତାହା ସାମାଜିକ ଗଣମାଧ୍ୟମରେ ଅନେକ ଲୋକ ଶେୟାର କରିଛନ୍ତି।



# ଉଚ୍ଚ ଶିକ୍ଷାନୁଷ୍ଠାନରେ ଲାଗୁହେଲା 'ଆଦର୍ଶ ଆଚରଣ ବିଧି'

**ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)**

■ ବିନାନୁମତିରେ ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନ, ସଭା ମନା
■ ଶିକ୍ଷାନୁଷ୍ଠାନରେ ଯୌନ ଉତ୍ପୀଡ଼ନକୁ ପ୍ରଶ୍ରୟ ଦିଆଯିବ ନାହିଁ

ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନରେ ଲାଗୁହେଲା 'ଆଦର୍ଶ ଆଚରଣ ବିଧି'। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶୁକ୍ରବାର ବିଭାଗର ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆଦର୍ଶ ଆଚରଣ ବିଧି ଅନୁସାରେ, ଛାତ୍ରୀଛାତ୍ର ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ କୌଣସି ଆନ୍ଦୋଳନ, ସଭାସମିତି କିମ୍ବା ବିକ୍ଷୋଭ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ଅନୁମତି ନେବାକୁ ପଡ଼ିବ। ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର କୌଣସି ସମ୍ପତ୍ତି ନଷ୍ଟ କଲେ ତାହା ସେମାନଙ୍କଠାରୁ ଭରଣା କରାଯିବ। ଆଚରଣ ସଂହିତା ଓ ମାର୍ଗଦର୍ଶିକାରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ପ୍ରାଥମିକତା ଦିଆଯାଇଛି। ଜଣେ ପିଲା ନିୟମିତ ଭାବେ ଶ୍ରେଣୀରେ ଅନୁପସ୍ଥିତ ରହୁଥିଲେ, ତାହାକୁ ଗମ୍ଭୀରତାର ସହ ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯିବ। ଛାତ୍ରୀଛାତ୍ର ଅନ୍ୟ କୌଣସି ଅନୁଚିତ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆପରାଧିକ କାର୍ଯ୍ୟରେ ସାମିଲ ଥିଲେ ତୁରନ୍ତ କର୍ତ୍ତୃପକ୍ଷ ପୋଲିସକୁ ଜଣାଇବେ। ଶିକ୍ଷାନୁଷ୍ଠାନରେ କୌଣସି ଅଶ୍ଳୀଳ ଇଙ୍ଗିତ ବା ଯୌନ ଉତ୍ପୀଡ଼ନ ଘଟଣାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଘଟଣାର ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବ। ଶିକ୍ଷାବର୍ଷ ଆରମ୍ଭରୁ ହିଁ ଛାତ୍ରୀଛାତ୍ରଙ୍କ ପରିଚୟ କାର୍ଯ୍ୟକ୍ରମ କରାଯିବ। ସେହି କାର୍ଯ୍ୟକ୍ରମରେ ଆଚରଣ, ଶିଷ୍ଟାଚାର, କରଣୀୟ ଓ ବର୍ଜନୀୟ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯିବ। ଅଭିଭାବକମାନେ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ପରିସରରେ ମାଦକ ଦ୍ରବ୍ୟକୁ ବରଦାସ୍ତ କରାଯିବ ନାହିଁ। ପ୍ରଥମଥର ଧରାହେଲେ ଚେତାବନୀ ଓ ପରବର୍ତ୍ତୀ ସମୟରେ ଅଭିଭାବକଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଣଛାତ୍ରଙ୍କ ପ୍ରବେଶକୁ ରୋକିବା ପାଇଁ ସରକାର ଅଧିକ କଠୋର ହୋଇଛନ୍ତି। ଛାତ୍ରାବାସ ଅଧୀକ୍ଷକଙ୍କ ବିନାନୁମତିରେ କୌଣସି ଅଣଛାତ୍ର (ଆତ୍ମୀୟଙ୍କ ବ୍ୟତୀତ) କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ଇଣ୍ଟରନାଲ୍ ପରୀକ୍ଷା ମାର୍କ ସେମାନଙ୍କ ଯୋଗ୍ୟତା ଆଧାରରେ ପ୍ରଦାନ କରିବେ। ଛାତ୍ରୀଛାତ୍ରମାନେ ଶିକ୍ଷକଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ ଆଣିଲେ ସମ୍ପୃକ୍ତ ଶିକ୍ଷକ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବେ। ପାଠପଢ଼ା ଆରମ୍ଭ ପୂର୍ବରୁ ସିଲାବସ୍ ଓ ଲେଶନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧ୍ୟାପକମାନେ ଶ୍ରେଣୀରେ ନିୟମିତ ଓ ସମାନୁବର୍ତ୍ତୀ ହେବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ପରିବର୍ତ୍ତିତ ଶିକ୍ଷକ-ଛାତ୍ର ସମ୍ପର୍କ ଏବଂ ବର୍ତ୍ତମାନ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ ଓ ଶୈକ୍ଷିକ ସାଧୁତାକୁ ସୁଦୃଢ଼ କରିବା ପାଇଁ ଏହି ଆଚରଣ ବିଧି ଲାଗୁ କରାଯାଇଛି। ଏକାଡେମିକ କମିଟିର ସୁପାରିସ ଏବଂ ବିଭିନ୍ନ ବିଭାଗ ସହ ଆଲୋଚନା ପରେ ଏହାକୁ ଚୂଡ଼ାନ୍ତ କରାଯାଇଛି। ଏହି ବିଧିକୁ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହାର କଠୋର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମଲେଖା କିଟ୍, ଛାତ୍ର ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବ୍‌ସାଇଟରେ ଏହି ଆଚରଣ ବିଧିକୁ ସାମିଲ କରିବାକୁ କୁହାଯାଇଛି। ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ମାଧ୍ୟମରେ ସମସ୍ତଙ୍କୁ ଏହି ବିଧି ସମ୍ପର୍କରେ ଅବଗତ କରାଯିବ। ଆଚରଣ ବିଧିର ଅନୁପାଳନ ନିରୀକ୍ଷଣ କରିବା ଓ କୌଣସି ଉଲ୍ଲଂଘନ ଘଟିଲେ ତାହାର ତୁରନ୍ତ ସମାଧାନ ପାଇଁ ପ୍ରାସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

# ଖରାଛୁଟି ପୂର୍ବରୁ ପିଲାଙ୍କୁ ଦିଆଯିବ ପୋଷାକ: ମନ୍ତ୍ରୀ

**ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)**

## ସ୍ଥିତିକୁ ଦେଖି ଖରାଛୁଟି ନିଷ୍ପତ୍ତି

୨୦୨୫-୨୬ ଶିକ୍ଷାବର୍ଷ ଶେଷ ହୋଇଯାଇଥିଲେ ସୁଦ୍ଧା ବହୁ ବିଦ୍ୟାଳୟରେ ପିଲାଙ୍କୁ ନୂଆ ସ୍କୁଲ ୟୁନିଫର୍ମ ମିଳି ନ ଥିଲା। ଫଳରେ ଅନେକ ଛାତ୍ରୀଛାତ୍ର ପୁରୁଣା ପୋଷାକରେ ବର୍ଷେ ପାଠପଢ଼ିଥିଲେ। ଏବେ ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି। ଏଥିସହ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ମଧ୍ୟ ଶେଷ ହୋଇଛି। ନୂଆ ପୋଷାକ ମିଳି ନ ଥିବାରୁ କିଏ ପୁରୁଣା ପୋଷାକ ତ ଆଉ କିଏ ନିଜେ ବଜାରରୁ କିଣି ତାହାକୁ ପିନ୍ଧି ସ୍କୁଲ ଯାଉଛନ୍ତି। ତେବେ ଚଳିତ ଶିକ୍ଷା ବର୍ଷରେ ରାଜ୍ୟ ସରକାର ଖରାଛୁଟି ପୂର୍ବରୁ ପିଲାଙ୍କୁ ସ୍କୁଲ ପୋଷାକ ବଣ୍ଟନ କରିବାକୁ ଯୋଜନା ହୋଇଛି। ଏନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟରେ ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୧୦ ତାରିଖ ଭିତରେ ଶ୍ରେଣୀ ବର୍ଗ ହିସାବରେ ନିର୍ଦ୍ଧାରଣ କରାଯିବ। ୧୨ ତାରିଖରେ ମନୋନୀତ ସଂସ୍ଥାକୁ ପୋଷାକ ଯୋଗାଇବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ପୋଷାକ ମାନ ଯାଞ୍ଚ ସହ ଆସିଥିବା ସମସ୍ତ ଅଭିଯୋଗକୁ ୩୦ ତାରିଖ ମଧ୍ୟରେ ସମାଧାନ କରି ମେ ୨ ସୁଦ୍ଧା ଓସେପାକୁ ରିପୋର୍ଟ ଦିଆଯିବ। ଏବେ ଖରା ବଢୁଥିଲେ ମଧ୍ୟ ଖରାଛୁଟି ପାଇଁ ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ। ସମୟ ଦେଖି ଠିକ୍ ସମୟରେ ବିଦ୍ୟାଳୟ ଛୁଟି ନେଇ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ଆଦିବାସୀଙ୍କ ସହ କଂଗ୍ରେସ ରହିଛି: ସପ୍ତଗିରି



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କଣ୍ଡାମାଳ ଗ୍ରାମରେ ଶୁକ୍ରବାର ପହଞ୍ଚିଥିବା କଂଗ୍ରେସ ଟିମ୍।

**ରାୟଗଡ଼ା,୧୦।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ଜିଲା କାଶୀପୁର ବ୍ଲକ୍ ସିଜିମାଳି ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗାଁଗୁଡିକର ସ୍ଥିତି ଅନୁଧ୍ୟାନ ପାଇଁ ଶୁକ୍ରବାର କଂଗ୍ରେସର ୧୦ ଜଣିଆ ଟିମ୍ ସେଠାରେ ପହଞ୍ଚିଥିଲା। ଏହି ଟିମ୍‌ର ସଦସ୍ୟମାନେ କଣ୍ଡାମାଳ ଓ ଶାଗବାରି ଗାଁକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିବା ସହ କଂଗ୍ରେସ ପୂର୍ବରୁ ଆଦିବାସୀଙ୍କ ସହ ଥିଲା ଏବେ ବି ଆଦିବାସୀଙ୍କ ସହ ରହିଛି ବୋଲି କହିଛନ୍ତି। କେଉଁ ପରିସ୍ଥିତିରେ ଗତ ୬ ତାରିଖରେ ଏତେବଡ଼ ଘଟଣା ଘଟିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରସ୍ତାବିତ ଖଣି ଖନନକୁ ଲୋକେ ତୀବ୍ର ବିରୋଧ କରିବାରୁ ପୋଲିସ ଦମନଲୀଳା ଚଳାଇଛି ବୋଲି ଗ୍ରାମବାସୀ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କର୍ପୋରେଟ ବୋଲକରା ସାଜିଛି। ସିଜିମାଳି ଅଞ୍ଚଳରେ ଗାଁ ଲୋକଙ୍କ ଉପରେ ଦମନଲୀଳା ଏହାର ଉଦାହରଣ ବୋଲି ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ତାରାପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ନୀଳମାଧବ ହିକକା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ପ୍ରମୁଖ ଗାଁରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଖଣି ଖନନ ପାଇଁ ରାସ୍ତା ନିର୍ମାଣକୁ ନେଇ ଜିଲା ପ୍ରଶାସନ ଓ ଖଣି ପ୍ରଭାବିତଙ୍କ ମଧ୍ୟରେ ଏବେବି ଉତ୍ତେଜନା ଲାଗି ରହିଛି। ପୁଣି ଗ୍ରାମସଭା କରି ଲୋକଙ୍କ ମତାମତ ନେବା ପାଇଁ କଂଗ୍ରେସ ଆହ୍ୱାନ ଦେଇଛି। ଏହି ଟିମ୍ ସବିଶେଷ ରିପୋର୍ଟ ରାହୁଲ ଗାନ୍ଧୀଙ୍କୁ ଦେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ସିଜିମାଳି ଆସିପାରନ୍ତି ରାହୁଲ: ତାରା

**ଭୁବନେଶ୍ୱର,୧୦।୪(ରବିନାରାୟଣ ଜେନା)**

ରାୟଗଡ଼ାସ୍ଥିତ ସିଜିମାଳିରେ ପୋଲିସ ଓ ଆଦିବାସୀ ମଧ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଏହି ଲଢ଼େଇକୁ ନେଇ ଆବଶ୍ୟକ ପଡ଼ିଲେ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଉକ୍ତ ଅଞ୍ଚଳକୁ ପରିଦର୍ଶନରେ ଆସିବେ ବୋଲି ତାରା କହିଛନ୍ତି।

# ମହାନଦୀ ଟ୍ରିବ୍ୟୁନାଲରେ ଅନ୍ତରୀଣ ରାୟ ପାଇଁ ଚିଠି ଲେଖିଲା ମହାନଦୀ ବଞ୍ଚାଓ ଆନ୍ଦୋଳନ

**ଭୁବନେଶ୍ୱର,୧୦।୪(ବନ୍ଦନା ସେଠୀ)**

ମହାନଦୀ ଟ୍ରିବ୍ୟୁନାଲର ସମୟସୀମା ଆସନ୍ତା ୧୩ ତାରିଖରେ ସରିବ। ୯ ମାସର ସମୟ ବୃଦ୍ଧି ନ ହେଲେ ଶନିବାର ଟ୍ରିବ୍ୟୁନାଲର ଶେଷ ଶୁଣାଣି ହେବ। ଏହି ଶୁଣାଣି ସମୟରେ ଏକ ଅନ୍ତରୀଣ ରାୟ ପାଇଁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ଏକ ପତ୍ର ମାଧ୍ୟମରେ ଅଣମୌସୁମୀ ସମୟରେ ଛତିଶଗଡ଼ ମହାନଦୀରେ ଓଡ଼ିଶାର ଆବଶ୍ୟକତା ଅନୁସାରେ ପାଣି ଛାଡିବାକୁ ଦାବି କରାଯାଇଛି। ଶନିବାର ଶୁଣାଣି ସମୟରେ ଓଡିଶାର ଆଡ୍‌ଭୋକେଟ ଜେନେରାଲ ଏହି ଦାବିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୩ ତାରିଖରେ 'ମହାନଦୀ ଟ୍ରିବ୍ୟୁନାଲର ଭବିଷ୍ୟତ ଓ ମହାନଦୀର ଭାଗ୍ୟ' ଶୀର୍ଷକ ଏକ ବିଚାରବିମର୍ଶ ସଭା ବୁଦ୍ଧ ମନ୍ଦିରଠାରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ସମସ୍ତ ରାଜନୈତିକ ଦଳ, ନଦୀ ଓ ମହାନଦୀ ଉପରେ କାର୍ଯ୍ୟ କରୁଥିବା ସଂଗଠନ, ବ୍ୟକ୍ତି ବିଶେଷ ଓ ବିଶେଷଜ୍ଞମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୃଷ୍ଟି ହୋଇଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠିତ ହୋଇଥିଲା। ୨୦୧୮ ମାର୍ଚ୍ଚ ୧୧ରେ କାର୍ଯ୍ୟ ଆରମ୍ଭ କରିଥିବା ଏହି ଟ୍ରିବ୍ୟୁନାଲକୁ ଇତିମଧ୍ୟରେ ୮ ବର୍ଷ ପୂରିଛି। ଓଡିଶା ତହବିଲରୁ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି, ମାତ୍ର ଓଡ଼ିଶାକୁ କେବଳ ପ୍ରତାରଣା ବ୍ୟତୀତ ଅନ୍ୟ କିଛି ମିଳିନାହିଁ। ଖରାଦିନେ ଛତିଶଗଡ଼ ସମ୍ପୂର୍ଣ୍ଣ ଭାବରେ ମହାନଦୀର ଜଳ ପ୍ରବାହକୁ ରୋକିଦେଉଛି। କଲମା ବ୍ୟାରେଜର ସମସ୍ତ ଗେଟ୍‌କୁ ବନ୍ଦ କରିବା ଫଳରେ ଓଡିଶାପଟକୁ ପାଣି ଆଦୌ ଆସୁନାହିଁ। ଫଳରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିବା ସହିତ ତଳମୁଣ୍ଡରେ ପିଇବା ପାଣି ଅଭାବ ସାଙ୍ଗକୁ ଜଳସେଚନରେ ସଙ୍କଟ ଦେଖାଦେଉଛି। ମହାନଦୀ ଉପରେ ନିର୍ଭର କରୁଥିବା ପର୍ଯ୍ୟାବରଣ ନଷ୍ଟ ହେବା ସହିତ ଚିଲିକା, ସାତକୋଶିଆ, ଭିତରକନିକା ଆଦି ପ୍ରାକୃତିକ ବିଭବର କ୍ଷେତ୍ରଗୁଡିକ ଗଭୀର ଭାବରେ ପ୍ରଭାବିତ ହେଉଛି। ଟ୍ରିବ୍ୟୁନାଲ ଓଡ଼ିଶାର ଏହି ଗମ୍ଭୀର ସମସ୍ୟା ପ୍ରତି ଆଖି ବୁଜିଦେବା ଏବଂ ୮ ବର୍ଷ ଭିତରେ ଏକ ଅନ୍ତରୀଣ ରାୟ ମାଧ୍ୟମରେ ଓଡିଶାକୁ ଏହି ସଙ୍କଟରୁ ସୁରକ୍ଷା ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରାଯାଇଛି।



**୫୭ ୟୁନିଟ୍ ରକ୍ତ ସଂଗ୍ରହ**

ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଶୁକ୍ରବାର ଓଡ଼ିଆ ପକ୍ଷ ଦିବସ ପାଳନ ଅବସରରେ କଲେଜ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ରକ୍ତଦାନ କରିଥିଲେ।

**ସଂକ୍ଷେପରେ**

## ପୋଖରୀରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ବେଗୁନିଆ,୧୦।୪ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ବେଗୁନିଆ ବଜାର ନିକଟସ୍ଥ ଗୋଡ଼ି ପୋଖରୀରୁ ଶୁକ୍ରବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ବେଗୁନିଆ ସଦର ଅନ୍ତର୍ଗତ ଭଉଁରୀ ସାହିର ପ୍ରତାପ ସାହୁ(୪୪)। ଏ ସମ୍ପର୍କରେ ବେଗୁନିଆ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୬) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗୋଡ଼ି ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କୁ ପରିବାର ଲୋକେ ଚିହ୍ନଟ କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମୃତ ପ୍ରତାପ ଗତ ଦୁଇ ଦିନ ହେବ ଘରୁ ବାହାରି କେଉଁଆଡ଼େ ଚାଲି ଯାଇଥିଲେ ବୋଲି ପରିବାର ଲୋକ କହିଛନ୍ତି।

## ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର

ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ବ୍ଲକ ଗଙ୍ଗପଡ଼ା ଗ୍ରାମରେ ଶୁକ୍ରବାର ଗ୍ରାମବାସୀ ଏକ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତ। ସ୍ଥାନୀୟ ଭାତଖୁରି ରତପୁର ଜଙ୍ଗଲରୁ ଏକ ହରିଣ ପଥଭ୍ରଷ୍ଟ ହୋଇ ଗ୍ରାମ୍ୟ ବସତିକୁ ପଳାଇଆସିଥିଲା। ରାସ୍ତାରେ ହରିଣକୁ ଦେଖି କେତେକ ବୁଲା କୁକୁର ଆକ୍ରମଣ କରିଥିଲେ। ସ୍ଥାନୀୟ ଗ୍ରାମର ଦେବରାଜ ପ୍ରଧାନ ଏବଂ ଗୋବିନ୍ଦ ପ୍ରଧାନ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ହରିଣଟିକୁ ଉଦ୍ଧାର କରିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ଉଦ୍ଧାର କରି ନେଇଥିଲେ।

## ହୋମିଓପ୍ୟାଥିକ୍ ଡାକ୍ତର ଗିରିଶ ଚନ୍ଦ୍ର ନାୟକଙ୍କ ପରଲୋକ

ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଅଞ୍ଚଳର ଜଣାଶୁଣା ହୋମିଓପ୍ୟାଥିକ୍ ଚିକିତ୍ସକ ଡା. ଗିରିଶ ଚନ୍ଦ୍ର ନାୟକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେବ ଅସୁସ୍ଥ ଥିଲେ। ଶୁକ୍ରବାର ସକାଳେ ତାଙ୍କର ହୃଦ୍‌ଘାତ ହେବାରୁ ଖୋର୍ଦ୍ଧା ଡାକ୍ତରଖାନାକୁ



ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ନାୟକ ହୋମିଓପ୍ୟାଥିକ୍ ଚିକିତ୍ସା କ୍ଷେତ୍ରରେ ଲୋକପ୍ରିୟ ଥିଲେ। ବହୁ ରୋଗୀ ତାଙ୍କ ଔଷଧରେ ଉପକୃତ ହେଉଥିଲେ। ରାଜ୍ୟର ବିଭିନ୍ନ ହୋମିଓପ୍ୟାଥିକ୍ ଚିକିତ୍ସାଳୟରେ କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଥିଲେ। ବାଲେଶ୍ୱର ନରସିଂହପୁରର ମୂଳନିବାସୀ ସ୍ୱର୍ଗତ ନାୟକ ଖୋର୍ଦ୍ଧା ବିଡିଏ କଲୋନୀର ସ୍ଥାୟୀ ବାସିନ୍ଦା ହୋଇଥିଲେ। ଖବରପାଇ ବହୁ ବ୍ୟକ୍ତି ବିଡିଏ କଲୋନୀ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଜୀବନଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ସିଡବ୍ଲ୍ୟୁସି, ସିସିଆଇ ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳସ୍ତମ୍ଭ

**ଶିଶୁ ସୁରକ୍ଷା ବ୍ୟବସ୍ଥା ଅଭିମୁଖୀକରଣ କାର୍ଯ୍ୟକ୍ରମ**

ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ନୂତନଭାବେ ଯୋଗଦେଇଥିବା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଓ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ)ର କର୍ମକର୍ତ୍ତାଙ୍କୁ ନେଇ ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ଅଧିକାର ସୁରକ୍ଷା, ଜୁଭେନାଇଲ ଜଷ୍ଟିସ ଆଇନ, ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅବହେଳା ନିବାରଣ ଏବଂ ସଠିକ୍ ପୁନର୍ବାସନ ପ୍ରକ୍ରିୟା ବିଷୟରେ ଅଲୋଚନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଥିଲେ, ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ ପରିବେଶ ଦେବା ସମସ୍ତଙ୍କ ଦାୟିତ୍ୱ। ସିଡବ୍ଲ୍ୟୁସି ଓ ସିସିଆଇ ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ସ୍ତମ୍ଭଭାବେ କାର୍ଯ୍ୟ କରିଥାଏ। ପରସ୍ପର ମଧ୍ୟରେ ସମନ୍ୱୟ, ଉତ୍ତମ ବୁଝାମଣା ରହିଲେ ଶିଶୁ ଉପଯୁକ୍ତ ସୁରକ୍ଷା ପାଇପାରିବ। ଏହି ଅଭିମୁଖୀକରଣରେ କେସ୍ ମ୍ୟାନେଜମେଣ୍ଟ, ଶିଶୁଙ୍କ ସହ ମାନବିକ ବ୍ୟବହାର ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଶିଶୁ ମଙ୍ଗଳ କମିଟି ଏବଂ ଅତିରିକ୍ତ ଶିଶୁ ମଙ୍ଗଳ କମିଟି ଭୁବନେଶ୍ୱରର ଅଧକ୍ଷା ଯଥାକ୍ରମେ କାନ୍ତା ମହାନ୍ତି ଓ ମମତା ସାହୁ ଏବଂ ସମସ୍ତ ସଦସ୍ୟା ସଦସ୍ୟଙ୍କ ସହିତ ସମସ୍ତ ସିସିଆଇ ପ୍ରତିନିଧି, ଶିଶୁ ସୁରକ୍ଷା କ୍ଷେତ୍ରର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର, ସାମଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ଗୀତାଞ୍ଜଳି ମହାନ୍ତି, ଅର୍ଚ୍ଚନା ରାୟ, ଅଶୋକ କୁମାର ସେଠୀ, ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାନସିଂହ ସାହିତ୍ୟ ସଂସଦର କବିତା ଆସର

କୃଷ୍ଣପ୍ରସାଦ,୧୦।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମାନସିଂହ ସାହିତ୍ୟ ସଂସଦର ୬୪ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କବି ତଥା ସମ୍ପାଦିକା ଚିନ୍ମୟୀ ପଣ୍ଡା ଯୋଗଦେଇ କବିତାର କରୁଣ୍ୟ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦର ମୁଖ୍ୟ ଉପଦେଷ୍ଟା ଡ.ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡା ପ୍ରାରମ୍ଭିକ ଭଜନ ପାଠ କରିଥିଲେ। ଯାଜପୁରରୁ କବି ସସ୍ମିତା ବେହେରାଙ୍କ ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଚନ୍ଦ୍ରା ମିଶ୍ର, ଡ.ଭାରତୀ ହୋତା, ରେଖା ଭୋଇ, ପ୍ରତିମା ପାତ୍ର, ସମୀର ନାୟକ, ସୁଶାନ୍ତ କୁମାର ଦଳେଇ, ବନ ବିହାରୀ ପଟ୍ଟନାୟକ, ଦେବାଶିଷ ପ୍ରଧାନଙ୍କ ସମେତ ପ୍ରାୟ ୪୦ରୁ ଅଧିକ ସାହିତ୍ୟ ସାଧକ ସାଧିକା ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା କବିତା ଆସର ମେ' ୬ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସ୍ୱାଇଁ କହିଛନ୍ତି।

## ଓଡ଼ିଶା ନୂତନ ପାଠ୍ୟକ୍ରମ, ସଞ୍ଚାଳନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବେଗୁନିଆ,୧୦।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ନୂତନ ପାଠ୍ୟକ୍ରମ ଓ ସଞ୍ଚାଳନ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସମଗ୍ର ଶିକ୍ଷା ପ୍ରକଳ୍ପ ଓ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୫ଦିନ ଧରି ଚାଲିଥିବା ଚତୁର୍ଥ ପର୍ଯ୍ୟାୟ 'ପ୍ରବୋଧନ' ଉଦ୍‌ଯାପିତ ଶିବିରରେ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣବ କୁମାର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ନୂତନ ପାଠ୍ୟକ୍ରମ ଓ ସଞ୍ଚାଳନ(ଏନ୍‌ସିଏଫ୍) ୨୦୨୫ ପ୍ରାଥମିକ ଶିକ୍ଷା ତଥା ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପରିବର୍ତ୍ତନ ଆଣିବା ମୂଳ ଲକ୍ଷ୍ୟ। ଯାହାଦ୍ୱାରା ଘୋଷା ପଦ୍ଧତିରୁ ମୁକ୍ତି ମିଳିବ। ଅତି ସହଜରେ ବୁଝିବା ଓ କାର୍ଯ୍ୟଭିତ୍ତିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଲକ୍ଷ୍ୟ, ପ୍ରକ୍ରିୟା, ଆଧାର ଓ ପରିବର୍ତ୍ତନ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ଦାଶରଥି ସୁବୁଦ୍ଧି, ଡ.ତ୍ରିନାଥ ବେହେରା, ଅଖିଳେଶ ମହାପାତ୍ର ଏବଂ ବିଷ୍ଣୁପ୍ରିୟା ମିଶ୍ର ତାଲିମ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସରୋଜ କୁମାର ବେହେରା, ସିଆର୍‌ସିସି ପୁଲକ କୁମାର ସାହୁ ଏବଂ ସନ୍ଧ୍ୟାରାଣୀ ରଥ ସହଯୋଗ କରିଥିଲେ।

# ଜନଗଣନାରୁ ଜନକଲ୍ୟାଣ ରଥ ଶୁଭାରମ୍ଭ



ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଉକ୍ତ ସଚେତନତା ରଥ ଜିଲାରେ ଏକମାସ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକରେ ବୁଲି ଜନସାଧାରଣଙ୍କୁ ସଚେତନ କରିବ। ସ୍ୱ ଗଣନା କିପରି କରିବେ ସେ ସମ୍ବନ୍ଧରେ ଡାକବାଜି ଯନ୍ତ୍ର ଓ ଲିଖିତଭାବେ ସଚେତନତା କରିବ। ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ଏପ୍ରିଲ ପହିଲାରୁ ୧୫ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ https://se.census.gov.in ରେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଗୃହ ଗଣନା ୧୬ ଅପ୍ରିଲରୁ ୧୫ ମେ' ପର୍ଯ୍ୟନ୍ତ କରାଯିବ। ଜନଗଣନାରେ ସଠିକ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ ବୋଲି ଅତିରିକ୍ତ ଜିଲାପାଳ ବେଉରା ପରାମର୍ଶ ଦେଇଛନ୍ତି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଦେଶୀ ମଦ ସହ ବାଇକ୍ ଜବତ, ୨ ଗିରଫ

ବାଲୁଗାଁ,୧୦।୪(ସଂଗ୍ରାମ ପାଇକରାୟ): ବାଲୁଗାଁ ଅବକାରୀ ଅଧିକାରୀ ଦାୟିତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ବାଣପୁର ଥାନା ଅନ୍ତର୍ଗତ ଶାଳିଆ କେନାଲ ରାସ୍ତାର ମୁକ୍ତାଦେଇପୁର ଗ୍ରାମ ନିକଟରେ ଚଢ଼ାଉ କରାଯାଇଥିଲା। ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଆସୁଥିବା ବେଳେ ତାକୁ ଅଟକାଇବାରେ ଅଭିଯୁକ୍ତ ଜଣକ ବାଇକ୍ ଓ ଦେଶୀମଦ ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ଟିମ ସେଠାରୁ ୬୦ ଲିଟର ଦେଶୀ ମଦ ସହ ବାଇକ୍ ଜବତ କରିଥିଲେ। ପରବର୍ତ୍ତୀ ସମୟରେ ଟାଙ୍ଗୀ ଥାନା ଅଧୀନ ଜରିପଡା ଗ୍ରାମ ରାସ୍ତାର ରଘୁନାଥ ମଠ ନିକଟରେ ଚଢ଼ାଉ କରାଯାଇ ସିଲୁ ପରିମାଣିକ (୨୯)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫.୪ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଉକ୍ତ ଜରିପଡା ଗ୍ରାମ ରାସ୍ତାର ପାଣି ଟାଙ୍କି ନିକଟରେ ଚଢ଼ାଉ କରି ଉକ୍ତ ଗ୍ରାମର ନଣ୍ଡା ବାରିକ (୪୦)ଙ୍କୁ ଗିରଫ କରି ତାଙ୍କ ନିକଟରୁ ୪.୮ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ଟିମ୍। ତେବେ ଅବକାରୀ ବିଭାଗ ୩ଟି ସ୍ଥାନରୁ ମୋଟ୍ ୭୦.୨ଲିଟର ଦେଶୀ ମଦ ଜବତ ହୋଇଛି।

## ବୋରିଗୁମ୍ଫାରେ ୧୧ଶମ୍ଭୁ ମିଳନ ଉତ୍ସବ



ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ବୋରିଗୁମ୍ଫା ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୧ଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ଉକ୍ତ ଶମ୍ଭୁ ମିଳନର ଥାନପତି ଥିଲେ। ପୂଜକ ଦୁର୍ଗାଚରଣ ଅଧିକାରୀ ଏବଂ ବିଶ୍ୱରଞ୍ଜନ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ଗଡ଼ମାଣତୀରର କପିଳେଶ୍ୱର ଦେବ, ହଜର ନାଟେଶ୍ୱର ଦେବ, ଡୋଭା ପାଟଣାର ବାଙ୍କନିଧି ଦେବ, ରାୟମୂଳ ଗ୍ରାମର କପିଳେଶ୍ୱର ଦେବ, ରମ୍ଭାବିଲର ନୀଳକଣ୍ଠେଶ୍ୱର, ରଣପୁର ବ୍ଲକ ସାନଗଡ଼ ଗ୍ରାମର ବାଲୁଙ୍କେଶ୍ୱର ଦେବ, ବରମୂଳର ଲୋକେଶ୍ୱର ଦେବ, ସୁନାଖଳାର ନୀଳକଣ୍ଠେଶ୍ୱର ଦେବ, ମୟୂରଝାଲିଆର ମୁକ୍ତେଶ୍ୱର ଦେବ ପ୍ରମୁଖ ମନ୍ଦିରରେ ଏକତ୍ରିତ ହୋଇ ପୂଜା ପାଇଥିଲେ। ଫଗୁଆ ରାଉତରାୟ, ପ୍ରମୋଦ ପରିଡ଼ା, ମଣ୍ଟୁ ବାରିକ, ସନ୍ତୋଷ ପରିଡା, ଗୁରୁଦେବ ରଣସିଂହଙ୍କ ସମେତ ଖଡ଼ିପଦର ଏବଂ ବୋରିଗୁମ୍ଫାର ୫୦ରୁ ଊର୍ଦ୍ଧ୍ୱ ଯୁବକ ସହଯୋଗ କରିଥିଲେ।

# ମାନସିକଧାରୀଙ୍କ ଦୁଆରେ ୭ଗାଁର ଦଣ୍ଡ ଠାକୁର

ବୋଲଗଡ଼,୧୦।୪(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମର ବୁଧି ବାମନ ସ୍ୱାଇଁଙ୍କ ମାନସିକ ପୂରଣ ହେବାରୁ ତାଙ୍କ ଆମନ୍ତ୍ରଣକ୍ରମେ ନିକଟବର୍ତ୍ତୀ ଗ୍ରାମର ଦଣ୍ଡୁଆମାନେ ସେମାନଙ୍କ ଦଣ୍ଡ ଠାକୁରଙ୍କୁ ଧରି ମହାମିଳନ ପର୍ବରେ ସାମିଲ ହୋଇଥିଲେ। ଏଥିରେ ଦିବ୍ୟସିଂହପୁର, ସଂପୁର, ମାଣକଗୋଡ଼ାର କୁମୁଟି ସାହି ଓ ହାଟସାହି, ଫିରିଫିରାପାଟଣା, କଳାଙ୍ଗ, ଗୋଡ଼ଭଙ୍ଗା ଓ ଟାଙ୍ଗୀସାହି ଗ୍ରାମର ଦଣ୍ଡଠାକୁରମାନେ ବୁଧବାର ଅପରାହ୍ନରେ ଟାଙ୍ଗୀସାହି ଗ୍ରାମରେ ପହଞ୍ଚି ପ୍ରଥମେ ସ୍ଥାନୀୟ ମାରାଗାଡିଆ ପୋଖରୀରେ ସ୍ନାନସାରି ସେଠାରେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦନ ତିଳକ ପରେ ଠାକୁରମାନଙ୍କୁ ନୂତନ ବସ୍ତ୍ର ଓ ଫୁଲ ଶୃଙ୍ଗାର କରିଥିଲେ। ଏହି ଅବସରରେ ଘଣ୍ଟ ଘଣ୍ଟା ଓ ଢୋଲବାଦ୍ୟ ସହ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ କମ୍ପି ଉଠିଥିଲା। ୭ଦଣ୍ଡ ଠାକୁରଙ୍କୁ ୨୦୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆମାନେ 'ଭୋଜ ମଣିମା..' ଡାକିଡାକି ସାହି ମଧ୍ୟରେ ଝୁଣାଧୂପ ଦେଇ ସ୍ୱାଇଁଙ୍କ ଦୁଆରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ପୂଜକ ବିରଞ୍ଚି ପଣ୍ଡା ଓ ଅନ୍ୟମାନେ ରୀତିନୀତି ଅନୁସାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିବା ବେଳେ ପରିବାର ପକ୍ଷରୁ ଭୋଗ ସହ ମା' ଦଣ୍ଡକାଳୀଙ୍କୁ ବନ୍ଦାପନା କରାଯାଇଥିଲା। ପାଟ ଦଣ୍ଡୁଆଙ୍କ ସମେତ ସମସ୍ତ ଦଣ୍ଡୁଆମାନେ ଠାକୁରଙ୍କ ସମ୍ମୁଖରେ ଝୁଣା ଖେଳ ଖେଳି ପରଭା ନଚେଇ ମାନସିକଧାରୀଙ୍କ ପରବାର ଓ ଗ୍ରାମବାସୀଙ୍କ ମଙ୍ଗଳ କାମନା କରିଥିଲେ। ପରେ ସମସ୍ତ ଦଣ୍ଡୁଆମାନେ ଠାକୁରଙ୍କୁ ସଙ୍ଗରେ ଧରି ଗ୍ରାମର ମା' କାଳିକାଙ୍କ କୋଠିରେ ପହଞ୍ଚି ପଣା ସାରି ନିଜ ଗ୍ରାମର କାମନା ମନ୍ଦିରକୁ ବାହୁଡ଼ିଥିଲେ।

## ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୧୦।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚିଛିଣି ବାବା ତ୍ରିଲୋଚନେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ବ୍ଲକସ୍ତରୀୟ ୨୩ତମ କ୍ରିକେଟ ଟୁର୍ନାମେଣ୍ଟ ମା'ମଙ୍ଗଳାକୁଦି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଚିଛିଣି ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତ୍ରିନାଥ ଦେବ କ୍ରିକେଟ ଟିମ୍ ବାଲିନାସୀ ଏବଂ ଭଗବତୀ କ୍ରିକେଟ ଟିମ ନୂଆଗାଁ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବାଲିନାସୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୪ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ଶ୍ରୀତମ ସାହୁ ଏବଂ ବୁଲୁ ପଲେଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଧାରାବିବରଣୀରେ ଅଜୟ କୁମାର ଜେନା, ସ୍କୋରବୋର୍ଡରେ ସମରେଶ ଜେନା ସହଯୋଗ କରିଥିଲେ। ତ୍ରିଲୋଚନେଶ୍ୱର କ୍ଲବର ସଭାପତି କାହ୍ନୁ ଚରଣ ଜେନା, ସମ୍ପାଦକ ଚିନ୍ମୟ ସାହୁ, ସିବୁଲ ପଲେଇ, ସୋହନ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।

# ସରିଲା ଭଗବତ ବାସୁଦେବ ମେଳଣ



ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ଭାତଖୁରୀ ଗ୍ରାମର ଭଗବତ ବାସୁଦେବ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୭ତାରିଖ ମଧ୍ୟରାତ୍ରିରେ ଜମାଣରୁ ମେଳଣ ଆରମ୍ଭ ହୋଇଥିଲା। ଥାନପତି ଗୋପୀନାଥ ଦେବଙ୍କ ସହ ପାଖଆଖ ଗ୍ରାମର ୩୨ଟି ନିମନ୍ତ୍ରିତ ଠାକୁର ସୁସଜ୍ଜିତ ବିମାନରେ ଆସି ଖୁଣ୍ଟିଲାଗି ହୋଇଥିଲେ। ୪ଦିନ ବ୍ୟାପୀ ଅନୁଷ୍ଠିତ ମେଳଣ ଉତ୍ସବରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳଣ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ଶୁକ୍ରବାର ଗୋଧୂଳି ବେଳାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ଭୋଗ ଲାଗି ହୋଇ ମେଳଣ ଉଦ୍‌ଯାପିତ ହୋଇଥିଲା। ହରିବୋଲ, ହୁଳହୁଳି ଏବଂ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମେଳଣ କମିଟି ସଭାପତି ବିଭୁଦତ୍ତ ପାହାଡ଼ସିଂଙ୍କ ସଭାପତିତ୍ୱ ଏବଂ ମୁଖ୍ୟ ପରିଚାଳକ ସୌମ୍ୟରଞ୍ଜନ ମହାରଥଙ୍କ ନେତୃତ୍ୱରେ ଆୟୋଜିତ ମେଳଣ ଉତ୍ସବକୁ ଅନୁଷ୍ଠାନର ସମ୍ପାଦକ ହୃଷିକେଶ ମହାରଥୀଙ୍କ ସହ ବଂଶୀଧର ବେହେରା, ପ୍ରକାଶ ଚନ୍ଦ୍ର ସୁବୁଦ୍ଧି, ପ୍ରବୀଣ କୁମାର ମହାକୁଡ଼, ବାଳକୃଷ୍ଣ ପରିଡ଼ା, ବାଉରିବନ୍ଧୁ ବରାଳ, ଦୁର୍ଗାପ୍ରସନ୍ନ କର, ଚିତ୍ତରଞ୍ଜନ ସାମନ୍ତରାୟ, ମନ୍ମଥ କୁମାର ଜଗଦେବ, ବସନ୍ତ କୁମାର ଦାଶଙ୍କ ସହ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

## ରାମେଶ୍ୱର ଭଗବତ ମେଳଣ ଉଦ୍‌ଯାପିତ

ନିରାକାରପୁର,୧୦।୪(ମାନସ ଚନ୍ଦ୍ର ପଟ୍ଟନାୟକ): ରାମେଶ୍ୱରସ୍ଥିତ ମଳାଗୁଣୀ ନଦୀପଠାରେ ପାରମ୍ପରିକ ରୀତିରେ ପାଳିତ ହୋଇଆସୁଥିବା ରାମେଶ୍ୱର ଭଗବତ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ସକାଳେ ଭକ୍ତ ଓ ଭଗବାନଙ୍କ ଅବିର ଖେଳ ସହିତ ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମେଳଣର ଥାନପତିଭାବେ ରାମେଶ୍ୱର ଖମାରସାହି ଓ ମଝିସାହିର ଭଗବତଦେବ ମେଳଣ ପଡିଆରୁ ମେଲାଣି ନେଇଥିଲେ। ଅନୁରୂପଭାବେ ଏହି ମେଳଣ ନିମନ୍ତେ ସ୍ଥାନୀୟ ତାଳପଡା, ରମାବିଲି, ମଧୁବନ, ସାମନ୍ତରାପୁର, ଷଠିପଦର, ଯାଜପୁର, ମିରିଗଦୟଣୀ ଆଦି ସ୍ଥାନରୁ ଆମନ୍ତ୍ରିତ ଭଗବତ ଦେବଙ୍କୁ ମଧ୍ୟ ମେଲାଣି ଦିଆଯାଇଥିଲା। ମେଳଣ ପଡିଆରେ



କ୍ରିୟାକମିଟି ପକ୍ଷରୁ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉଙ୍କୁ ବିଦାୟ ଦିଆଯାଇଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଭିତ୍ତିଭୂମି ନ ଥାଇ ସାଇବର ଥାନା ସ୍ଥାନାନ୍ତର

ଭୁବନେଶ୍ୱର, ୧୦।୪(ତ୍ରିନାଥ ମହାନ୍ତି)




- ଗୋଟିଏ ବିଲ୍ଡିଂରେ ମୈତ୍ରୀବିହାର, ସାଇବର ଥାନା
- ଅଭିଯୁକ୍ତ ରହିବାକୁ ନାହିଁ ହାଜତ, ଲାଗିନି ସିସିଟିଭି
- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଶିଡ଼ି ଚଢ଼ି ଯିବାରେ ସମସ୍ୟା

ଭିତ୍ତିଭୂମି ନ ଥାଇ ରାତିଅଧିଆ ସାଇବର ଥାନାକୁ ଭିଏସ୍‌ଏସ୍ ନଗରରୁ ମୈତ୍ରୀବିହାର ଥାନାକୁ ସ୍ଥାନାନ୍ତର କରାଯାଇଛି। ଏଥିଲାଗି ନା କୌଣସି ସରକାରୀ ନୋଟିସ ନା ବିଜ୍ଞପ୍ତି ପ୍ରକାଶ ପାଇଛି। ଥାନା ସ୍ଥାନାନ୍ତର ଫଳରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ଉଭୟ ଥାନାର କର୍ମଚାରୀ ଏବଂ ଅଭିଯୋଗକାରୀ। ଅଭିଯୋଗକାରୀ ସାଇବର ଠକେଇର ଶିକାର ହୋଇ ଭିଏସ୍‌ଏସ୍ ନଗରରେ ଥିବା ଥାନାକୁ ଯାଉଛନ୍ତି। ହେଲେ ସେଠାରେ କେହି ନ ଥିବା ଜାଣି ମୈତ୍ରୀବିହାର ଥାନାକୁ ଆସିବା ସମୟ ଭିତରେ ଗୋଲ୍ଡେନ୍ ପିରିୟଡ୍ ଶେଷ ହୋଇଯାଉଛି। ଫଳରେ ସାଇବର ଠକ ଏହି ସମୟ ଭିତରେ ଟଙ୍କାକୁ ଏକାଧିକ ବେନାମୀ ଆକାଉଣ୍ଟକୁ ସ୍ଥାନାନ୍ତର କରି ଉଠାଇ ନେଉଛନ୍ତି। ସେହିପରି ଗୋଟିଏ ବିଲ୍ଡିଂରେ ଦୁଇଟି ଥାନା ଚାଲୁଥିବାରୁ କର୍ମଚାରୀ ବସିବାକୁ ଜାଗା ନାହିଁ। ଯେଉଁଠି ପୂର୍ବରୁ ଅଭିଯୋଗକାରୀଙ୍କ ପାଇଁ ପ୍ରତୀକ୍ଷାଳୟ ରହିଥିଲା, ସେଠାରେ ଚେୟାର ପକାଇ ଏବେ ପୋଲିସ ଅଧିକାରୀ ବସୁଛନ୍ତି। ଏପରି କି ଯେଉଁଠି ବାରାକ୍ ରହିଥିଲା, ସେଠାରେ ମଧ୍ୟ ଥାନା ଅଧିକାରୀ ବସୁଛନ୍ତି। ଥାନାକୁ ଗଲେ ଅଭିଯୋଗକାରୀଙ୍କୁ ବସିବାକୁ କୌଣସି ଜାଗା ମିଳୁନି। ଅପରପକ୍ଷରେ ଡିସିପି ଜଗମୋହନ ମୀନା କହିଛନ୍ତି, ସାଇବର ଥାନା ଖୁବ୍‌ଶୀଘ୍ର ହୋଇଯିବ। ତେଣୁ ଅସ୍ଥାୟୀଭାବେ ସେଠାରେ ଚାଲିଛି। ସବୁ କିଛି ଠିକ୍ ହୋଇଯିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଭିଏସ୍‌ଏସ୍ ନଗରରେ ଥିବା ଫାଣ୍ଡିରେ ସାଇବର ଥାନାକୁ ଅସ୍ଥାୟୀ ଚାଲୁ କରାଯାଇଥିଲା। ତେବେ ହଠାତ୍ ଗତ ୫ତାରିଖ ରାତିରେ ଉକ୍ତ ଥାନାକୁ ମୈତ୍ରୀ ବିହାରକୁ ସ୍ଥାନାନ୍ତର କରାଯାଇଥିଲା। ଏପରି କି ଗତ ୬ତାରିଖରେ ଗୋଟିଏ ସ୍ଥାନରେ ୨ଟି ଥାନାର ବୋର୍ଡ ମଧ୍ୟ ଲଗାଯାଇଛି। ମୈତ୍ରୀ ବିହାର ଥାନାରେ ଆବଶ୍ୟକ ପରିମାଣର ସ୍ଥାନ ନ ଥିବାରୁ ଥାନା ଅଧିକାରୀଙ୍କୁ ଭେଟିବା ପାଇଁ ଅଭିଯୋଗକାରୀଙ୍କୁ ଘଣ୍ଟା ଘଣ୍ଟା ଗୋଡ଼ଭାଙ୍ଗି ଛିଡ଼ା ହେବାକୁ ପଡୁଛି। ଥାନାରେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ବିଶ୍ରାମ ନେବାକୁ ଜାଗା ନାହିଁ। ଆହୁରି ମଧ୍ୟ ମହିଳା ପୋଲିସମାନେ ଶୌଚାଳୟ ଯିବା ଏବଂ ପୋଷାକ ବଦଳାଇବା ପାଇଁ ଜାଗା ନ ଥିବାରୁ ଅଧିକ ହଇରାଣ ହେଉଛନ୍ତି। ଏପରି କି ସାଇବର ଥାନା ମୈତ୍ରୀବିହାର ଥାନାର ଦ୍ୱିତୀୟ ମହଲାରେ ଚାଲୁଥିବାରୁ ଅଭିଯୋଗ କରିବାକୁ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଯାଇପାରୁ ନାହାନ୍ତି। ର୍‍ୟାମ୍ପ କିମ୍ବା ଲିଫ୍ଟ ବ୍ୟବସ୍ଥା ନ ଥିବାରୁ ସେମାନେ ଶିଡ଼ି ଚଢ଼ିବା ସମ୍ଭବ ହେଉନି। ସେମାନେ ବାଧ୍ୟ ହୋଇ ତଳେ ଛିଡ଼ା ହୋଇ ମୈତ୍ରୀବିହାର ଥାନା ପୋଲିସକୁ ଅନୁରୋଧ କରୁଛନ୍ତି। ସେମାନେ ଯାଇ ସାଇବର ଥାନାକୁ କହିବା ପରେ କାହାର ଦୟା ହେଲେ ସେମାନେ ତଳକୁ ଆସି ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ଅଭିଯୋଗ ଗ୍ରହଣ କରିବା ସହ ଆଲୋଚନା କରୁଛନ୍ତି। ବଡ଼ କଥା ହେଲା, ମୈତ୍ରୀବିହାର ଥାନାରେ ସିସିଟିଭି ଲାଗିନାହିଁ। ବିନା ସିସିଟିଭିରେ କିଭଳି ଏହି ଦୁଇ ଥାନା ଚାଲୁଛି ତାହାକୁ ନେଇ ମଧ୍ୟ ମାନବାଧିକାର କର୍ମୀ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଥାନାରେ କାହାକୁ ଥାର୍ଡ ଡିଗ୍ରୀ ଦିଆଗଲେ କିମ୍ବା ହାଜତ ମୃତ୍ୟୁ ଘଟିଲେ ପୋଲିସ ନିଜ ଦୋଷ ସହଜରେ ଘୋଡ଼ାଇ ପାରିବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଥାନାରେ ସିସିଟିଭି ଲାଗିବା କଥା, କିନ୍ତୁ ମୈତ୍ରୀବିହାର ଥାନାରେ ନ ଲାଗିବାରୁ ପୋଲିସ ନିର୍ଯାତନା ବଢ଼ିବାର ଆଶଙ୍କା କରାଯାଉଛି। ସାଇବର ଠକାମିର ଶିକାର ହୋଇଥିବା ଶ୍ୟାମସୁନ୍ଦର ପରିଡ଼ା କହିଛନ୍ତି, ସେ ଦେଢ଼ ଲକ୍ଷ ଟଙ୍କାର ସାଇବର ଠକାମିର ଶିକାର ହୋଇଥିବା ଜାଣିବା ପରେ ଭିଏସ୍‌ଏସ୍ ନଗରରେ ଥିବା ସାଇବର ଥାନାକୁ ଷ୍ଟାଟସ ବୁଝିବାକୁ ଯାଇଥିଲେ। ହେଲେ ସେଠାରେ ସାଇବର ଥାନା ଉଠିଯାଇଥିବା ଜାଣିବାକୁ ପାଇଥିଲେ। ପରେ ଏନେଇ ସେଠାକୁ ଯିବା ପରେ ଦୁଇଟି ଥାନା ଗୋଟିଏ ବିଲ୍ଡିଂରେ ହୋଇଥିବା କେଉଁଠି ସାଇବର ଥାନା ତାହାକୁ ନେଇ ଦ୍ୱନ୍ଦରେ ପଡ଼ିଥିଲେ। ତଥାପି ପଚାରି ଯିବା ପରେ ବସିବାକୁ ଜାଗା ନାହିଁ ପରେ ଆସ ଦେଖିବା ବୋଲି ଅଧିକାରୀମାନେ ତାଙ୍କୁ କହିଥିଲେ ବୋଲି ଶ୍ୟାମସୁନ୍ଦର କହିଛନ୍ତି। ଏନେଇ ମୈତ୍ରୀବିହାର ଥାନା ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି, ଗୋଟିଏ ବିଲ୍ଡିଂରେ ଦୁଇଟି ଥାନା ଚାଲିବା ସମସ୍ୟା ହେଉଛି। ଆମେ ଆଡ୍‌ଜଷ୍ଟ କରି ଚଲାଉଛୁ। ସାଇବର ଥାନା ହେବା ପରେ ସେମାନେ ସ୍ଥାନାନ୍ତର ହୋଇଯିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଦାନକଲେ ବୃକ୍ଷ

ବାରଙ୍ଗ, ୧୦।୪(ଲିଙ୍ଗରାଜ ରାଉତ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ୨ଟି ଗଛ ଦାନକଲେ ରାଜଧାନୀ ଉପକଣ୍ଠ ଦାଢ଼ା ପଞ୍ଚାୟତ ମରିଚିଆ ଗ୍ରାମର ଯୋଗେନ୍ଦ୍ର ବେହେରା। ଏହି ଦୁଇଟି ଗଛର କାଠ ପୁରୀ ଅଭିମୁଖେ ଯାତ୍ରା କରିବ। ଯୋଗେନ୍ଦ୍ରଙ୍କ ବାଡ଼ିରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଫାସି ଗଛ ରହିଛି। ମହାପ୍ରଭୁଙ୍କ ସେବାରେ ଏହି ଗଛକୁ ଅର୍ପଣ କରିବାକୁ ମନସ୍ଥ କରିଥିଲେ ଯୋଗେନ୍ଦ୍ର। ସେଥିପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ସହିତ ଗତ ୬ ମାସ ତଳେ ଯୋଗାଯୋଗ କରିଥିଲେ। ଶେଷରେ ପୁରୀରୁ ଗଛ କାଟିବା ପାଇଁ ଆସି ପହଞ୍ଚିଥିଲେ କର୍ମଚାରୀ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇଟି ବିରାଟ ଗଛକୁ ବୁଧବାର କଟାଯାଇଛି। ପ୍ରଥମେ ଗଛ ମୂଳେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ କଟର ମେଶିନ ସହାୟତାରେ ଗଛ ଦୁଇଟି କଟା ଯାଇଥିଲା। ନାମ ସଙ୍କୀର୍ତ୍ତନରେ ସମଗ୍ର ଅଞ୍ଚଳ ଫାଟି ପଡୁଥିଲା। ଗ୍ରାମର ଶତାଧିକ ମହିଳା ପୁରୁଷ ଏହି ପବିତ୍ର କାର୍ଯ୍ୟରେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ବିନା ଆଦେଶରେ କୌଣସି କାର୍ଯ୍ୟ ହୁଏନି। ଏଠାରୁ ରଥ ନିର୍ମାଣ ପାଇଁ କାଠ ଯାଉଛି, ତାହା ମଧ୍ୟ ପ୍ରଭୁଙ୍କ ଇଚ୍ଛା ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ

ଭୁବନେଶ୍ୱର, ୯।୪(ସୁଚିସ୍ମିତା ସାହୁ)

ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ଦିଗରେ ସରକାର ବିଶ୍ୱବିଦ୍ୟାଳୟ ଅଧିନିୟମର ସଂଶୋଧନ ଓ ଏହାର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ୧୪ ବିଶ୍ୱବିଦ୍ୟାଳୟରେ ଯୋଗ୍ୟତା ଭିତ୍ତିରେ କୁଳପତି ଚୟନ କରିବା ସହିତ ବିଭାଗୀୟସ୍ତରରେ ସ୍ଥାନ ସଂରକ୍ଷଣକୁ ଛାଡ଼ି ବିଶ୍ୱବିଦ୍ୟାଳୟସ୍ତରରେ ଶିକ୍ଷକଙ୍କ ଜାତିଗତ ସ୍ଥାନ ସଂରକ୍ଷଣ ସ୍ଥିରୀକୃତ କରିଛନ୍ତି। ଜନଗଣନା ଆଧାରରେ ଜାତିଗତ ସ୍ଥାନ ସଂରକ୍ଷଣକୁ ସମାନ କରିବା ଭଳି ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ସ୍ୱାଗତଯୋଗ୍ୟ। ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗୁଣବତ୍ତା ଶିକ୍ଷାଦାନ ସହିତ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରାଇବା ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ସହାୟକ ହେବ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କହିଛି। ଏଥିପାଇଁ ମହାସଂଘର ଓଡ଼ିଶା ଶାଖାର କେନ୍ଦ୍ରୀୟ ପ୍ରତିନିଧି ଡ. ନାରାୟଣ ମହାନ୍ତି, ଡ. ପବିତ୍ର ରଥ, ଅଧ୍ୟକ୍ଷ ଡ. ଶିବବ୍ରତ ଦାସ, ଉପସଭାପତି ଡ. ସରୋଜ ଦାଶ, ସାଧାରଣ ସମ୍ପାଦକ ଡ. ବିପ୍ଳବ ଗୁରୁ, ରାଜ୍ୟ ସମ୍ପାଦକ ଡ. ଦୀପ୍ତାଂଶୁ ଭୂଷଣ ପତି, କୋଷାଧ୍ୟକ୍ଷ ଡ. ବିଶ୍ୱ ମୋହନ ଜେନା ପ୍ରମୁଖ କର୍ମକର୍ତ୍ତା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଭୁବନେଶ୍ୱରସ୍ଥିତ ସିଓ୍ୱାଇଏସ୍‌ଡି ପରିସର ବଗିଚାରେ ଥିବା ସୂର୍ଯ୍ୟମୁଖୀ ଫୁଲରୁ ଖାଦ୍ୟ ସଂଗ୍ରହ କରୁଛି ଶୁଆ। (ଫଟୋ- ବିକାଶ ନାୟକ)

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ୩୦ କଳାକାର ସମ୍ବର୍ଦ୍ଧିତ

ବାଲିଅନ୍ତା, ୧୦।୪ ( ନୀଳମାଧବ ସାହୁ)



ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଅନ୍ତା ବ୍ଲକର କାକରୁଦ୍ରପୁର ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ରେ ଶୁକ୍ରବାର ଲୋକକଳା ପାଇ ଦିନ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଡିଓ ରଶ୍ମିତା ନାଥ, ଜିପିଇଓ ଶୁଭଶ୍ରୀ ସୋମାଦର୍ଶିନୀ , ସ୍ଥାନୀୟ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ମିଳିଲତା ବେହେରା, ଏମ ପି ଙ୍କ ପ୍ରତିନିଧି ବିଜୟ ମହାରଣା, ଓ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ତ୍ରିପାଠୀ ଓ ପୂର୍ବତନ ସମିତି ସଭ୍ୟ ତଥା ଗାୟକ ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଗାୟକ ସନ୍ତୋଷ କୁମାର ବେହେରା ତାଙ୍କ ସାଥି ଙ୍କ ଦାରା ପାଲା ଓ ଗାୟକ ଅକ୍ଷୟ କୁମାର ବେହେରା ସାଥି ଙ୍କ ଦାରା ଘୋଡ଼ା ନାଚ ପରିବେଷଣ ହୋଇଥିଲା। ପରେ ମୁଖ୍ୟ ଅତିଥି ବିଧାୟକ ମଲ୍ଲିକ ଙ୍କ ଦାରା ବ୍ଲକ ର ପଞ୍ଜିକୃତ ୨୯ ଲୋକ କଳା ଦଳ ମୁଖ୍ୟ ୩୦ ଜଣ କଳାକାରଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପ୍ରମୋଦ କୁମାର ମହାପାତ୍ର ପରିଚାଳନା କରିଥିଲେ।

# ଇକୋ ଆବିଲିଟି ଟ୍ରଷ୍ଟ ପାଳିଲା ଅଟିଜମ୍ ସଚେତନ ଦିବସ




ଅତିଥିମାନେ ଜଣେ ଅଟିଜମ୍ ପିଲାଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୦।୪(ସୌମ୍ୟରଞ୍ଜନ ରାଉତ)

ଇକୋ ଏବିଲିଟି ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଅଟିଜମ୍ ସଚେତନ ଦିବସ ଗୁରୁବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। ଅତିଥି ଭାବରେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ଏସ୍‌ଭିଏନ୍‌ଆଇଆର୍‌ଟିଏଆର୍‌ର ଡା. ପତିତପାବନ ମହାନ୍ତି, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ଭଜପା ନେତା ଗୌତମ ରାୟ, ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ କୁମାର ରାଉତ ରାୟ, ସହ ସଚିବ ସନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଅଟିଜମ୍ ସଚେତନତା ବିଷୟରେ ଆଲୋଚନା କରିବା ସହ ଅଟିଜମ୍ ପିଲା ସମାଜ ପାଇଁ ବୋଝ ନୁହଁନ୍ତି ବୋଲି ମତ ରଖିଥିଲେ। ଏହି ଅବସରରେ ଡା. ବିଶ୍ୱ ରଞ୍ଜନ ମିଶ୍ର, ଅନୁରୂପା ସେନାପତି, ଗୁରୁ ଚନ୍ଦନ କୁମାର ଜେନା, ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଅଟିଜିମ୍ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷା ସୌଦାମିନି ରାଉତ ସ୍ୱାଗତ ଭାଷଣ ଓ ରଜନୀକାନ୍ତ ରାଉତ ପରିଚାଳନା କରିଥିଲେ।

### ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା

ବାଲିପାଟଣା, ୧୦।୪(ଅଭିମନ୍ୟୁ ନାୟକ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ବାଲିପାଟଣା ବ୍ଲକ ପରିସରରେ ମହିଳାମାନଙ୍କ ମଧ୍ୟରେ ଝୋଟି, ହୁଳହୁଳି, ଶଙ୍ଖ ଫୁଙ୍କିବା ଆଦି ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିବ୍ୟରଞ୍ଜନ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ସିଡିପିଓ ରୁନୁବାଳା ସାହୁ, ସରପଞ୍ଚ ବାହାନ ଭୋଇ, ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ଖବରଦାତା ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାରେ କହିବା, ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ଘରର ଚଳଣୀକୁ ନେଇ ଗର୍ବ କରିବା ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିଥିଲେ। ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଶେଷରେ ପ୍ରଭାତ କୁମାର ଜେନାଙ୍କ ଆୟୋଜନରେ ପଖାଳ ସହିତ ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ଅଂଶଗ୍ରହଣକାରୀଙ୍କୁ ପରସା ଯାଇଥିଲା।

# ଆଜି ବି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇନି

**ଆଜାଦ୍ ହିନ୍ଦ୍ ବାହିନୀର ରାଜ୍ୟସ୍ତରୀୟ କର୍ମଶାଳା**

ଭୁବନେଶ୍ୱର, ୯।୪ (ସୌମ୍ୟରଞ୍ଜନ ରାଉତ)

ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ନେତାଜୀ ଭବନ ପରିସରରେ ଆରମ୍ଭ ହୋଇଛି। ବାହିନୀର ଜାତୀୟ ସଂଯୋଜକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରମଜୀବୀ ମଣିଷର ପ୍ରତିନିଧି ବିଜୟ ସାହୁ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମଦୃଷ୍ଟି ପତ୍ରିକାର ସମ୍ପାଦକ ବିଷ୍ଣେଶ୍ୱର ସାହୁ, ଖବରଦାତା ସୁରେନ୍ଦ୍ର ପାତ୍ର, ସାମାଜିକ କର୍ମୀ ହରିହର ସେନ୍, ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ କହିଲେ, ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଭାରତ ବର୍ଷର ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଜନଗଣଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସରକାରମାନେ ବିଫଳ ହୋଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଯୋଗାଇ ଦେବାରେ ସରକାରୀ ବିଫଳତା ଚରମସୀମାରେ ପହଞ୍ଚିଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଦେଶର ପ୍ରାକୃତିକ ସମ୍ପଦକୁ ଶାଗ ମାଛ ଦରରେ କର୍ପୋରେଟ ସଂସ୍ଥାମାନଙ୍କୁ ବିକ୍ରି ଚାଲିଛି। ଜନ ଅସନ୍ତୋଷ ବଢ଼ି ଚାଲିଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ସରକାରୀ କଳର ନିଘା ନାହିଁ। ଏଭଳି ସ୍ଥଳେ ବାହିନୀର ସାଥୀମାନେ ଜଣେ ସଚ୍ଚା ଦେଶପ୍ରେମୀ ଓ ସଂଗ୍ରାମୀ ଭାବରେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ଲଢ଼ିବାକୁ ସେମାନେ ଆହ୍ୱାନ କରିଥିଲେ। ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା, ଦିଶା ଆଜାଦ, ରିଙ୍କି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦନକାନନ ଆସିଲା ହାଡ଼ଗିଲା ପକ୍ଷୀ



ବାରଙ୍ଗ, ୧୦।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଶୁକ୍ରବାର ବାଲେଶ୍ୱର ବନଖଣ୍ଡ ଅଧୀନ ନୀଳଗିରି ରେଞ୍ଜରୁ ଉଦ୍ଧାର ହୋଇଥିବା ଏକ ହାଡ଼ଗିଲା ପକ୍ଷୀକୁ ଚିକିତ୍ସା ପାଇଁ ଅଣାଯାଇଛି। ନୀଳଗିରି ରେଞ୍ଜ କର୍ମଚାରୀ ଏକ ଯନ୍ତା ସାହାଯ୍ୟରେ ହାଡ଼ଗିଲାକୁ ସାଙ୍ଗରେ ଆଣି ନନ୍ଦନକାନନରେ ପହଞ୍ଚିଥିଲେ। ବନ କର୍ମଚାରୀଙ୍କ ସୂଚନା ମୁତାବକ, ହାଡ଼ଗିଲାଟି କୌଣସି କାରଣରୁ ଅସୁସ୍ଥ ରହିଥିଲା। କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନନ୍ଦନକାନନ ସ୍ଥାନାନ୍ତର କରିଥିବା ସୂଚନା ରହିଛି। ଏହି ପ୍ରଜାତି ବିଲୁପ୍ତପ୍ରାୟ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅସୁସ୍ଥ ହାଡ଼ଗିଲାଟି ନନ୍ଦନକାନନ ଆସିବା ପରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇ ଚିକିତ୍ସା ଆରମ୍ଭ କରାଯାଇଛି।

# ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି, ଏକାଧିକ ଦୋକାନରେ ଚଢ଼ାଉ

ଭୁବନେଶ୍ୱର, ୧୦।୪(ତ୍ରିନାଥ ମହାନ୍ତି)

ପଟିଆ ଏବଂ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ଦୋକାନ ଉପରେ ସ୍ପେଶାଲ କ୍ରାଇମ୍ ୟୁନିଟ ଚଢ଼ାଉ କରିଛି। ଏକାଧିକ ଦୋକାନ ଭିତରୁ ପୁଳା ପୁଳା ଟବାକୋ ପ୍ରଡକ୍ଟ, ଗୋଗୋ ପେପର, ଗଞ୍ଜେଇ ଜବତ କରାଯାଇଛି। ଛାତ୍ରମାନେ ନିଶାଦ୍ରବ୍ୟ ପାଇଁ ସ୍ପେଶାଲ କୋଡ୍ ଦ୍ୱାରା ଦୋକାନୀଙ୍କୁ ମାଗୁଛନ୍ତି। ଦୋକାନୀ କୋର୍ଡ ଜାଣିପାରି ନିଶା ଦ୍ରବ୍ୟ ଦେଉଛନ୍ତି। ଏପରି କି ନିଶା ଖାଇବା ପାଇଁ ପିଣ୍ଡିର ବ୍ୟବସ୍ଥା ବି ହେଇଛି। ଚୁର୍ମା, ଭାଙ୍ଗ, ଗୋଗୋ ପେପର ଓ ଗଞ୍ଜେଇ ସବୁ କିଛି ମିଳି ଯାଉଛି। ନାମିଦାମୀ କଲେଜରେ ପାଠପଢ଼ି ନିଜ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ବଦଳରେ ନିଶାସକ୍ତ ହେଉଛନ୍ତି ଯୁବପିଢ଼ି। ବ୍ରାଉନ୍‌ସୁଗାର, କୋକେନ, ଗଞ୍ଜେଇ, ଚରସ, ଅଫିମ, ମାରୁଆନା, ସିନ୍ଥେଟିକ ଡ୍ରଗ୍ସ ଖାଇ ନିଶାରେ ଝୁମୁଛନ୍ତି । ବାରମ୍ବାର ଏଭଳି ଅଭିଯୋଗ ଆସିବା ପରେ ଏବେ ଆକ୍ସନ ମୋଡ଼କୁ ଆସିଛି ସ୍ପେଶାଲ କ୍ରାଇମ ୟୁନିଟ । ଇନ୍‌ଫୋସିଟି ଏବଂ ପଟିଆ ଅଞ୍ଚଳର ଶିକ୍ଷାନୁଷ୍ଠାନ ନିକଟରେ ଥିବା ପାନ ଦୋକାନ, ଷ୍ଟେସନେରି ଦୋକାନଗୁଡ଼ିକରେ ଚଢ଼ାଉ କରାଯାଇଛି। ପ୍ରଶାନ୍ତି ବିହାରର ଏକ ନିକାଞ୍ଚନସ୍ଥାନରେ ଖଟି କରୁଥିବା ଛାତ୍ରୀଛାତ୍ର ନିଶା ଖାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢଉ କରିଥିଲା।

# ଗୋଟିଏ ସ୍ଥାନରେ ୩ବର୍ଷ ରହିପାରିବେ ନାହିଁ ପୋଲିସ ବାବୁ

**ଡିସିପି, ଏସ୍‌ପିଙ୍କୁ ଗାଦିମଡ଼ା ଅଫିସରଙ୍କ ତାଲିକା ମାଗିଲା ଜିଏ ବିଭାଗ**

ଭୁବନେଶ୍ୱର, ୧୦।୪(ତ୍ରିନାଥ ମହାନ୍ତି)

କମିଶନରେଟ୍ ପୋଲିସ ସମେତ ରାଜ୍ୟର ବିଭିନ୍ନ ପୋଲିସ ଜିଲାରେ ଏକାଧିକ ଗାଦି ମଡ଼ା ପୋଲିସ ଅଫିସର ପଡ଼ି ରହିଛନ୍ତି। ସେମାନେ ପୋଲିସ ମାନୁଆଲ୍‌କୁ ନ ମାନି ବଡ଼ ଅଧିକାରୀଙ୍କୁ ହାତ କରି ଗୋଟିଏ ସ୍ଥାନରେ ରହୁଛନ୍ତି। କିନ୍ତୁ ଏଥର ଏହି ପୋଲିସ ବାବୁମାନେ ସାବାଡ଼ ହେବେ। କାରଣ ଗୋଟିଏ ସ୍ଥାନରେ ୩ ବର୍ଷ ଧରି ରହିଥିବା ଏବଂ ଗୋଟିଏ ପୋଲିସ ଜିଲାରେ ୬ବର୍ଷ ଧରି ରହିଥିବା ପୋଲିସ ବାବୁମାନଙ୍କ ତଥ୍ୟ ଦେବାକୁ ଡିସିପି ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସାଧାରଣ ପ୍ରଶାସନ ବିଭାଗ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତ ୪ ତାରିଖରେ ବିଜ୍ଞପ୍ତି ଜାରି କରାଯାଇଛି। ଏପ୍ରିଲ ମାସ ଶେଷ ସୁଦ୍ଧା ତାଲିକା ଦେବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ ଏପ୍ରିଲ ଏବଂ ଜୁନ୍ ମାସରେ ଗାଦିମଡ଼ା ପୋଲିସ ବାବୁଙ୍କ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପ୍ରାଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ସାଧାରଣ ପ୍ରଶାସନ ବିଭାଗ ଏଭଳି ପଦେକ୍ଷପ ନେଇଥିବା କୁହାଯାଉଛି।

# ଏମ୍‌ସ ନର୍ସିଂ ଆସୋସିଏଶନ ସଭାପତିଙ୍କୁ ଆକ୍ରମଣ

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ**

ଭୁବନେଶ୍ୱର, ୧୦।୪(ତ୍ରିନାଥ ମହାନ୍ତି)

ଏମ୍‌ସ ନର୍ସିଂ ଆସୋସିଏଶନ୍‌ର ସଭାପତି ଏସ୍.ରମେଶ ପଙ୍ଗୁପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏମ୍‌ସରୁ ଡ୍ୟୁଟି ସାରି ଘରକୁ ଫେରୁଥିବାବେଳେ ପାତ୍ରପଡ଼ା ବସ୍ ଷ୍ଟପ୍ ନିକଟରେ ୬ଜଣ ଦୁର୍ବୃତ୍ତ ତାଙ୍କୁ ଘେରି ଆକ୍ରମଣ କରିଛନ୍ତି। ଲୁଡାରଡ଼ରେ ଆକ୍ରମଣ କରାଯାଇଥିବା ଏସ୍. ରମେଶ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଏମ୍‌ସ ନର୍ସିଂ ଆସୋସିଏଶନ୍ ସଦସ୍ୟ ଖଣ୍ଡଗିରି ଥାନା ଘେରାଉ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୨ମାସ ତଳେ ଅନୁଷ୍ଠିତ ଏମ୍‌ସ ନର୍ସିଂ ଆସୋସିଏଶନ୍‌ର ନିର୍ବାଚନରେ ଏସ୍. ରମେଶ ନିର୍ବାଚିତ ହୋଇଥିଲେ। ଏହି ରାଗକୁ ରଖି କେହି ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା: ଅପରାହ୍ନ ୪ଟା ୩୦ରେ ଦିଅଁ ବିଜେ

ପୁରୁଣା ଭୁବନେଶ୍ୱର, ୧୦।୪
(ସୁବାସ ଚନ୍ଦ୍ର ପ୍ରଧାନ)



ଆସନ୍ତା ଅକ୍ଷୟ ତୃତୀୟା ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଶ୍ରୀଜୀଉମାନେ ଚାପ ଡଙ୍ଗାରେ ଚାପ ଖେଳିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରମୁଖ ନିଯୋଗଙ୍କୁ ନେଇ ଶୁକ୍ରବାର ଏକ ବୈଠକ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷମାନଙ୍କରେ ମଧ୍ୟାହ୍ନ ୧୨ଟାରେ ସର୍ବସାଧାରଣ ଦର୍ଶନ ବନ୍ଦ ହେଉଥିବା ବେଳେ ଚଳିତ ବର୍ଷ ପୂର୍ବାହ୍ନ ୧୦ଟା ୩୦ରେ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ଅପରାହ୍ନ ୪ଟା ସୁଦ୍ଧା ଦ୍ୱିପ୍ରହର ଧୂପ ହେବା ସହ ୪ଟା ୩୦ରେ ଦିଅଁ ବିଜେ ହେବାକୁ ସ୍ଥିର ହୋଇଛି। ଚାପଡଙ୍ଗାରେ ଅଧିକ ଫୁଲମାଳ ଆଲୋକୀକରଣ ହେବା ଏବଂ ଦମକଳ ବାହିନୀ ବିମାନ ଓ ପାଲିଙ୍କିରେ ଠାକୁର ବିନ୍ଦୁ ସାଗରକୁ ବିଜେ ପୂର୍ବରୁ ପାଣି ସିଞ୍ଚନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡାଙ୍କ ସହ ସମସ୍ତ ନିଯୋଗ ମୁଖ୍ୟ ଯୋଗଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୦।୪।୨୦୨୬

| ୪,୬୮,୨୪୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସିଂହଦ୍ୱାର ଗୁମୁଟରେ ଲାଗିପାରିନି ଦଶାବତାର ମୂର୍ତ୍ତି

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ପୁଣିଥରେ ଲାଗିପାରୁନି ଦଶ ଅବତାର ମୂର୍ତ୍ତି। ଏହାକୁ ନେଇ କିଛିବର୍ଷ ହେବ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି। ମାତ୍ର ପ୍ରଶାସନର ଅବହେଳା ଓ ମୂର୍ତ୍ତି ସ୍ଥାପନରେ ନବମ ଅବତାରରେ କେଉଁ ମୂର୍ତ୍ତି ସ୍ଥାନ ପାଇବ ତାହାକୁ ନେଇ ବିବାଦ ଲାଗିରହିଛି। ଫଳରେ ଆଜିପର୍ଯ୍ୟନ୍ତ ଗୁମୁଟରେ ଦଶ ଅବତାର ମୂର୍ତ୍ତି ଲାଗିପାରିନାହିଁ। ଏହାରି ଭିତରେ ଏକ ଦୃଶ୍ୟ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନକୁ କଷ୍ଟ ଦେଇଛି। ଦଶଅବତାର ମୂର୍ତ୍ତିଗୁଡ଼ିକ ଅବହେଳିତ ଅବସ୍ଥାରେ ସିଂହଦ୍ୱାର ନିକଟରେ ପଡ଼ିରହିଛି। ସିଂହଦ୍ୱାର ନିକଟସ୍ଥ ମେଘନାଦ ପାଚେରି ପାଖରେ ଖୋଲା ଆକାଶ ତଳେ ଅତି ଦୟନୀୟ ସ୍ଥିତିରେ ପଡ଼ିରହିଛି। ଏଭଳି ଦୃଶ୍ୟକୁ ଦେଖି ସେବାୟତ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଯଥାଶୀଘ୍ର ସମସ୍ତ ବିବାଦର ସମାଧାନ କରାଯାଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦଶାବତାର ମୂର୍ତ୍ତିକୁ ସିଂହଦ୍ୱାର ଗୁମୁଟରେ ସ୍ଥାପିତ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ଦୀର୍ଘ ୧୪ରୁ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଲାଗିପାରୁନି ଦଶାବତାର ମୂର୍ତ୍ତି। ନୂତନ ମୂର୍ତ୍ତି ନିର୍ମାଣ ପାଇଁ ଏଏସ୍ଆଇ କାରିଗରଙ୍କୁ ଅର୍ଡର ଦେଇଥିଲେ। ଏହି ମୂର୍ତ୍ତିକୁ ନେଇ ବିବାଦ ହେବା ପରେ କାରିଗରଙ୍କଠାରୁ ଆଣି ନ ଥିଲେ। ଗତ ସରସ୍ୱତୀ ପୂଜା ଦିନ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ନିର୍ମିତ ନୂଆ ମୂର୍ତ୍ତି ଆଣି ସିଂହଦ୍ୱାର ନିକଟରେ ରଖି ପୂଜାର୍ଚ୍ଚନା କରାଯାଇଥିଲା। ତେବେ ପ୍ରଶାସନ ମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ ଭାବେ ନ ରଖି ମେଘନାଦ ପାଚେରି ନିକଟରେ ରଖିଥିବା ଦେଖିବାକୁ ମିଳିଛି। ଏଭଳି ଅଶୋଭନୀୟ ଢଙ୍ଗରେ ଖୋଲା ଆକାଶ ତଳେ ପଡ଼ି ରହିବା ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ ବୋଲି ଭକ୍ତ ଓ ସେବାୟତ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ତ ବିବାଦର ସମାଧାନ କରାଯାଇ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ସ୍ଥାପନ କରିବାକୁ ଦାବି ହୋଇଛି। ଗତ ୨୦୧୨ରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଚୂନଛଡ଼ା କାର୍ଯ୍ୟବେଳେ ଏଏସ୍ଆଇ ପକ୍ଷରୁ ଦଶାବତାର ମୂର୍ତ୍ତି କଢ଼ାଯାଇଥିଲା। ମୂର୍ତ୍ତି ପୁରୁଣା ହୋଇଯାଇଥିବାରୁ ନୂଆ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଇଥିଲା। ଦଶାବତାର ମୂର୍ତ୍ତିର ନବମ ସ୍ଥାନରେ

### ବିଭିନ୍ନ ମହଲରେ ଅସନ୍ତୋଷ

ବୁଦ୍ଧ ଏବଂ ଜଗନ୍ନାଥଙ୍କ ମୂର୍ତ୍ତି ରଖାଯିବାକୁ ନେଇ ଗବେଷକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ଆସିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦ ହାଇକୋର୍ଟରେ ଏବେ ବିଚାରାଧୀନ ରହିଛି। ତେଣୁ ରାଜ୍ୟ ସରକାର କୋର୍ଟକୁ ଅବଗତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତ ନେଇ ଯଥାଶୀଘ୍ର ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରେ ଲଗାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ସେବାୟତ ଗଣେଶ୍ୱର ମହାସୁଆର କହିଛନ୍ତି, ଏହା ଦୁଃଖଦ ଘଟଣା। ଦୀର୍ଘବର୍ଷ ହେବ ଗୁମୁଟରେ ଦଶ ଅବତାର ମୂର୍ତ୍ତି ଲାଗିପାରୁନି। ଅପରପକ୍ଷରେ ମୂର୍ତ୍ତି ଆସି ଥୁଆ ହୋଇଛି। ସେଥିରେ ଶିଉଳି ଲାଗିଗଲାଣି। ଏହାକୁ ଦେଖି ମନରେ କଷ୍ଟ ହେଉଛି। ଯାହା ଦ୍ୱନ୍ଦ୍ୱ ରହିଛି, ତାହାର ସମାଧାନ ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିକଟକୁ ଯାଇ ପାରମ୍ପରିକ ଭାବେ ସମାଧାନ କରିବା। ଦଶ ଅବତାର ମୂର୍ତ୍ତି ପୁଣିଥରେ ସିଂହଦ୍ୱାର ଗୁମୁଟରେ ଲାଗୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ପୁରୀଠାରେ ଶୁକ୍ରବାର ଆୟୋଜିତ ଆଦିକଳା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଚିକିତ୍ସା କ୍ଷେତ୍ରରେ ହୋମିଓପାଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅସ୍ତରଙ୍ଗ,୧୦।୪(ମମତା ଜେନା)

### ବିଶ୍ୱ ହୋମିଓପାଥି ଦିବସ ପାଳିତ

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତରାସାହିସ୍ଥିତ ସରକାରୀ ହୋମିଓପାଥି ଚିକିତ୍ସାଳୟ ପରିସରରେ ଶୁକ୍ରବାର ବିଶ୍ୱ ହୋମିଓପାଥି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ହୋମିଓପାଥିର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କ ୨୭୧ତମ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି' ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାନ୍ ଚିକିତ୍ସାବିତ୍ ଡାକ୍ତର ହାନିମ୍ୟାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜକ ତଥା ତରାସାହି ହୋମିଓପାଥି ଚିକିତ୍ସା ଅଧିକାରୀ ଡାକ୍ତର ବିଜୟା ଲକ୍ଷ୍ମୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତରାସାହି ସରପଞ୍ଚ ରାଜକିଶୋର ବେହେରା ଓ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଯଯାତି କେଶରୀ ବିଶ୍ୱାଳ ଯୋଗଦେଇ ଗ୍ରାମାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାରେ ହୋମିଓପାଥିର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଡାକ୍ତର ବିଜୟା ଲକ୍ଷ୍ମୀ ପରିଡ଼ା ହୋମିଓପାଥି ଚିକିତ୍ସାର ଉପକାରିତା ସମ୍ପର୍କରେ କହିଛନ୍ତି, ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ଏବଂ କମ୍ ଖର୍ଚ୍ଚରେ ଜଟିଳ ଓ ପୁରୁଣା ରୋଗର ସ୍ଥାୟୀ ନିରାକରଣ ପାଇଁ ହୋମିଓପାଥି ଏକ ପ୍ରକୃଷ୍ଟ ମାଧ୍ୟମ। ନ୍ୟାଶନାଲ ଆୟୁଷ ମିଶନ, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ରୋଗୀମାନେ ଯୋଗ ଦେଇଥିଲେ। ଚିକିତ୍ସାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପୁରୀ ସଦରରେ ଲୋକକଳା ଦିବସ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳନ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ପୁରୀ ସଦର ଅଳସଣାଠାରେ ପାଲା ମାଧ୍ୟମରେ ଲୋକକଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ରଙ୍କ ଉପସ୍ଥିତିରେ ପାଲା କଳାକାରମାନେ ଠାକୁରଙ୍କ ନିକଟରେ ରୁକ୍ମିଣୀ ହରଣ ପରିବେଷଣ କରିଥିଲେ। ଏହାକୁ ଗାୟକ ଗନ୍ଧର୍ବ ପାଢ଼ୀ, ବାୟକ ରାମହରି ସ୍ୱାଇଁ ଓ ଦଳ ଉପସ୍ଥାପନା କରିଥିବା ବେଳେ ଭକ୍ତି ନିର୍ମାଲ୍ୟ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମିଶ୍ର ଓ ବିପିନ ବାରିକ, କଣ୍ଠଶିଳ୍ପୀ ରାମକୃଷ୍ଣ ବେହେରା ଏବଂ ଆଖପାଖ ଅଞ୍ଚଳର ପୁରୁଖା ଲୋକେ ଉପସ୍ଥିତ ଥିଲେ।

### ୫୪ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ-୨୦୨୬ ଆନୁକୂଲ୍ୟରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଯୁବ ରେଡ୍‌କ୍ରସ ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ରେଡ୍‌କ୍ରସ ବିଭାଗ, ଜିଲା ଆବାହକ ଶୋଭନା ତ୍ରିପାଠୀ, ମହାବିଦ୍ୟାଳୟ ଅଧୀନସ୍ଥ ରେଡ୍‌କ୍ରସ ସଂଯୋଜିକା ଡ. ସଙ୍ଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୪ ୟୁନିଟ ରକ୍ତସଂଗ୍ରହ ହୋଇଛି। ଏଥିରେ ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବିପୁଳ ଉତ୍ସାହ ଉଦ୍ଦୀପନାରେ କାର୍ଯ୍ୟକ୍ରମ ସମାପନ ହୋଇଛି।

### ମା' ବେଲେଶ୍ୱରୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଚାରିଛକ,୧୦।୪(ଶିଶିର କୁମାର ସ୍ୱାଇଁ)

ଚାରିଛକ ଥାନା ପକ୍ଷରୁ ଆୟୋଜିତ ମା' ବେଲେଶ୍ୱରୀଙ୍କ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏସ୍ଆଇ ଇନ୍ଦୁଲତା ମିଶ୍ର, ଏଏସ୍ଆଇ କୈଳାସ ଚନ୍ଦ୍ର ପ୍ରଧାନ, ସବିତା କୁମାରୀ ଦେବୀ, ବୁଦ୍ଧରାମ ମୁର୍ମୁ କମିଟି ସଦସ୍ୟ ଅଗାଧୁ ଚରଣ ଦାସ, ମହେନ୍ଦ୍ର କୁମାର ନାୟକ, ପ୍ରଶାନ୍ତ କୁମାର ବେହେରା, ଅଭିମନ୍ୟୁ ପଣ୍ଡା, ଦେବେନ୍ଦ୍ର ଦାଶ, ପଦ୍ମନାଭ ବାରିକ, ଗଙ୍ଗାଧର ବେହେରା, ରମାରମଣ ଦେବପାତ୍ର, ଡ. କେଦାରନାଥ ସାହୁ, ଜୟନ୍ତ କୁମାର ସେଠୀ, ସନାତନ ପାତ୍ର, ଭକ୍ତବନ୍ଧୁ ବିଶ୍ୱାଳ, ସରପଞ୍ଚ ଅଜୟ କୁମାର ପରିଡା, ଦୁର୍ଯ୍ୟୋଧନ ମହାନ୍ତି, ଅରକ୍ଷିତ ଭୋଇ, ଶଙ୍କର୍ଷଣ ସ୍ୱାଇଁ, ସଞ୍ଜୟ ବାରିକ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ସାହୁ, ଚିତ୍ତରଞ୍ଜନ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମେଳଣକୁ ସୁପରିଚାଳନା କରିବାକୁ ଏକ କମିଟି ଗଠନ କରାଯାଇଛି। ଆସନ୍ତା ୨୦ ତାରିଖ ଅକ୍ଷୟତୃତୀୟା ଦିନ ମନ୍ଦିରରେ ହୋମଯଜ୍ଞ ଓ ପୂଜାର୍ଜନା ପରେ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଇ ଗ୍ରାମ ପରିକ୍ରମା କରାଯିବ। ବାଜା ବଜାଇ ଆତସବାଜା ଫୁଟାଇବା ସହ ନାମ ସଂକୀର୍ତ୍ତନ, ଘୋଡ଼ାନାଚ ଆଦି ଠାକୁରଙ୍କ ସମ୍ମୁଖରେ ପରିବେଷଣ ହେବ। ଚାରିଛକ ବଜାର, ଓରପଟ, ବ୍ରହ୍ମକୁଣ୍ଡୀ ଆଦି ଗ୍ରାମରେ ଶ୍ରଦ୍ଧାଳୁଙ୍କ ଘରୁ ଭୋଗଲାଗି ହେବାପରେ ଥାନା ପରିସରରେ ଆସି ଠାକୁର ବିରାଜମାନ କରିବେ। ସେଠାରେ ଭୋଗଲାଗି ପରେ ପୁନର୍ବାର ବିମାନରେ ଠାକୁରଙ୍କୁ ସ୍ୱମନ୍ଦିରକୁ ନିଆଯିବ। ଥାନା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ।



ଉଗ୍ରତାରା ଯୁବକ ସଂଘ ପକ୍ଷରୁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ସମ୍ମୁଖରେ ଅନୁଷ୍ଠିତ ସମୂହ ବ୍ରତୋପନୟନରେ ବ୍ରହ୍ମଚାରୀମାନେ ମହାପ୍ରଭୁଙ୍କ ଆଶୀର୍ବାଦ ନେଉଛନ୍ତି।

## ଭାରତୀୟ ଯୋଗ ସଂସ୍ଥାନର ୬୦ତମ ସ୍ଥାପନା ଦିବସ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ ହୁଲୁହୁଲିଆ ନିକଟସ୍ଥ କୃଷ୍ଣା ଗାର୍ଡେନଠାରେ ଯୋଗ ଜିଲା ଦ୍ୱାରା ୬୦ତମ ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଦେବ ପ୍ରସାଦ ଦାସ ଓ ଅବସରପ୍ରାପ୍ତ ଶଲ୍ୟ ଚିକିତ୍ସକ ଶ୍ରୀକାନ୍ତ ପଣ୍ଡା ଯୋଗଦେଇ ଶରୀରକୁ ସୁସ୍ଥ ରଖିବାପାଇଁ ହେଲେ ନିୟମିତ ଯୋଗାଭ୍ୟାସ କରିବା ସହ ଯୋଗକୁ କିଭଳି ଭାବେ ସମସ୍ତଙ୍କ ପାଖରେ ପହଞ୍ଚାଯାଇପାରିବ ସେ ଉପରେ ଉପଦେଶ ଦେଇଥିଲେ। ଏହି ଅବସରରେ ପୁରୀ ଯୋଗ ଜିଲା ପ୍ରଧାନ ମନମୋହନ ମହାପାତ୍ର, ଜିଲା ମନ୍ତ୍ରୀ ସଦାଶିବ ଦାସ, ଜିଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତରାୟ, ଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା ଓ କେନ୍ଦ୍ରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପୁରୀ ଯୋଗ ଜିଲା ଶତାଧିକ ସାଧକ ଓ ସାଧିକାମାନେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ। ସମସ୍ତ ବରିଷ୍ଠ ପଦଧିକାରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉମାକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ପାନୀୟଜଳ ଯୋଗାଣ ଠପ୍, ଲୋକଙ୍କ ରାସ୍ତାରୋକୋ

ନିମାପଡ଼ା,୧୦।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ବଳଙ୍ଗା ପୂର୍ତ୍ତ ରାସ୍ତା ନିର୍ମାଣ କାର୍ଯ୍ୟବେଳେ ନିର୍ମାଣକାରୀ ସଂସ୍ଥା କୁଆଁସ ଛକ ନିକଟରେ ଥିବା ପାଇପଲାଇନକୁ ଭାଙ୍ଗିଦେଇଥିବାରୁ ଦୁଇଦିନ ହେଲା ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। କୁଆଁସ ଛକ ନିକଟସ୍ଥ କୁଆଁସ, ଗୋପାଳପୁର, ନହନ୍ତରା, ଆଇଟିଆଇ ଛକ ଅଞ୍ଚଳରେ ଥିବା ପ୍ରାୟ ଦୁଇଶହ ପରିବାର ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣକାରୀ ସଂସ୍ଥାର ଖାମଖିଆଲି କାର୍ଯ୍ୟ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ରଶ୍ମିରଞ୍ଜନ ପଣ୍ଡା, ମାନସ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ସତ୍ୟରଞ୍ଜନ ରାଉତରାୟ, ମାନସ ପ୍ରଧାନ, କାଳନ୍ଦୀ ସାହୁ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ନିମାପଡ଼ା -ବଳଙ୍ଗା ରାସ୍ତାର କୁଆଁସ ଛକ ନିକଟରେ ରାସ୍ତାରେ ପଥର ପକାଇ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ଧରି ଅବରୋଧ କରିଥିଲେ। ଖବର ପାଇ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ନୂତନ ପାଇପଲାଇନ ସଂଯୋଗ କରାଯାଇ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ କହିଛନ୍ତି। ଜଳଯୋଗାଣ ବ୍ୟବସ୍ଥା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜାତୀୟ ଯୁବ ମୁଷ୍ଟିଯୁଦ୍ଧ: ପୁରୀରୁ ୭



ଭାରତୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ମୁଷ୍ଟିଯୋଦ୍ଧାମାନେ।

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଭାରତୀୟ ମୁଷ୍ଟିଯୋଦ୍ଧା ସଂଘ ପକ୍ଷରୁ ଆସନ୍ତା ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟିସ୍ଥିତ ଦଂ ବୋସ୍କୋ ବିଶ୍ୱବିଦ୍ୟାଳୟରେ ୧୯ ବର୍ଷରୁ କମ୍ ଯୁବ ବାଳକ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟ ସହ ଓଡ଼ିଶା ମଧ୍ୟ ଅଂଶଗ୍ରହଣ କରିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁଥିବା ରାଜ୍ୟ ଦଳରେ ପୁରୀ ଜିଲାର ୭ ଜଣ ମୁଷ୍ଟିଯୋଦ୍ଧା ସ୍ଥାନ ପାଇଛନ୍ତି। ସମସ୍ତ ଖେଳାଳି ଶୁକ୍ରବାର ରାତିରେ ଟ୍ରେନ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ପୁରୀରୁ ସାମିଲ ହୋଇଥିବା ବାଳକ ଖେଳାଳି ହେଲେ ପ୍ରକାଶ ବାନାର୍ଜୀ(୪୭-୫୦ କେଜି), ଲୋକନାଥ ବେହେରା(୫୦-୫୫କେଜି), ବି. ପ୍ରବୀଣ ରାଓ(୫୫-୬୦ କେଜି), ଅଂଶୁ ନାୟକ(୬୦-୬୫ କେଜି), ବସନ୍ତ କୁମାର ବେଜ୍ (୬୫-୭୦ କେଜି), ବିଶ୍ୱଜିତ ରାୟ(୭୦-୭୫) ଓ ବାଳିକାରେ ପ୍ରବୀଣ ବେହେରା(୪୮-୫୧ କେଜି) ବର୍ଗରେ ଅଂଶଗ୍ରହଣ କରିବେ। ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର। ମାର୍ଚ୍ଚ ୨୫ ଓ ୨୬ରେ ରାଉରକେଲାଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଉକ୍ତ ଖେଳାଳିମାନେ ଉଚ୍ଚତର ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର, ଅନିଲ ଗୋଚ୍ଛିକାର ସାହୁ, ସମାଜସେବୀ ସନ୍ତୋଷ ମିଶ୍ର, ସଙ୍ଗଠିକା ସ୍ମିତାଞ୍ଜଳି ପତି, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ ଓ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ଅଞ୍ଜୁ ପ୍ରଧାନଙ୍କୁ ପୁରୀଶ୍ରୀ ଗୌରବ, ଅସ୍ମିତା ଦାସଙ୍କୁ ନୃତ୍ୟାଞ୍ଜଳି ସମ୍ମାନ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

### ଗୁରୁ କେଳୁଚରଣ ମହାପାତ୍ରଙ୍କ ୨୨ତମ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରରେ ସ୍ୱର୍ଗତ ଗୁରୁ କେଳୁଚରଣ ମହାପାତ୍ରଙ୍କ ୨୨ତମ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅବସରରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଓ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆଲୋଚନାଚକ୍ରରେ ସଙ୍ଗୀତ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଭାରତ ସେବାଶ୍ରମ ସଂଘର ବୃନ୍ଦାବନ ଶାଖା ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ସଂଘର ସହସମ୍ପାଦକ ସ୍ୱାମୀ ସମିଧାନନ୍ଦ ମହାରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ 'ଗୀତ ଗୋବିନ୍ଦରେ ଶ୍ରୀଜଗନ୍ନାଥ' ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମାନିତ ଅତିଥି ରୂପେ ସଙ୍ଗୀତ ନିର୍ଦ୍ଦେଶକ ତଥା ତବଲା ବାଦକ ଗୁରୁ ଶରତ କୁମାର ରଥ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସମୟ ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର, ସୂଚନା ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏବଂ ଭାଜପା ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଭୁବନେଶ୍ୱର ଲୋକନାଥ ସଙ୍ଗୀତ କଳାନିକେତନର କଳାକାର ଓ ନୃତ୍ୟାନିପୁଣ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରିୟଙ୍କା ମିଶ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଗୁରୁ ବନ୍ଦନା, ଚତୁର୍ଭୁଜ ଜଗନ୍ନାଥ, ଦଶାବତାର, ଶିବାୟ ଆଦି ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଅନୁଷ୍ଠାନ ତରଫରୁ ଅଞ୍ଜୁ ପ୍ରଧାନଙ୍କୁ ପୁରୀଶ୍ରୀ ଗୌରବ ସମ୍ମାନ, ଅସ୍ମିତା ଦାସଙ୍କୁ ନୃତ୍ୟାଞ୍ଜଳି ସମ୍ମାନ, ପ୍ରତିମା ମିଶ୍ରଙ୍କୁ କୃଷ୍ଣରାମ ଖୁଣ୍ଟିଆ ସ୍ମୃତି ସମ୍ମାନ, ଡ. ନୀଳାଞ୍ଚଳ ସିଂଙ୍କୁ ବିଜୟଲକ୍ଷ୍ମୀ ମହାନ୍ତି ସ୍ମୃତି ସମ୍ମାନ, ଗୁରୁ ବିବେକ ମହାନ୍ତିଙ୍କୁ ତନୁଶ୍ରୀ ପଣ୍ଡା ସ୍ମୃତି ସମ୍ମାନ, ଗୁରୁ ରବି ନାରାୟଣ ଦାସଙ୍କୁ ଅଭୟ କୁମାର ସରାଫ ସ୍ମୃତି ସମ୍ମାନ, ଗୁରୁ କାର୍ତ୍ତିକ ସାହୁଙ୍କୁ ଶ୍ୟାମସୁନ୍ଦର ପାଣ୍ଡେ ସ୍ମୃତି ସମ୍ମାନ, ବିଜୟଲକ୍ଷ୍ମୀ ଦାସଙ୍କୁ ଗୁରୁ ଲିଙ୍ଗରାଜ ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ ମହାନ୍ତି ସଭା ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

କୋଣାର୍କ,୧୦।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ସମୀର କୁମାର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ମୁଖ୍ୟ ଅତିଥି, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଶିକ୍ଷାବିତ୍ ଶକ୍ତିପ୍ରସାଦ ମହାନ୍ତି, ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ବେଉରା, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ମଣିଷ ଓ ଚରିତ୍ର ତିଆରି କାରଖାନା। ଅଭିଭାବକମାନେ ନିଜ ପିଲାଙ୍କ ଦକ୍ଷତା ଉପରେ ଆତ୍ମବିଶ୍ୱାସ ରଖିବା ଉଚିତ ବୋଲି ଅତିଥିମାନେ କହିଥିଲେ। ସ୍କୁଲର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ପ୍ରଥମ ଅଧ୍ୟକ୍ଷା ସ୍ୱର୍ଗତା ଲିଜାଲିନ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱପ୍ନଜିତ, ଭାଗ୍ୟଶ୍ରୀ ଓ ଶୀତଲ ମଞ୍ଚ ସଂଯୋଜନା ଏବଂ ଅତୁଲ୍ୟ କୁମାର ପତି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉତ୍ସବ ପରିଚାଳନା କରିଥିଲେ।

## ୧୭ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା ଏପ୍ରିଲ୍ ୧୭ରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସର୍କିଟ୍ ହାଉସଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି।

ଅତିରିକ୍ତ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ ବସ୍ତି କହିଛନ୍ତି, ଜିଲାର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇପାରିବେ। ଏହି ନିଯୁକ୍ତି ମେଳାରେ ୮ମ ଶ୍ରେଣୀ ପାସ୍‌ଠାରୁ ସ୍ନାତକ ପାସ୍, ଆଇଟିଆଇ ଓ ଡିପ୍ଲୋମା ପାସ୍ କରିଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାମାନେ ଅଂଶଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ। ଆଶାୟୀ ପ୍ରାର୍ଥୀ, ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଜ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତ୍‌କାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇପାରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡ଼ିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗଗୁଡ଼ିକରେ ସ୍ୱଳ୍ପ ଅବଧିର ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ପଞ୍ଜୀକୃତ କରିବେ। ତାଲିମ୍ ଶେଷ ପରେ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ତାଲିମ୍ ପ୍ରଦାନକାରୀ ସଂସ୍ଥାମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବେ। ତାଲିମ୍ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବସ୍ତି ସୂଚନା ଦେଇଛନ୍ତି। ପୁରୀ ଜିଲାର ନିଯୁକ୍ତି ଆଶାୟୀ ସମସ୍ତ ଯୁବତୀ ଯୁବକ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାରକାର୍ଡ, ପାସ୍‌ପୋର୍ଟ ଫଟୋ ସହ ଏପ୍ରିଲ ୧୭ ତାରିଖ ପୂର୍ବାହ୍ନ ୧୦ଟାରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆଠାରେ ଅଂଶଗ୍ରହଣ କରିବାକୁ ନିୟୋଜନ ଅଧିକାରୀ ବେହେରା ଅନୁରୋଧ କରିଥିଲେ। ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ ।

## ଚୋରା ମଦ ଜବତ, ୨ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅବକାରୀ ପୋଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯୫ ଲିଟର ଚୋରା ଦେଶୀମଦ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୨ଜଣ ହେଲେ ଟାଙ୍ଗୀ ଥାନା ଭଗତପୁରର ଦୀପକ କୁମାର ମଲ୍ଲିକ ଓ ମାଧପୁରର କାହ୍ନୁ ବେହେରା। ଏସଂକ୍ରାନ୍ତରେ ଅବକାରୀ ମାମଲା ରୁଜୁ କରାଯାଇ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ବେଆଇନ ଭାବେ ଗୁରୁଜଙ୍ଗ, ମାଧପୁର, ଭଗତପୁର ଆଦି ଅଞ୍ଚଳରେ ଚୋରାମଦ କାରବାର ଚାଲିଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ଇନ୍ସପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ଜେନା, ଆଶୁତୋଷ ଜେନା ଓ ବାଳକୃଷ୍ଣ ବିଶ୍ୱାଳ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ସଂକ୍ଷେପରେ

## ଖଣ୍ଡା ବୁଲାଇ ଫାଙ୍କା ଗୁଳିଚାଳନା, ୩ ଅଟକ

କଟକ ସଦର,୧୦।୪(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ମହାନଦୀ କୂଳ ରଟିଲୋ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଯୁବକ ବାଇକ୍‌ରେ ଆସି ଖଣ୍ଡା ବୁଲାଇବା ସହ ଫାଙ୍କା ଗୁଳି ଚାଳନା କରିଥିଲେ। କିଛି ସମୟ ପାଇଁ ଉକ୍ତ ସ୍ଥାନରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏଥି ସହିତ ୨ଟି ବାଇକ ମଧ ଜବତ କରାଯାଇଛି। ଅନ୍ୟମାନେ ଅନ୍ଧାରର ସୁଯୋଗ ନେଇ ଖସି ପଳାଇବାରେ ସମର୍ଥ ହୋଇଥିଲେ। ପୋଲିସ ଫାଙ୍କା ଗୁଳିଚାଳନା ସମ୍ପର୍କରେ ଅଟକ ଯୁବକମାନଙ୍କୁ ପଚରାଉଚରା କରୁଛି।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ଚୌଦ୍ୱାର,୧୦।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ' ଶୀର୍ଷକ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ବଜାରସ୍ଥିତ ସତ୍ୟନାରାୟଣ ପୂଜା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଓ ସାଥୀମାନେ ପୌରାଣିକ କଥା ତଥା ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଆଧାରିତ କଥାବସ୍ତୁ ଉପରେ ପାଲା ପରିବେଷଣ କରିଥିଲେ। ପୌର ପରିଷଦ କାଉନ୍‌ସିଲର ବିଜୟ ମଲ୍ଲିକ, ଅଜୟ କୁମାର ବେହେରା, ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୌର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପାଣି, ତପନ ସାହୁ, ଦେବାଶିଷ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ଚନ୍ଦନ ଦାସ, ଦୁର୍ଗା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଷ୍ଟାଫ୍ କ୍ୱାର୍ଟର୍ସର ଶିଳାନ୍ୟାସ

କଟକ ସଦର,୧୦।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଷ୍ଟାଫ କ୍ୱାର୍ଟର୍ସର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ୩ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କ୍ୱାର୍ଟର୍ସ ନିର୍ମାଣ କରାଯିବ। ଫଳରେ ଷ୍ଟାଫମାନେ ଏଠାରେ ରହି ରୋଗୀ ସେବା କରିବାରେ ସୁବିଧା ହେବ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ ସାମଲ, ସହକାରୀ ଯନ୍ତ୍ରୀ ମନୋଜ କୁମାର ମିଞ୍ଜି, କନିଷ୍ଠ ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠୀ, ସୁରେଶ ଜେନା, ସୁଧାଂଶୁ ନାରାୟଣ ଦାସ, ଶିବ ପ୍ରସାଦ ବିଶ୍ୱାଳ, ବିନୋଦ ବେହେରା, ପ୍ରବେଶ କୁମାର ରାଉତ, ଅମିତାଭ ବିଶ୍ୱାଳ, ସୌମ୍ୟରଞ୍ଜନ ଦାସ, ପ୍ରିୟରଞ୍ଜନ ଖଟୁଆ, ଅମିତାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣ୍ଡାଏତା ଯଜ୍ଞ ପାଇଁ କଳସଯାତ୍ରା

ଫୁଲନଖରା,୧୦।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡାଏତାଠାରେ ଥିବା ମା'ତାରିଣୀ ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନାଗବାଲି ନିକଟ ସିତୁଆ ନଦୀର କୋଚିଲେଇ ଘାଟରୁ ଜଳ ଉତ୍ତୋଳନ କରିବା ସହିତ ଶୋଭାଯାତ୍ରାରେ ଯାଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ହରିବୋଲ ହୁଳହୁଳିରେ ଅଞ୍ଚଳ ମୁଖରିତ ହୋଇଥିଲା । କର୍ତ୍ତା ଯୋଗେନ୍ଦ୍ର ପ୍ରଧାନ ଓ ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପଞ୍ଚଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଭଜନ ସନ୍ଧ୍ୟା, କୀର୍ତ୍ତନ, ଘୋଡ଼ାନାଚ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ମା'ତାରିଣୀ ପୂଜା କମିଟି ସଦସ୍ୟଙ୍କ ସମେତ ଖଣ୍ଡାଏତା ଗ୍ରାମବାସୀ ପରିଚାଳନା କରୁଛନ୍ତି। ଆସନ୍ତା ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହେବା ସହ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହେବ ବୋଲି କମିଟି କାର୍ଯ୍ୟକର୍ତ୍ତାଙ୍କଠାରୁ ପ୍ରକାଶ।

# ହସ୍ତଶିଳ୍ପର ପ୍ରାୟୋଗିକ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

## ଓର୍‌ମାସ ପକ୍ଷରୁ ୨ ଦିନିଆ ପ୍ରଶିକ୍ଷଣ

କଟକ,୧୦।୪(କାର୍ତ୍ତିକ ସାହୁ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ କଟକ ଓର୍‌ମାସ ଦ୍ୱାରା ଦୁଇଦିନିଆ ମାକ୍ରମେ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପାରମ୍ପରିକ ହସ୍ତଶିଳ୍ପ ମାକ୍ରମେ ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିଲା। ମାକ୍ରମେରେ ସୂତା କିମ୍ବା ରଶିକୁ ବିଭିନ୍ନ ପ୍ରକାରର ଗାଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରାଯାଏ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ମାକ୍ରମେ ହସ୍ତଶିଳ୍ପର ମୌଳିକ ଗାଠି



ଓର୍‌ମାସ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ପ୍ରଣାଳୀ, ଡିଜାଇନ ପ୍ରସ୍ତୁତି, ଉତ୍ପାଦ ବିକାଶ ଓ ବଜାର ସମ୍ଭାବନା ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ। ଏହା ସହିତ ହସ୍ତଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ ଓ ବଜାରୀକରଣ ବିଷୟରେ ମଧ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନେ ଗ୍ରାମୀଣ ଶିଳ୍ପୀମାନଙ୍କ କୌଶଳ ଓ ହସ୍ତଶିଳ୍ପ ଉତ୍ପାଦର ବ୍ୟବସାୟିକ ସମ୍ଭାବନା ସମ୍ପର୍କରେ ନିକଟରୁ ଅନୁଭବ ଲାଭ କରିଥିଲେ। ଏହା ତାଙ୍କର ପାରମ୍ପରିକ ଶିଳ୍ପ ପ୍ରତି ଆଗ୍ରହ ବୃଦ୍ଧି ସହିତ ଗ୍ରାମୀଣ ଉଦ୍ୟମିତା ବିକାଶ ପ୍ରତି ସଚେତନତା ସୃଷ୍ଟି କରିଛି ବୋଲି ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ବିପିନ ରାଉତ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ ଓର୍‌ମାସର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପଟ୍ଟନାୟକ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ସୁଲଗ୍ନାଙ୍କୁ ଗ୍ରହଣ କଲେ ଇଟାଲିଆନ ଦମ୍ପତି



ଇଟାଲିଆନ ଦମ୍ପତି ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରୁଛନ୍ତି।

କଟକ,୧୦।୪(କୁମାରଶ୍ରୀ)

ଦୁଇ ଦିନର ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିକୁ ଟେକି ଦେଇ ଛାଡ଼ି ଚାଲିଯାଇଥିଲେ ମା'। ନିଜର ଅସହାୟତା ପ୍ରକାଶ କରି ନବଜାତକକୁ ପର କରିଦେଇଥିଲେ। ସେହି ଶିଶୁକୁ କୋଳେଇ ନେଇଥିଲା ବିଡାନାସୀରେ ଥିବା ଏକ ଆଶ୍ରମ। ଲାଳନପାଳନ କରି ୨ ବର୍ଷ କରିବା ପରେ ଶୁକ୍ରବାର ଇଟାଲିଆନ ଦମ୍ପତି ତାକୁ ନୂଆ ପରିଚୟ ଦେଇଛନ୍ତି। ନିଜ ସାଥିରେ ଇଟାଲୀର ଟାଭାଗନାକୋକୁ ନେଇ ଚାଲିଯାଇଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତିରେ ଇଟାଲିଆନ ଦମ୍ପତି ଦୁଇବର୍ଷର ଶିଶୁ କନ୍ୟା ସୁଲଗ୍ନାଙ୍କୁ ନିଜ ଝିଅ ଭାବେ ଗ୍ରହଣ କରିଛନ୍ତି। ଘଟଣାରୁ ପ୍ରକାଶ, ସୁଲଗ୍ନା ମାତ୍ର ଦୁଇ ଦିନର ହୋଇଥିବା ବେଳେ ମା' ତାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିକୁ ପ୍ରଦାନ କରି ଦେଇଥିଲେ। ବିଡାନାସୀର ଆଶ୍ରମରେ ଶିଶୁକନ୍ୟାକୁ ରଖାଯିବା ସହ ତାଙ୍କ ନାମକରଣ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଜଣାପଡ଼ି ଥିଲା ଯେ, ଶିଶୁ ସୁଲଗ୍ନାର ହୃତପିଣ୍ଡରେ ୯ ଇଞ୍ଚର କଣା ରହିଛି। ଏଣୁ ତାର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନ ନିଆଯାଇଥିଲା। ଇଟାଲୀର ସାଣ୍ଡ୍ରୋ ପୋଲୋ ଏବଂ ତାଙ୍କ ସ୍ତ୍ରୀ ଶିଶୁକନ୍ୟା ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆବେଦନ କରିଥିଲେ। ଉଭୟଙ୍କ ଆବେଦନକୁ ସବୁଜ ସଙ୍କେତ ମିଳିବା ପରେ ଜିଲାପାଳଙ୍କ ଉପସ୍ଥିତିରେ ଦମ୍ପତି ସୁଲଗ୍ନାଙ୍କୁ ନିଜ ଝିଅ ଭାବେ ଆପଣାଇ ନେଇଛନ୍ତି।



କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଶ୍ରଦ୍ଧାଞ୍ଜଳି କ୍ଲବର ୪୧ତମ ବାର୍ଷିକ ଉତ୍ସବରେ ମଞ୍ଚସ୍ଥ ନାଟକ 'ଦିବ୍ୟଶକ୍ତି'ର ଏକ ଦୃଶ୍ୟ। (ଫଟୋ: ରାଜକିଶୋର ମହାନ୍ତି)

## ଯୋଗ ପ୍ରତିଷ୍ଠା ଦିବସ

ଟିଗିରିଆ,୧୦।୪(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ନୂଆପାଟଣା ଯୋଗ ଜିଲା ତରଫରୁ ଶୁକ୍ରବାର ୬୦ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଯୋଗ ଜିଲାର ଟିଗିରିଆ କ୍ଷେତ୍ର ପ୍ରଧାନ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାନ୍ତ ପ୍ରଧାନ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଜିଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁ, ଜିଲା ମନ୍ତ୍ରୀ ମହେନ୍ଦ୍ର ସାହୁ ଓ ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

## ଯୋଗ ସଂସ୍ଥାନର ପ୍ରତିଷ୍ଠା ଦିବସ ସମାରୋହ

କଟକ,୧୦।୪(କାର୍ତ୍ତିକ ସାହୁ)

ଭାରତୀୟ ଯୋଗ ସଂସ୍ଥାନର ୬୦ତମ ପ୍ରତିଷ୍ଠା ଦିବସ ମର୍କତ ନଗର ସେକ୍ଟର-୬ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କଠାରେ ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ନିୟମିତ ଯୋଗ ଓ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ମନୁଷ୍ୟର ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ଶକ୍ତିର ବିକାଶ ସାଧିତ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗ ପ୍ରଶିକ୍ଷକ ମନମୋହନ ବେହେରା ଯୋଗଦେଇଥିଲେ। କବିତା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ଜିଲା ପ୍ରମୁଖ ସବିତା ରଞ୍ଜନ ପଟ୍ଟନାୟକ, ଉପପ୍ରମୁଖ କେଦାରନାଥ ଜାଲି, ଉପଦେଷ୍ଟା ଡ. ସତ୍ୟ ରାୟ, ପି. କେ. ହୋତା, କେନ୍ଦ୍ର ପ୍ରମୁଖ ଜୟନ୍ତୀ ମଲ୍ଲିକ, ପ୍ରଭାତ ପାଣି, ଆରତୀ ରାଣୀ ସିଂହ, ସୁଧାଂଶୁ ବାଳା ମହାନ୍ତି, ପ୍ରଦୀପ ପ୍ରଧାନ, ତ୍ରିନାଥ ମଲ୍ଲିକ, ନିର୍ମଳ ରାୟ, ପ୍ରକାଶ ଚନ୍ଦ୍ର ଶାହା ପ୍ରମୁଖ ଯୋଗ ଓ ପ୍ରାଣାୟାମର ଅଭ୍ୟାସ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମେଦବହୁଳତାର କାରଣ ଓ ନିରାକରଣ ଉପରେ ଲିଖିତ ଏକ ହିନ୍ଦୀ ପୁସ୍ତକ ଉନ୍ମୋଚିତ ହୋଇଥିଲା।

## କନ୍ଦରପୁର ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ପାଳିତ

କଟକ ସଦର,୧୦।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟରେ ଶୁକ୍ରବାର ଓଡ଼ିଆ ପକ୍ଷ-୨୦୨୬ ପାଳନ କରାଯାଇଥିଲା। ଅଧ୍ୟକ୍ଷା ଡ. ସ୍ୱାତୀ ପଣ୍ଡାଙ୍କ ପୌରୋହିତ୍ୟରେ ଏପ୍ରିଲ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ କରାଯାଉଥିଲା। ଆମେ ଓଡ଼ିଆ ଆମ ଅନୁଚିନ୍ତା, ଆମ ପୋଷାକ ଆମ ପରିଚୟ ଧାରାରେ ସମସ୍ତଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ନାମଫଳକ ଓଡ଼ିଆ ଭାଷାରେ ଲେଖାଯାଇଥିଲା। ସ୍ୱଚ୍ଛତା ଅଭିଯାନରେ ମହାବିଦ୍ୟାଳୟ ପରିସର ଓ ହୁଙ୍କା ଗୋସାଇଁ ମଠରେ ପରିଷ୍କାର ଓ ପରିଚ୍ଛନ୍ନ କରାଯାଇଥିଲା। ଆମ କଳା ଆମ ସଂସ୍କୃତି ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଓଡ଼ିଆ ବନ୍ଦନୀୟ ବରପୁତ୍ର ଶୀର୍ଷକରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ଓଝା, ଅଶୋକ ପଟ୍ଟନାୟକ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଶ୍ୟାମ ଗୋବିନ୍ଦ ଜେନାଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

## ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର

ବାଙ୍କୀ, ୧୦।୪( ଶୁଭେନ୍ଦୁ ମହାପାତ୍ର)

ଉତ୍ତର ବାଙ୍କୀ ୩୬ ନଂ. ଜୋନ୍ ସରଣ୍ଡା ମଣ୍ଡଳର ଅଂଶୁପାଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ପ୍ରଶିକ୍ଷଣ ଗୁରୁ ରତନ ମହାନ୍ତି, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ବେଉରା, ମଣ୍ଡଳ ସଭାପତି ଶ୍ରୀରାମ ଚନ୍ଦ୍ର ରାଉତ, ପ୍ରଭାରୀ ଦେବାଶିଷ ମାନସିଂ, ଜିଲା ସମ୍ପାଦିକା ଅନିତା ମିଶ୍ର, ଜିଲା ଉପସଭାପତି ଜଗନ୍ନାଥ ପରିଡ଼ା ପ୍ରମୁଖ ଯୋଗଦେଇ ଭାରତ ମାତା, ଦିନଦୟାଳ ଉପାଧ୍ୟାୟ , ଶ୍ୟାମ ପ୍ରାସାଦ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ସୁବର୍ଣ୍ଣପୁର ମଣ୍ଡଳର ୧୬ ଜଣିଆ କମିଟି , ୪୫ ଜଣିଆ କମିଟି, ସମସ୍ତ ବୁଥ ସଭାପତି, ମୋର୍ଚ୍ଚା ସଭାପତି, ସମ୍ପାଦକ ଏବଂ ଶକ୍ତି କେନ୍ଦ୍ର ପ୍ରମୁଖ ଓ ପ୍ରଭାରୀ ସଦସ୍ୟାସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ସୁରେନ୍ଦ୍ର କୁମାର ଓଝାଙ୍କୁ 'ଆଦର୍ଶ ଶିକ୍ଷକ' ସମ୍ମାନ ପ୍ରଦାନ କରାଯାଉଛି।

ମଙ୍ଗୁଳି-ଜଗତପୁର,୧୦।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତସ୍ଥିତ କଲ୍ୟାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ପୂର୍ବତନ ସଭାପତି ଦିବ୍ୟଜ୍ୟୋତି ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଡ. ତ୍ରିଦେବ ବେହେରା, ମୁଖ୍ୟବକ୍ତା ଭାବେ ବାଣୀପଦାସ୍ଥିତ ଉତ୍କଳଇଣ୍ଟର ନ୍ୟାଶନାଲ ସ୍କୁଲର ସଂସ୍ଥାପକ ଡ. ଗଣେଶ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଶଙ୍କରପୁର ପଞ୍ଚାୟତ ସରପଞ୍ଚ ପ୍ରମୋଦିନୀ ଖଟୁଆ ଓ ବ୍ରହ୍ମପୁର ପଞ୍ଚାୟତ ସମିତିସଭ୍ୟା ପ୍ରତିଭାମୟୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବାରେ ଶିଶୁ ମନ୍ଦିରର ଭୂମିକା ପ୍ରଶଂସନୀୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସୁରେନ୍ଦ୍ର କୁମାର ଓଝାଙ୍କୁ 'ଆଦର୍ଶ ଶିକ୍ଷକ' ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ସଞ୍ଜୟ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା, ପ୍ରଧାନ ଆଚାର୍ଯ୍ୟ ଅନିତା ସାହୁ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିନୋଦ କୁମାର ବରାଳ, ଜୟନ୍ତ କୁମାର ପାତ୍ର, ରାଜ୍ୟ ଆର୍‌ଆଇ ସଂଘ ସଭାପତି ସୁଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ଦେବୀରଞ୍ଜନ ସ୍ୱାଇଁ, ଯୁବ ନେତା ସରୋଜ କୁମାର ଖଟୁଆ ଓ ଅମରେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ମୋହନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଲୋକକଳା ଆମ ସଂସ୍କୃତି, ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ




ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୧୦।୪(କାର୍ତ୍ତିକ ସାହୁ)

ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ କଟକ ଜିଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକକଳା କଳାକାରମାନେ ନିଜ ନିଜ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଲୋକକଳା ହେଉଛି ଆମ ସଂସ୍କୃତି ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଆମ ଐତିହ୍ୟକୁ ଜୀବନ୍ତ ରଖିଥାଏ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର କହିଲେ, ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ବିଭିନ୍ନ ଲୁପ୍ତପ୍ରାୟ ପାରମ୍ପରିକ ଲୋକକଳାର ପୁନରୁଦ୍ଧାର ସହିତ ନୂତନ ପିଢ଼ିଙ୍କ ମଧ୍ୟରେ ଏହାର ପ୍ରଚାର କରାଯାଇପାରୁଛି। ଏଭଳି ପଦକ୍ଷେପ କଳାକାରମାନଙ୍କୁ ମଧ ବେଶ୍ ଉତ୍ସାହିତ କରିଛି। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବିଭିନ୍ନ ବ୍ଲକ ସ୍ତରରେ ମଧ ଲୋକକଳା ପାଇଁ ଦିନଟିଏ ପାଳନ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଶ୍ରୀ ସିମେଣ୍ଟ ପ୍ଲାଣ୍ଟ ପରିସରରେ ରକ୍ତଦାନ ଶିବିର

ଖୁଣ୍ଟୁଣୀ,୧୦।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ପଞ୍ଚାୟତ ଚନ୍ଦ୍ରାବଳିଶ୍ୟାମପୁରଠାରେ ପ୍ରତିଷ୍ଠିତ ଶ୍ରୀ ସିମେଣ୍ଟ ପ୍ଲାଣ୍ଟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସିମେଣ୍ଟ ପ୍ଲାଣ୍ଟ ଏବଂ କଟକ ଅଶ୍ୱିନୀ ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ଶ୍ରୀ ସିମେଣ୍ଟ ପ୍ଲାଣ୍ଟର କର୍ମଚାରୀ ଓ ଶ୍ରମିକମାନେ ରକ୍ତଦାନ କରିଥିଲେ। ଅଶ୍ୱିନୀ ହସ୍ପିଟାଲର ଡା. କନକ ମିଶ୍ର, ଡା. ଚୌଧୁରୀ ସୁଜିତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୦ ୟୁନିଟ ରକ୍ତ ସଂଗୃହ ହୋଇଥିଲା। ଶିବିରରେ ଶ୍ରୀ ସିମେଣ୍ଟ ପ୍ଲାଣ୍ଟର ୟୁନିଟ ହେଡ ଅଶୋକ କୁମାର ଓ ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦୀପ କୁମାର ଭୋଇଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସିମେଣ୍ଟ ପ୍ଲାଣ୍ଟର ନରେଶ ନାଗର ଓ ଅଶ୍ୱିନୀ ହସ୍ପିଟାଲର ଅରୁପାନନ୍ଦ ବେହେରା ପରିଚାଳନା କରିଥିଲେ।




# ମୂଲ୍ୟବାନ୍ ପଥର ଉତ୍ତୋଳନରେ ଅନିୟମିତତା

- ତଦନ୍ତ ଦାବି କଲେ ଗ୍ରାମୀଣ ଭାଜପା ଉପସଭାପତି
- ମାଣ୍ଡୁକା ପାହାଡ଼ରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପଥର ଉତ୍ତୋଳନ

ମଙ୍ଗୁଳି-ଜଗତପୁର,୧୦।୪(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ ମାଣ୍ଡୁକା ପାହାଡ଼ରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମୂଲ୍ୟବାନ ପଥର ଉତ୍ତୋଳନ ଓ ବ୍ୟବହାରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ କଟକ ଜିଲା ଭାଜପା (ଗ୍ରାମୀଣ) ଉପସଭାପତି ହିମାଂଶୁ ମହାନ୍ତି ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ଅବସ୍ଥିତ ମାଣ୍ଡୁକା ପାହାଡ଼ରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମୂଲ୍ୟବାନ ପଥର ଉତ୍ତୋଳନ ୨୦୨୦-୨୦୨୧ରୁ ଆରମ୍ଭ ହୋଇଥିଲା। ଏହି ପଥରଗୁଡ଼ିକୁ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହାର ପାଇଁ ପଠାଯାଇଥିବା ଜଣାଯାଉଛି। କିନ୍ତୁ ଏହା ଦେଖାଯାଇଛି, ଉକ୍ତ ପାହାଡ଼ରୁ ଉତ୍ତୋଳିତ ପଥରର କିଛି ଅଂଶ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟରେ ମଧ ବ୍ୟବହାର କରାଯାଇଛି। ଏହାସହିତ ଏକ ରାଜନୈତିକ ଦଳର ଭୁବନେଶ୍ୱରଠାରେ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣରେ ବ୍ୟବହାର ହୋଇଥିବା ସନ୍ଦେହ ରହିଛି। ଏପରି ପରିସ୍ଥିତିରେ ରାଜ୍ୟ ଖଣି ନିଗମର ଜ୍ଞାନରେ ଥିବା ମୂଲ୍ୟବାନ ପଥର କିପରି ବ୍ୟକ୍ତିଗତ କାମରେ ବ୍ୟବହୃତ ହେଲା, ତାହା ପ୍ରଶ୍ନ ସୃଷ୍ଟି କରୁଛି। ଏହାର ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସମରେନ୍ଦ୍ର ଷଡଙ୍ଗୀ, ରାଜକିଶୋର ନାୟକ, ଅଜୟ ସ୍ୱାଇଁ, ଭରତ ସାହୁ, ଅନନ୍ତ ପାତ୍ର, ଶାନ୍ତନୁ ମହାନ୍ତି, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ଆଶୀର୍ବାଦ କାନୁନ୍‌ଗୋ, ବିଷ୍ଣୁ ପ୍ରସାଦ ରାଉତ, ସୁଧାଂଶୁ ଶେଖର ସାହୁ, ଗଣେଶ୍ୱର ବେହେରା, କମଳେଶ ସାହୁ, ଲାଲା ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।




ଟାଙ୍ଗୀ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପୋଲିସ ଦମନଲୀଳାର ଦୁଃଖ ବଖାଣିଲେ ସିଜିମାଳି ଆଦିବାସୀ

## ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲା ୪ ବାମପନ୍ଥୀ ଦଳ

ଭୁବନେଶ୍ୱର, ୧୦।୪(ବନ୍ଦନା ସେଠୀ)



ବେଦାନ୍ତ ପାଇଁ ରାୟଗଡ଼ା ଜିଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ଲୋକଙ୍କ ଉପରେ ଚାଲିଥିବା ପୋଲିସର ଦମନଲୀଳା, ନିଷେଧାଦେଶ ଓ ଗଣତାନ୍ତ୍ରିକ ଅଧିକାର ଉଲ୍ଲଂଘନକୁ ବାମପନ୍ଥୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି। ଶୁକ୍ରବାର ୪ଟି ବାମପନ୍ଥୀ ଦଳର ମିଳିତ ଟିମ୍ ସିଜିମାଳି ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛି। ପ୍ରତିନିଧି ଦଳରେ ଥିବା ନେତୃବୃନ୍ଦ ସ୍ଥାନୀୟ ସୁଙ୍ଗେର ଗ୍ରାମ ପଞ୍ଚାୟତର କଣ୍ଟାମାଳ ଗ୍ରାମରେ ଆଦିବାସୀ ଲୋକଙ୍କୁ ଭେଟି ପ୍ରକୃତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପୀଡ଼ିତ ପରିବାର ଲୋକଙ୍କ ଅଭିଯୋଗ ଶୁଣିବା ସହିତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗ୍ରାମବାସୀ କହିଥିଲେ, ଏପ୍ରିଲ ୭ ମଙ୍ଗଳବାର ପ୍ରାୟ ଭୋର୍ ୩ଟାରେ ପୋଲିସ ଦଳ କଣ୍ଟାମାଳ ଗ୍ରାମକୁ ଘେରାଉ କରିଥିଲା। ଗ୍ରାମର ବିଦ୍ୟୁତ୍ ଯୋଗାଣ ବନ୍ଦ କରିବା ସହ ଘରକୁ ପ୍ରବେଶ କରି ଲୁହବୁହା ଗ୍ୟାସ୍ ପ୍ରୟୋଗ ଓ ବ୍ଲାଙ୍କ୍ ଫାୟାରିଂ କରାଯାଇ ପୁରୁଷ ଓ ମହିଳାମାନଙ୍କୁ ମାଡ଼ ମରାଯାଇଥିଲା। ଏପରିକି ଲୁହବୁହା ଗ୍ୟାସ୍ ପ୍ରଭାବରେ ଗୃହପାଳିତ ପ୍ରାଣୀଙ୍କର ମଧ ମୃତ୍ୟୁ ଘଟିଥିଲା। ଏହି ଘଟଣା ସ୍ଥାନୀୟ ବାସିନ୍ଦା ତଥା ଆଦିବାସୀ ଲୋକଙ୍କ ମଧ୍ୟରେ ଭୟ, ଆତଙ୍କ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିବା ସହ ସେମାନଙ୍କ ମୌଳିକ ଅଧିକାର ଉଲ୍ଲଂଘନ ହୋଇଥିବା ବାମଦଳ ନେତାମାନେ ଅନୁଭବ କରିଥିଲେ। ସେହିପରି ସୁଙ୍ଗେର ଗ୍ରାମପଞ୍ଚାୟତରେ ଖଣି ସମ୍ପର୍କିତ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଅନୁସାରେ ନିଷେଧାଦେଶ ଜାରି କରାଯାଇଛି। ଏଥିସହ ରାସ୍ତା ନିକଟରେ ୪ଜଣଠାରୁ ଅଧିକ ଲୋକ ଏକତ୍ର ହେବାକୁ ବାରଣ କରାଯାଇଛି। ଏହି ପ୍ରକାର ନିଷେଧାଦେଶ ଆଦିବାସୀ ସମାଜର ସାମୂହିକ ଜୀବନ ଓ ଦୈନନ୍ଦିନ ଜୀବିକାକୁ ଗୁରୁତର ଭାବେ ବାଧା ପହଞ୍ଚାଉଛି ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ନିଷେଧାଦେଶ ପ୍ରତ୍ୟାହାର କରିବା, ଜାଲିଆତି ଗ୍ରାମସଭା ରଦ୍ଦ କରିବା, ପ୍ରକୃତ ଗ୍ରାମସଭା ସଂଗଠିତ କରିବା, ସମ୍ମତି ବିନା ଖଣି ଓ ରାସ୍ତାକାମ ବନ୍ଦ କରିବା, ଅତିରିକ୍ତ ପୋଲିସ୍ ବଳ ହଟାଇ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା, କଣ୍ଟାମାଳ ଘଟଣାର ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା, ମିଥ୍ୟା ମାମଲାରେ ଗିରଫ ସମସ୍ତ ନେତାଙ୍କୁ ନିଃସର୍ତ୍ତ ମୁକ୍ତି ଦିଆଯିବାକୁ ବାମପନ୍ଥୀ ଦଳଙ୍କ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏସବୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାୟଗଡ଼ା ଜିଲାପାଳଙ୍କୁ ଦିଆଯାଇଥିବାବେଳେ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ସାକ୍ଷାତ୍‌କରି ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

ପ୍ରତିନିଧି ଦଳରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍-ଏଲ୍)-ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ, ଆଦିବାସୀ ନେତା ଚାମ୍ପୁରୁ ସୋରେନ, ସିପିଆଇ(ଏମ୍-ଏଲ୍)-ଲିବରେଶନର ରାଜ୍ୟ ନେତା ତିରୁପତି ଗମାଙ୍ଗ, ମହେନ୍ଦ୍ର ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ଦର୍ଶକଙ୍କୁ ବିମୋହିତ କଲା ଶାସ୍ତ୍ରୀୟ ନୃତ୍ୟ

## ୨୪ତମ ଏକାମ୍ର ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୦।୪
(ସୌମ୍ୟରଞ୍ଜନ ରାଉତ)





ସୁରଭି ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଜାତୀୟସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ '୨୪ତମ ଏକାମ୍ର ନୃତ୍ୟ ମହୋତ୍ସବ'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଳିତ୍, ନୃତ୍ୟଶିଳ୍ପୀ ମୀନାକ୍ଷୀ ବେହେରାଙ୍କ ସମେତ ବହୁ ବକ୍ତିବିଶେଷ ଯୋଗଦେଇ ଭାରତୀୟ ଶାସ୍ତ୍ରୀୟ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱରର ନୃତ୍ୟଶିଳ୍ପୀ ହିମାଂଶ ଶେଖର ସ୍ୱାଇଁ ଓ ମାତୃପ୍ରସାଦ ଦାସଙ୍କ ଦ୍ୱାରା ଓଡିଶୀ ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ପରେ କୋଲକାତାର ତନ୍ମୟୀ ଚକ୍ରବର୍ତ୍ତୀଙ୍କ କଥକ ନୃତ୍ୟ ଓ ଭୁବନେଶ୍ୱରର ଅନନ୍ୟା ପରିଡାଙ୍କ ଓଡିଶୀ ନୃତ୍ୟ ଦର୍ଶକମାନଙ୍କ ହୃଦୟକୁ ଛୁଇଁଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଦିଲ୍ଲୀ ଶ୍ରୀଜଗନ୍ନାଥ ମନ୍ଦିରରେ ପାରାୟଣ, ପ୍ରବଚନ

ଭୁବନେଶ୍ୱର,୧୦।୪(ସୌମ୍ୟରଞ୍ଜନ ରାଉତ)



ବାବା ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ଦେଉଛନ୍ତି।

ଦିଲ୍ଲୀର ହାଉଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ, ଶୁକ ପରିକ୍ଷିତ ସମ୍ବାଦ, ଦେବହୁତି କପିଳ ସମ୍ବାଦ, ଧ୍ରୁବ ଚରିତ, ଜଡ଼ ଭରତ ଉପାଖ୍ୟାନ, ଅଜାମିଳ ଚରିତ, ଭକ୍ତ ପ୍ରହ୍ଲାଦ ଚରିତ, ବଳି ବାମନ ଚରିତ, ଭଗବାନ୍ କୃଷ୍ଣଙ୍କ ପ୍ରାକଟ୍ୟ, ଗୋପଲୀଳା, ମଥୁରା ଲୀଳା, ଦ୍ୱାରକା ଲୀଳା, କୃଷ୍ଣ ଉଦ୍ଧବ ସମ୍ବାଦ ଆଦି ଚରିତ୍ରକୁ ନେଇ ଓଡ଼ିଆ ଭାଗବତ ପାରାୟଣର ମଧୁର କଥାକୁ ବାବା ସତ୍ୟାନନ୍ଦ ଦାସ ମହାରାଜ୍ ପ୍ରବାସୀ ଓଡ଼ିଆଙ୍କୁ ପ୍ରବଚନ ମାଧ୍ୟମରେ ଶୁଣାଇଛନ୍ତି। ପାରାୟଣର ପ୍ରଥମ ଦିବସରେ ରାଷ୍ଟ୍ରପତିଙ୍କ ଗଣମାଧ୍ୟମ ସଚିବ ବିଜୟ ନାୟକ, ନୀଳାଚଳ ସେବାସଂଘର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଉପସଭାପତି ଗଜେନ୍ଦ୍ର ସାମନ୍ତ, ଯୁଗ୍ମ ସଚିବ ଅଶୋକ ପ୍ରଧାନ, ଭଗବତପ୍ରାଣ ଅତୁଲ ପଣ୍ଡା, ନିର୍ମଳ ଧଳ, ପଲ୍ଲୀବାଣୀ ମିଶନର ଅଧକ୍ଷ ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା କର୍କଟକୁ ଶୀଘ୍ର ଚିହ୍ନଟ କରିବାର ପ୍ରଭାବଶାଳୀ ଉପାୟ



ସଚେତନତା କାର୍ଯ୍ୟକ୍ରମରେ କ୍ୟାନ୍‌ସର ବିଶେଷଜ୍ଞ ପ୍ରଫେସର ଡା. ସନ୍ଦୀପ ବାରିକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୦।୪(ବନ୍ଦନା ସେଠୀ)

ସଚେତନତା ମାଧ୍ୟମରେ କର୍କଟ ରୋଗର ଲକ୍ଷଣଗୁଡ଼ିକୁ ବୁଝିବା ଏବଂ ନିୟମିତ ସ୍କ୍ରିନିଂ(ମାମୋଗ୍ରାମ, କୋଲୋନୋସ୍କୋପି) କରିବା ହେଉଛି କର୍କଟ ରୋଗକୁ ଶୀଘ୍ର ଚିହ୍ନଟ କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ଏହା ଚିକିତ୍ସା ଫଳାଫଳକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରେ। ପ୍ରମୁଖ ପ୍ରତିରୋଧ ସ୍ୱରୂପ ତମାଖୁ ଛାଡ଼ିବା, ମଦ୍ୟପାନ ହ୍ରାସ କରିବା, ସୁସ୍ଥ ଓଜନ ବଜାୟ ରଖିବା, ପୁଷ୍ଟିକର ଖାଦ୍ୟ ଖାଇବା ଏବଂ ୟୁଭି ବିକିରଣର ସଂସ୍ପର୍ଶକୁ ହ୍ରାସ କରିବା ଅନ୍ତର୍ଭୁକ୍ତ। କର୍କଟ ରୋଗ ସହ ଲଢ଼ିବା ପାଇଁ ଉପାୟ ଖୋଜିବା ସହିତ ଦୃଢ଼ ସମର୍ଥନ ପ୍ରଣାଳୀ ରହିବା ଏବଂ ଏକ ସକାରାତ୍ମକ ମନୋଭାବ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଏମ୍‌ସ ଭୁବନେଶ୍ୱରର କ୍ୟାନ୍‌ସର ବିଶେଷଜ୍ଞ ପ୍ରଫେସର ଡା. ସନ୍ଦୀପ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲ ପ୍ରଫେସର ପ୍ରଶାନ୍ତ କୁମାର ପରିଜା, ସ୍କିଲ୍ ଡେଭଲପ୍‌ମେଣ୍ଟ ଏବଂ ବୈଷୟିକ ଶିକ୍ଷା ଭୁବନେଶ୍ୱରର ଅଧ୍ୟାପିକା ତଥା ୱେଲନେସ୍ କୋଚ୍ ଡ. ସରିତାଞ୍ଜଳି ନାୟକ, ଏକାମ୍ର କଲେଜର ରିଡର୍ ଡ. ଅଜୟ କୁମାର ସିଂ ପ୍ରମୁଖ ଯୋଗଦେଇ କ୍ୟାନ୍‌ସର ସମ୍ପର୍କରେ ଆଲୋଚନା କରିବା ସହ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ବାରିକ ସମାଜ ପ୍ରତି ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟି ନୀନା ସାହୁ, ମୋନାଲିସା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ପୂଜ୍ୟପୂଜାର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର,୧୦।୪
(ସୌମ୍ୟରଞ୍ଜନ ରାଉତ)

ନ୍ୟାୟମୂର୍ତ୍ତି ଲିଙ୍ଗରାଜ ପାଣିଗ୍ରାହୀ ୧୮୯୭ ମସିହାରେ ପରାଧୀନ ଭାରତର ଗଞ୍ଜାମ ଜିଲାରେ ଜନ୍ମଗ୍ରହଣ କରିଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଜଣେ ଲୋକପ୍ରିୟ ଅଧିବକ୍ତା, ନୀତିନିଷ୍ଠ ବିଚାରପତି, ସୁନାମଧନ୍ୟ ରାଜନୀତିଜ୍ଞ, ବାଚସ୍ପତି, କର୍ତ୍ତବ୍ୟନିଷ୍ଠ ଦାୟିତ୍ୱସମ୍ପନ୍ନ ରାଜ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ, ଆଇନ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହୋଇଥିଲେ। ଏହା ଭିତରେ ସେ ବହୁ ଜନହିତକର କାମକରି ଜନମାନସରେ ସୁପରିଚିତ ଥିଲେ ବୋଲି ଶୁକ୍ରବାର ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାରେ ମତପ୍ରକାଶ ପାଇଛି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅତିଥିଭାବେ ସାହିତ୍ୟିକ ଅନନ୍ତ ଗୋପାଳ ପଣ୍ଡା, ଡା. ରାଜେନ୍ଦ୍ର ଶତପଥୀ, ସନ୍ଧ୍ୟାରାଣୀ ଶତପଥୀ ଯୋଗଦେଇଥିଲେ। ପୂଜ୍ୟପୂଜା ଓଡ଼ିଶାର ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE JAGATSINGHPUR MUNICIPALITY, JAGATSINGHPUR**

No. 2190 Dated: 08.04.2026

**COMPETITIVE BIDDING THROUGH e-Procurement**

**1st Corrigendum to Bid Reference No. JSM-01/2025-26/ Dated: 31.03.2026 and Bid Identification No. 2026_ORULB-127738_1**

No. 13001/136/2627: Condition of tenders invited for the work vide bid Reference No. JSM-01/2025-26/Dated: 31.03.2026 and Bid Identification No. 2026_ORULB-127738_1 are modified are as follows.
The EMD amount to be deposited by bidder is Rs.84,000/- in place of Rs.65,800/-.
Tender value as mentioned in tender details to be read as Rs.83,75,814/- in place of Rs.99,67,317/-.
Bid reference number as mentioned in Section-I of DTCN to be read as JSM-01/2025-26/Dated: 31.03.2026.
Eligible class of contractor as mentioned in the tender notice to be read as "B" Class only in place of B & A.
Schedule-C of the DTCN regarding Tools, Plant and Equipment are omitted from tender conditions.
All other terms & conditions remain unaltered.

Sd./- Executive Officer
Jagatsinghpur Municipality
OIPR-13001/13087/1/26-27/0003

**TPCODL**
TP CENTRAL ODISHA DISTRIBUTION LIMITED

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2026-27/NIT/01**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000008850 | Construction of Store yard at Kalinga Nagar, Bhubaneswar for Town Planning-1 project |
| 2 | TPCODL/P&S/2026-27/1000008956 | Rate contract for supply of wedge connector & paddle clamp |
| 3 | TPCODL/P&S/2026-27/1000008961 | Rate contract for supply of Mobile sub-station (500KVA,11/0.4KV) |
| 4 | TPCODL/P&S/2026-27/1000008965 | Rate contract for supply of 70KN, 90KN & 120KN Hardware Fittings |
| 5 | TPCODL/CCG/26-27/1000009064 | Rate Contract for supply of Metering Cubicles at TP DISCOMs for One year. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. 6001/10/2627

**OFFICE OF THE EXECUTIVE ENGINEER(C)**
**DIRECTORATE OF FISHERIES, ODISHA, CUTTACK**
E-MAIL: eefedcuttack@gmail.com

**Bid Identification No. 584 / Dt.09.04.2026**

1. No. of works : 14 (Fourteen) Number of Civil works
2. Type of works : Civil works
3. Approximate Estimated Cost : Rs.7.48 to 83.91 lakhs
4. Class of Contractor : 'D', 'C' & 'B'
5. Period of Completion : 01 (One) to 06 (Six) Calendar Months
6. Date of sale & receipt : Dt.16.04.2026 to 2.00 P.M. of Dt.28.04.2026 (Working days only).
7. Date of opening : Dt.30.04.2026 at 11.00 A.M.
8. Name of Office Inviting Bid : Executive Engineer (C), Directorate of Fisheries, Odisha, Cuttack

Further details can be seen in the bidding documents & can be downloaded from the Government of Odisha website **(http://www.odisha.gov.in)**. Authority reserves the right to reject any or all the tenders without assigning any reason thereof.

Sd./- Executive Engineer (C)
Directorate of Fisheries
Odisha, Cuttack
OIPR-6001/6030/1/26-27/0002

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN - 761012, Tel.: 06814-295053, (E-mail): dgp_nac@yahoo.com
Letter No. 1417/DIGNAC Date: 8.4.26

**CORRIGENDUM**

No. 13001/134/2627: In continuation of this office Tender Call Notice No. 1263/DIGNAC, dated 27.03.2026, it is hereby informed that a new corrigendum titled "Corrigendum - for the work Renovation and Beautification of Bada Bandha, Digapahandi NAC, Ganjam District, Odisha and Construction of Boundary Wall & Fixing of M.S Gate At: Charidham Park, Digapahandi NAC, Ganjam" has been published. In view of the above, certain changes have been made, inpersuant to office Memorandum No. 12586/W Dtd.: 09.11.2022 of Works Department, Govt. of Odisha, as regards to the class of contractor eligible to participate, which shall be read as detailed below:

| Sl. No. | Bid Identification No. | Name of the Work | Published as per DTCN in Annexure - A | Shall be read as in Annexure - A |
|---|---|---|---|---|
| | | | Class of Contractor eligible to participate | Class of contractor eligible to participate |
| 01 | DIGNAC-09/2025-26 | Renovation and Beautification of Bada Bandha, Digapahandi NAC, Ganjam District, Odisha and Construction of Boundary Wall | B | A |
| 02 | DIGNAC-10/2025-26 | Fixing of M.S. Gate at Charidham Park, Digapahandi NAC, Ganjam | B | A and B |

N.B.: Further more details can be seen in the DTCN available in the e-procurement portal i.e. **https://tendersodisha.gov.in**.
OIPR-13001/13117/1/26-27/0003 Sd./- Executive Officer, NAC, Digapahandi, Ganjam

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 01/ET/SBP/ENGG/2026-27, ତା.07.04.2026ରିଖ
ଇ-ଟେଣ୍ଡର ସଂ. 01-eT-SDENS-SBP-26

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ AEN/TM/ସମ୍ବଲପୁର ଅଧୀନସ୍ଥ ସେଟଲାଇଟ୍ ଡିପୋ/ବଲାଙ୍ଗୀର ଠାରେ IOH ଏବଂ ଅନ୍ୟ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ଅଂଶର ୱେଲ୍ଡିଂ ଓ ଗ୍ୟାସ କଟିଂ ଦ୍ୱାରା ଟ୍ରାକ୍ ମେସିନ୍‌ଗୁଡ଼ିକର ମରାମତି ଏବଂ ସମ୍ବଲପୁର ମଣ୍ଡଳରେ କାର୍ଯ୍ୟରତ ଯେକୌଣସି ଅନ୍ୟ ଟ୍ରାକ୍ ମେସିନର କାର୍ଯ୍ୟସ୍ଥଳରେ ଏବଂ BCM ମେସିନ୍ ବେସ୍ ଷ୍ଟେସନରେ BCMର ବିଭିନ୍ନ ଉପାଦାନଗୁଡ଼ିକର ସ୍ପେୟାର ପାର୍ଟସ୍‌ଗୁଡ଼ିକର ରିକଣ୍ଡିସନିଂ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹88,71,180.74, ବିଡ୍ ସିକ୍ୟୁରିଟୀ : ₹1,77,500/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 28.04.2026, 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-36/R/26-27

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ କ୍ର.ସଂ. ୧ ନିମନ୍ତେ ଏକକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ କାର୍ଯ୍ୟ ଇ-ଟେଣ୍ଡର ଏବଂ କ୍ର.ସଂ. ୨ ନିମନ୍ତେ ଏକକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ସେବା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି/ବିଡ୍ ଅମାନତ ଯଥାକ୍ରମେ: (୧) ଏମ୍‌ଇସିଏଚ୍‌ସିକେପି-୨୬-୨୭-୦୧, ତାରିଖ: ୦୧।୦୪।୨୦୨୬; ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆର୍‌ଏନ୍ (ଭାରିଆଣ୍ଡ) ୱାଗନଗୁଡ଼ିକୁ ସ୍ୱତନ୍ତ୍ର ଟିଆର୍‌ଟି ୱାଗନରେ ରୂପାନ୍ତରିତ କରିବା; ₹୩,୩୯,୯୮,୭୫୨.୯୨; ₹୬,୮୦,୦୦୦/-। (୨) ଏମ୍‌ଇସିଏଚ୍‌ସିକେପି-୨୬-୨୭-୦୨, ତାରିଖ: ୦୧।୦୪।୨୦୨୬; ୦୨ ବର୍ଷ ଅବଧି ପାଇଁ ଝାରସୁଗୁଡ଼ା ରେଳବାଇ କଲୋନୀର ହାଉସ୍‌କିପିଂ ଏବଂ ପରିମଳ, ଆବର୍ଜନା ସଂଗ୍ରହ ଓ ନିଷ୍କାସନ; ₹୩୫,୨୨,୬୬୪.୪୯; ₹୭୦,୫୦୦/-। ଟେଣ୍ଡର ଫର୍ମ ମୂଲ୍ୟ: କ୍ର.ସଂ. ୧ ପାଇଁ ଶୂନ ଏବଂ କ୍ର.ସଂ. ୨ ପାଇଁ ₹୩,୦୦୦/-। ଟେଣ୍ଡର ଖୋଲାଯିବାର ସ୍ଥାନ: ଉଭୟ ପାଇଁ ବରିଷ୍ଠ ମଣ୍ଡଳ ମେକାନିକାଲ ଯନ୍ତ୍ରୀ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉଭୟ ପାଇଁ ତା୨୪।୦୪।୨୦୨୬ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-32)

**Government of Odisha**
**DISTRICT PLANNING & MONITORING UNIT, KALAHANDI, BHAWANIPATNA**
(PLANNING WING)
E-Mail: dpokalahandi@gmail.com, Phone: 06670-230606
Tender Notice No. 707 Date: 09.04.2026

**TENDER CALL NOTICE**

No. 9001/10/2627: Sealed tenders are invited from the intending/reputed/manufactures, suppliers, dealers having valid GST Registration & Income Tax PAN for supplies, installation, commissioning, connectivity, deployment & technical support of AI-Powered Smart Anganwadi Centres solutions including hardware, software, AI based ECCE learning systems & associated servcies for Modernization of 20 (Twenty) AWCs in different Blocks of Kalahandi district.
The date of publication of bid is 09.04.2026, the last date of submission of bid document is 23.04.2026 at 04.00 P.M. For further details, please visit the Kalahandi district website i.e. **https://kalahandi.odisha.gov.in**.
OIPR-9001/9012/1/26-27/0001 Sd./- Collector, Kalahandi

**OFFICE OF MUNICIPAL COUNCIL, SUNABEDA**

**E-PROCUREMENT NOTICE**

No. 1923 Date: 07.04.2026

**Bid Identification No. M.C.-SBD-04/2025-26**

No.13001/130/2627
Total No. of Works : 03 Nos.
Tender Value : Rs.18,73,151/- to Rs.19,99,500/-
Available Period : Dt.10.04.2026, 11.00 A.M. to Dt.17.04.2026, 5.00 P.M.
Tender Opening Date : 20.04.2026 at 11.00 A.M.
Bidders are requested to participate in advance with their class : C & D Class DSC before the closing date
Further details please visit: **https://www.tendersorissa.gov.in**.

Sd./- Executive Officer
Sunabeda Municipality
OIPR-13001/13076/1/26-27/0001

**ODISHA UNIVERSITY OF HEALTH SCIENCES, BHUBANESWAR**
Office: Sishu Bhawan Square, Bapuji Nagar, Bhubaneswar, PIN - 751009
Website: www.ouhs.ac.in, E-mail: ouhs2022@gmail.com / ouhs@ouhs.ac.in, Tel.: 0674-2597266
No. OUHS-NIZ-NIZARAT-0008-2026/3169 Date: 09.04.26

**TENDER CALL NOTICE**

No. 10001/32/2627: Applications in sealed cover are invited from the intending suppliers/firms for empanelment of their firms in the Odisha University of Health Sciences, Bhubaneswar for a period of one year for supply of Desktop Computers, all types of Printers, UPS and other computer peripherals as per procedure outlined in Rule 224 of the Odisha General Financial Rules, 2023.
The prescribed application format is available in the website **(www.ouhs.ac.in)** of OUHS which may be downloaded for submission addressed to the Registrar, OUHS, Sishu Bhawan Square, Bapuji Nagar, Bhubaneswar by Speed Post/Registered Post or through e-mail **(ouhs2022@gmail.com / ouhs@ouhs.ac.in)**.
The application should reach the Odisha University of Health Sciences on or before 29.04.2026 by 01.00 P.M. at the latest and the tenders shall be opened on 29.04.2026 at 03.00 P.M. in the presence of bidders or their authorised representatives.
The tenders received in incomplete shape or after the scheduled date and time shall be summarily rejected. The undersigned reserves the right to reject any or all tenders without assigning any reason thereof.
OIPR-10001/10238/1/26-27/0002 Sd./- Registrar

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: ୫୩୯୬/IND-II-PH-୧୩୦୬ ତାରିଖ: ୦୮।୦୪।୨୦୨୬

**ବିଜ୍ଞାପନ**

No. 8001/20/2627: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଆଦିତ୍ୟ ଆଲୁମିନିୟମ ଲିମିଟେଡ, ଗ୍ରାମ (ଗୁଡ଼ିକ) – ଲପଙ୍ଗା, ବମାଲୋଇ, ଡେର୍ବା, ଖଡ଼ିଆପାଲି, ତିଲେଇମାଲ ଏବଂ ଧରୋପାଣି, ତହସିଲ: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁରରେ ଅବସ୍ଥିତ ଆଲୁମିନିୟମ ସ୍ମେଲ୍ଟର କାରଖାନାର କ୍ଷମତା ୬.୮ LTPAରୁ ୯.୦ LTPA ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ କ୍ଷମତା ୧୨୩୦ ମେଗାୱାଟରୁ ୧୫୩୦ ମେଗାୱାଟକୁ ସମ୍ପ୍ରସାରଣ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ପରିବେଶୀୟ ମଞ୍ଜୁରୀ ଅନ୍ତର୍ଗତ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୦୫।୨୦୨୬ରିଖ ଦିବା ୧୦.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲାର ବମାଲୋଇ, ରେଙ୍ଗାଲିସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସମ୍ବଲପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ,ସମ୍ବଲପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ସମ୍ବଲପୁର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./– ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ
OIPR-8001/8012/1/26-27/0011

# ‘୧୫ ସୁଦ୍ଧା ଅନ୍‌ଲାଇନରେ ଲୋକେ ତଥ୍ୟ ଦିଅନ୍ତୁ’

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**

■ ୧୬ରୁ ଘର ଘର ବୁଲି ତଥ୍ୟ ନେବେ ଗଣନାକାରୀ

■ ଗଣନାକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ କର

ଜନଗଣନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ନେଇ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି। ଜନଗଣନା କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲାସ୍ତରରେ କ୍ଷେତ୍ର ତାଲିମଦାତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପରେ ବ୍ଲକ, ଏନ୍ଏସି ଓ ପୌରାଞ୍ଚଳରେ ଗଣନାକାରୀ ଏବଂ ପରିଦର୍ଶନକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ପ୍ରଥମ ୧୫ଦିନ ଜିଲାବାସୀ ଅନ୍‌ଲାଇନ ମାଧ୍ୟମରେ ସ୍ୱଗଣନା କରିପାରିବେ। ଏପ୍ରିଲ ୧୬ରୁ ମେ’ ୧୫ ତାରିଖ ପର୍ଯ୍ୟନ୍ତ ଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏପ୍ରିଲ ୧୫ ମଧ୍ୟରେ ଜନସାଧାରଣ ନିଜର ତଥ୍ୟକୁ ସ୍ୱୟଂ ଗଣନା କରିବା ପାଇଁ ଜିଲାପାଳ ନିବେଦନ କରିଛନ୍ତି। ଏଥିସହ ଜନସାଧାରଣ ଗଣନାକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ ପାଇଁ କହିଛନ୍ତି। ପ୍ରଥମ ପର୍ଯ୍ୟାୟ (ସ୍ୱ ଗଣନା) ଏପ୍ରିଲ ପହିଲାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଜନସାଧାରଣ https://se.census.gov.in ପୋର୍ଟାଲକୁ ଯାଇ କିମ୍ବା ମୋବାଇଲ ଆପ୍ ମାଧ୍ୟମରେ ନିଜର ଏବଂ ପରିବାରର ତଥ୍ୟ ଦେଇପାରିବେ। ଏହା ବାଧ୍ୟତାମୂଳକ ନୁହେଁ। ତେବେ ଯେଉଁମାନେ ଅନ୍‌ଲାଇନରେ ନିଜର ତଥ୍ୟ ପୂରଣ କରିବେ, ସେମାନଙ୍କୁ ଆଉ ଅଫ୍‌ଲାଇନ ଗଣନାରେ ସାମିଲ ହେବାକୁ ପଡ଼ିବ ନାହିଁ। ସେମାନେ କେବଳ ଘରକୁ ଆସିଥିବା ଅଧିକାରୀଙ୍କୁ ନିଜର ‘ରେଫରେନ୍ସ ନମ୍ବର’ ଦେଖାଇବେ। ଦ୍ୱିତୀୟ ପର୍ଯ୍ୟାୟ (ଘର ଘର ବୁଲି ତଥ୍ୟ ସଂଗ୍ରହ) ଏପ୍ରିଲ ୧୬ରୁ ମେ’ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଉଭୟ ଅନଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ନାଗରିକମାନଙ୍କୁ ମୋଟ ୩୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ଏଥର ହେବାକୁ ଥିବା ଡିଜିଟାଲ ଜନଗଣନାରେ କେବଳ ଜନସଂଖ୍ୟା ନୁହେଁ, ବରଂ ନାଗରିକଙ୍କ ଆର୍ଥିକ, ସାମାଜିକ ତଥା ଆବାସିକ ସ୍ଥିତିର ଆକଳନ କରାଯିବ। ଏହି ସମୟରେ ନାଗରିକମାନେ ଦେଉଥିବା ପ୍ରତିଟି ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ ଏବଂ ଏହାକୁ ସୂଚନା ଅଧିକାର ଆଇନ ପରିସରରୁ ବାଦ୍ ଦିଆଯାଇଥିବା ଜନଗଣନା ନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି।

## ସଂକ୍ଷେପରେ

### ପରମ୍ପରାକୁ ଉଜ୍ଜୀବିତ ରଖେ ମହୋତ୍ସବ

**ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ପୂଜା ମଣ୍ଡପ ନିକଟରେ ଅନୁଷ୍ଠିତ ମହାପାଟଦେଇ କାଳିକା ଦେବୀ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣିଥିଲା। ଲୋକନାଥ ଜେନାଙ୍କ ସଂଯୋଜନାରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି ମୁଖ୍ୟ ଅତିଥି, ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା, ପୂର୍ଣ୍ଣ ଚନ୍ଦ୍ର ଦାସ ଓ ରାମ ଚନ୍ଦ୍ର ପାଳଙ୍କ ସମେତ ଅତିଥିମାନେ ଯୋଗଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ସକ୍ଷମ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର କଳାଭୂମି ସୁଗମ ସଙ୍ଗୀତ ଏବଂ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

### ୧୭ରେ ଭାଗବତ ବାସୁଦେବଙ୍କ ବାର୍ଷିକୋତ୍ସବରେ ଓଡ଼ିଶୀ ସଂକୀର୍ତ୍ତନ

**ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରି ଗ୍ରାମର ନୂଆସାହିସ୍ଥିତ ଭାଗବତ ବାସୁଦେବଙ୍କ ୨୪ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହି ଉତ୍ସବ ଆସନ୍ତା ୧୭ତାରିଖରୁ ଆରମ୍ଭ ହୋଇ ୧୯ତାରିଖରେ ସମାପନ ହେବ। ଦିନିଆରି ଗ୍ରାମର ଓଡ଼ିଶୀ ସଙ୍କୀର୍ତ୍ତନ ଗାୟକ ମକର ଧଜ ପଣ୍ଡା, କାଦୁଅପଡ଼ା ଗ୍ରାମର ଅଭିଜିତ ହୋତା, ଭୋଗଡ଼ା ଗ୍ରାମର ଗଣେଶ୍ୱର ନିଶଙ୍କ, ବସନ୍ତ ଗ୍ରାମର ପ୍ରଭାତ ବେହେରା, ପଙ୍ଗାରସିଂହ ଗ୍ରାମର ପ୍ରଶାନ୍ତ ଦାସ, ନୟାଗଡ଼ର ଚନ୍ଦ୍ରମଣି ମାଝୀ, କନ୍ଦରପୁର ଅଜୟ ଦାସ, ଉଆଁସର ଗ୍ରାମର ଅଶାନ୍ତ ଜେନା, ମଙ୍ଗଳପୁରର ବାନାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଖବରଦାତା ଅୟେସକାନ୍ତ ମହାନ୍ତିଙ୍କ ପରଲୋକ

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧାରେ କାର୍ଯ୍ୟରତ ଖବରଦାତା ଅୟେସ କାନ୍ତ ମହାନ୍ତିଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅନେକ ଓଡ଼ିଆ ସିନେ ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି। ଜଣେ ଭଲ ଫଟୋଗ୍ରାଫର୍ ସହ ସଂଳାପ ଲେଖକ ଥିଲେ। ଦୀର୍ଘଦିନ ଧରି ଦୈନିକ ଖବରକାଗଜରେ ସାମ୍ବାଦିକତା କରୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଖୋର୍ଦ୍ଧାର ସମସ୍ତ ସାମ୍ବାଦିକ, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ

**ଭୁବନେଶ୍ୱର,୧୦।୪(ସୁସ୍ମିତା ସାହୁ)**

ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ଦିଗରେ ସରକାର ବିଶ୍ୱବିଦ୍ୟାଳୟ ଅଧିନିୟମର ସଂଶୋଧନ ଓ ଏହାର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ୧୪ ବିଶ୍ୱବିଦ୍ୟାଳୟରେ ଯୋଗ୍ୟତା ଭିତ୍ତିରେ କୁଳପତି ଚୟନ କରିବା ସହିତ ବିଭାଗୀୟସ୍ତରରେ ସ୍ଥାନ ସଂରକ୍ଷଣକୁ ଛାଡ଼ି ବିଶ୍ୱବିଦ୍ୟାଳୟସ୍ତରରେ ଶିକ୍ଷକଙ୍କ ଜାତିଗତ ସ୍ଥାନ ସଂରକ୍ଷଣ ସ୍ଥିରୀକୃତ କରିଛନ୍ତି। ଜନଗଣନା ଆଧାରରେ ଜାତିଗତ ସ୍ଥାନ ସଂରକ୍ଷଣକୁ ସମାନ କରିବା ଭଳି ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ସ୍ୱାଗତଯୋଗ୍ୟ। ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗୁଣବତ୍ତା ଶିକ୍ଷାଦାନ ସହିତ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରାଇବା ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ସହାୟକ ହେବ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କହିଛି। ଏଥିପାଇଁ ଡ. ନାରାୟଣ ମହାନ୍ତି, ପବିତ୍ର ରଥ, ଶିବବ୍ରତ ଦାସ, ସରୋଜ ଦାଶ, ବିପ୍ଳବ ଗୁରୁ, ଦୀପ୍ତାଂଶୁ ଭୂଷଣ ପତି, ବିଶ୍ୱ ମୋହନ ଜେନା ପ୍ରମୁଖ କର୍ମକର୍ତ୍ତା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ‘ଲୋକକଳା ପାଇଁ ଦିନଟିଏ’ ଆଲୋଚନାଚକ୍ର



ଅତିଥିମାନେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବାଣପୁର,୧୦।୪ (ଦିଲୀପ କୁମାର ସ୍ୱାଇଁ)**

ଓଡ଼ିଆ ପକ୍ଷ ପାଳନର ୧୦ମ ଦିବସରେ ଲୋକକଳା ପାଇଁ ଦିନଟିଏ ଶୀର୍ଷକ ଆଲୋଚନାଚକ୍ର ବାଣପୁରସ୍ଥିତ ସାହିତ୍ୟ ସିନ୍ଦୂରା ଓ ପରିଡ଼ା ପାଠାଗାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପରିଡ଼ାଙ୍କ ପ୍ରାରମ୍ଭିକ ସୂଚନା ପରେ ମା’ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୁରାତନ ପାଲା ସଂସ୍କୃତି ରକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଲଳିତ ମୋହନ ପଟ୍ଟନାୟକ, ଶିକ୍ଷାବିତ୍ ଭାଗୀରଥି ସ୍ୱାଇଁ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଯୋଗଦେଇ ଓଡ଼ିଆ ଲୋକକଳା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମା’ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁ ପ୍ରିୟା ବାରିକଙ୍କ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ପାଲା ଗାୟିକା ପ୍ରଜ୍ଞା ପାରମିତା ପଣ୍ଡା, ଆଡଭୋକେଟ ଅଶୋକ କୁମାର ପାଇକରାୟ, ଭ୍ରମରବର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସିନ୍ଦୂରାର ବରିଷ୍ଠ ସଭ୍ୟ ପୂର୍ବତନ ଶିକ୍ଷକ ଲକ୍ଷ୍ମୀ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। କବି ଦିଗମ୍ବର ବିଶ୍ୱାଳ, ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ଜାଲି, ଗଣମାଧ୍ୟମ ପ୍ରତିନିଧି ତ୍ରିଲୋଚନ ବାରିକ, ବରିଷ୍ଠ ନାଗରିକ ସଂଘର ସଭାପତି ଡ.ଚିନ୍ତାମଣି ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ନୃସିଂହ ଚରଣ ପ୍ରଧାନ, ଗ୍ରାମୀଣ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ଓଡ଼ିଶୀ ନୃତ୍ୟ ଆଚାର୍ଯ୍ୟ ମାଧବ ଚନ୍ଦ୍ର ପଲେଇ, ସଙ୍ଗୀତ ଗୁରୁ କିଶୋର ପ୍ରଧାନ, ଶ୍ରାବଣୀ ଶବର, ରଜେଶ୍ୱରି ଯାନି, ସମାଜସେବୀ ଅନନ୍ତ ଚରଣ ଖଟେଇ, ନବକିଶୋର ପ୍ରଧାନ, ବିଶ୍ୱନାଥ ଖଟେଇ ପ୍ରମୁଖ ଯୋଗଦେଇଥିଲେ।



ବିଶ୍ୱ ହୋମିଓପାଥିକ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

## ବିଶ୍ୱ ହୋମିଓପ୍ୟାଥିକ୍ ଦିବସ ପାଳିତ

**ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼)**: ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ତୋଟା ବେଲପଡା ଗ୍ରାମସ୍ଥିତ ସରକାରୀ ହୋମିଓପ୍ୟାଥିକ୍ ଚିକିତ୍ସାଳୟ ପରିସରରେ ଜାତୀୟ ଆୟୁଷ ମିଶନ ପକ୍ଷରୁ ଶୁକ୍ରବାର ବିଶ୍ୱ ହୋମିଓପାଥିକ୍ ଦିବସ ପାଳିତ ହୋଇଯାଇଛି। ଚିକିତ୍ସାଳୟ ଡା.ସସ୍ମିତା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଗ୍ରସେନ ସୁନ୍ଦରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ଜବାହାରଲାଲା ସୁବୁଦ୍ଧି ଏବଂ ଅର୍ଜୁନ ବାରିକ ଯୋଗଦଇ ହୋମିଓପ୍ୟାଥିକ ଔଷଧର ବିଭିନ୍ନ ଉପକାରିତା କହିବା ସହ ଡାକ୍ତର ଫ୍ରେଡେରିକ ହାନିମାନଙ୍କ ଅବଦାନକୁ ମନେପକାଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଣଜିତ ମହାରଣା ଧନ୍ୟବାଦ ଦେଇଥିଲେ।

# ଆଜି ବି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇନି

**ଭୁବନେଶ୍ୱର,୧୦।୪ (ସୌମ୍ୟରଞ୍ଜନ ରାଉତ)**: ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ନେତାଜୀ ଭବନ ପରିସରରେ ଆରମ୍ଭ ହୋଇଛି। ବାହିନୀର ଜାତୀୟ ସଂଯୋଜକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରମଜୀବୀ ମଣିଷର ପ୍ରତିନିଧି ବିଜୟ ସାହୁ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମଦୃଷ୍ଟି ପତ୍ରିକାର ସମ୍ପାଦକ ବିଘ୍ନେଶ୍ୱର ସାହୁ, ଖବରଦାତା ସୁରେନ୍ଦ୍ର ପାତ୍ର, ସାମାଜିକ କର୍ମୀ ହରିହର ସେନ୍, ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ କହିଲେ, ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଭାରତ ବର୍ଷର ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଜନଗଣଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସରକାରମାନେ ବିଫଳ ହୋଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଯୋଗାଇ ଦେବାରେ ସରକାରୀ ବିଫଳତା ଚରମସୀମାରେ ପହଞ୍ଚିଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଦେଶର ପ୍ରାକୃତିକ ସମ୍ପଦକୁ ଶାଗ ମାଛ ଦରରେ କର୍ପୋରେଟ ସଂସ୍ଥାମାନଙ୍କୁ ବିକ୍ରି ଚାଲିଛି। ଜନ ଅସନ୍ତୋଷ ବଢ଼ି ଚାଲିଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ସରକାରୀ କଳର ନିଘା ନାହିଁ। ଏଭଳି ସ୍ଥଳେ ବାହିନୀର ସାଥୀମାନେ ଜଣେ ସଚ୍ଚା ଦେଶପ୍ରେମୀ ଓ ସଂଗ୍ରାମୀ ଭାବରେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ଲଢ଼ିବାକୁ ସେମାନେ ଆହ୍ୱାନ କରିଥିଲେ। ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା, ଦିଶା ଆଜାଦ, ରିଙ୍କି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE JAGATSINGHPUR MUNICIPALITY, JAGATSINGHPUR**

No. 2190 Dated: 08.04.2026

**COMPETITIVE BIDDING THROUGH e-Procurement**

**1st Corrigendum to Bid Reference No. JSM-01/2025-26/ Dated: 31.03.2026 and Bid Identification No. 2026_ORULB-127738_1**

No. 13001/136/2627: Condition of tenders invited for the work vide bid Reference No. JSM-01/2025-26/Dated: 31.03.2026 and Bid Identification No. 2026_ORULB-127738_1 are modified are as follows.
The EMD amount to be deposited by bidder is Rs.84,000/- in place of Rs.65,800/-.
Tender value as mentioned in tender details to be read as Rs.83,75,814/- in place of Rs.99,67,317/-.
Bid reference number as mentioned in Section-I of DTCN to be read as JSM-01/2025-26/Dated: 31.03.2026.
Eligible class of contractor as mentioned in the tender notice to be read as “B” Class only in place of B & A.
Schedule-C of the DTCN regarding Tools, Plant and Equipment are omitted from tender conditions.
All other terms & conditions remain unaltered.

Sd./- Executive Officer
Jagatsinghpur Municipality
OIPR-13001/13087/1/26-27/0003



**TP CENTRAL ODISHA DISTRIBUTION LIMITED**
TPCODL TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2026-27/NIT/01**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000008850 | Construction of Store yard at Kalinga Nagar, Bhubaneswar for Town Planning-1 project |
| 2 | TPCODL/P&S/2026-27/1000008956 | Rate contract for supply of wedge connector & paddle clamp |
| 3 | TPCODL/P&S/2026-27/1000008961 | Rate contract for supply of Mobile sub-station (500KVA,11/0.4KV) |
| 4 | TPCODL/P&S/2026-27/1000008965 | Rate contract for supply of 70KN, 90KN & 120KN Hardware Fittings |
| 5 | TPCODL/CCG/26-27/1000009064 | Rate Contract for supply of Metering Cubicles at TP DISCOMs for One year. |

For more details like bid due date, EMD, tender fee, bid opening date etc. of the Tenders, please visit “Tender” section at TPCODL website https://www.tpcentralodisha.com. Future communication / corrigendum to tender documents, if any, shall be available on TPCODL website.



**GOVERNMENT OF ODISHA** No. 6001/10/2627
**OFFICE OF THE EXECUTIVE ENGINEER(C)**
**DIRECTORATE OF FISHERIES, ODISHA, CUTTACK**
E-MAIL: eefedcuttack@gmail.com

**Bid Identification No. 584 / Dt.09.04.2026**

| | | |
|---|---|---|
| 1. | No. of works | : 14 (Fourteen) Number of Civil works |
| 2. | Type of works | : Civil works |
| 3. | Approximate Estimated Cost | : Rs.7.48 to 83.91 lakhs |
| 4. | Class of Contractor | : ‘D’, ‘C’ & ‘B’ |
| 5. | Period of Completion | : 01 (One) to 06 (Six) Calendar Months |
| 6. | Date of sale & receipt | : Dt.16.04.2026 to 2.00 P.M. of Dt.28.04.2026 (Working days only). |
| 7. | Date of opening | : Dt.30.04.2026 at 11.00 A.M. |
| 8. | Name of Office Inviting Bid | : Executive Engineer (C), Directorate of Fisheries, Odisha, Cuttack |

Further details can be seen in the bidding documents & can be downloaded from the Government of Odisha website (**http://www.odisha.gov.in**). Authority reserves the right to reject any or all the tenders without assigning any reason thereof.

Sd./- Executive Engineer (C)
Directorate of Fisheries
Odisha, Cuttack
OIPR-6001/6030/1/26-27/0002



**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN - 761012, Tel.: 06814-295053, (E-mail): dgp_nac@yahoo.com
Letter No. 1417/DIGNAC Date: 8.4.26

**CORRIGENDUM**

No. 13001/134/2627: In continuation of this office Tender Call Notice No. 1263/DIGNAC, dated 27.03.2026, it is hereby informed that a new corrigendum titled “Corrigendum - for the work Renovation and Beautification of Bada Bandha, Digapahandi NAC, Ganjam District, Odisha and Construction of Boundary Wall & Fixing of M.S Gate At: Charidham Park, Digapahandi NAC, Ganjam” has been published. In view of the above, certain changes have been made, inpersuant to office Memorandum No. 12586/W Dtd.: 09.11.2022 of Works Department, Govt. of Odisha, as regards to the class of contractor eligible to participate, which shall be read as detailed below:

| Sl. No. | Bid Identification No. | Name of the Work | Published as per DTCN in Annexure - A | Shall be read as in Annexure - A |
|---|---|---|---|---|
| | | | Class of Contractor eligible to participate | Class of contractor eligible to participate |
| 01 | DIGNAC-09/2025-26 | Renovation and Beautification of Bada Bandha, Digapahandi NAC, Ganjam District, Odisha and Construction of Boundary Wall | B | A |
| 02 | DIGNAC-10/2025-26 | Fixing of M.S. Gate at Charidham Park, Digapahandi NAC, Ganjam | B | A and B |

N.B.: Further more details can be seen in the DTCN available in the e-procurement portal i.e. **https://tendersodisha.gov.in**.
OIPR-13001/13117/1/26-27/0003 Sd./- Executive Officer, NAC, Digapahandi, Ganjam



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 01/ET/SBP/ENGG/2026-27, ତା.07.04.2026ରିଖ
ଇ-ଟେଣ୍ଡର ସଂ. 01-eT-SDENS-SBP-26

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ AEN/TM/ସମ୍ବଲପୁର ଅଧିନସ୍ଥ ସେଟଲାଇଟ୍ ଡିପୋ/ବଲାଙ୍ଗୀର ଠାରେ IOH ଏବଂ ଅନ୍ୟ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ଅଂଶର ୱେଲ୍ଡିଙ୍ଗ ଓ ଗ୍ୟାସ କଟିଙ୍ଗ ଦ୍ୱାରା ଟ୍ରାକ୍ ମେସିନ୍‌ଗୁଡ଼ିକର ମରାମତି ଏବଂ ସମ୍ବଲପୁର ମଣ୍ଡଳରେ କାର୍ଯ୍ୟରତ ଯେକୌଣସି ଅନ୍ୟ ଟ୍ରାକ୍ ମେସିନର କାର୍ଯ୍ୟସ୍ଥଳରେ ଏବଂ BCM ମେସିନ୍ ବେସ୍ ଷ୍ଟେସନରେ BCMର ବିଭିନ୍ନ ଉପାଦାନଗୁଡ଼ିକର ସ୍ପେୟାର ପାର୍ଟସ୍‌ଗୁଡ଼ିକର ରିକଣ୍ଡିସନିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 88,71,180.74, ବିଡ୍ ସିକ୍ୟୁରିଟୀ : ₹ 1,77,500/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 28.04.2026, 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-36/R/26-27



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ କ୍ର.ସଂ. ୧ ନିମନ୍ତେ ଏକକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ କାର୍ଯ୍ୟ ଇ-ଟେଣ୍ଡର ଏବଂ କ୍ର.ସଂ. ୨ ନିମନ୍ତେ ଏକକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ସେବା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି/ବିଡ୍ ଅମାନତ ଯଥାକ୍ରମେ: (୧) ଏମ୍‌ଇସିଏଚ୍‌ସିକେପି-୨୬-୨୭-୦୧, ତାରିଖ: ୦୧।୦୪।୨୦୨୬; ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆରଏନ୍ (ଭାରିଆଣ୍ଟ) ୱାଗନଗୁଡ଼ିକୁ ସ୍ୱତନ୍ତ୍ର ଟିଆରଟି ୱାଗନରେ ରୂପାନ୍ତରିତ କରିବା; ₹୩,୩୯,୯୮,୭୫୨.୯୨; ₹୬,୮୦,୦୦୦/-। (୨) ଏମ୍‌ଇସିଏଚ୍‌ସିକେପି-୨୬-୨୭-୦୨, ତାରିଖ: ୦୧।୦୪।୨୦୨୬; ୦୨ ବର୍ଷ ଅବଧି ପାଇଁ ଝାରସୁଗୁଡ଼ା ରେଲବାଇ କଲୋନୀର ହାଉସ୍‌କିପିଙ୍ଗ୍ ଏବଂ ପରିମଳ, ଆବର୍ଜନା ସଂଗ୍ରହ ଓ ନିଷ୍କାସନ; ₹୩୫,୨୨,୬୬୪.୪୯; ₹୭୦,୫୦୦/-। ଟେଣ୍ଡର ଫର୍ମ ମୂଲ୍ୟ: କ୍ର.ସଂ. ୧ ପାଇଁ ଶୂନ ଏବଂ କ୍ର.ସଂ. ୨ ପାଇଁ ₹୩,୦୦୦/-। ଟେଣ୍ଡର ଖୋଲାଯିବାର ସ୍ଥାନ: ଉଭୟ ପାଇଁ ବରିଷ୍ଠ ମଣ୍ଡଳ ମେକାନିକାଲ ଯନ୍ତ୍ରୀ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉଭୟ ପାଇଁ ତା୨୪।୦୪।୨୦୨୬ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-32)



**OFFICE OF MUNICIPAL COUNCIL, SUNABEDA**

**E-PROCUREMENT NOTICE**

No. 1923 Date: 07.04.2026

**Bid Identification No. M.C.-SBD-04/2025-26**

No.13001/130/2627

| | |
|---|---|
| Total No. of Works | : 03 Nos. |
| Tender Value | : Rs.18,73,151/- to Rs.19,99,500/- |
| Available Period | : Dt.10.04.2026, 11.00 A.M. to Dt.17.04.2026, 5.00 P.M. |
| Tender Opening Date | : 20.04.2026 at 11.00 A.M. |
| Bidders are requested to participate in advance with their class | : C & D Class DSC before the closing date |

Further details please visit: **https://www.tendersorissa.gov.in**.

Sd./- Executive Officer
Sunabeda Municipality
OIPR-13001/13076/1/26-27/0001



Government of Odisha
**DISTRICT PLANNING & MONITORING UNIT, KALAHANDI, BHAWANIPATNA**
(PLANNING WING)
E-Mail: dpokalahandi@gmail.com, Phone: 06670-230606
Tender Notice No. 707 Date: 09.04.2026

**TENDER CALL NOTICE**

No. 9001/10/2627: Sealed tenders are invited from the intending/reputed/manufactures, suppliers, dealers having valid GST Registration & Income Tax PAN for supplies, installation, commissioning, connectivity, deployment & technical support of AI-Powered Smart Anganwadi Centres solutions including hardware, software, AI based ECCE learning systems & associated servcies for Modernization of 20 (Twenty) AWCs in different Blocks of Kalahandi district.
The date of publication of bid is 09.04.2026, the last date of submission of bid document is 23.04.2026 at 04.00 P.M. For further details, please visit the Kalahandi district website i.e. **https://kalahandi.odisha.gov.in**.

OIPR-9001/9012/1/26-27/0001 Sd./- Collector, Kalahandi



**ODISHA UNIVERSITY OF HEALTH SCIENCES, BHUBANESWAR**
Office: Sishu Bhawan Square, Bapuji Nagar, Bhubaneswar, PIN - 751009
Website: www.ouhs.ac.in, E-mail: ouhs2022@gmail.com / ouhs@ouhs.ac.in, Tel.: 0674-2597266
No. OUHS-NIZ-NIZARAT-0008-2026/3169 Date: 09.04.26

**TENDER CALL NOTICE**

No. 10001/32/2627: Applications in sealed cover are invited from the intending suppliers/firms for empanelment of their firms in the Odisha University of Health Sciences, Bhubaneswar for a period of one year for supply of Desktop Computers, all types of Printers, UPS and other computer peripherals as per procedure outlined in Rule 224 of the Odisha General Financial Rules, 2023.
The prescribed application format is available in the website (**www.ouhs.ac.in**) of OUHS which may be downloaded for submission addressed to the Registrar, OUHS, Sishu Bhawan Square, Bapuji Nagar, Bhubaneswar by Speed Post/Registered Post or through e-mail (**ouhs2022@gmail.com / ouhs@ouhs.ac.in**).
The application should reach the Odisha University of Health Sciences on or before 29.04.2026 by 01.00 P.M. at the latest and the tenders shall be opened on 29.04.2026 at 03.00 P.M. in the presence of bidders or their authorised representatives.
The tenders received in incomplete shape or after the scheduled date and time shall be summarily rejected. The undersigned reserves the right to reject any or all tenders without assigning any reason thereof.

OIPR-10001/10238/1/26-27/0002 Sd./- Registrar



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: ୫୩୯୬/IND-II-PH-୧୩୦୬ ତାରିଖ: ୦୮।୦୪।୨୦୨୬

**ବିଜ୍ଞାପନ**

No. 8001/20/2627: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଆଦିତ୍ୟ ଆଲୁମିନିୟମ ଲିମିଟେଡ, ଗ୍ରାମ (ଗୁଡ଼ିକ) – ଲପଙ୍ଗା, ବମାଲୋଇ, ଡେର୍ବା, ଖଡ଼ିଆପାଲି, ତିଲେଇମାଲ ଏବଂ ଧରୋପାଣି, ତହସିଲ: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁରରେ ଅବସ୍ଥିତ ଆଲୁମିନିୟମ ସ୍ମେଲ୍ଟର କାରଖାନାର କ୍ଷମତା ୬.୮ LTPAରୁ ୯.୦ LTPA ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ କ୍ଷମତା ୧୨୩୦ ମେଗାୱାଟରୁ ୧୫୩୦ ମେଗାୱାଟକୁ ସମ୍ପ୍ରସାରଣ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ପରିବେଶୀୟ ମଞ୍ଜୁରୀ ଅନ୍ତର୍ଗତ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୦୫।୨୦୨୬ରିଖ ଦିବା ୧୦.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲାର ବମାଲୋଇ, ରେଙ୍ଗାଲିସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଖେଳପଡ଼ିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସମ୍ବଲପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ,ସମ୍ବଲପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ସମ୍ବଲପୁର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./– ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ
OIPR-8001/8012/1/26-27/0011

**୫ ଶିକାରୀ ଗିରଫ, ୨ ବନ୍ଧୁକ ଜବତ**

କପ୍ତିପଦା,(ବିଷ୍ଣୁ ଚରଣ ପୁଥାଳ): ମୟୂରଭଞ୍ଜ ଜିଲା ଶିମିଳିପାଳ ଅଧୀନରେ ଥିବା ପୋଡ଼ାଡିହା ବନ ବିଭାଗ ଶୁକ୍ରବାର ୫ ଶିକାରୀଙ୍କୁ ଗିରଫ କରିବା ସହ ୨ଟି ବନ୍ଧୁକ ଓ ଧନୁତୀର ଜବତ କରିଛି।ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଶିମିଳିପାଳ ଅଭୟାରଣ୍ୟକୁ ଶିକାର କରିବାକୁ ଯାଇଥିବା କେତେଜଣ ଶିକାରୀଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ବନ ବିଭାଗ କଟୁରିଆ ମାହାରା ସାହିରେ ଚଢ଼ାଉ କରି ରାମଜିତ୍ ମୁର୍ମୁ, ମେଘରାୟ ମୁର୍ମୁ, ମହେନ୍ଦ୍ର ମୁର୍ମୁ, ଦାମ ସୋରେନ୍, ଲକ୍ଷ୍ମଣ ମୁର୍ମୁ ଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବନ୍ଧୁକ ଓ ଧନୁତୀର ଜବତ କରିଛି।

# ମୁଣ୍ଡିଆ ମାରି ୩ ମନ୍ଦିରରୁ ଲୁଟିଲେ ୪ ଦୁର୍ବୃତ୍ତ

- ସୁନା ମୂର୍ତ୍ତି, ରୁପା ଥାଳି, ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ
- ଲୁଟେରାଙ୍କ ଭିତରେ ଜଣେ ମହିଳା ଲିଡ୍ କରୁଥିଲେ
- ଥାନାରେ ଅଭିଯୋଗ ପରେ ପୋଲିସର ଛାନ୍‌ଭିନ

ଭୁବନେଶ୍ୱର,୧୦।୪ (ତ୍ରିନାଥ ମହାନ୍ତି)

ଗୋଟିଏ ରାତିରେ ଦୁର୍ବୃତ୍ତମାନେ ୩ ମନ୍ଦିରରେ ପଶି ପୋଛି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ଟଙ୍କା। ଚନ୍ଦ୍ରଶେଖରପୁର ଥାନା ପଟିଆ ଗାଁରେ ଥିବା ଶିଖରଚଣ୍ଡୀ, ନୀଳକଣ୍ଠେଶ୍ୱର ଓ କନକ ଦୁର୍ଗା ମନ୍ଦିରରୁ ଚୋରି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ୪ ଦୁର୍ବୃତ୍ତ ମୁଣ୍ଡିଆ ମାରି ମନ୍ଦିରରେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଏବଂ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟି ନେଇଛନ୍ତି। ଏନେଇ ଉକ୍ତ ମନ୍ଦିରର ଟ୍ରଷ୍ଟି ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏନେଇ ନୀଳକଣ୍ଠେଶ୍ୱର ମନ୍ଦିର ଟ୍ରଷ୍ଟର ରବୀନ୍ଦ୍ର ପାତ୍ର ଅଭିଯୋଗ କରିଥିବାବେଳେ ଶିଖରଚଣ୍ଡୀ ମନ୍ଦିର ଟ୍ରଷ୍ଟର ଆନନ୍ଦ ସାହୁ ଏବଂ କନକଦୁର୍ଗା ମନ୍ଦିର ଟ୍ରଷ୍ଟର ବିଭୁ ପ୍ରସାଦ ରୟ ଅଭିଯୋଗ କରିଛନ୍ତି। ୩ଟି ଅଭିଯୋଗ ଆଧାରରେ ପୋଲିସ ୩ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି। ୩ଟି ମନ୍ଦିରରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ଲୁଟେରାଙ୍କୁ ଚିହ୍ନଟ କରୁଛି। ସେମାନଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଗୁରୁବାର ରାତି ପ୍ରାୟ ୨ଟାରେ ୪ ଦୁର୍ବୃତ୍ତ ପ୍ରଥମେ ଶିଖରଚଣ୍ଡୀ ମନ୍ଦିର ଭିତରକୁ ପଶି ଚୋରି କରିଥିଲେ। ପରେ ସେମାନେ କନକଦୁର୍ଗା ମନ୍ଦିର ଏବଂ ଶେଷରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି କରିଥିଲେ। ୪ ଅଭିଯୁକ୍ତ ମନ୍ଦିର ଆଗରେ ମୁଣ୍ଡିଆ ମାରି ସମସ୍ତ ମନ୍ଦିର ଭିତରକୁ ପଶିବା


ସିସିଟିଭିରେ କଏଦ ମନ୍ଦିର ଭିତରେ ଚୋରି କରୁଥିବାର ଦୃଶ୍ୟ।

ପରେ ମନ୍ଦିର ତାଲା ଭାଙ୍ଗି ଚୋରି କରୁଥିବାର ଦୃଶ୍ୟ ସିସିଟିଭିରେ ଦେଖିବାକୁ ମିଳିଥିଲା। କନକଦୁର୍ଗା ମନ୍ଦିରରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମା'ଙ୍କ ସୁନା ମୂର୍ତ୍ତି ସହ ରୁପା ଖଟୁଲି, ମା'ଙ୍କ ମଥା ଟିକା ଓ ନୋଥ ସହ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିଲେ। ସେହିପରି ନୀଳକଣ୍ଠେଶ୍ୱର ମନ୍ଦିର ଓ ଶିଖରଚଣ୍ଡୀ ଗ୍ରାମ ଦେବତୀ ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରୁ ଟଙ୍କା ଚୋରି ହୋଇଛି। ୪ ଦୁର୍ବୃତ୍ତ ୩ଟି ମନ୍ଦିର ଚୋରିରେ ସମ୍ପୃକ୍ତ ରହିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଏହି ଚୋରି ଗ୍ୟାଙ୍ଗରେ ଜଣେ ମହିଳା ଲିଡର ସାଜିଥିବା ସିସିଟିଭିରୁ ଦେଖିବାକୁ ମିଳିଛି। ସେ ହିଁ ଅନ୍ୟ ୩ ଦୁର୍ବୃତ୍ତଙ୍କୁ କିଭଳି ଯିବ ଏବଂ କେଉଁଠୁ ଚୋରି କରିବ ସେନେଇ ହାତ ଦେଖାଉଥିବା ସିସିଟିଭିରୁ ଦେଖିବାକୁ ମିଳିଛି। ଏହି ଲୁଟ୍ ପଛରେ ଥିବା ଲୁଟେରାମାନେ ପୂର୍ବରୁ ମନ୍ଦିରକୁ ଠାକୁର ଦର୍ଶନ କରିବାକୁ ଆସିଥିବା ପୋଲିସ ସନ୍ଦେହ କରୁଛି। ଏକାଧିକ ଥର ମନ୍ଦିରକୁ ଠାକୁର ଦର୍ଶନ ନାଁରେ ରେକି କରିବାପରେ ଚୋରି ପାଇଁ ଗୁରୁବାର ରାତି ଠିକ୍ କରିଥିଲେ। ଆଉ ଶେଷରେ ସେମାନେ ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରରେ ପଶି ଚୋରି କରିଥିଲେ। ତେଣୁ ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରୁ ଚୋରିର ୧୦ଦିନ ପୂର୍ବରୁ କେଉଁମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ, ସେସବୁକୁ ସିସିଟିଭି ଫୁଟେଜରୁ ଯାଞ୍ଚ କରୁଛି। ଦୁର୍ବୃତ୍ତଙ୍କ ଚେହେରା ଏବଂ ପୂର୍ବ ଦିନରେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିବା ବ୍ୟକ୍ତିଙ୍କ ଚେହେରା ସହ ଯାଞ୍ଚ କରାଯାଉଛି। ଏହି ଲୁଟ୍ ପଛରେ ସ୍ଥାନୀୟ ବସ୍ତିର କେତେକ ଲୋକଙ୍କ ହାତ ରହିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ହ୍ୟୁମାନ୍ ଇଣ୍ଟେଲିଜେନ୍ସ ଏବଂ ସିସିଟିଭି ଆଧାରରେ ଲୁଟେରାଙ୍କୁ ଚିହ୍ନଟ କରାଯାଉଛି ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

## ଆମ ବସ୍‌ରେ ମୋବାଇଲ ଚୋରିକୁ ନେଇ ହାଇଡ୍ରାମା

ଭୁବନେଶ୍ୱର,୧୦।୪ (ପ୍ରସନଜିତ୍ ସାହୁ)

ଆମ ବସ୍ ଭିତରେ ଗୁରୁବାର ରାତିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଇନ୍‌ଫୋସିଟି ଛକ ନିକଟରେ ଆମ ବସ୍ ଭିତରେ ଜଣେ ଯୁବତୀଙ୍କ ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା। ଏହାକୁ ନେଇ ଯୁବତୀ ଜଣଙ୍କ ଉତ୍ତ୍ୟକ୍ତ ହେବା ସହିତ ରାସ୍ତା ମଝିରେ ଉକ୍ତ ବସ୍‌କୁ ଅଟକାଇଥିଲେ। ପରେ ବସ୍‌ର ଡୋର ବନ୍ଦ କରି ସନ୍ଦେହରେ ସମସ୍ତ ଯାତ୍ରୀଙ୍କ ପକେଟ ଓ ବ୍ୟାଗ୍ ଚେକ୍ କରିଥିଲେ। ରାତି ସମୟରେ ରାସ୍ତାରେ ପ୍ରାୟ ଅଧ ଘଣ୍ଟା ଧରି ବସ୍ ଅଟକିବା ପରେ ଯାତ୍ରୀମାନଙ୍କ ପକ୍ଷରୁ ମଧ୍ୟ ଅସନ୍ତୋଷ ଦେଖାଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ଇନ୍‌ଫୋସିଟି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସୁଧୁରିଥିଲା।

## ବେଆଇନ ଗୋଚାଲାଣ: ୨ ଗିରଫ


ଗିରଫ ୨ ଅଭିଯୁକ୍ତ, ଜବତ ସ୍କର୍ପିଓ।

ଝାରସୁଗୁଡ଼ା, ୧୦।୪ (ଆଶିଷ ରଞ୍ଜନ ଦାଶ)

ବେଆଇନ ଗୋଚାଲାଣବେଳେ ରେଙ୍ଗାଲି ପୋଲିସ ଏକ ସ୍କର୍ପିଓ ଜବତ କରିବା ସହ ସେଥିରେ ଥିବା ୫ ଗୋରୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ରେଙ୍ଗାଲି ଥାନା ଅଧୀନ ଖାତକୁରବାହାଲ ଗ୍ରାମର ଏମ୍‌ଡି ରାହିଲ ଅହମ୍ମଦ, ଅଜମୀର କେରକେଟାଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଘଣ୍ଟେଶ୍ୱରୀ

**ସ୍କର୍ପିଓ ଜବତ, ୫ ଗୋରୁ ଉଦ୍ଧାର**

କଦମଘାଟ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ସ୍କର୍ପିଓରେ ଗୋଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ସ୍କର୍ପିଓ ଜବତ କରିଥିଲା। ଯାଞ୍ଚବେଳେ ଗାଡ଼ି ଭିତରୁ ୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଏଥିସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୩/୨୬) ରୁଜୁ ହୋଇଛି।

## ଜୁଇଲୁଣ୍ଡା ଗ୍ରାମରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପରିବାର ଆଣିଲା ହତ୍ୟା ଅଭିଯୋଗ**

ଡେଲାଙ୍ଗ,୧୦।୪(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଜୁଇଲୁଣ୍ଡା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ଡେଲାଙ୍ଗ ପୋଲିସ ଜବତ କରିଛି। ମୃତକ ହେଲେ ରଜନୀକାନ୍ତ ଜେନା (୨୭)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ଜୁଇଲୁଣ୍ଡା ଗ୍ରାମ୍ୟ ରାସ୍ତାକଡ଼ରେ ଥିବା ବୁଦାଳିଆ ସ୍ଥାନକୁ ସକାଳେ ଶୌଚହେବା ପାଇଁ ଯାଇଥିବା ଜଣେ ମହିଳା ଏକ କଇଁଆ ଗଛରେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏନେଇ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ନାରାୟଣ ବେହେରା ଏବଂ ଏସ୍‌ଆଇ ସୁଧାଂଶୁ ବାରିକ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତଦେହଟି ଗଛର ମୂଳଠାରୁ ୧୫ ଫୁଟ ଉପରେ ଏକ ଡାଳରେ ଗାମୁଛା ଦ୍ୱାରା ଝୁଲିଥିବା ବେଳେ ଗଛମୂଳରେ ଚପଲ ରହିଛି। ଅନ୍ୟପଟେ ଗତ ସନ୍ଧ୍ୟାରୁ ଯୁବକ ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ସାଙ୍ଗସାଥୀ ରାତିରେ ଖୋଜାଖୋଜି କରିଥିଲେ। ସକାଳୁ ଏହି ଖବର ପାଇବା ପରେ ତାଙ୍କ ପୁଅକୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୁରୀରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏନେଇ ଡେଲାଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ପୋଲିସ କହିଛି।

## ବିରିୟାନୀ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ

- ୨ ଗୁରୁତର ହସ୍ପିଟାଲରେ ଭର୍ତ୍ତି
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚନ୍ଦକା-ଖଣ୍ଡଗିରି ରାସ୍ତାରୋକୋ

ଭୁବନେଶ୍ୱର,୧୦।୪(ତ୍ରିନାଥ ମହାନ୍ତି)

ବିରିୟାନୀ ଦୋକାନ ଆଗରେ ବାଇକ୍ ପାର୍କିଂକୁ ନେଇ ଭରତପୁର ଥାନା ଜିଏ କଲୋନୀ ଛକରେ ତୁମୁଳକାଣ୍ଡ ଘଟିଛି। ବିରିୟାନୀ ଦୋକାନୀ ଏବଂ ସେଲ୍ସମ୍ୟାନଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛନ୍ତି ୪ଜଣ ଦୁର୍ବୃତ୍ତ। ଆକ୍ରମଣରେ ଦୋକାନୀ ଅନ୍ଧାରୁଆର ତପନ ସାମନ୍ତରାୟ ଏବଂ ସେଲ୍ସମ୍ୟାନ୍ ବାପି ଗୁରୁତର ଆହତ ହୋଇଛନ୍ତି। ତପନଙ୍କ ହାତ ପାପୁଲି କଟିଯାଇଥିବା ବେଳେ ଛାତି, ପିଠି ଏବଂ ଗୋଡ଼ରେ ଗଭୀର କ୍ଷତ ହୋଇଛି । ସେମାନଙ୍କୁ ଅଟକାଇବାକୁ ଯାଇ ବାପିଙ୍କ ହାତ ଏବଂ ପିଠିରେ ଆଘାତ ଲାଗିଛି। ଉଭୟଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚନ୍ଦକା–ଖଣ୍ଡଗିରି ରାସ୍ତାକୁ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ରାସ୍ତାରୋକୋ ହଟିବ ନାହିଁ ବୋଲି ଲୋକେ ଦାବି କରିଥିଲେ। ପୋଲିସ ଅଧଘଣ୍ଟା ଧରି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଅଭିଯୋଗ ଅନୁସାରେ, ଜିଏ କଲୋନୀ ଛକରେ ତପନ ହାଇଦ୍ରାବାଦ ଦମ୍ ବିରିୟାନୀ ଦୋକାନ କରି ବ୍ୟବସାୟ କରନ୍ତି। ସେ ନିଜେ ଦୋକାନରେ ରହିବା ସହ ସେଲ୍ସମ୍ୟାନ ଭାବେ ବାପିଙ୍କୁ ରଖିଛନ୍ତି। ଶୁକ୍ରବାର ଅପରାହ୍ନ ୨ଟାରେ ଜଣେ ଅଭିଯୁକ୍ତ ଉକ୍ତ ବିରିୟାନୀ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ଅନ୍ଧାରୁଆରୁ ୨ଜଣ ଯୁବକ ବାଇକ୍ ଆଣି ନିକଟରେ ରଖିବା ସହ ବିରିୟାନୀ କିଣିଥିଲେ। ବାଇକ୍ ରାସ୍ତାପାର୍ଶ୍ୱରେ କ'ଣ ରଖିଚୁ ବୋଲି ଜଣେ ଅଭିଯୁକ୍ତ ଦୁଇ ଯୁବକଙ୍କୁ କହିଥିଲେ। ଦୁଇ ଯୁବକ ତାଙ୍କ ଘର ଅନ୍ଧାରୁଆ କହିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରହ ଆସୁଛି ବୋଲି କହି ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ଏହାପରେ ବିରିୟାନୀ ନେଇ ୨ଯୁବକ ପଳାଇ ଯାଇଥିବାବେଳେ ୨ଟି ବାଇକ୍‌ରେ ୪ଜଣ ଅଭିଯୁକ୍ତ ବିରିୟାନୀ ଦୋକାନ ନିକଟକୁ ଆସିଥିଲେ। ସେମାନେ କୁଆଡ଼େ ଗଲେ ବୋଲି ପଚାରିଥିଲେ। ହେଲେ ଉକ୍ତ ୨ ଯୁବକଙ୍କୁ ଦେଖି ନ ଥିବା ତପନ କହିବା ପରେ ଏଥିରେ ରାଗିଯାଇ ତୋ' ଘର ଅନ୍ଧାରୁଆ ବୋଲି କହି ଖଣ୍ଡାରେ ହାଣିଥିଲେ। ତପନଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଉଥିବା ବେଳେ ବାପି ଅଟକାଇବାକୁ ଆସିବା ସମୟରେ ତାଙ୍କୁ ମଧ୍ୟ ଅଭିଯୁକ୍ତମାନେ ଗୋଡ଼ାଇ ହାଣିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୨ଜଣ ପଡ଼ିଥିବାବେଳେ ୨ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ।

## ଲୁଟ୍ ଅଭିଯୋଗରେ ୩ ଗିରଫ

**ସ୍କୁଟି, ନଗଦ ଟଙ୍କା, ମୋବାଇଲ ଫୋନ ଜବତ**


ଗିରଫ ୩ ଅଭିଯୁକ୍ତ ସହ ଜବତ ସ୍କୁଟି , ନଗଦ ଟଙ୍କା ଓ ମୋବାଇଲ ଫୋନ।

ଭୁବନେଶ୍ୱର,୧୦।୪(ପ୍ରସନଜିତ୍ ସାହୁ)

ମାଡ଼ ମାରିବା ସହିତ ଲୁଟ୍ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆୟୁଷ ଚନ୍ଦ୍ର ପଣ୍ଡା(୧୯), ମଳୟ ରଞ୍ଜନ ରାଉତ(୧୯) ଓ ରିତେଶ ନାୟକ (୧୮)। ଅଭିଯୁକ୍ତ ଆୟୁଷ ଏୟାରଫିଲ୍ଡ ଥାନା ଅରବିନ୍ଦ ନଗରରେ ରହୁଥିବାବେଳେ, ମଳୟ ଗଙ୍ଗନଗର ଓ ରିତେଶ ଏୟାରପୋର୍ଟ ଥାନା ଅଞ୍ଚଳରେ ରୁହନ୍ତି।

ପ୍ରକାଶ ଯେ, ଗତ ରବିବାର ନାଗେଶ୍ୱର ପାତ୍ର ତାଙ୍କର ମୋବାଇଲ ଫୋନ୍ ବିକ୍ରୟ ପାଇଁ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏହାପରେ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ସୁନ୍ଦରପଦାର ବନଦୁର୍ଗା ମନ୍ଦିର ନିକଟକୁ ଡାକିଥିଲେ। ନାଗେଶ୍ୱର ତାଙ୍କ ବନ୍ଧୁଙ୍କ ସହିତ ସେଠାକୁ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ମାଡ଼ ମାରିବା ସହିତ ନଗଦ ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ନାଗେଶ୍ୱର ଏୟାରଫିଲ୍ଡ ଥାନାରେ ଗତ ସୋମବାର ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୩୫/୨୦୨୬) ରୁଜୁ କରି ତଦନ୍ତ କରିବା ପରେ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ସ୍କୁଟି, ନଗଦ ଟଙ୍କା, ଲୁଟ ହୋଇଥିବା ଗୋଟିଏ ମୋବାଇଲ ଫୋନ୍ ଏବଂ ଗୋଟିଏ ପାୱାର ବ୍ୟାଙ୍କ ଜବତ କରିଛି।

## ବାକି ଟଙ୍କାକୁ ନେଇ ସଂଘର୍ଷ, ୨ ଆହତ

ହାଟଡିହୀ/ଛେନାପଦି,୧୦।୪ (ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ଗାଁରେ ୨ ଜଣଙ୍କ ଭିତରେ ବାକି ଟଙ୍କାକୁ ନେଇ ସଂଘର୍ଷ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ଗାଁର ପ୍ରକାଶ କୁମାର ନାୟକ କୋଡ଼ି, ମେଟାଲ ବ୍ୟବସାୟ କରନ୍ତି। ତାଙ୍କ ନିକଟରୁ ଗ୍ରାମର ପ୍ରସନ୍ନ ଦାସ ରାସ୍ତା କାମ କରିବା ନିମନ୍ତେ ଦୀର୍ଘ ବର୍ଷେ ପୂର୍ବେ ଗୋଡ଼ି ଓ ମେଟାଲ ବାକିରେ ନେଇଥିଲେ। ରାସ୍ତାର ବିଲ୍ ସରିଥିଲେ ମଧ୍ୟ ପ୍ରସନ୍ନ ବାକି ଟଙ୍କା ଶୁଝି ନ ଥିଲେ। ବାରମ୍ବାର ବାକି ଟଙ୍କା ମାଗିବା ପରେ ନ ମିଳିବାରୁ ପ୍ରକାଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଥାପି କିଛି ସୁଫଳ ନ ମିଳିବାରୁ ଶୁକ୍ରବାର ପ୍ରକାଶ ବାକି ଟଙ୍କା ମାଗିବାରୁ ପ୍ରସନ୍ନ ଦାସ ଓ ପ୍ରକାଶ ନାୟକଙ୍କ ଭିତରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟଙ୍କ ଭିତରେ ସଂଘର୍ଷ ଘଟିଥିଲା। ପ୍ରସନ୍ନ ଓ ତାଙ୍କ ପୁଅ ଦେବାଶିଷ ମିଶି ଏକ ଠେଙ୍ଗା ଓ ଲୁହାରଡ଼୍‌ରେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେହିପରି ପ୍ରକାଶଙ୍କ ମାଡ଼ରେ ପ୍ରସନ୍ନ ଲହୁଲୁହାଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରସନ୍ନ ଓ ପ୍ରକାଶଙ୍କ ପକ୍ଷରୁ ନନ୍ଦିପଦା ଥାନାରେ ଅଭିଯୋଗ ଆଧାରରେ ପୋଲିସ ପୃଥକ ମାମଲା(ନଂ. ୧୪୪/୨୬ ଏବଂ ୧୪୫/୨୬) ରୁଜୁ କରି ତଦନ୍ତ କରୁଛି।

## ମୋବାଇଲ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧୦।୪(ପ୍ରସନଜିତ୍ ସାହୁ)

ମୋବାଇଲ ଚୋରି ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ଗୋପାଳପୁର ଅଞ୍ଚଳର ବିଶ୍ୱନାଥ ଖୁଣ୍ଟିଆ(୨୫)। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ ତାରିଖରେ ଗିରିଙ୍ଗାପୁଟସ୍ଥିତ ଡିଏଚ୍‌ଏଲ୍ କମ୍ପାନୀ ପରିସରରୁ ୮ଟି ମୋବାଇଲ ଫୋନ ଚୋରି ହୋଇଥିଲା। ଏ ସମ୍ପର୍କରେ ଉକ୍ତ କମ୍ପାନୀର ମାନବ ସମ୍ବଳ ପରିଚାଳକ ଅତନୁ ଦାସ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରିବା ସହିତ ସିସିଟିଭି ଫୁଟେଜ ଆଧାରରେ ଉକ୍ତ



କମ୍ପାନୀରେ ମ୍ୟାଟେରିଆଲ ଆସୋସିଏଟ ଭାବରେ କାମ କରୁଥିବା ଅଭିଯୁକ୍ତ ବିଶ୍ୱନାଥଙ୍କୁ ଗିରଫ କରିଛି। ବିଶ୍ୱନାଥ କମ୍ପାନୀରେ କାମ କରୁଥିବା ସମୟରେ ସିଲ୍ ପ୍ୟାକେଟଗୁଡ଼ିକୁ ବିକୃତ କରି ଗୁପ୍ତ ଭାବରେ ମୋବାଇଲ ଫୋନ ବାହାର କରୁଥିଲେ। ଏହାପରେ ଯାଞ୍ଚରୁ ବଞ୍ଚିବା ପାଇଁ ଚୋରି ମୋବାଇଲଗୁଡ଼ିକୁ ନିଜ ଜୋତା ତଳେ ଲୁଚାଇ ରଖୁଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨ଟି ମୋବାଇଲ ଫୋନ ଓ ସିସିଟିଭି ଫୁଟେଜ ଥିବା ଏକ ପେନ୍‌ଡ୍ରାଇଭ ଜବତ କରିବା ସହିତ ଏକ ମାମଲା (ନଂ.୧୬୫/୨୦୨୬) ରୁଜୁ କରି କୋର୍ଟ ଚାଲାଣ କରିଛି।

## ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

**କାର୍, ମିନିଟ୍ରକ୍ ଜବତ**

ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ବିଭାଗ ଶୁକ୍ରବାର ପୃଥକ୍ ସ୍ଥାନରେ ଚଢ଼ାଉ କରି ୧୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ଗଜପତିନଗରର କାଳୁଚରଣ ଦାସ (୪୫), କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଲହବାଡିର ମହେଶ ମଲ୍ଲିକ(୨୧) ଏବଂ ବଇଡ଼ାର ପ୍ରକାଶ ପ୍ରଧାନ (୩୮)। ଏମାନଙ୍କଠାରୁ ଗଞ୍ଜେଇ ସହ ଏକ କାର୍ ଏବଂ ମିନିଟ୍ରକ୍ ଜବତ କରାଯାଇଛି ବୋଲି ଅବକାରୀ ଜିଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି। ତେବେ ଜବତ ଗଞ୍ଜେଇ ଏବଂ ଗାଡିକୁ ମିଶାଇ ମୂଲ୍ୟ ୧କୋଟି ୨୧ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଗଜପତିରୁ ଜଙ୍କିଆ ଦେଇ ଜଟଣୀ ଅଭିମୁଖେ ଗଞ୍ଜେଇ ବୋଝେଇ ହୋଇ ଏକ ମିନିଟ୍ରକ୍ ଆସୁଥିବା ନେଇ ଟାଙ୍ଗୀ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ମଧ୍ୟାହ୍ନରେ ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଛଣଗିରି ରାସ୍ତାର ଫୁଟ୍‌ବଲ ଖେଳପଡ଼ିଆ ସମ୍ମୁଖରେ ଗାଡ଼ି (ଓଡି୦୨ସିକେ୮୭୪୩)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ି ଭିତରୁ ୩୦କେଜି ଲେଖାଏ ବନ୍ଧା ହୋଇଥିବା ୩୨ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟ ମୋଟ୍ ୧କୋଟି ୧ଲକ୍ଷ ଟଙ୍କା ହେବ ବୋଲି ବିଭାଗ ଆକଳନ କରିଛି। ଏହି ଘଟଣାରେ ଅବକାରୀ ଟିମ୍ କାଳୁଚରଣଙ୍କୁ ଗିରଫ କରିବା ସହ ମିନିଟ୍ରକ ଓ ମୋବାଇଲ ଫୋନ ଜବତ କରିଥିଲା। ସେହିପରି ସକାଳ ୬ଟାରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ଥିବା ପେଟ୍ରୋଲ



ପମ୍ପ ସମ୍ମୁଖରେ ଚଢ଼ାଉ କରି ଏକ କାର୍ (ଓଡି ୦୨ଡିଏମ ୦୯୭୦)ରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଉକ୍ତ କାର୍‌କୁ ମଧ୍ୟ ଅବକାରୀ ଟିମ୍ ଜବତ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ଓ ଗାଡିର ମୂଲ୍ୟ ୧୧ଲକ୍ଷକୁ ମିଶାଇ ମୋଟ୍ ୨୧ଲକ୍ଷ ହେବ ବୋଲି ବିଭାଗ ଆକଳନ କରିଥିବା ତ୍ରିପାଠୀ ସୂଚନା ଦେଇଛନ୍ତି। ଏନେଇ ପୃଥକଭାବେ ମାମଲା ରୁଜୁ କରାଯାଇ ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଟାଙ୍ଗୀ ଇନ୍ସପେକ୍ଟର ଅଜିତ ପାତ୍ର, ଖୋର୍ଦ୍ଧା ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଓଆଇସି ଟାଙ୍ଗୀ ରମେଶ ଚନ୍ଦ୍ର ବାରିକ, ଓଆଇସି ଖୋର୍ଦ୍ଧା ସୁଜିତ କୁମାର ମୁଦୁଲି, ଏଏସ୍‌ଆଇ ସମ୍ଭୁନାଥ ପାତ୍ର, ବାଲୁଗାଁ ଅବକାରୀ ବିଭାଗ ଏଏସ୍‌ଆଇ ରାମଚନ୍ଦ୍ର ଜେନା, ଏଏସ୍‌ଆଇ ସମରେନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

## କବାଲି କାର୍ଯ୍ୟକ୍ରମ ବେଳେ ଛୁରାମାଡ଼, ଜଣେ ଗୁରୁତର

- ୩ ଗିରଫ, ପୋଲିସ ଗାଡ଼ି ଭଙ୍ଗାରୁଜା
- ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ମାମଲା

ଦଶରଥପୁର,୧୦।୪(ସୁଶାନ୍ତ କୁମାର ବେହୁରିଆ)

ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ମଲ୍ଲିକାପୁର ପଞ୍ଚାୟତ ବଙ୍ଗଳାବାଡ଼ି ନିକଟରେ ଗୁରୁବାର ରାତିରେ କବାଲି କାର୍ଯ୍ୟକ୍ରମବେଳେ ଛୁରାମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ଶୁକ୍ରବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯିବାବେଳେ ସ୍ଥାନୀୟ ଲୋକେ ଆକ୍ରମଣ କରିବା ସହ ପୋଲିସ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏନେଇ ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାତି ୧୧ଟାରେ କବାଲି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାତିପ୍ରାୟ ୧ଟାରେ ଅଳକୁଣ୍ଡ ଅଞ୍ଚଳର କେତେଜଣ ଯୁବକ ଓ ଭଦ୍ରକ ଜିଲା ଦୋବଲ ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ସେଠାରେ ଗଣ୍ଡଗୋଳ ଘଟିଥିଲା। ଏହି ସମୟରେ କସପା ଗ୍ରାମର ଜାହିର ଅଲ୍ଲି ଖାନ ଗଣ୍ଡଗୋଳ ସମାଧାନ କରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଅଳକୁଣ୍ଡ ଅଞ୍ଚଳର







ଗିରଫ ଅଭିଯୁକ୍ତଙ୍କୁ ଥାନାକୁ ନିଆଯାଉଛି। ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଥିବା ପୋଲିସ ଗାଡ଼ି।

ଯୁବକମାନେ ଛୁରାମାଡ଼ କରିଥିଲେ। ଫଳରେ ସେ ଗୁରୁତର ହୋଇ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୯୧/୨୬ରେ ମାମଲା ରୁଜୁ କରିବା ସହ ଅଳକୁଣ୍ଡ ଅଞ୍ଚଳର ୩ ଯୁବକ ସେକ୍ ଅଜାହାର(୨୬), ସେକ୍ ଇରଫାନ (୨୨) ଓ ସେକ୍ ସଲମାନ(୧୯)ଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଛୁରା ମାଡ଼ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ନିକଟ କସପା ବସ୍ତିରେ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ, ଯାହାକି ଦଶରଥପୁର ଥାନା ଅଧୀନରେ ରହିଛି। ଅଭିଯୁକ୍ତ ସେଠାରେ ଆଶ୍ରୟ ନେଇଥିବା ସମ୍ପର୍କରେ ଜାଣିବାପରେ ଛୁରାମାଡ଼ରେ ଗୁରୁତର ହୋଇଥିବା ଜାହିର ଅଲ୍ଲିଙ୍କ ସମ୍ପର୍କୀୟ ବିଳମ୍ବିତ ରାତିରେ ଉକ୍ତ ଘରକୁ ଘେରାଉ କରି ରଖିବା ସହ ଭଙ୍ଗାରୁଜା କରିଥିଲେ। ଖବରପାଇ ଦଶରଥପୁର ଥାନା ଏସ୍‌ଆଇ ଦୁଷ୍ମନ୍ତ ଦାସ ପହଞ୍ଚି ସେଠାରେ ଆଶ୍ରୟ ନେଇଥିବା ୫ ଅଭିଯୁକ୍ତଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରବା ସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିସହିତ ଅଭିଯୁକ୍ତଙ୍କୁ ଗାଡ଼ିରୁ ଛଡ଼ାଇ ନେଇ ନିର୍ଘୁମ ମାଡ଼ ମାରିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ଦଶରଥପୁର ପୋଲିସ ବହୁ କଷ୍ଟରେ ୫ ଅଭିଯୁକ୍ତଙ୍କୁ ଉଦ୍ଧାର କରି ମଙ୍ଗଳପୁର ପୋଲିସକୁ ହସ୍ତାନ୍ତର କରିଥିଲା। ମଙ୍ଗଳପୁର ପୋଲିସ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ଗାଡ଼ି ଭଙ୍ଗାରୁଜା ଓ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଦଶରଥପୁର ପୋଲିସ ନମ୍ବର ୮୯/୨୬ରେ ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୫ ଜଳସେଚନ ପ୍ରକଳ୍ପ ପାଇଁ ୮୨୦ କୋଟି

## ୬ ଜିଲାର ୨୬ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିକୁ ମାଡ଼ିବ ପାଣି

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

କୃଷକମାନଙ୍କ ଉନ୍ନତିରେ ରାଜ୍ୟର ବିକାଶ ସମ୍ଭବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏକାଥରକେ ୮୨୦କୋଟି ଟଙ୍କାର ୫ଟି ଜଳସେଚନ ପ୍ରକଳ୍ପ ସମେତ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ୫ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୬ ଜିଲାର ପ୍ରାୟ ୨୬ ହଜାର ୧୦୬ ହେକ୍ଟର ଚାଷଜମି ଜଳସେଚନ ହେବା ସହିତ କୃଷକମାନଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ।

ମୁଖ୍ୟ ସଚିବ କହିଛନ୍ତି, ଚାଷ ଉପଯୋଗୀ ଢିପ ଜମିଗୁଡ଼ିକର ଭୌଗୋଳିକ ସ୍ଥିତି ପାଇଁ ପାରମ୍ପରିକ ଜଳସେଚନ ପଦ୍ଧତି ଦ୍ୱାରା ଜଳସେଚିତ କରିବା ସମ୍ଭବପର ହେଉନାହିଁ। ତେଣୁ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ଜଳସେଚନ କରାଯିବାକୁ ଲକ୍ଷ୍ୟ ରହିଛି। ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟବରାଦରେ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୭ ମାଧ୍ୟମରେ ୪ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଯାଜପୁରର ଖରସୁଆଁ ଓ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୫,୯୫୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୧୫୮ କୋଟି ୮୬ ଲକ୍ଷ ୭୨ ହଜାର ୩୮୯ ଟଙ୍କା ଏବଂ ୧୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ୧୨ କୋଟି ୭୦ ଲକ୍ଷ ୯୩ ହଜାର ୭୯୨ ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଟି ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯାଜପୁରର ୭୩ଟି ଗ୍ରାମର କୃଷକମାନେ ଉପକୃତ ହେବେ। ତେଲ୍ ନଦୀ, ମହାନଦୀ (କପଶିରା ଆଇଏସ୍‌ଏସ୍ ପାଖ) ଏବଂ ତେଲ୍ ନଦୀ (ତେଲ୍ ଓ ସୁକତେଲ୍ ନଦୀ ସଙ୍ଗମସ୍ଥଳ) ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ମାଧ୍ୟମରେ ସୁବର୍ଣ୍ଣପୁର ଜିଲାର ୬,୦୨୫ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୧୭୦ କୋଟି ୨୨ଲକ୍ଷ ୪ ହଜାର ୩୧ ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ୧୩ କୋଟି ୬୧ ଲକ୍ଷ ୭୬ ହଜାର ୩୨୩ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ୩୬ମାସରେ ସମ୍ପୂର୍ଣ୍ଣ ହେବା ପରେ ସୁବର୍ଣ୍ଣପୁରର ୪୭ଟି ଗ୍ରାମର କୃଷକମାନେ ଉପକୃତ ହେବେ।

ସେହିପରି ପ୍ରସ୍ତାବିତ କ୍ଲଷ୍ଟର ୨୭ ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ସମ୍ବଲପୁର ଜିଲାର ୬,୨୧୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ୍ତ ୨୦୪ କୋଟି ୨୧ ଲକ୍ଷ ୮୮ ହଜାର ୯୩୩ ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୧୬ କୋଟି ୩୩ ଲକ୍ଷ ୭୫ ହଜାର ୧୧୫ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେଲେ ସମ୍ବଲପୁର ଜିଲାର ୫୪ ଗ୍ରାମର କୃଷକ ଉପକୃତ ହେବେ। ସେହିପରି କଟକ ଜିଲାର ହାଡୁଆ ଡ୍ୟାମ୍‌ରୁ ଭୂତଳ ପାଇପ ଲାଇନ୍ ଦ୍ୱାରା ଚାଷୋପଯୋଗୀ ଜମିକୁ ଜଳସେଚିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଲାଗି ୧୩୫ କୋଟି ୭୫ ଲକ୍ଷ ୯୭ ହଜାର ୩୫ ଟଙ୍କା ଏବଂ ୫ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୬ କୋଟି ୮୫ ଲକ୍ଷ ୫୮ ହଜାର ୬୫୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପ ୨ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବଡ଼ମ୍ବା ବ୍ଲକର ୭୬ ଗ୍ରାମ, ନରସିଂହପୁର ବ୍ଲକ୍‌ର ୫ ଗ୍ରାମ ଏବଂ ତିଗିରିଆ ବ୍ଲକର ୫ ଗ୍ରାମର ମୋଟ ୩୬୪୧ ହେକ୍ଟର ଚାଷୋପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ। ଏହାସହିତ ପ୍ରସ୍ତାବିତ କ୍ଲଷ୍ଟର-୩୮ ମାଧ୍ୟମରେ ୩ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ କେନ୍ଦୁଝର ଜିଲାର କାନପୁର ମୁଖ୍ୟ କେନାଲ, ଆରାଦେଇ ନଦୀ ଏବଂ ମୟୂରଭଞ୍ଜ ଜିଲାର ବାଲିସୁଦ୍ର ନଦୀରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ମାଧ୍ୟମରେ କେନ୍ଦୁଝର ଓ ମୟୂରଭଞ୍ଜର ୪.୨୮୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଲାଗି ୯୨ କୋଟି ୯୮ ଲକ୍ଷ ୪୨ ହଜାର ୭୯୫ ଟଙ୍କା ଏବଂ ୧୫ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମିତ୍ତ ୭ କୋଟି ୪୮ ଲକ୍ଷ ୫୨ ହଜାର ୩୪୫ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ୨ବର୍ଷରେ ନିର୍ମାଣ ହେବା ପରେ କେନ୍ଦୁଝର ଜିଲାର ୨୫ ଏବଂ ମୟୂରଭଞ୍ଜର ୮ ଗ୍ରାମର କୃଷକ ଉପକୃତ ହେବେ ଏବଂ ଏହାର ଅଣୁ ଜଳସେଚନ ସୁବ୍ୟବସ୍ଥା ହେତୁ ପାରମ୍ପରିକ ଶସ୍ୟ ଉତ୍ପାଦନ ପରିବର୍ତ୍ତେ ଅର୍ଥକରୀ ଫସଲ ଚାଷ କରିବାକୁ ଉତ୍ସାହିତ ହେବେ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟମାନେ।

# ଗ୍ରାମୀଣ ପାନୀୟ ଜଳ ଯୋଗାଣ ନୀତିକୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

ରାଜ୍ୟରେ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି-୨୦୨୬କୁ ଅନୁମୋଦନ ଦିଆଯାଇଛି। ଏହା ଏକ ଯୁଗାନ୍ତକାରୀ ନିଷ୍ପତ୍ତି, ଯାହା ଗ୍ରାମାଞ୍ଚଳରେ ନିରନ୍ତର ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ସେବା ପ୍ରଦାନ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ଗର୍ଗ କହିଛନ୍ତି, କିଛିବର୍ଷ ମଧ୍ୟରେ ଓଡ଼ିଶା 'ଜଳ ଜୀବନ ମିଶନ' ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଦ୍ୱାରା ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ପାଇପ୍ ଜଳ ସଂଯୋଗ ଯୋଗାଇବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟରେ ଏକକ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ, ସୌର-ଚାଳିତ ଜଳଯୋଗାଣ ପ୍ରକଳ୍ପ ଏବଂ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଭଳି ବ୍ୟାପକ ଭିତ୍ତିଭୂମି ସୃଷ୍ଟି ହୋଇଛି। ଏହି ବ୍ୟବସ୍ଥାଗୁଡ଼ିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ, ଦକ୍ଷ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ରଖିବା ଲାଗି ଏହି ନୀତି ଅଣାଯାଇଛି। ଏଥିରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା, ଜିଲା କର୍ତ୍ତୃପକ୍ଷ, ଗ୍ରାମପଞ୍ଚାୟତ ଏବଂ ଗ୍ରାମ୍ୟ ଜଳ ଓ ପରିମଳ କମିଟିଗୁଡ଼ିକର ଦାୟିତ୍ୱକୁ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରାଯାଇଛି, ଯଦ୍ୱାରା ବିକେନ୍ଦ୍ରୀକୃତ ଶାସନ ଏବଂ ଜନସାଧାରଣଙ୍କର ସାମୂଦାୟିକ ମାଲିକାନା ସୁଦୃଢ଼ ହେବ। ଏହି ନୀତିରେ ଗଠିତ ବ୍ୟବହାରକାରୀ ଶୁଳ୍କ ବ୍ୟବସ୍ଥା, ଗ୍ରାମ ସ୍ତରରେ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା, ନିୟମିତ ଭାବେ ଜଳର ଗୁଣମାନ ପରୀକ୍ଷଣ, ରିଅଲ୍-ଟାଇମ ନିୟନ୍ତ୍ରଣ ପାଇଁ ଏକ କେନ୍ଦ୍ରୀୟ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ସ୍ଥାପନାର ବ୍ୟବସ୍ଥା ରହିଛି। ସେହିପରି ଜଳଯୋଗାଣ ଜାରି ରଖିବା ପାଇଁ ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବ୍ୟବସ୍ଥାମାନ ମଧ୍ୟ ସାମିଲ ରହିଛି। ଏହି ନୀତି ଦ୍ୱାରା ଓଡ଼ିଶାରେ 'ହର ଘର ଜଳ' ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ଏବଂ ରାଜ୍ୟ କୋଷାଗାର ଉପରେ କୌଣସି ଆର୍ଥିକ ବୋଝ ସୃଷ୍ଟି ହେବ ନାହିଁ।

**'ହର୍ ଘର୍ ଜଳ' ଲକ୍ଷ୍ୟ ହାସଲରେ ସହାୟକ ହେବ**

ମୁଖ୍ୟ ଶାସନ ସଚିବ କହିଛନ୍ତି, ୩,୦୪୬ଟି ଏକକ ଗ୍ରାମ ଜଳ ଯୋଗାଣ ପ୍ରକଳ୍ପ ଏବଂ ୨,୭୦୨ଟି ସୌର ଶକ୍ତି ଆଧାରିତ ଜଳ ଯୋଗାଣ ପ୍ରକଳ୍ପ ସମାପ୍ତ କରାଯାଇଛି। ଏହି ସମସ୍ତ ପ୍ରୟାସର ଫଳସ୍ୱରୂପ ଫଙ୍କସନାଲ୍ ହାଉସହୋଲ୍ଡ ଟ୍ୟାପ୍ କନେକ୍ସନ୍ ମାଧ୍ୟମରେ ପାନୀୟ ଜଳ ପାଉଥିବା ଗ୍ରାମର ସଂଖ୍ୟା ୬,୦୩୨ରୁ ବୃଦ୍ଧି ପାଇ ୨୧,୦୦୦ରୁ ଅଧିକ ହୋଇଛି। ଅତିରିକ୍ତ ଜଳ ଯୋଗାଣ ବ୍ୟବସ୍ଥା ବାବଦରେ ସରକାରଙ୍କ ଦ୍ୱାରା ୨୮,୭୪୧ଟି ନଳକୂପ ସ୍ଥାପନ କରାଯାଇଛି। ମେଗା ଓ ଏକକ ଗ୍ରାମ ଜଳଯୋଗାଣ ପ୍ରକଳ୍ପରେ ସମୁଦାୟ ପ୍ରାୟ ୧,୧୨୦ କୋଟି ଟଙ୍କା ଜରିମାନା କରାଯାଇଛି ଏବଂ ଆବଶ୍ୟକତା ଅନୁଯାୟୀ ଏଫ୍‌ଆଇଆର୍ ମଧ୍ୟ ଦାଖଲ କରାଯାଇଛି ବୋଲି ମୁଖ୍ୟସଚିବ କହିଛନ୍ତି।

# ୩ ଶ୍ରମ ସେବା ନିୟମରେ ସଂଶୋଧନ

ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ତିନୋଟି ଶ୍ରମ ସେବା ନିୟମାବଳୀରେ ସଂଶୋଧନ କରାଯାଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶା ଶ୍ରମ ସେବା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୯ ସଂଶୋଧନ ଦ୍ୱାରା ସହାୟକ ଶ୍ରମ ଅଧିକାରୀ(ଏ.ଏଲ.ଓ) ଏବଂ ଗ୍ରାମୀଣ ଶ୍ରମ ନିରୀକ୍ଷକ(ଆର.ଏଲ୍.ଆଇ)ମାନେ ବିଭାଗୀୟ ପରୀକ୍ଷାରୁ ଛାଡ଼ ପାଇପାରିବେ। ଉକ୍ତ ଅଧିକାରୀମାନେ ଓଡିଶା ଶ୍ରମ ସେବାରେ ସ୍ଥାୟୀକରଣ ହେବା ସହ ଉଚ୍ଚ ପଦକୁ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହେବେ। ସେହିପରି ରାଜ୍ୟର ଇଏସ୍‌ଆଇ ଡାକ୍ତରଖାନା ଏବଂ ଔଷଧାଳୟରେ ସେବା ପ୍ରଦାନ ନିମନ୍ତେ 'ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅମଲାତନ୍ତ୍ରୀୟ ସେବାରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ ପ୍ରଚଳନ କରାଯିବ। ଶ୍ରମ ବିଭାଗର ପ୍ରସ୍ତାବ ଅନୁଯାୟୀ, ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅମଲାତନ୍ତ୍ରୀୟ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ-୨୦୨୬କୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହାସହିତ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଚିକିତ୍ସା ସେବା ନିୟମ-୨୦୧୪ର ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି ବୋଲି ମୁଖ୍ୟ ସଚିବ କହିଛନ୍ତି।

## ଅବଶିଷ୍ଟାଂଶ

### ବଳାତ୍କାରୀଙ୍କୁ ଫାଶୀ...

ବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ସୌମ୍ୟା ଶୁଭଦର୍ଶିନୀ ଶୁକ୍ରବାର ଅଭିଯୁକ୍ତ ବାବୁଲାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ, ଗତବର୍ଷ ମାର୍ଚ୍ଚ ୧୩ ତାରିଖରେ ସମ୍ପୃକ୍ତା ଶିଶୁକନ୍ୟା ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ପତ୍ତା ନ ମିଳିବାରୁ ୧୪ ତାରିଖରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ୧୫ ତାରିଖ ସକାଳେ ଘରଠାରୁ ୧୦୦ ମିଟର ଦୂର ଏକ ମହୁଲ ଗଛ ମୂଳରୁ ଶିଶୁକନ୍ୟାଙ୍କ ରକ୍ତାକ୍ତ ମୃତଦେହ ପୋଲିସ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବାବୁଲାଙ୍କ ଘରେ ରକ୍ତଛିଟା ଚିହ୍ନ ମିଳିବା ପରେ ସାଇଣ୍ଟିଫିକ ଟିମ୍ ସହାୟତାରେ ଅଧିକ ତଦନ୍ତ କରାଯାଇଥିଲା। ବାବୁଲାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା ସମୟରେ ସେ ଶିଶୁକନ୍ୟାକୁ ବଳାତ୍କାର ପରେ ତଣ୍ଟି ଓ ପାଟି ଚିପି ହତ୍ୟା କରିଥିବା ପୋଲିସକୁ କହିଥିଲେ। ଏପରି କି ଘରେ ୨ ଦିନ ଧରି ମୃତଦେହ ଲୁଚାଇ ରଖିବା ପରେ ସୁଯୋଗ ଦେଖି ମୃତଦେହକୁ ମହୁଲବଣରେ ଫିଙ୍ଗି ଦେଇଥିବା କହିଥିଲେ। ଏଥିସହ ମୋବାଇଲ ଓ ଶିଶୁକନ୍ୟାଙ୍କ ପାଉଁଜିକୁ ପୋଖରୀ କୂଳରେ ଲୁଚାଇ ଦେଇଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ପୋଲିସ ଉକ୍ତ ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ୨୦୨୫ ମାର୍ଚ୍ଚ ୧୮ ତାରିଖରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏ ସଂକ୍ରାନ୍ତରେ ନିଶା ଶିଳ୍ପାଞ୍ଚଳ ଥାନାରେ ନମ୍ବର ୭୪/୨୦୨୫ରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି ସମୟରେ କୋର୍ଟ ୩୨ ଜଣଙ୍କ ସାକ୍ଷ୍ୟ ଓ ୪୩ଟି ପ୍ରମାଣ ସହ ଅନ୍ୟାନ୍ୟ ରେକର୍ଡକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ଘୋଷଣା କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲୀପ ଦାସ ଓ ପୂର୍ବରୁ ପବ୍ଲିକ ପ୍ରସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ବର୍ଷକ ମଧ୍ୟରେ ଆସିଥିବା ଏହି କଠୋର ଦଣ୍ଡାଦେଶକୁ ସାଧାରଣରେ ସ୍ୱାଗତ କରାଯାଇଥିବାବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୋଳ ଏସ୍‌ପି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହ ନୂତନ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ୍ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଆରକ୍ଷୀ ମହାନିର୍ଦ୍ଦେଶକ ସନ୍ତୋଷବ୍ୟକ୍ତ କରିଛନ୍ତି। ଅନୁଗୋଳ ଏସ୍‌ପି ରାହୁଲ ଜୈନ ମଧ୍ୟ କୋର୍ଟଙ୍କୁ ଧନ୍ୟବାଦ ଦେଇଛନ୍ତି।

### ବିଦା ପୂର୍ବରୁ...

ହାଇକୋର୍ଟକୁ ବଦଳି କରାଯାଇଥିଲା। ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଗତବର୍ଷ ଅଗଷ୍ଟ ୧୨ରେ ବିଭିନ୍ନ ଦଳର ସଦସ୍ୟମାନେ ଆଣିଥିବା ମହାଭିଯୋଗ ପ୍ରସ୍ତାବକୁ ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତିକୁ ଜଷ୍ଟିସ୍ ବର୍ମା ଚ୍ୟାଲେଞ୍ଜ କରିଥିବାବେଳେ ଗତ ଜାନୁଆରୀ ୧୬ରେ ଶୀର୍ଷ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ। ଜଷ୍ଟିସ୍ ବର୍ମା ୧୯୯୨ ଅଗଷ୍ଟ ୧ରେ ଜଣେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ ଏବଂ ୨୦୧୪ ଅକ୍ଟୋବରରେ ଆଲ୍ଲାହାବାଦ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୬ ଫେବୃଆରୀ ୧ରେ ସେ ଆଲ୍ଲାହାବାଦ ହାଇକୋର୍ଟର ସ୍ଥାୟୀ ବିଚାରପତି ଏବଂ ୨୦୨୧ ଅକ୍ଟୋବର ୧୧ରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ। ତାଙ୍କ ଇସ୍ତଫାପତ୍ର ଗୃହୀତ ହେଲେ ସେ ଜଣେ ହାଇକୋର୍ଟ ବିଚାରପତି ଭାବେ ଅବସରକାଳୀନ ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ହକ୍‌ଦାର ହେବେ ବୋଲି ଆଇନ ବିଶେଷଜ୍ଞମାନେ କହିଛନ୍ତି। ପାର୍ଲାମେଣ୍ଟ ଦ୍ୱାରା ବହିଷ୍କୃତ ହୋଇଥିଲେ, ସେ ଉକ୍ତ ସୁବିଧାରୁ ବଞ୍ଚିତ ହୋଇଥାନ୍ତେ।

ଜଷ୍ଟିସ୍ ବର୍ମାଙ୍କ ଇସ୍ତଫାକୁ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ରାକେଶ ପାଣ୍ଡେ ସ୍ୱାଗତ କରିଛନ୍ତି। ତେବେ ସେ ବହୁ ଆଗରୁ ଏଭଳି ପଦକ୍ଷେପ ନେଇ ଅନାବଶ୍ୟକ ବିବାଦର ଅନ୍ତ ଘଟାଇବା ଦରକାର ଥିଲା ବୋଲି ପାଣ୍ଡେ କହିଛନ୍ତି।

ସୂଚନାଯୋଗ୍ୟ, ଆଜି ପର୍ଯ୍ୟନ୍ତ କୌଣସି ବିଚାରପତି ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ବଳରେ ବହିଷ୍କୃତ ହୋଇନାହାନ୍ତି। ଆର୍ଥିକ ଅନିୟମିତତା ଅଭିଯୋଗରେ ୨୦୧୧ରେ ତତ୍କାଳୀନ କୋଲକାତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୌମିତ୍ର ସେନ୍‌ଙ୍କ ବିରୋଧରେ ରାଜ୍ୟ ସଭାରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା। ଲୋକ ସଭାରେ ଏହା ଉପରେ ଭୋଟ ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ସେହିପରି ଦୁର୍ନୀତି ମାମଲାରେ ୨୦୧୧ରେ ତତ୍କାଳୀନ ସିକିମ୍ ହାଇକୋର୍ଟ ବିଚାରପତି ପି.ଡି. ଦିନାକରନଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ୧୯୯୩ରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଭି. ରାମସ୍ୱାମୀଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଲୋକ ସଭାରେ ଏହା ଗୃହୀତ ହୋଇପାରି ନଥିଲା।

### ମାଗୁଛନ୍ତି ପଟ୍ଟା...

ତେବେ ଜିଲାପାଳ ଲୋକଙ୍କ ସହିତ ଆଲୋଚନା କରିବା ପରିବର୍ତ୍ତେ ସେମାନଙ୍କୁ ପଟ୍ଟା ମାଗିବା ଅତି ଦୁଃଖଦ ଘଟଣା ବୋଲି ଅଞ୍ଚଳବାସୀ କହିଛନ୍ତି। ଜିଲାପାଳ ଜିଲାବାସୀଙ୍କର ନା ବେଦାନ୍ତ କମ୍ପାନୀର ବୋଲି ଲୋକେ କହିଛନ୍ତି। ତଥାପି ଜୀବନକୁ ବାଜି ଲଗାଇ ନିଜ ଜମି ପାଇଁ ସିଜିମାଳି ପାହାଡ଼ର ସୁରକ୍ଷାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁତୀର, ଟାଙ୍ଗିଆ ଓ ଠେଙ୍ଗା ଆଦି ଧରି ରାସ୍ତା ନ କରାଇଦେବା ଲାଗି ୨୪ ଘଣ୍ଟା ଜଗି ବସିଛନ୍ତି। ଶାଗବାରି, କଣ୍ଟାମାଳ, ସରାମବାଇ, ବନ୍ତେଜି ସମେତ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଏଥିରେ ସାମିଲ ହୋଇଛନ୍ତି। ନିଜ ଜମିର ସୁରକ୍ଷା ପାଇଁ ଦେହରେ ଗୁଳି ବାଜିଲେ ମଧ୍ୟ ଖାଇବୁ ହେଲେ ଜମି କମ୍ପାନୀକୁ ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ମିଥ୍ୟା ଆଶ୍ୱାସନା ଦେଖାଇ ଏଭଳି ଖଣି ଖନନ କରିବାକୁ ଆସିଲେ ଅଞ୍ଚଳବାସୀ ବିରୋଧ କରିବେ ବୋଲି ପାହାଡ଼ ପାଦଦେଶରେ ଜଗି ବସିଥିବା ମହିଳାମାନେ କହିଛନ୍ତି। ଶୁକ୍ରବାର ଧରିତ୍ରୀ ଟିମ୍ ଶାଗବାରି ଗ୍ରାମକୁ ତଥ୍ୟ ସଂଗ୍ରହ ପାଇଁ ଯାଇଥିବା ବେଳେ ପାହାଡ଼ ପାଦଦେଶରେ ଜଗି ବସିଥିବା ମହିଳା ଓ ପୁରୁଷ କାଠ ନିଆଁ ଲଗାଇ ଭାଲିଆ ପୋଡ଼ି ଖାଉଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ପିଲାମାନେ ମଧ୍ୟ ସେଠାରେ ଜଗି ବସିଥିଲେ। ନିଜ ଘର ଓ ଜମିର ସୁରକ୍ଷା ପାଇଁ ବସିଥିବା ଏହି ଅଞ୍ଚଳବାସୀ ଠିକ୍ ଭାବେ ଖାଇବାକୁ ଯାଉ ନ ଥିବା ପ୍ରକାଶ କରିଛନ୍ତି। ତଥାପି ହାର୍ ମାନି ନାହାନ୍ତି କି ମାନିବେ ନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ସେମାନେ ବେଦାନ୍ତଠାରୁ ନିଜ ଜମିର ସୁରକ୍ଷା ପାଇଁ ଜଗି ବସିଥିବା କାରଣରୁ କାମଧନ୍ଦାକୁ ଯାଇପାରୁନାହାନ୍ତି। ଫଳରେ ପରିବାରର ପେଟପାଟଣାରେ ଅସୁବିଧା ସୃଷ୍ଟି ହେଉଛି। ଏପରିକି ସେମାନଙ୍କ ପିଲାମାନେ ସ୍କୁଲକୁ ଯାଇ ନ ପାରିବାରୁ ପାଠପଢ଼ା ଠପ୍ ହୋଇଯାଇଛି। ସେଠାରେ ବର୍ତ୍ତମାନ ପରିସ୍ଥିତି ଏହିଭଳି ହୋଇଛି ଯେ, ଏକୁଟିଆ କେହି ଗାଁ ବାହାରକୁ ଯାଇପାରୁନାହାନ୍ତି। କାରଣ ବାହାରକୁ ଗଲେ ସେମାନଙ୍କୁ ପୋଲିସ ଉଠାଇ ନେବ ଏବଂ ୨୦୨୩ ମସିହାରେ ଏହି ସିଜିମାଳିରେ ହୋଇଥିବା ପୋଲିସର ମିଥ୍ୟା ମାମଲାରେ ଗିରଫ ଓ ନିର୍ଯାତନା ସହିବାକୁ ପଡ଼ିବ ବୋଲି ସେମାନେ ଦୁଃଖରେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଶୁକ୍ରବାର କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଉକ୍ତ ଅଞ୍ଚଳ ଗସ୍ତରେ ଯାଇ ପାହାଡ଼ ଜଗିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ଖବରଦାତାଙ୍କୁ ଉପସ୍ଥିତ ଅନେକ ଗ୍ରାମବାସୀ ମନର କଥା କହିବାକୁ ଯାଇ ପୋଲିସ ଏବଂ ପ୍ରଶାସନ କାହିଁକି ଅତ୍ୟଧିକ କମ୍ପାନୀ ତରଫା ହେଉଛନ୍ତି ବୋଲି ପଚାରିଥିଲେ।

### ଚଣ୍ଡିଖୋଲରେ ଆଇଏସ୍‌ପିଆର୍‌ଏଲ୍...

ନିକଟରେ ଭୂଗର୍ଭସ୍ଥ ରକ୍ କେଭର୍ନ ମାଧ୍ୟମରେ କ୍ରୁଡ୍ ଅଏଲ୍ ସଂରକ୍ଷଣ ସୁବିଧା ସୃଷ୍ଟି ପାଇଁ ଏହି ପ୍ରକଳ୍ପ ପ୍ରସ୍ତୁତ ହେଉଛି। ପ୍ରକଳ୍ପରେ ପାରାଦୀପରୁ ଅନ୍‌ଶୋର୍ ପାଇପ୍‌ଲାଇନ୍ ଏବଂ ସିଙ୍ଗଲ୍ ପଏଣ୍ଟ ମୁରିଂ (ଏସ୍‌ପିଏମ୍) ମାଧ୍ୟମରେ ଅଫ୍‌ଶୋର ଅଏଲ୍ ଟର୍ମିନାଲ୍ ମଧ୍ୟ ନିର୍ମାଣ ହେବ। ପ୍ରସ୍ତାବିତ ମୋଟ୍ ୪,୩୭୭.୪୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ସଞ୍ଚୟ କ୍ଷମତା ୪ ମିଲିୟନ ମେଟ୍ରିକ୍ ଟନ୍ ହେବ। ଏହା ଦେଶର ସର୍ବବୃହତ୍ତମ ଷ୍ଟ୍ରାଟେଜିକ୍ କ୍ରୁଡ୍ ଅଏଲ୍ ସଂରକ୍ଷଣ ପ୍ରକଳ୍ପ ହେବାକୁ ଯାଉଛି। ଏହି ରିଜର୍ଭ ପାରାଦୀପ ସହ ପାଇପ୍‌ଲାଇନ୍ ମାଧ୍ୟମରେ ଯୋଡ଼ିହେବ ଏବଂ ହଳଦିଆ, ପାରାଦୀପ ଓ ବାରାଉଣି ରିଫାଇନେରି ସହ ସଂଯୁକ୍ତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ୨ ମାସରେ ଥରେ ସମୀକ୍ଷାକରି ପ୍ରତ୍ୟେକ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ଜମି ସର୍ଭେ, ସୀମା ନିର୍ଦ୍ଧାରଣ ଏବଂ ପିଲର ପୋଷ୍ଟିଂ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ପ୍ରକଳ୍ପ ସ୍ଥଳରେ ଥିବା ୧୩ଟି ଅବୈଧ ଖଣି ବନ୍ଦ କରାଯାଇଛି। ଏହି ପ୍ରକଳ୍ପ ଓଡ଼ିଶାକୁ ଦେଶର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭିତ୍ତିଭୂମିର କେନ୍ଦ୍ର ହେବ ବୋଲି ଆଶା କରାଯାଉଛି।

**Classified Everyday**
0674-2580101, 9692975378


REAL ESTATE

SALE

ପୂର୍ବମୁଁହା ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

Gharabari plot sale CV Raman College and Gudiapokhari location, 7008492511. D-74

PURCHASE

ପୁରୁଣା 5ଜଣିଆ ଲେଦର ସୋଫାସେଟ୍ ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। Mob.- 9820915727. D-304




Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/-, - Room services available. Contact: 9937833100. D-76308

Newly open Jyoti spa positively health benefits (Expert therapist). 8458067955. D-76960

AFFIDAVIT

By virtue of an Affidavit dtd.- 06.12.2025 sworn before Executive Magistrate, Bhadrak, I, Debashish Jena, S/o.- Kartik Chandra Jena, Resident of Acharya Nagar, Bonth Chhak, P.S./Dist.- Bhadrak, PIN- 756100, Odisha declare that I have changed my name in my LIC Policy bearing No.- 583529471 from Dusmanta Jena to Debashish Jena. Henceforth, I shall be known as Debashish Jena for all future purposes. D-83

Name change affidavit sworn before the Notary Public resident of At- Kalakada, P.O.- Patbil, P.S.- Karanjia, Dist.- Mayurbhanj, Odisha-757037, Tikeita Patra to Ramakanta Behera. D-85

**ମନେ ପଡ଼ନ୍ତି**

ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିଭରା
ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



୰ ଦ୍ୱାରିକାନାଥ ଦାଶ
(ଅବସରପ୍ରାପ୍ତ ଶିକ୍ଷକ)
ନେଳିଆ ଶାସନ, ଛତିଆ, ଯାଜପୁର
ଆବିର୍ଭାବ: ୦୨।୦୨।୧୯୩୪
ତିରୋଧାନ: ୦୨।୦୫।୨୦୨୪
ହେ ପରମ ପୂଜ୍ୟ ମହାନ୍ ଆତ୍ମା... ଆମ ସମସ୍ତଙ୍କ ପାଇଁ ଆପଣ ଥିଲେ ମାର୍ଗଦର୍ଶକ ଏବଂ ପ୍ରେରଣାର ଉତ୍ସ। କାଳର କରାଳ ସ୍ରୋତରେ ତୁମେ ଆଜି ଲୀନ। ଆପଣଙ୍କ ପ୍ରଦତ୍ତ ଶିକ୍ଷା ଓ ସଂସ୍କାରକୁ ପାଥେୟ କରି, ଜୀବନର ଡଙ୍ଗାକୁ ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦାସର୍ବଦା ଶାନ୍ତି ପ୍ରଦାନ କରନ୍ତୁ।
-:ଶୋକସନ୍ତପ୍ତ:-
ପୁତ୍ର: ଗୁରୁ ପ୍ରସାଦ ଦାଶ, ବନ୍ଧୁ ଓ ପରିବାରବର୍ଗ
ଧ-୮୬

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ଚନ୍ଦ୍ର ରାଉତ
ଅନନ୍ତ ନଗର, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୩।୦୧।୧୯୫୩
ତିରୋଧାନ: ୨୨।୦୪।୨୦୨୫
ବାପା, ତମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତମର "ଭାକ୍ ଆଉ ହାକ୍" ଗାଳିକୁ ଆମେ ସବୁବେଳେ ମନେ ପକାଉଛୁ। ତମେ ଯୋଉଠି ଥାଅ, ଭଲରେ ଥାଅ ଆଉ ଆମ ଉପରେ ଆଶିଷ ଢାଳୁ ଥାଅ। ତମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ: ବୁଲୁ, ଦେବୁ, ବୋହୂ: ଗୁଡି, ନାତି: କୁନୁ ଓ ପରିବାରବର୍ଗ।
ଧ-୩୦୬

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜ୍ଞାନୀ କିଏ

**ଅନୁବାଦ ଗଳ୍ପ**

ମୂଳ ରଚନା: ସୁଧା ମୂର୍ତ୍ତି
ଅନୁସୃଜନ: ଡ. ସୂଚନା ପାଢ଼ୀ

ସୁନ୍ଦର ସବୁଜ ଅରଣ୍ୟଭରା ଓ ଚିରସୁନ୍ଦରୀ ଚିଲିକା ହ୍ରଦ ଏବଂ ପୁରୀର ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ପ୍ରସିଦ୍ଧ। ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କ ବେଳାଭୂମି ସୂର୍ଯ୍ୟ ମନ୍ଦିର ଅତୀତ ଦିନର କଳା ଚାତୁର୍ଯ୍ୟର ପରିଚୟ ଦେଇଥାଏ। ଏତଦ୍‌ବ୍ୟତୀତ ଓଡ଼ିଶାରେ ଦରିଦ୍ରଙ୍କ ସଂଖ୍ୟା ଏତେବେଶୀ ଯେ, କଳନା କରିହୁଏନି। ସେଠାରେ ପ୍ରାୟ ୧୩,୫୦୦ ଏନ୍.ଜି.ଓ. କାମ କରନ୍ତି ଗରିବ ଲୋକଙ୍କ ସାହାଯ୍ୟ ପାଇଁ। ଅନେକ ପ୍ରକାର ଜନଜାତିର ଆଦିବାସୀ ଲୋକ ଆଭ୍ୟନ୍ତରୀଣ ଜଙ୍ଗଲଗୁଡ଼ିକରେ ରହିଥାଆନ୍ତି। ଏସବୁ ଶୁଣି ଦିନେ ମୁଁ ଭାବିଲି, ଏପରି ପରିବେଶ ଓ ପରିସ୍ଥିତିରେ ରହୁଥିବା ଲୋକମାନଙ୍କ ପାଇଁ ଆମେ ସେଠାରେ ଆମର ଇନ୍‌ଫୋସିସ୍ ଅଫିସ୍ ଖୋଲିବୁ, ଯାହାକି ଓଡ଼ିଶାର ଦାରିଦ୍ର୍ୟ ଓ ଦୁରବସ୍ଥା ଏଡ଼ାଇବାରେ ସହାୟକ ହେବ।

ଦିନକର କଥା। ମୁଁ ଟୁର୍‌ରେ କଳାହାଣ୍ଡି ଯାଇଥିଲି। ଜାଗାଟା ସହର ପରି ନୁହେଁ କିମ୍ବା ଗାଁ ପରି ନୁହେଁ। ସେ ଅଞ୍ଚଳର କିଛି ବିଶେଷତ୍ୱ ନ ଥିଲା। ମୟୂରଭଞ୍ଜ, କୋରାପୁଟ ଜାଗା ପରି କଳାହାଣ୍ଡି ମଧ୍ୟ ଅବିଖ୍ୟାତ ଅଞ୍ଚଳ। ସ୍ୱାଧୀନତା ପୂର୍ବରୁ କଳାହାଣ୍ଡିରେ ରାଜାମାନେ ରାଜସ୍ୱ କରୁଥିଲେ। ସେଠିକା ଲୋକଙ୍କ ବିଶ୍ୱାସ ଥିଲା ରାଜା ତାଙ୍କର ରକ୍ଷକ, କାରଣ ରାଜା ଜଣେ ଶକ୍ତିଶାଳୀ ମଣିଷ। ଆଶ୍ଚର୍ଯ୍ୟର କଥା ଯେ, ସେମାନେ ଏପର୍ଯ୍ୟନ୍ତ ବିଶ୍ୱାସ କରୁଛନ୍ତି ରାଜା ହିଁ ଶାସନ କରୁଛନ୍ତି, ଯଦଓ ରାଜାଙ୍କର ଚିହ୍ନବର୍ଣ୍ଣ ନାହିଁ। କୌଣସି ପିଲାର ମା'ବାପା ମରିଗଲେ ସେହି ପିଲାଟିକୁ ନେଇ ଜିଲାପାଳଙ୍କ ଅଫିସ୍‌ରେ ଛାଡ଼ିଦେଇ ଆସନ୍ତି। ଜିଲାପାଳଙ୍କୁ ତାଙ୍କର ରାଜା, ସୁଖଦୁଃଖର ସାଥୀ ବୋଲି ଗ୍ରହଣ କରିଥାନ୍ତି।

ଭବାନୀପାଟଣା କଳାହାଣ୍ଡିର ଖ୍ୟାତନାମା ଅଞ୍ଚଳ। ମୁଁ ଦେଖିଥିବା ଅନ୍ୟାନ୍ୟ ସହର ଅପେକ୍ଷା ଟିକେ ଅଲଗା। ଆଧୁନିକତାର ସ୍ପର୍ଶ ନାହିଁ। ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏତେ ଅଳସୁଆ ସହର! ମୁଁ କୋଉଠି ଦେଖିନଥିଲି, କିନ୍ତୁ ସେଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଯାଇ ଯାହା ଦେଖିଲି, ତାହା ମୋତେ ସ୍ତମ୍ଭୀଭୂତ କରିଦେଲା। ଅନୁଷ୍ଠାନରେ କାମ କରୁଥିବା ଲୋକମାନେ ଦିନରାତି ସେବା କାମରେ ବ୍ୟସ୍ତ। ସେମାନେ ଅନାଥ ପିଲାଙ୍କ ପାଇଁ ବହୁ ପରିଶ୍ରମ କରୁଥାଆନ୍ତି। ସେଠାକାର ଲୋକମାନଙ୍କ ମୁଣ୍ଡର ବାଳ ଘଞ୍ଚ କଳା। ଜଣେ ଲୋକର ମୁଣ୍ଡବାଳ ହିଁ ଧଳାଥିଲା। ସେ ହିଁ ସେଠାକାର ଅନୁଷ୍ଠାନର କଥା କହିଥିଲା। ଆହୁରି ମଧ୍ୟ କହିଥିଲା ସେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟ କରିବାରେ ତା'ର ସାରାଜୀବନ ଅବିବାହିତ ରହିଗଲା।

ଭୁବନେଶ୍ୱରଠାରୁ କେସିଙ୍ଗା ଯିବା ବାଟରେ ମୁଁ ଆଦିବାସୀ ଲୋକମାନଙ୍କୁ ଦେଖିଥିଲି। ସେମାନେ ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରି ବସିଥିଲେ। ଫଳମୂଳ, ପନିପରିବାର ବୁଜୁଳା ଧରିଥିଲେ। ମହିଳାମାନେ ଗାଢ଼ ସବୁଜ, ନାଲି, ହଳଦିଆ ଆଦି ଗାଢ଼ରଙ୍ଗର ଶାଢ଼ି ପିନ୍ଧିଥିଲେ। ମୁଣ୍ଡରେ ଜୁଡ଼ାବାନ୍ଧି ଫୁଲ ଖୋସିଥିଲେ।

ମୋର ଜଣେ ସ୍ଥାନୀୟ ଲୋକଙ୍କ ସହ ଦେଖାହେଲା। ମୁଁ ତାକୁ କହିଲି– ତୁମେ ମୋ' କଥା ଅନୁବାଦ କରି ସେମାନଙ୍କୁ କହିବ, ସେମାନଙ୍କ କଥା ମୋତେ। ଯେକୌଣସି ସ୍ଥାନକୁ ଗଲେ ସେମାନଙ୍କ ଭାଷା ଜାଣିଥିବା ନିହାତି ଦରକାର। ମୁଁ ସେମାନଙ୍କୁ ସେମାନଙ୍କର ଖାଦ୍ୟ, ପାନୀୟ, ବେଶଭୂଷା ଇତ୍ୟାଦି ବିଷୟରେ ଅନେକ ପ୍ରଶ୍ନ ପଚାରିବି, ସେମାନେ ଉତ୍ତର ଦେବେ। ଜନଜାତିର ଲୋକମାନେ ଦଳ ଦଳ ହୋଇ ରହନ୍ତି ବୋଲି ସେ ମୋତେ କହିଥିଲା। ସେମାନେ ତାଙ୍କର ସଭ୍ୟତାକୁ ନେଇ ଜୀବନଯାପନ କରନ୍ତି। ଆମ ସହରବାସୀଙ୍କ ପରି ନୁହନ୍ତି। ସେମାନଙ୍କର ଚଳଣି ଓ ଚାଲିଚଳନ ନିଜସ୍ୱ ଢଙ୍ଗରେ ଚାଳିତ। ସ୍ୱାର୍ଥପର ଲୋକଙ୍କ ସଂଖ୍ୟା ବହୁତ କମ୍। ସେମାନଙ୍କ ବିଷୟରେ ଜାଣିବାକୁ ମୁଁ ଆଗ୍ରହୀ ଥିଲି। ମୁଁ ସେମାନଙ୍କ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲି, ସଭ୍ୟତାକୁ ଗୁରୁତ୍ୱ ଦେଇ ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ପାଇଁ ଚେଷ୍ଟା କରୁଥିଲି।

ମୋ' ସହିତ ଯାଇଥିବା ସ୍ଥାନୀୟ ଲୋକଟି କହିଲା, ସେଠାକାର ଲୋକମାନଙ୍କ ସହିତ ସାକ୍ଷାତ୍‌କାର କରିବାକୁ ଚାହିଁଲେ ଦୁଇ କିଲୋମିଟର ଚାଲିବାକୁ ପଡ଼ିବ। ଗାଡ଼ି ସେ ଭିତରକୁ ଯାଇପାରିଲା ନାହିଁ। କହିଲି ଠିକ୍ ଅଛି। ଅଳ୍ପ କିଛି ବାଟ ଚାଲିଚାଲି ଯିବା ପରେ ଛୋଟ ଗାଁଟିଏ ପଡ଼ିଲା। ସେଠାକାର ଜଣେ ମହିଳା



ସହିତ ଦେଖାହେଲା। ମୁଁ ହଠାତ୍ ତା' ବୟସ ଅନୁମାନ କରିପାରିଲି ନାହିଁ। ମୋ ସାଙ୍ଗରେ ଯାଇଥିବା ଲୋକଟି ମଧ୍ୟ ବୁଝିପାରୁ ନ ଥିଲା ସେମାନଙ୍କ ଭାଷା। ଆମ କଥିତ ଭାଷାଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା। ମହିଳାର ଶରୀର ରଙ୍ଗ କଳା, ମୁଣ୍ଡରେ ଘଞ୍ଚ କଳାବାଳ। ଭାବିଲି, ତାକୁ ନିଶ୍ଚୟ ସତୁରି ବର୍ଷ ହୋଇଥିବ। ମୁଣ୍ଡରେ ଗୋଟିଏ ବି ଧଳାବାଳ ନାହିଁ। ବାଳ ରଙ୍ଗ କରିବାକୁ ତା' ପାଖରେ ପଇସା ନଥିବ ବୋଲି ଧରିନେଲି। ଏଥିରେ ଲୁଚେଇବାର କ'ଣ ଅଛି। ସେହି ଗାଁର ସମସ୍ତଙ୍କ ବାଳ କଳା ରଙ୍ଗର, ଜଣେ ବି ଧଳାବାଳଥିବା ଲୋକ ନଥିଲା।

ତା'ପରେ ଆଉ ଜଣେ ଲୋକକୁ ଦେଖିଲି। ଆଶ୍ଚର୍ଯ୍ୟ କଥା, ତା'ର ମଧ୍ୟ ବୟସ ଜଣାପଡୁନଥିଲା। ତାଙ୍କ ସହିତ କଥାବାର୍ତ୍ତା ହେବା ବେଳେ ସେ ଏମିତି ଚାରୋଟି ଘଟଣା ବିଷୟରେ କହିଲେ। ମୁଁ ଭାବିଲି ସେ ମହାଶୟଙ୍କୁ ନିଶ୍ଚେ ଶହେବର୍ଷରୁ କମ୍ ହୋଇନଥିବ।

ବୃଦ୍ଧଙ୍କ ସହିତ ସିଧାସଳଖ କଥାବାର୍ତ୍ତା ହୋଇଥିଲି। ପଚାରିଲି, କିଏ ଆମ ଦେଶର ପ୍ରଧାନମନ୍ତ୍ରୀ? ତାଙ୍କ ଉତ୍ତରରୁ ଯାହା ମନେହେଲା ସେ କହିଥିଲେ, କଳାହାଣ୍ଡି ହିଁ ଗୋଟିଏ ରାଜ୍ୟ, ମୋ' ମୁହଁକୁ ଚାହିଁ ହସିଲେ। ଭାବୁଥିଲେ, ମୁଁ କିମିତି ଆମ ଦେଶର ପ୍ରଶାସକଙ୍କ ନାଁ ଜାଣିନି। ପଚାରିଲି– ତୁମେ ଜାଣିନ? ଶୁଣ, କମ୍ପାନୀ ସରକାର ଆମ ରାଜ୍ୟ ଚଳାଉଛି। ବୃଦ୍ଧ ସେ ପର୍ଯ୍ୟନ୍ତ ଜାଣିନଥିଲେ ଆମ ଦେଶ ସ୍ୱାଧୀନତା ପାଇଲାଣି। ଆମେ ସମସ୍ତେ ସ୍ୱାଧୀନ। ମୁଁ ତାଙ୍କୁ ଅଶୋକ ଚକ୍ରର ଫଟୋ ଓ କେତୋଟି ମୁଦ୍ରା ଦେଖାଇଲି।

ସେ ସେଗୁଡ଼ିକର ଗୁରୁତ୍ୱ ଅଛି ବୋଲି ଅନୁଭବ କଲେ ନାହିଁ। କହିଲେ, ଅଶୋକ ଚକ୍ର ଖଣ୍ଡେ କାଗଜ। କିନ୍ତୁ ସେଇ କାଗଜ ଖଣ୍ଡଟି ଦେଖି କିଏ କହିପାରିବ ଯେ, ରାଜ୍ୟର ମୁଖିଆ କିଏ? ଆମ ରାଜ୍ୟକୁ ଗୋରା ରାଣୀ ଚଳାଉଛନ୍ତି, ସେ ହିଁ ମୁଖିଆ।

ମୁଁ ଚେଷ୍ଟା କରିଥିଲି ତାଙ୍କ ମନରୁ ସେ ବିଶ୍ୱାସ ଦୂର କରିବା ପାଇଁ। କିନ୍ତୁ ପରେ ଅନୁଭବ କଲି, ସେ କଦାପି ମୋ' କଥାକୁ ବିଶ୍ୱାସ କରୁନଥିଲେ। ତଥାପି କହିଲି, ଗୋରା ଲୋକମାନେ ଆଉ ଆମ ଦେଶକୁ ଶାସନ କରୁନାହାନ୍ତି।

ଜିନିଷ ବଦଳରେ କିଣାବିକା ସେଠାକାର ଆଦିବାସୀମାନଙ୍କର ପ୍ରଧାନ ବ୍ୟବସାୟ। ମୁଁ ତାଙ୍କୁ ସେ ବିଷୟରେ ପଚାରିଲି। ଆହୁରି ମଧ୍ୟ କହିଲି, ତୁମେ ଜାଣିଛ କି ଏ ଖଣ୍ଡିକ ପେପର(ଟଙ୍କା) ଦେଖାଇ ସବୁ ଜିନିଷପତ୍ର କିଣିହେବ। ଡାଲି, ଚାଉଳ, ଲୁଗା ସବୁକିଛି ଏପରିକି ଜମି ମଧ୍ୟ କିଣିପାରିବ।

ସେ ଦୟାପୂର୍ଣ୍ଣ ଆଖିରେ ମୋତେ ଚାହିଁଲେ। କହିଲେ– ଏଇ ପେପର ଖଣ୍ଡିକ ପାଇଁ ତୁମେମାନେ ଏତେ ଯୁଦ୍ଧ କରୁଛ! ସେଇ ପେପର ଖଣ୍ଡିକ ପାଇଁ ଆମ ଲୋକମାନେ ମଧ୍ୟ ଏ ଜାଗାଛାଡ଼ି ସହରକୁ ଚାଲିଯାଉଛନ୍ତି। ଆମେ କ'ଣ ସେଇ ପେପର ଖଣ୍ଡିକ ବିନା ଚଳିପାରିବା ନାହିଁ! ଆମ ପୂର୍ବ ପୁରୁଷ କିମିତି ଥିଲେ? ଆମେ ଭଗବାନଙ୍କ ସନ୍ତାନ। ସେହି କାଗଜ ବିନା ଆମେ ଏଠାରେ ଶାନ୍ତିରେ ରହିପାରିଛୁ। ଏଇଟା ଭଗବାନଙ୍କ ଭୂମି। କେହି ତା' ଉପରେ ଅଧିକାର ଜାରି କରିପାରିବ ନାହିଁ। ଆମେ ନଦୀ, ପର୍ବତ ତିଆରି କରିନେ। ପବନ ମଧ୍ୟ ଆମ କଥା ଶୁଣେ ନାହିଁ। ଆମଠାରୁ ଅନୁମତି ନ ନେଇ ବର୍ଷା ହୁଏ। ବର୍ଷା ଆମ ଅନୁମତିକୁ କେବେହେଲେ ଅପେକ୍ଷା କରେ ନାହିଁ। କାରଣ, ଏସବୁ ଭଗବାନଙ୍କ ଅବଦାନ। ଆମେ କିମିତି ଜମିର କିଣାବିକା କରିବୁ ମୁଁ କିଛି ବୁଝିପାରୁନାହିଁ। ତୁମର ଏଇ ପେପର ଖଣ୍ଡିକ ଆମ ଜୀବନରେ ଘୋର ଦୁଃଖ ଆଣିଦେବ।

ବୃଦ୍ଧଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ମୋ ପାଖରେ ଭାଷା ନଥିଲା। ଅନୁଭବ କଲି, ତାଙ୍କ ଅପେକ୍ଷା ମୁଁ ଅଧିକ ଜାଣିଛି। ଆମେ ବିଭିନ୍ନ ରାଜନୈତିକ ଘଟଣାବଳୀ, ବିଲ୍ କ୍ଲିଣ୍ଟନ୍, ବିଲ୍ ଗେଟ୍ସଙ୍କ କାର୍ଯ୍ୟକଳାପ, ମୁଦ୍ରାସ୍ଫୀତି କଥା ଜାଣିଛୁ। ବୃଦ୍ଧ ବ୍ୟକ୍ତି ସେସବୁ କିଛି ଜାଣିନଥିଲେ ସତ, କିନ୍ତୁ ଐଶ୍ୱରିକ ଭାବନା ଓ ଶକ୍ତିରେ ସେ ସମୃଦ୍ଧ ଥିଲେ। ସେ ଜାଣିଥିଲେ ମାଟି, ପାଣି, ପବନ, ପାହାଡ଼, ପର୍ବତକୁ କିଏ ବି ଅକ୍ତିଆର କରିପାରିବ ନାହିଁ।

ତା'ହେଲେ ସଭ୍ୟ କିଏ? ଜ୍ଞାନୀ କିଏ? ଯିଏ ତାଙ୍କ ପରି ପ୍ରକୃତିକୋଳରେ ବଢ଼ି ବଞ୍ଚି ରହିଛନ୍ତି, ପ୍ରକୃତ ସତ୍ୟ ଜାଣିଛନ୍ତି ନା ଯିଏ କମ୍ପ୍ୟୁଟରରେ ଅଙ୍ଗୁଳି ଚାଳନା କରି ନିଜକୁ ଜ୍ଞାନୀ ମାନୀ ବୋଲାଉଛନ୍ତି!

ମୋ: ୭୦୦୮୨୯୧୦୪୦

## ପୁସ୍ତକ ପରିଚୟ

### ଅବଶିଷ୍ଟ ସ୍ୱପ୍ନମାନେ




**କବି:** ମାନସ ରଞ୍ଜନ ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

ମୋଟ ୪୬ଟି କବିତା ସ୍ଥାନପାଇଛି ଆଲୋଚ୍ୟ କବିତାଗ୍ରନ୍ଥରେ। 'ନିଜକଥା'ରେ କବି ଲେଖିଛନ୍ତି: ''ଲେଖକଟି ଯେ ପ୍ରଚଳିତ ବ୍ୟବସ୍ଥାର ଭାଟ ନୁହେଁ, ମୋ' ଲେଖା ମାଧ୍ୟମରେ ଏଇ ବାର୍ତ୍ତାଟି ମୁଁ ପାଠକଙ୍କ ପାଖରେ ସବୁବେଳେ ପହଞ୍ଚାଇ ଦେବାକୁ ଚାହେଁ।'' ବହିର 'ମୁଖବନ୍ଧ' ଲେଖିଛନ୍ତି କବି ସୂର୍ଯ୍ୟ ମିଶ୍ର। ବହିର 'ମୁଖବନ୍ଧ' ହେବା ଆଗରୁ ଲେଖାଟି ଦୁଇ ଦଶନ୍ଧି ତଳେ କୌଣସି ଏକ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା। ସେଦିନ ସେ ମାନସଙ୍କ କବିତା ସମ୍ପର୍କରେ କହିଥିଲେ: ''ଭଲପାଇବା ସାଙ୍ଗକୁ ଆଧ୍ୟାତ୍ମିକ ଆସ୍ପୃହାକୁ ନିଜର କରି ଜୀବନର ବିପୁଳାୟତନକୁ ଖୋଜି ହେବାରେ ମାନସର ସୃଜନ ଆନନ୍ଦ। ସମକାଳୀନତା ତୁଳନାରେ ତା' କବିତାରେ ଶାଶ୍ୱତତାର ଉପାଦାନ ଅଧିକ। ସମାଜମନସ୍କ ନୁହେଁ, ସେ ବରଂ ମଣିଷମନସ୍କ।'' (ପୃ:୧୬)। ସୂର୍ଯ୍ୟଙ୍କର ଏ ଆକଳନ ଆଜି ବି ମାନସଙ୍କ କବିତା ପାଇଁ ଅପ୍ରାସଙ୍ଗିକ ହୋଇନାହିଁ। କେତୋଟି ଦୃଷ୍ଟାନ୍ତ ନେବା: ୧. ''ମାଳିସାହି ମାଳୁଣୀ ପରି/ ବୁଢ଼ି ଅଞ୍ଚଳର ବୁଢ଼ା ଗୌନ୍ତିଆ ପରି/ ମୁଁ ସର୍ବହରା/ ଯେଉଁଠି ଥାଏ, ସେଇ ମୋର ଘର/ ସେଇ ମୋର ସଂସାର/ ମୋତେ ଠିକଣା ମାଗୁଛ କାହିଁକି କହିଲ!'' ('ଅଚିହ୍ନା ଚଢ଼େଇ'– ପୃ:୧୯), ୨. ''ଏ କେମିତି ସମୟ କହିଲ!/ ସମୟ କି ବାଲି, ସମୁଦ୍ର ବା/ ଜଗନ୍ନାଥ/ ଦିଗବାରେଣି ଖୁଣ୍ଟି ଚାରିପାଖେ/ ଉଡୁଥିବା ଅଶାନ୍ତ ଚଢ଼େଇ/ ନା କେଉଁ ହଜିଯାଇଥିବା/ ପ୍ରେମିକାର ଶାଢ଼ି/ ସମୟ କି ଭଙ୍ଗାପୋଲରୁ/ ତଳକୁ ଖସିପଡୁଥିବା ରେଳଗାଡ଼ି।'' ('ଆଉଥରେ ପୁରୀ'– ପୃ: ୩୮), ୩. ''ଶବଗଦାରେ ଠିଆ ମୁଁ/ ବହୁକାଳୁ ଏକାକୀ/ ନିର୍ବାସିତ/ ନିଃଶବ୍ଦ!/ ଏଇଟା କ'ଣ ଶେଷଦିନ/ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଅପେକ୍ଷାରେ/ ନା ଗୋଟେ ନୂଆ ଆରମ୍ଭର ଦିନ?'' ('ଆଳାପ'– ପୃ:୭୩)। ଏସବୁ କବିତାରେ ଛପିଥାଏ ଜୀବନର ଯେଉଁ ନିରନ୍ତରତା, ସେଇ ନିରନ୍ତରତାର କବି ମାନସ। ଆଶାକରେ, ଆଲୋଚ୍ୟ କବିତାଗ୍ରନ୍ଥଟି କବିତାପ୍ରେମୀ ପାଠିକାପାଠକଙ୍କ ହାତକୁ ଯିବ ଓ ଅର୍ଦ୍ଧ ଶତାବ୍ଦୀର ଜଣେ କାବ୍ୟଯାତ୍ରୀଙ୍କୁ ନୂଆ ପରିଚୟରେ ଚିହ୍ନା କରାଇବ।

### ମହାଭାରତର କଥା କାହାଣୀ




**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବନଫୁଲ ପ୍ରକାଶନୀ, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

୧୧ଟି ଅନୂଦିତ ଗଳ୍ପ ଆଲୋଚ୍ୟ ପୁସ୍ତକର କଳେବର ମଣ୍ଡନ କରିଛି। ଡ. ଗୌରୀ ଦେଙ୍କ ମୂଳ ବଙ୍ଗଳା ଗଳ୍ପ, ଯାହା 'ନବକଲ୍ଲୋଳ'ର ବିଭିନ୍ନ ବିଶେଷାଙ୍କରେ ପ୍ରକାଶ ପାଇଥିଲା; ସେଥିରୁ ଏଇ ଗଳ୍ପଗୁଡ଼ିକୁ ବାଛି ଅନୁବାଦକ ଶ୍ରୀ ସାମଲ ତା'ର ଓଡ଼ିଆ ରୂପାନ୍ତର କରିଛନ୍ତି। ଗଳ୍ପଗୁଡ଼ିକର ଶୀର୍ଷକ– 'କୁନ୍ତୀ–ପାଣ୍ଡୁ–ମାଦ୍ରୀ', 'ଦେବଯାନୀ–ଯଯାତି–ଶର୍ମିଷ୍ଠା', 'ନଳ–ଦମୟନ୍ତୀ ସଂବାଦ', 'ଲୋପାମୁଦ୍ରା–ଅଗସ୍ତି ଉପାଖ୍ୟାନ', 'ସାବିତ୍ରୀ–ସତ୍ୟବାନ', 'ନାଗରାଜ କନ୍ୟା ଉଲୂପୀ', 'ଅର୍ଜୁନ ଓ ବର୍ଷା', 'ଅର୍ଜୁନ ଓ ସୁଭଦ୍ରା', 'ସୁଦର୍ଶନ–ଓଘବତୀ କାହାଣୀ', 'ଅଭିମନ୍ୟୁ ପୁତ୍ର ପରିକ୍ଷିତ' ଓ 'ଜଗତ୍‌କାରୁ ଓ ଜଗତ୍‌କାରୁ'। ଯେଉଁ ମହାଭାରତ– ମୂଳ ବଙ୍ଗଳା ଓ ଅନୁବାଦ ମାଧ୍ୟମରେ କାହାଣୀଗୁଡ଼ିକର ଅବତାରଣା କରାଯାଇଛି, ସେଗୁଡ଼ିକ ବିଷୟବସ୍ତୁ ଓ ଆଦର୍ଶର ଆଧାରରେ ବର୍ଷବର୍ଷ ଧରି ଜନମାନସକୁ ପ୍ରଭାବିତ କରିଆସିଛି। ଏସବୁ କାହାଣୀ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ହୋଇ ବି ଶାଶ୍ୱତ ସମୟର, ତେଣୁ ଚିର ଅମ୍ଳାନ। ଅନୁବାଦ ପ୍ରାଞ୍ଜଳ, ଆବେଦନରେ ସବୁ ବୟସର ପାଠିକାପାଠକଙ୍କ ପାଇଁ ଉପଯୋଗୀ। ଅନୁଭବୀ ଅନୁବାଦକ ଜୟକୃଷ୍ଣ ନିଜେ ଜଣେ ସୃଜନଶୀଳ କବି ଓ ଲେଖକ ହୋଇଥିବାରୁ ମୌଳିକ ରଚନାରେ ନିହିତ ମର୍ମକୁ ଷୋଳଣା ସୁରକ୍ଷିତ ରଖିପାରିଛନ୍ତି। ୮୮ ପୃଷ୍ଠାର ଏହି ନାତିକ୍ଷୁଦ୍ର ବହିଟି ପାଠକୀୟ ଆଦୃତି ପାଇବା ସହିତ ପାଠାଗାରମାନଙ୍କ ପାଇଁ ସଂଗ୍ରହଯୋଗ୍ୟ ସାବ୍ୟସ୍ତ ହେବ ବୋଲି ଆଶା।

## କବିତା

### ବିସ୍ଥାପନ

**ଉମା ଶଙ୍କର ପାଳ**

ଅସନା ଦିଶିବାରୁ ଘର
ମାଲିକ ଭାଙ୍ଗିଦେଇଛି ବସା, ପକ୍ଷୀର
କାଠିକୁଟା, ରୁଅବତା ନାରଖାର
ମା' ପକ୍ଷୀଟି ଇତସ୍ତତଃ କାଟୁଛି ଚକ୍କର।

ଅଚାନକ ମୁଣ୍ଡରେ ଯେବେ ପଡ଼ିଲା ଚଡ଼କ
ସଦ୍ୟ ଭୂମିଷ୍ଠ ଅଣ୍ଡା ବିପର୍ଯ୍ୟସ୍ତ
ଶାବକମାନେ ଭୀତତ୍ରସ୍ତ
ବିସ୍ଥାପନର ଦୁଃଖ ଅପ୍ରମିତ।

କାହିଁ କେଉଁ ଦୂର ଜଙ୍ଗଲରୁ
ପେଟପାଟଣା, ଜୀବନ ଜୀବିକା ଦାୟରେ
ଆସିଥିଲା ସହର, ବସାଇଥିଲା ସଂସାର
କିଏ ଜାଣିଥିଲା,
ଏମିତି ଦାଉସାଧିବ ବିଧାତା–ବିଚାର।

ଖରା ବର୍ଷା ଶୀତ କାକର ଦାଉରୁ
କେମିତି ରକ୍ଷା କରିବ ତା' ସଂସାର
କେଉଁଠୁ ଖୋଜି ଆଣିଦେବ ଆହାର
ପକ୍ଷୀଟି ବିଚରା ନାଚାର!

କିଏ ସେ ମାଲିକ ଏଠି ଏ ଭବଭୂମିର
କାହା ନାମରେ ଦଲିଲ୍ ହୋଇଛି ଏସବୁ ଘର
ମହାକାଳର ରାଜସ୍ୱ ଖାତାରେ
କିଏ ସ୍ଥାୟୀ ପଟ୍ଟାଦାର।

ମୋ: ୯୫୫୬୮୮୮୭୦୮

### ହାୟରେ ସାଗର

**କୃଷ୍ଣା ମିଶ୍ର**

ସ୍ନିଗ୍ଧ ଶୀତଳ ସୁନୀଳ ଆକାଶ କୋଳେ,
ଚନ୍ଦ୍ରମା କି ଏକ ବିକଶିତ ଶତଦଳ,
ସାଗର ସରାଗେ ଉତ୍ତାଳ ଲହରୀ ତୋଳେ,
ତୋଳି ଆଣିବାକୁ ସରଗର ସେଇ ଫୁଲ!

ବାରବାର ହାରେ ବିଫଳ ପ୍ରୟାସ କରି,
ଅଭିମାନୀ କିଗୋ ପରାଜୟ ସହିପାରେ?
ଉଚ୍ଛୁଳା କୋହରେ ବୁକୁ ତା'ର ଯାଏ ଭରି
ମଥା ପିଟି ବେଳା ଆଖିଲୁହେ ଓଦା କରେ!

ହସୁଥାଏ ଚନ୍ଦ୍ର ସତେ କେତେ ନିରିଦୟୀ!
ବୁଝିପାରେ ନାହିଁ ବିଫଳ ହୃଦୟ ଭାଷା
ଜୀବନ ଯେ ଏକ ମରଣର ପ୍ରେତ ଛାଇ
ସରିଯାଏ ଯେବେ ସରାଗର ଶେଷ ଆଶା!

ବୃଥା ଆଶା ପାଇଁ କାହାକୁ କରିବ ଦାୟୀ?
ପିଏ ଲୁଣା ଲୁହ ଆହାରେ ସାଗର ହାୟ!

– ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୫୭୩୪

### ତଥାପି

**ଦୀପ୍ତି ମିଶ୍ର**

ଅସଜଡ଼ା ମୁହୂର୍ତ୍ତମାନେ ବେଳେବେଳେ
ଖୁବ୍ ଅନ୍ତରଙ୍ଗ ହୋଇଉଠନ୍ତି,
ଅଜାଣତେ ଅତୀତର କିଛି ମଧୁ ସ୍ମୃତି
ଆଗକୁ ଆସି ଖୋଲିଦିଅନ୍ତି ପୃଷ୍ଠା ପରେ ପୃଷ୍ଠା
ଅଧୀର ନୟନରୁ ବହିଯାଏ ଟୋପା ଟୋପା ତତଲା ଲୁହ,
ନୀରବତାର ଶବ୍ଦ ସବୁ ଛୁଇଁଯାଏ ହୃଦୟ କବାଟକୁ...
ଲେଖି ହୋଇଯାଏ ଅତୀତର
ଉଜୁଡ଼ା ଦୁଃଖ ଯେତେ ସ୍ମୃତିର କାଗଜରେ।

ନିଜ ପାଖରେ ନିଜର ପରିଚୟ
ଅକସ୍ମାତ୍ କେମିତି କେଜାଣି ଫିକାଫିକା ଲାଗେ
ବିଶ୍ୱାସର ତାଲା ସତେ ଅବା କେଉଁଠି ହଜିଯାଇଛି କି ଆଉ!
ନିଃସଙ୍ଗତା ଭିତରେ ରଙ୍ଗଭରା ପୃଥିବୀ
ଆଜି କିଆଁ ଧୂସର ହୋଇଉଠେ...
ସବୁଜିମାର ଆକର୍ଷଣୀୟ ଓଢ଼ଣି ସତେ କି
ଲୋଚାକୋଚା ହୋଇ ନିଜର ସ୍ଥିତି ହଜାଇ ବସିଛି।

ତେବେ ବି ଦିଗନ୍ତର ସେପାରିକୁ ଯିବାପାଇଁ
କିଏ ଜଣେ ଭାରି ତରତର...
ସଜାଡ଼ି ନେବାକୁ ଗଣ୍ଠିଲି ସତ୍‌କର୍ମର,
ଅପରୂପ ସୂର୍ଯ୍ୟଙ୍କ ଆଲୋକରେ ସଜାଇ ଦେଇ
ଜୀବନର ତରୀ... ରଖିଛି ଆଣ୍ଟି...
ପାରି ହେବାକୁ ଆଶାର ବୈତରଣୀ
ଆସୁ ପଛେ ଭଉଁରି ପରେ ଭଉଁରି!
ଧୋଇନେଉ ପଛେ ସ୍ୱପ୍ନର ବାଲିଘର!
ତଥାପି ସେ ତେଜୋଦୀପ୍ତ ଝଡ଼ରେ ପହଁରିବାକୁ ତତ୍ପର।

ମୋ: ୬୩୭୦୨୧୨୯୧୮

**ଗୀତି–କବିତା**

### ସମୟ ଯାଉଛି ବହି

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ସାରା ଜୀବନ ଯା' ସପନ ଦେଖିଲି
ଗୋଟିଏ ହେଲାନି ସତ,
ଅନେକ ଭାବିଲି କହିଦେଇ ଯିବି
ଅବା ଗାଇଯିବି ଗୀତ।

ଖୋଲିଦେବି ମୋର ମନର କବାଟ
ହେଲେ ପାଇଲିନି ରାହା,
ଆଗକୁ ପଛକୁ କିଏ ବା ଅଛି ମୋ'
କହିବାକୁ ପଦେ ଆହା।

ନ କହି ନିଜେ ମୁଁ ଜଳି ମରିବାକୁ
ସଳିତା ହେଲି ଯା' ମିଛେ,
ଜଳିପାରିଲିନି, ଜାଳିପାରିଲିନି
ଝଡ଼ ତ ଧାଇଁଛି ପଛେ।

ଧାଇଁଥିଲି ଯାହା, ପିଇବାକୁ ଟୋପେ
ମରୁ ବୁକେ ଜଳ କାହିଁ,
ତତଲା ଲୁହକୁ ପିଇପିଇ ଆଜି
ସମୟ ଯାଉଛି ବହି।

– ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

## କାଳକାଳକୁ



''ଖରାପ ସମୟରେ ଖୁବ୍ କମ୍ ଲୋକ
ପାଖରେ ଠିଆ ହୁଅନ୍ତି,
ବେଶୀ ଲୋକ ବାଟଭାଙ୍ଗି ଯା'ନ୍ତି।''
– ଜାଫ୍ରି ଆର୍କର

**ଜାଫ୍ରି ଆର୍କର**ଙ୍କ ଜନ୍ମ ୧୫ ଏପ୍ରିଲ ୧୯୪୦ରେ। ଇଂଲିଶ୍ ଭାଷାର ସେ ଜଣେ ବେଶ୍ ଜଣାଶୁଣା ଲେଖକ। ଏକାଧାରରେ ଲେଖନ୍ତି ଗଳ୍ପ, ଉପନ୍ୟାସ ଓ ନାଟକ। ତାଙ୍କର ପ୍ରଥମ ବହି ''ନଟ୍ ଏ ପେନି ମୋର୍, ନଟ୍ ଏ ପେନି ଲେସ୍'' ପ୍ରକାଶ ପାଏ ୧୯୭୪ରେ। ଅନ୍ୟ ଚର୍ଚ୍ଚିତ ବହି ଭିତରେ ଅଛି 'କେନ୍ ଆଣ୍ଡ୍ ଆବେଲ୍' (୧୯୭୯), 'ବିଓଣ୍ଡ୍ ରିଜନେବଲ୍ ଡାଉଟ୍' (୧୯୮୯), 'ଦ ଆକ୍ୟୁଜ୍‌ଡ' (୨୦୦୦), 'ଏ ଟୁଇଷ୍ଟ ଇନ୍ ଦ ଟେଲ୍' ଓ 'ଦିସ୍ ୱାଜ୍ ଏ ମ୍ୟାନ୍' (୨୦୧୬)। ଜାଫ୍ରିଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ଲକ୍ଷାଧିକ ସଂଖ୍ୟାରେ ବିକ୍ରିହୁଏ ଏବଂ ନାଟକ ମାତ୍ରେ ଏକାଧିକବାର ମଞ୍ଚସ୍ଥ ହୁଏ। ସେ କହନ୍ତି: ''କେହି ଜଣେ ଏପରି ଖଣ୍ଡେ ବହି ଲେଖିବା ଉଚିତ୍, ଯେଉଁ ବହିର ନାୟକ ଆସ୍ତେ ଆସ୍ତେ ପଡୁଥିବ ପାଠକର ପ୍ରେମରେ।''

# ଚିଠି

**ଲଘୁଗଳ୍ପ**

ଭବାନୀ ଶଙ୍କର ଦାଶ

ମନେମନେ ଅନେକ ବାର ତୁମ ସହିତ ଯୁକ୍ତି କରିଛି। ରାଗି କଳି ବି କଲି। ଆଉ କଥାହେବିନି ଭାବି ପୂରା ଚୁପ୍ ରହିଲି। ମୋ' ଓଠ ସିନା କିଛି ଉଚ୍ଚାରଣ କଲାନାହିଁ, କିନ୍ତୁ ଭିତରେ ମୁଁ ଚିତ୍କାର କରି କାନ୍ଦୁଥିଲି। ବାରମ୍ବାର ଗୋଟାଏ ପ୍ରଶ୍ନ ଦୋହରାଉଥିଲି, କାହିଁକି ଏମିତି କଲୁ ମୋ' ଜୀବନଟାକୁ?

ବୋଉ ମରିବା ଦେଢ଼ବର୍ଷ ହୋଇଗଲାଣି। ଆଜି ଏ ରାତି ତିନିଟା ବେଳେ ଭାରି ମନେପଡୁଛି ବୋଉ ମୋର। ଦ୍ୱିତୀୟ ଶ୍ରେଣୀଯାଏଁ ପାଠ ପଢ଼ିଥିବା ବୋଉ ଦୈନିକ ସମ୍ବାଦପତ୍ରର ବିଜ୍ଞାପନ ଓଗେର ବି ନିଇତି ପଢ଼େ। ତା' ଭିତରେ ପଢ଼େ ଗଙ୍ଗାଧର, ରାଧାନାଥ ଓ ଗୋପବନ୍ଧୁ ପ୍ରମୁଖଙ୍କୁ। ଦ୍ୱିପ୍ରହରେ ସମସ୍ତଙ୍କୁ ଖାଇବାକୁ ଦେଇ ନିଜେ ଖାଏ। ତା'ପରେ ସମସ୍ତେ ବିଶ୍ରାମ ନେବାବେଳେ ସିଏ ପଢ଼ିବସେ। ସେତିକିବେଳକୁ ପହଞ୍ଚିଯାଆନ୍ତି କେହି ନାଥ ଯୋଗୀ, ଚକୁଳିଆପଣ୍ଡା କିମ୍ବା ଭିକାରି। ନଚେତ୍ କାଳିଆ ଅବଧାନ। ଅବଧାନଙ୍କୁ ବସିବା ଲାଗି ଆସନ ଦେଇ ଯୋଗୀ ଭିକାରିଙ୍କୁ ଖାଇବା ଦରବ ଯାହା ଘରେ ଥିବ ନିଶ୍ଚୟ ଦେବ। ସବୁ କାମ ଭିତରେ ତା' ମନଥିବ ସେଇ କଳାମଚମଚ ଠେଙ୍ଗାଭଳିଆ ପତଳା ମଣିଷ କାଳିଆ ଅବଧାନ ପାଖରେ। କାମ ସାରି ଅବଧାନଙ୍କ ସାମ୍ନାରେ ବସିପଡ଼ିବ। ନିଜ ଅଣ୍ଟାରୁ ଅବଧାନେ ବୟା କୋରା ଭଳି ଖଡ଼ି ଗୋଟାଳି କାଢ଼ି ଆମ ବାରଣ୍ଡାରେ କ'ଣ ସବୁ ଲେଖି ଜାତକ ଦେଖି ତା'ପରେ ଫଳାଫଳ ଶୁଣାଇଥା'ନ୍ତି। ବିଚିତ୍ର ମୁଖଭଙ୍ଗୀ କରି ଅବଧାନେ କୁହନ୍ତି– ବୁଝିଲ, ମା' ପୁଅଟିର ଜନ୍ମ ଯଦି ଆଉ ଦୁଇ ସେକେଣ୍ଡ ପରେ ହୋଇଥା'ନ୍ତା ପୂର୍ଣ୍ଣ ରାଜବିଭୂତି ଯୋଗ ପାଇଥା'ନ୍ତା। କେବଳ ମଙ୍ଗଳ ଟିକେ ଅସୁବିଧା ସ୍ଥାନରେ ଅଛନ୍ତି। କିନ୍ତୁ ପୁଅ ଆପଣଙ୍କର ରାଜାଧିରାଜ ନ ହୋଇପାରେ, ମାତ୍ର ରାଜା ହେବା ଥୟ।

ବୋଉ ପଚାରେ ପାଠ କେମିତି ପଢ଼ିବ? ଅବଧାନେ କୁହନ୍ତି ଲଗ୍ନରେ ବୃହସ୍ପତି ଅଛନ୍ତି ମାନେ ଖୁବ୍ ପଢ଼ିବ। ଶାସ୍ତ୍ରପରା କହେ– ଲଗ୍ନେ ବୃହସ୍ପତି ବେଦ ବଖାଣେ। ବୋଉ ମୋର ଖୁସି ହୋଇଯାଏ। ଡାଲାଏ ଜାଗାରେ ଦି'ଡାଲା ଚାଉଳ ସେଦିନ ଅବଧାନଙ୍କୁ ଦିଏ। ସୁଉକିଟିଏ ବି ଦକ୍ଷିଣା ଦିଏ। ଗଲାବେଳେ ଅବଧାନେ ବୋଉକୁ ଆଉଟିକେ ଖୁସି କରିବାକୁ କହନ୍ତି, ବୁଝିଲେ ମା', ସରକାରୀ ବଡ଼ ଅଫିସର ନିଶ୍ଚୟ ପୁଅ ହେବ। ପଦ୍ମିନୀଜାତୀୟା ବୋହୂଟେ ଘରକୁ ଆସିବ। ସେଇ ବୋହୂ ଆସିଗଲେ ତା' ଗ୍ରହରେ ଆପଣଙ୍କ ଘର ପରିବାରର ସକଳ ଉନ୍ନତି ହେବ।

ଯା' ଭିତରେ ଚାଳିଶ ବର୍ଷ ବିତିଗଲାଣି। ଚାଳିଶ ହଜାର ଥର ତୁମ ପାଖରେ ମୁଁ କାନ୍ଦି ସାରିଲା ପରେ ସରକାରୀ ଚାକିରି ନ ପାଇ ବେସରକାରୀ ଚାକିରି କଲି। ମୋ' ସ୍ତ୍ରୀ ପଦ୍ମିନୀଜାତୀୟା ତ ନୁହେଁ। କୋଉ ଜାତୀୟା ତା' ବି ଠଉରେଇ ପାରୁନାହିଁ। କାରଣ ଆମ ଦାମ୍ପତ୍ୟ ଜୀବନ ବିବାହର ବର୍ଷ ତିନିଟା ପରେ ପକ୍ଷାଘାତ ଆକ୍ରାନ୍ତ ହୋଇଗଲା ମୋ' ସ୍ତ୍ରୀଙ୍କ ସନ୍ଦେହ ପାଗଳାମିରୁ। ମୋ' ବୋଉ ଏଇ ବୋହୂଟିର ନିର୍ବାଚନରେ ସାଙ୍ଘାତିକ ଭାବେ ଠକିଯାଇଥିଲା ଓ ଏଥିପାଇଁ ମୋ' ଜୀବନ ବରବାଦ୍ ହୋଇଯାଇଥିବା ଦୁଃଖରେ ଭିତରେ ଭିତରେ ଖୁବ୍ ଦୁଃଖୀ ଥିଲା। କେହି ନ ଥିଲା ବେଳେ ରୋଗଶଯ୍ୟାରେ ଥାଇ ବି ମତେ ବୋଉ ବୁଝାଇ ବସେ ଯେ ତୋ' ଭାଗ୍ୟରେ ତ ଏୟା ଥିଲା ମୁଁ ଆଉ କ'ଣ କରିଥା'ନ୍ତି? ମତେ ତୁଚ୍ଛା ପ୍ରବୋଧନା ଦେବାକୁ ଭାଗବତରୁ ବୋଉ ପଦେ ବୋଲିଦିଏ 'କପାଳ ଲିଖନ, କେ କରିବ ଆନ'।

ଏଇ ଅଳ୍ପଦିନ ତଳେ କାଳିଆ ଅବଧାନଙ୍କ ଗାଁ ବାଟଦେଇ ଗଲାବେଳେ ମନେପଡ଼ିଗଲା। ଖୋଜିଲି ଅବଧାନଙ୍କୁ। କାଳିଆ ଅବଧାନଙ୍କୁ ଭେଟିଲେ ପଚାରନ୍ତି ମୁଁ ରାଜା ହେବା କଥା। ପଚାରନ୍ତି, ସୁଲକ୍ଷଣା ପଦ୍ମିନୀଜାତୀୟା ମୋ' ସ୍ତ୍ରୀଙ୍କ କଥା। ବିଦ୍ୟାର୍ଜନରେ ମୋର ବୃହସ୍ପତି ହେବାର କଥା। ମୋ' ଭିତରେ ମୁଁ ଖୁବ୍ ରାଗିକି ଖୋଜିଲି ଲୋକଟାକୁ। ଖବର ନେବାରେ ଜାଣିଲି ଏକ ଅଦ୍ଭୁତ ଘଟଣା। କାଳିଆ ଅବଧାନଙ୍କ ପଞ୍ଚଷଠି ବର୍ଷୀୟା ସ୍ତ୍ରୀ ପାଖ ଭୋଇସାହିର ଜଣେ ପଞ୍ଚସ୍ତରି ବର୍ଷୀୟ ବୃଦ୍ଧ ସହ ଫେରାର ହୋଇଯିବା ପରେ ଅବଧାନେ ଲୋକଲଜ୍ଜାକୁ ଡରି ଆତ୍ମହତ୍ୟା କରିଦେଇଥିଲେ।



ବୁଝିଲ ଜଗନ୍ନାଥେ, ତିରିଶ ବର୍ଷ ହେଲା। ମଧୁମେହ କାରଣରୁ ଦେହ ହାତ ଘୋଳାବିନ୍ଧା ହୁଏ। ନିଦ ହୁଏନା। ଯନ୍ତ୍ରଣାରେ ଲୁହ ଝରିପଡ଼େ। ମନ ଲୋଡ଼େ ତୁମକୁ, ଆଉ ଦେହ ଲୋଡ଼େ ବୋଉର ହାତକୁ। ସେଇ ଭାବନା ଭିତରେ ପଶିଆସନ୍ତି କାଳିଆ ଅବଧାନମାନେ। ବାର୍ଦ୍ଧକ୍ୟର ଏକଲାପଣ ଅତିଷ୍ଠ କଲାଣି। ଯା'ଠୁ ମରଣ ସହସ୍ର ଗୁଣେ ଭଲ। ହେଲେ ସିଏ କାହା ହାତର କଥା ଯେ! କାଳିଆ ଅବଧାନ ଥିଲେ ପଚାରିଥା'ନ୍ତି ମରଣର ଠିକଣା। କାଳିଆ ଅବଧାନେ ସିନା ନାହାନ୍ତି, କାଳିଆ ଠାକୁର ତ ତୁମେ ଅଛ ନା!

ଏବେ ଘଣ୍ଟାରେ ତିନିଟାଚାଳିଶ ମିନିଟ୍। ନିଜ ହାତରେ ଖୁବ୍ ବିନ୍ଧୁଥିବା ନିଜ ଗୋଡ଼କୁ ମୋଡ଼ି ଶୋଇବାର ଅପଚେଷ୍ଟା କରୁଛି। ଏହା ମୋର ଦୈନିକ ଅଭ୍ୟାସ।

କାଳିଆ ଠାକୁରେ ତୁମ ଗୋଡ଼ ବା ମୁଣ୍ଡ କ'ଣ ବିନ୍ଧା ହୁଏ? ବିନ୍ଧିଲେ କିଏ ମୋଡ଼ିଦିଏ?

ମୋ: ୮୯୧୭୬୨୪୩୮୬

# ସର୍ବଭାରତୀୟ ଇନ୍‌ଡୋର ରୋଇଂ ଉଦ୍‌ଘାଟିତ

କଟକ,୧୦।୪(କୁମାରଶ୍ରୀ)

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଶୁକ୍ରବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ଦୁଇ ଦିବସୀୟ ଏହି ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଆୟୋଜକ ଓଡ଼ିଶାକୁ ଅଭୁତପୂର୍ବ ସଫଳତା ମିଳିଛି। ୮ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ସହ ଓଡ଼ିଶା ମୋଟ ୧୪ ପଦକ ବିଜୟୀ ହୋଇଛି। ଶନିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଏଲ୍‌ଟି ମିକ୍ସ ପେୟାରରେ ପ୍ରିୟାଂଶୁ ଏବଂ ସଞ୍ଜୁ କୁମାରୀ, ବ୍ୟକ୍ତିଗତ ଓପନ ମହିଳାରେ ନେହା, ଓପନ ଏଲ୍‌ଟି ମହିଳା ବର୍ଗରେ ପବିତ୍ରା, ୨୩ବର୍ଷରୁ କମ୍ ବ୍ୟକ୍ତିଗତ ଏଲ୍‌ଟି ମହିଳାରେ ଦୀକ୍ଷା, ୨୩ବର୍ଷରୁ କମ୍ ଏଲ୍‌ଟି ମହିଳା ପେୟାରରେ ମଞ୍ଜୁ କୁମାରୀ ଏବଂ ମନୀଷା ଚୌଧୁରୀ, ୨୩ବର୍ଷରୁ କମ୍ ଏଲ୍‌ଟି ପୁରୁଷ ପେୟାରରେ ଆୟୁଷ ବଳ ଏବଂ ଅଭିରାଜ, ୧୭ବର୍ଷରୁ କମ୍ ମିକ୍ସ ପେୟାରରେ ତେଜବୀର ସିଂହ ଏବଂ ଶିବାନୀ ଲାଣ୍ଡଗେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଓପନ୍ ମିକ୍ସ ପେୟାରରେ ରାହୁଲ ରାଥୋଡ ଏବଂ ସୋନାଲୀ ସ୍ୱାଇଁ, ୨୩ବର୍ଷରୁ କମ୍ ଓପନ ପୁରୁଷ ମିକ୍ସ ପେୟାରରେ ସୁମିତ ଚୌଧୁରୀ ଏବଂ ଆର୍ଯ୍ୟନ ପନୱାର, ୨୩ବର୍ଷରୁ କମ୍ ଏଲ୍‌ଟି ମିକ୍ସ ପେୟାରରେ ଅର୍ଥବ ରାଉତ ଏବଂ ଅନୁଷ୍କା ପଟେଲ, ୨୩ ବର୍ଷରୁ କମ୍ ଓପନ ମହିଳା ପେୟାରରେ ବର୍ଷାରାଣୀ ସେଠୀ ଏବଂ ପଲକ ଜୋକତା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୯ବର୍ଷରୁ କମ୍ ମହିଳା ପେୟାରରେ ପ୍ରତିଜ୍ଞା ଜେନା ଏବଂ ରତୁରାଣୀ ସ୍ୱାଇଁ, ୧୭ବର୍ଷରୁ କମ୍ ବ୍ୟକ୍ତିଗତ ମହିଳାରେ କାମ୍ୟା ପ୍ରିୟଦର୍ଶିନୀ ଧଳ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ମୋଟ ୩୪ଟି ଇଭେଣ୍ଟରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ଆହୁରି ପଦକ ଜିତିବ ବୋଲି ଆଶା ରହିଛି। ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ମେୟର ସୁବାସ ସିଂ, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

### ପ୍ରଥମ ଦିବସରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୧୪ ପଦକ

ପ୍ରକାଶଯୋଗ୍ୟ, ଅଭିନବ ଢଙ୍ଗରେ ଆୟୋଜିତ ହେଉଥିବା ଏହି ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରାଯାଉ ନାହିଁ। ଡଙ୍ଗା ଭଳି ଏକ ମେଶିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରୁଛନ୍ତି। ନିର୍ଦ୍ଧାରିତ ସମୟରେ କେତେ ଦୂରତା ଅତିକ୍ରମ କରିହେଉଛି ତାହା ମପା ଯାଇ ଫଳାଫଳ ନିର୍ଦ୍ଧାରଣ କରାଯାଉଛି। ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶାର ୩୩ଜଣ ଖେଳାଳି ରହିଛନ୍ତି। ୬୦ଜଣ ପ୍ରଶିକ୍ଷକ/ମ୍ୟାନେଜର ଏବଂ ୩୦ଜଣ ଜାତୀୟସ୍ତରୀୟ ଅଧିକାରୀ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ପଞ୍ଜାବ ବନାମ ହାଇଦ୍ରାବାଦ**
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ଅପରାହ୍ନ ୩.୩୦
**ଚେନ୍ନାଇ ବନାମ ଦିଲ୍ଲୀ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଗୁଆହାଟୀରେ ବୈଭବ ବିସ୍ଫୋରଣ

### ରାଜସ୍ଥାନର କ୍ରମାଗତ ଚତୁର୍ଥ ବିଜୟ

ଗୁଆହାଟୀ, ୧୦।୪

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲ୍ସ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚରେ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରିଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଅଧିନାୟକ ରଜତ ପଟିଦାରଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ରାଜସ୍ଥାନ ୧୮ ଓଭରରେ ୪ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରି ନେଇଥିଲା। ସୂର୍ଯ୍ୟବଂଶୀ ମାତ୍ର ୨୬ ବଲ୍‌ରୁ ୭୮ (୮ ଚୌକା, ୭ ଛକା) ରନକରି ଆରସିବି ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ତାଙ୍କ ଧୂଆଁଧାର ବ୍ୟାଟିଂ ଯୋଗୁ ରାଜସ୍ଥାନ ପାୱାରପ୍ଲେ ୬ ଓଭରରେ ୯୭ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲା। ଧ୍ରୁବ ଜୁରେଲ ୪୩ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ୮୧ ରନରେ ଅପରାଜିତ ରହି ମ୍ୟାଚ ଫିନିଶ୍ କରିଥିଲେ। ଆରସିବି ପକ୍ଷରୁ ଜୋଶ୍ ହାଜେଲଉଡ ଓ କ୍ରୃନାଲ ପାଣ୍ଡ୍ୟା ୨ଟି ଲେଖାଏ ଉଇକେଟ ନେଇଥିଲେ। ଚଳିତ ଆଇପିଏଲ୍‌ରେ ରାଜସ୍ଥାନର ଏହା କ୍ରମାଗତ ୪ର୍ଥ ବିଜୟ ହୋଇଥିବାବେଳେ ଆରସିବିର ପ୍ରଥମ ପରାଜୟ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପ୍ରଥମ ବଲ୍‌ରେ ଫିଲିପ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ପାୱାର ପ୍ଲେ ୬ ଓଭରରେ ଦଳ ୬୧ ରନ ସଂଗ୍ରହ କରି ନେଇଥିଲେ ହେଁ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌ରେ ରହିଥିଲା। ବିରାଟ କୋହଲି ୧୬ ବଲ୍‌ରୁ ୩୨ ରନକରି ଆଉଟ ହେବା ଦଳକୁ ଶକ୍ତ ଆଘାତ ଲାଗିଥିଲା। ୧୨୫ ରନରେ ୭ମ ଉଇକେଟର ପତନ ଘଟିବାରୁ ଭେଙ୍କଟେଶ ଆୟରଙ୍କୁ ଇମ୍ପାକ୍ଟ ଖେଳାଳିଭାବେ ନେଇଥିଲା ଆରସିବି। ପଟିଦାର ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୩ ରନକରି ଆଉଟ ହୋଇଥିଲେ। ଭେଙ୍କଟେଶ୍ ୧୫ ବଲ୍‌ରୁ ୨୯ ରନକରି ଅପରାଜିତ ରହିବାରୁ ଆରସିବି ସ୍କୋର ୨୦୦ ଅତିକ୍ରମ କରିଥିଲା। ବର୍ଷାଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ରାତି ୮ଟାରେ ଟସ୍ ପଡ଼ିଥିବାବେଳେ ୮ଟା ୪୦ରେ ମ୍ୟାଚ ଆରମ୍ଭ ହୋଇଥିଲା।


ପ୍ଲେୟର ଅଫ୍ ଦି ମ୍ୟାଚ ବୈଭବ ସୂର୍ଯ୍ୟବଂଶୀ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୦୧/୮ (ରଜତ ପଟିଦାର–୬୩, ବିରାଟ କୋହଲି–୩୨, ଜୋଫ୍ରା ଆର୍ଚର–୨/୩୩, ରବି ବିଷ୍ଣୋଇ–୨/୩୨, ବ୍ରିଜେଶ ଶର୍ମା–୨/୩୭, ସନ୍ଦିପ ଶର୍ମା–୧/୪୭, ରବୀନ୍ଦ୍ର ଜାଡେଜା–୧/୧୪)। ରାଜସ୍ଥାନ ରୟାଲ୍ସ ୧୮ ଓଭରରେ ୨୦୨/୪ (ଧ୍ରୁବ ଜୁରେଲ–୮୧*, ବୈଭବ ସୂର୍ଯ୍ୟବଂଶୀ–୭୮, ଜୋଶ୍ ହାଜେଲଉଡ–୨/୪୪, କ୍ରୃନାଲ ପାଣ୍ଡ୍ୟା–୨/୩୦)।

## ଅର୍ପିତଙ୍କୁ ୬ ଉଇକେଟ; ଅନୁଗୋଳ ବିଜୟୀ

କଟକ,୧୦।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୬ବର୍ଷରୁ କମ୍ ଆନ୍ତଃଜିଲା ବାଳକ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୋଳ ୬ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ମାତ୍ର ୮୭ରନରେ ଅଲଆଉଟ ହୋଇଥିଲା। ଅନୁଗୋଳର ଅର୍ପିତ ପ୍ରଧାନ ୬ ଉଇକେଟ ଦଖଲ କରି ମୟୂରଭଞ୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୨.୨ ଓଭରରେ ୪ ଉଇକେଟ ହରାଇ ଅନୁଗୋଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ଅଖିଳ ପ୍ରଧାନ ସର୍ବାଧିକ ୩୭ରନ କରିଥିଲେ। ଅର୍ପିତଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସନ୍‌ସାଇନ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୮୧ରନରେ ବାଲେଶ୍ୱରକୁ, ଡ୍ରିମ୍ସ ଗ୍ରାଉଣ୍ଡରେ ଗଞ୍ଜାମ ୧୧୫ରନରେ ସମ୍ବଲପୁର-ଏ'କୁ, ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଯାଜପୁର ୫ ଉଇକେଟରେ କଟକ-ଏ'କୁ, ନିମପୁର ଗ୍ରାଉଣ୍ଡରେ ନବରଙ୍ଗପୁର ୧୨ରନରେ କୋରାପୁଟକୁ, ରେଲୱେ ଗ୍ରାଉଣ୍ଡରେ ବୌଦ୍ଧ ୮ ଉଇକେଟରେ ମାଲକାନଗିରିକୁ ହରାଇଛି।

## ଭାରତ ପାଇଁ ୫ମ ସ୍ୱର୍ଣ୍ଣ ଜିତିଲେ ବିଶ୍ୱନାଥ

ଉଲାନବାଟାର, ୧୦।୪ (ପି.ଟି.)

ଭାରତର ବିଶ୍ୱନାଥ ସୁରେଶ ଶୁକ୍ରବାର ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ପୁରୁଷ ୫୦କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ୫ ସ୍ୱର୍ଣ୍ଣ ପଦକ ସହ ଭାରତର ଅଭିଯାନ ଶେଷ ହୋଇଛି। ବିଶ୍ୱନାଥ ଫାଇନାଲରେ ଜାପାନର ଦାଇଚି ଇୱାଇଙ୍କୁ ୫–୦ବ୍ୟବଧାନରେ ପରାସ୍ତ କରିଥିଲେ। ଶୁକ୍ରବାର ଭାରତର ଅନ୍ୟ ଜଣେ ବକ୍ସର ସଚିନ ପୁରୁଷ ୬୦କେଜି କାଟେଗୋରି ଫାଇନାଲରେ ଲଜ୍ଜୁଆ ପ୍ରଦର୍ଶନ କରି ହାରିଯାଇଥିଲେ। ତାଙ୍କୁ ସ୍ୱର୍ଣ୍ଣ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପଦକ ତାଲିକାରେ କାଜାଖସ୍ତାନ ୬ ସ୍ୱର୍ଣ୍ଣ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାରତ ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ ତେବେ ମୋଟ ଉପରେ ସର୍ବାଧିକ ୧୬ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୧୦ ପୋଡିୟମ ଫିନିଶ ସହ ଏକ ଐତିହାସିକ ସଫଳତା ହାସଲ କରିଛି। ସେମାନେ ୪ ସ୍ୱର୍ଣ୍ଣ, ୨ରୌପ୍ୟ ଓ ୪ବ୍ରୋଞ୍ଜ ପଦକ ହାତେଇ ପାରିଛନ୍ତି। ମହାଦେଶୀୟ ସ୍ତରରେ ସେମାନଙ୍କର ଏହା ଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ବିଶ୍ୱନାଥଙ୍କ ସ୍ୱର୍ଣ୍ଣପଦକ ତାଙ୍କ ଦ୍ରୁତ ଉନ୍ନତିରେ ଏକ ମାଇଲଖୁଣ୍ଟ ଭଳି। ଜାତୀୟ ସ୍ତରରେ ସେ ସ୍ଥିର ପ୍ରଦର୍ଶନ କରିବା ସହ ସେ ଖୁବ୍ ସମୟ ମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି।

# ଅଲମାଟିରେ କିସ୍ ଛାତ୍ରୀଙ୍କୁ ଭେଟିଲେ ଫିଡେ ସଭାପତି


ଅଲ୍‌ମାଟିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିସ୍ ଛାତ୍ରୀଙ୍କ ସହ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍।

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

ସମ୍ପ୍ରତି କାଜାଖସ୍ତାନର ଅଲମାଟିରେ ଚାଲିଥିବା ଫିଡେ ଆଇଏସ୍‌ସିଏଫ୍ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୪ ଛାତ୍ରୀଙ୍କ ସହ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍ ଶୁକ୍ରବାର ଭାବ ବିନିମୟ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଭାରତ ପାଇଁ ଖେଳୁଥିବା କିସ୍ ଛାତ୍ରୀ ମୋହିନୀ ନାଏକ, ମୋନାଲିଶା ଭୋଇ, ଶ୍ରୀୟା ନାୟକ ଏବଂ ହୁମେଶ୍ୱରୀ ମଲ୍ଲିକଙ୍କୁ ଡଭୋରକୋଭିଚ୍ କାଜାଖସ୍ତାନରେ ସେମାନଙ୍କ ଅଭିଜ୍ଞତା, ଆତିଥ୍ୟ ଏବଂ କିସ୍‌ରେ ଦିଆ ଯାଉଥିବା ତାଲିମ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଡଭୋରକୋଭିଚ୍ ଖେଳାଳିମାନଙ୍କ ପ୍ରତିଭା, ଦୃଢ଼ ନିଷ୍ଠା ଏବଂ ପ୍ରଦର୍ଶନ ଶିକ୍ଷା ଓ କ୍ରୀଡ଼ା ମାଧ୍ୟମରେ ଆଦିବାସୀ ଯୁବତୀ ଯୁବକମାନଙ୍କ ପାଇଁ ଆଗକୁ ବଢ଼ିବାକୁ ସୁଯୋଗ ସୃଷ୍ଟି କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଛନ୍ତି। ପ୍ରତିଯୋଗିତାରେ କିସ୍ ଦଳ ୪ର୍ଥ ରାଉଣ୍ଡ ମ୍ୟାଚକୁ ଡ୍ର ରଖିଥିବାବେଳେ ୮ମ ରାଉଣ୍ଡରେ ମାଲେସିଆକୁ ଭେଟିବାକୁ ପ୍ରସ୍ତୁତ ହୋଇଛି। କିସ୍ ଖେଳାଳିଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିବାରୁ ଡଭୋରକୋଭିଚ୍‌ଙ୍କୁ ଅଚ୍ୟୁତ ସାମନ୍ତ କୃତଜ୍ଞତା ଜଣାଇଛନ୍ତି।

**ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ-୩**

## ଓଡ଼ିଶାରୁ ଭାଗନେବେ ୧୨ ଆଥ୍‌ଲେଟ

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ-୩ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହେବ। ମୋଟ ୪୩ଟି ଇଭେଣ୍ଟରେ ପ୍ରତିଯୋଗିତା ହେବାକୁ ଥିବାବେଳେ ଓଡ଼ିଶାରୁ ୧୨ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଆଥ୍‌ଲେଟମାନେ ହେଲେ ଦିବ୍ୟା ସାଣ୍ଡିଲ୍ୟ (ମହିଳା ହାମର ଥ୍ରୋ), ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସ ଓ ଲଙ୍ଗଜମ୍ପ), ଶ୍ରାବଣୀ ନନ୍ଦ (ମହିଳା ୧୦୦ ଓ ୨୦୦ ମିଟର ରେସ୍), ସୁସ୍ମିତା ଟିଗା (ମହିଳା ୧୫୦୦ ମିଟର ରେସ), ଅବିନାଶ ସାହୁ (ପୁରୁଷ ୧୦୦ ମିଟର ରେସ), ଅମିୟ କୁମାର ମଲିକ (ପୁରୁଷ ୧୦୦ ମିଟର ରେସ), ଅନିମେଶ କୁଜୁର (ପୁରୁଷ ୧୦୦ ଓ ୨୦୦ ମିଟର ରେସ), କିଶୋର କୁମାର ଜେନା (ପୁରୁଷ ଜାଭେଲିନ୍ ଥ୍ରୋ), ଦଣ୍ଡପତି ମୃତ୍ୟମ ଜୟରାମ (ପୁରୁଷ ୧୦୦ ଓ ୨୦୦ ମିଟର ରେସ), ବାପି ହାଂସଦା (୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍), ମହମ୍ମଦ ରେୟାନ ବାଶା (୨୦ ବର୍ଷରୁ କମ୍ ପୁରୁଷ ୨୦୦ ଓ ୪୦୦ ମିଟର ରେସ) ଓ ଆସ୍ତିକ ପ୍ରଧାନ (୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍) । ଉତ୍ତର ପ୍ରଦେଶରୁ ସର୍ବାଧିକ ୧୧୩ ପ୍ରତିଯୋଗୀ ଭାଗନେବେ।

# ଜୁନିୟର ମହିଳା ହକି : ହ୍ୱାଇଟ୍ ନୂଆ କୋଚ୍

ନୂଆଦିଲ୍ଲୀ, ୧୦।୪ (ପି.ଟି.)

ହକି ଇଣ୍ଡିଆ ଶୁକ୍ରବାର ଅଭିଜ୍ଞ ଅଷ୍ଟ୍ରେଲୀୟ ଟିମ୍ ହ୍ୱାଇଟ୍‌ଙ୍କୁ ଭାରତର ଜୁନିୟର ମହିଳା ହକି ଦଳର କୋଚ୍ ଭାବେ ମନୋନୀତ କରିଛି। ପୂର୍ବରୁ ୨୦୨୩ରୁ ଏହି ପଦବୀରେ ତୁଷାର ଖାଣ୍ଡେକର କାର୍ଯ୍ୟକରି ଆସୁଥିଲେ। ଏହି ପରିବର୍ତ୍ତନ ସମ୍ପର୍କରେ ହକି ଇଣ୍ଡିଆ ତରଫରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ହ୍ୱାଇଟ୍ ଚଳିତବର୍ଷ ଜାନୁଆରୀରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଆକର୍ଡ ତାମିଲନାଡୁ ଡ୍ରାଗନ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ସେ ତାଙ୍କ କୋଚିଂ କ୍ୟାରିୟରରେ ବେଲଜିୟମ ଓ ଅଷ୍ଟ୍ରେଲିଆରେ ମଧ କାର୍ଯ୍ୟ କରିଛନ୍ତି। ଭାରତରେ ପହଞ୍ଚିବା ପୂର୍ବରୁ ହ୍ୱାଇଟ୍ ବେଲଜିୟମ ୨୧ବର୍ଷରୁ କମ୍ ମହିଳା ଦଳର କୋଚ୍ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତବର୍ଷ ଜୁନିୟର ବିଶ୍ୱକପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ହ୍ୱାଇଟ୍ ୨୦୨୧ ଓ ୨୦୨୪ ମଧ୍ୟରେ ବେଲଜିୟମ ଜାତୀୟ ସିନିୟର କୋଚିଂ ଷ୍ଟାଫ୍‌ର ଅଂଶବିଶେଷ ଥିଲେ। ତାଙ୍କ ସମୟରେ ବେଲଜିୟମ ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୨ତମ ସ୍ଥାନରୁ ୩ୟ ସ୍ଥାନକୁ ଉନ୍ନୀତ ହୋଇଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଦଳ ସେମିଫାଇନାଲରେ ପ୍ରବେଶ କରିପାରିଥିଲା। ସେ ତାଙ୍କ କ୍ୟାରିୟର ଆରମ୍ଭରେ ଅଷ୍ଟ୍ରେଲିଆ ଜାତୀୟ ଜୁନିୟର ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଅଧୀନରେ ଦଳ ଜୁନିୟର ବିଶ୍ୱକପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା।



## ଅଶୋକ ଦେଓ ହେଲେ ଚିଫ୍ କୋଚ୍

ଭୁବନେଶ୍ୱର, ୧୦।୪ (ବିଜୟ ରଣା)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସିନିୟର ଟେନିସ୍ କୋଚ୍ ଭାବେ କାର୍ଯ୍ୟରତ ଅଶୋକ ଦେଓ ଚିଫ୍ କୋଚ୍ ଭାବେ ପଦୋନ୍ନତି ପାଇଛନ୍ତି। କେନ୍ଦୁଝରରେ ଜନ୍ମଗ୍ରହଣ କରିଥିବା ଅଶୋକ ୧୯୮୯–୯୦ରେ ପଟିଆଲାଠାରେ ଏନ୍.ଆଇ.ଏସ୍ ପାଠ୍ୟକ୍ରମ ଶେଷ କରିବା ପରେ ୧୯୯୪ରେ ସାଇ କୋଚ୍ ଭାବେ ନିଯୁକ୍ତି ପାଇ ବିଭିନ୍ନ ରାଜ୍ୟରେ ଟେନିସ କୋଚ୍ ଭାବେ ସଫଳତାର ସହିତ ତାଙ୍କ ଦାୟିତ୍ୱ ତୁଲାଇ ଅନେକ ଜାତୀୟ ଅନ୍ତର୍ଜାତୀୟ ଖେଳାଳି ତିଆରି କରିଛନ୍ତି। ବର୍ତ୍ତମାନ ସେ କୋଲକାତାସ୍ଥିତ ପୂର୍ବକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି। ଅଶୋକ ବିଶିଷ୍ଟ କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଂଗଠକ ସ୍ୱର୍ଗତ ଦୁଃଶାସନ ଦେଓଙ୍କ ପୁତ୍ର ।

# ସିଏମ୍ ଟ୍ରଫି ଫୁଟ୍‌ବଲ ଉଦ୍‌ଘାଟିତ


ଭୁବନେଶ୍ୱରରେ ବାଳିକା ବର୍ଗ ମ୍ୟାଚ ପୂର୍ବରୁ ଖେଳାଳି ଓ ଅଫିସିଆଲଙ୍କ ଗହଣରେ ଅତିଥିବୃନ୍ଦ।

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ଆନ୍ତଃ କ୍ଲବ ଜିଲାସ୍ତରୀୟ ସିଏମ୍ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ରାଜ୍ୟର ୧୬ ସ୍ଥାନରେ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ସୁନ୍ଦରଗଡ଼, ରାଉରକେଲା, ସମ୍ବଲପୁର ଓ ଭୁବନେଶ୍ୱରରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲାର ଜିଲାପାଳ, ପୋଲିସ ସୁପରିଟେଣ୍ଡେଣ୍ଟ, ଜିଲା କ୍ରୀଡ଼ା ଅଧିକାରୀ ଏବଂ ଅନ୍ୟ ସରକାରୀ ଅଧିକାରୀ ଏବଂ ଜିଲା ଆଥଲେଟିକ୍ ଆସୋସିଏଶନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ ସମାରୋହମାନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଭୁବନେଶ୍ୱରରେ ଅନୁଷ୍ଠିତ ୩ଟି ମ୍ୟାଚରୁ ବାଳକ ବର୍ଗରେ ରାମେଶ୍ୱର ଏସସିକୁ ୩–୧ରେ ଓଡିଏମ୍ ପବ୍ଲିକ୍ ସ୍କୁଲ ଏବଂ କିଶୋର କ୍ଲବକୁ ୩–୧ ଗୋଲରେ ଗ୍ଲୋବାଲ ଫିଜିଓ ଏଫ୍‌ସି ପରାସ୍ତ କରିଛି। ବାଳିକା ବିଭାଗରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୯–୦ ଗୋଲରେ ଫାଲକନ୍ ଗର୍ଲ୍ସ ଏଫ୍‌ସିକୁ ହରାଇଛି। କଟକରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ଇଲେଭେନ ବ୍ରାଇଟ ଷ୍ଟାର ୨–୦ ଗୋଲରେ ୟଙ୍ଗ ଉତ୍କଳକୁ ଏବଂ ବିଡାନାସୀ କ୍ଲବ ୨–୦ରେ ରୋହିତ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ଭୁବନେଶ୍ୱରରେ ଅନୁଷ୍ଠିତ ବାଳିକା ବିଭାଗ ମ୍ୟାଚ୍‌ରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ୧୬ ସ୍ଥାନରେ ମ୍ୟାଚ ଆୟୋଜନ

## ଓଡ଼ିଶା ଏଫ୍‌ସି ପରାସ୍ତ

ମାରଗାଓ, ୧୦।୪: ଚଳିତ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ)ର ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଏଫ୍‌ସି ଗୋଆ ୩–୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଏଫ୍‌ସି ଗୋଆ ତରଫରୁ ଡିଜାନ ଡ୍ରାଇ(୬୨ତମ ମିନିଟ), ପଲ୍ ମୋରେନୋ(୮୧ତମ) ଏବଂ ବ୍ରିଜନ ଫର୍ନାଣ୍ଡିଜ(୯୦'+୩) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବାବେଳେ ଓଡ଼ିଶା ଏଫ୍‌ସି ପକ୍ଷରୁ ସୁହେର ଭିପି(୯୦'+୪) ଏକମାତ୍ର ଗୋଲ ଦେଇଥିଲେ। ପୂର୍ବରୁ ଏକାଧିକ ଡ୍ର ଏବଂ ଗୋଟିଏ ପରାଜୟ ବରଣ କରିଥିବା ଗୋଆ ଦଳ ବିଜୟ ପଥକୁ ଫେରିଛି। ଦଳ ୧୩ ପଏଣ୍ଟ ସହ ଟେବୁଲରେ ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ୫ ପଏଣ୍ଟ ସହ ଦ୍ୱାଦଶ ସ୍ଥାନକୁ ଖସିଯାଇଛି। ମିଡ୍‌ଫିଲ୍ଡରେ ଚମତ୍କାର ପ୍ରଦର୍ଶନ ପାଇଁ ଆୟୁଷ ଛେତ୍ରୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

# ବାଳିକା, ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ

### ଜାତୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ରଗ୍‌ବୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ବର୍ଗର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ବିହାର ରନରଅପ୍ ହୋଇଥିବାବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ୧୭ ବର୍ଷରୁ କମ୍ ବର୍ଷ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏପରି ମଞ୍ଚ କେବଳ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବ ନାହିଁ ବରଂ ଶିଶୁମାନଙ୍କ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜଭୁତ କରିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ। ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡ଼ା ମନୋଭାବକୁ ପ୍ରଶଂସା କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟସ୍ତରରେ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ଟୁର୍ନାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



୧୪ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ